ISSN : 2583-5270

# ସାହିତ୍ୟ ଚର୍ଚ୍ଚା

ଅକ୍ଟୋବର ୨୦୨୪



Vol-3 • Issue-8 • October 2024 • Monthly • Rs.40 • 68 Pages • Bhubaneswar

# ସାହିତ୍ୟ ଚର୍ଚ୍ଚା

## SAHITYA CHARCHA

ଓଡ଼ିଆ ସାହିତ୍ୟର ନବ ଦିଗନ୍ତ

ISSN : 2583-5270, RNI Regd. No. : ODIODI/2022/81590

ଭାଗ-୩ • ସଂଖ୍ୟା-୮ • ଅକ୍ଟୋବର ୨୦୨୪ • ମାସିକ • ଟ.୪୦ • ୬୮ ପୃଷ୍ଠା • ଭୁବନେଶ୍ୱର

ମୁରବି
**ମହାପ୍ରଭୁ ଶ୍ରୀଜଗନ୍ନାଥ**

ସମ୍ପାଦକ
**ନିହାର ରଂଜନ ଶତପଥୀ**

ଉପଦେଷ୍ଟା
**ପୂର୍ଣ୍ଣଚନ୍ଦ୍ର ମିଶ୍ର**
**ଦୁର୍ଗା ଚରଣ ଷଡ଼ଙ୍ଗୀ**
**ବଳଦେବ ମହାରଥୀ**
**ପ୍ରଶାନ୍ତ ଭୂୟାଁ**

ସହ-ସମ୍ପାଦକ
**ପ୍ରଭାତ ରଞ୍ଜନ ବେହୁରା**
**ଦେବାଶିଷ ମୁଦୁଲି**

ପରିଚାଳନା ନିର୍ବାହୀ
**ଗୋଲଖ ଚନ୍ଦ୍ର ଦାସ**

ଅକ୍ଷର ସଜ୍ଜା
**ଶଚିନ୍ଦ୍ର କୁମାର ରାଉତରାୟ**

ୱେବ୍‌ସାଇଟ୍ ପରିଚାଳକ
**ପ୍ରଭଞ୍ଜନ ବଳିୟାରସିଂ**

ପ୍ରଚ୍ଛଦପଟ ଅଙ୍କନ
**ବଳଦେବ ମହାରଥୀ**

ଯୋଗାଯୋଗ
**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍,
ଡୁମୁଡୁମା, ଫେଜ୍-୪,
ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭
ମୋବାଇଲ : ୯୩୩୮୭୭୨୫୦୬
**E-mail: info@sahityacharcha.com**
**Website: www.sahityacharcha.com**

**ମୂଲ୍ୟ : ଟ. ୪୦/-**


## || ସୂଚୀ ||

| | |
|---|---|
| ପାଠକଙ୍କ ମତାମତ | ୦୨ |
| ତୃତୀୟ ନୟନ (ସମ୍ପାଦକୀୟ) | ୦୩ |
| ପ୍ରାଚୀନ ସାହିତ୍ୟରେ ଦେବୀ ଦୁର୍ଗା (ପ୍ରବନ୍ଧ): ଦୋଳଗୋବିନ୍ଦ ବିଶୀ | ୦୫ |
| ଶତରୂପା (କବିତା) : କୁଳମଣି ଓଝା | ୦୮ |
| ଗୁହାରି (ଗଳ୍ପ) : ନାରୁ ମହାନ୍ତି | ୦୯ |
| ଜଙ୍ଗଲରେ ଜାତୀୟ ପଶୁ ଗଣନା (ରମ୍ୟରଚନା) : ଅଭୟ ଦାଶ | ୧୧ |
| ଓଡ଼ିଆ ଶ୍ରାବ୍ୟ ନାଟକର ଗତି ଓ ପ୍ରକୃତି (ପ୍ରବନ୍ଧ): ପ୍ରଦୀପ୍ତ ଶ୍ରୀଚନ୍ଦନ | ୧୩ |
| ପୁନର୍ଜନ୍ମ (ଗଳ୍ପ) : ଅଧ୍ୟାପକ ବିଶ୍ୱରଂଜନ | ୧୭ |
| କବୟିତ୍ରୀ ମନୋରମା ବିଶ୍ୱାଳ ମହାପାତ୍ରଙ୍କ ସହ ଆଳାପ(ସାକ୍ଷାତକାର) | ୧୮ |
| ଦର (ଗଳ୍ପ) : ଅନୀଲ କୁମାର ପାଢୀ | ୨୨ |
| ସାହିତ୍ୟରେ ପ୍ରଭାବବାଦ (ପ୍ରବନ୍ଧ): ବସନ୍ତ କୁମାର ପଣ୍ଡା | ୨୫ |
| ରିଟାୟାରନାମା (ଅନୁବାଦ ଗଳ୍ପ) : ମୀନାକ୍ଷୀ ରାଉତରାୟ | ୨୯ |
| ଓଡ଼ିଆ ସାହିତ୍ୟରେ ନବପୁରାଣବାଦ (ପ୍ରବନ୍ଧ): ବିଷ୍ଣୁପ୍ରିୟା ଜେନା | ୩୨ |
| ଭଗବାନ ଆସିଥିଲେ (ଗଳ୍ପ) : ସନ୍ତୋଷ କୁମାର ପଟ୍ଟନାୟକ | ୩୮ |
| ବାହା ହେବାରୁ ବର୍ତ୍ତିଗଲି (ଅନୁଭୂତି) : ଭାବଗ୍ରାହୀ ବଳ | ୪୩ |
| ଓଡ଼ିଆ ବହି : ଚିତ୍ର ସମ୍ପାଦନା ଓ ଚିତ୍ରଭାଷା (ପ୍ରବନ୍ଧ): ମାନସ ରଂଜନ ମହାପାତ୍ର | ୪୭ |
| ବଡ଼ାପା ମେଳଣ (ବ୍ୟଙ୍ଗ) : ଅଜୟ କୁମାର ମିଶ୍ର | ୫୧ |
| ମୋ ଟିକି ଚଢ଼େଇ (ଗଳ୍ପ) : ରବି ସ୍ୱାଇଁ | ୫୫ |
| ଆମ ସାହିତ୍ୟରେ ମହାକାବ୍ୟିକତା (ପ୍ରବନ୍ଧ): ଆଦିକନ୍ଦ ସାହୁ | ୫୮ |
| ଥରେ ମାତ୍ର ପଲକ ପଡ଼ିଲେ (କବିତା) : ସୁଶ୍ରୀ ସଂଗୀତା ମିଶ୍ର | ୬୨ |
| ଦୁଇଟି ମିନିଗପ (ଗଳ୍ପ) : ବିରଜା ମହାପାତ୍ର | ୬୩ |
| ଦୁଷ୍ଟାମିର ଫଳ (ଶିଶୁ ଗଳ୍ପ) : ରତ୍ନାକର ଦାସ | ୬୪ |
| ମିଛୋଇ ଜେଜୀ (ପୁସ୍ତକ ସମୀକ୍ଷା) : ନିହାର ଶତପଥୀ | ୬୬ |
| ସାହିତ୍ୟ ସମାଚାର | ୬୭ |
| ପଶ୍ଚାଦ୍ଦଂଶ (ଶେଷ ପୃଷ୍ଠା) : ପ୍ରଶାନ୍ତ ଭୂୟାଁ | ୬୮ |

# ପାଠକଙ୍କ ମତାମତ

'ସାହିତ୍ୟ ଚର୍ଚ୍ଚା'ର ସେପ୍ଟେମ୍ବର, ୨୦୨୪ ସଂଖ୍ୟାରେ ପ୍ରକାଶିତ 'ଓଡ଼ିଆ ଭାଷାକୁ ଭୟ' ଶୀର୍ଷକ ସମ୍ପାଦକୀୟକୁ ନେଇ ମୋ'ର ଏଇ ଅଭିମତ।

ଓଡ଼ିଶାରେ ଓଡ଼ିଆ ଭାଷାକୁ ବଙ୍ଗଳା, ହିନ୍ଦୀ, ତେଲୁଗୁ, ସଂସ୍କୃତ ଓ ଇଂରାଜୀ ଭାଷାଭାଷୀମାନେ ଭୟ କରିବାର କାରଣ ଅଛି। ଓଡ଼ିଆ ଭାଷାର ଏଇ ସବୁ ଭାଷାମାନଙ୍କୁ ଭୟ କରିବାର ସେହିପରି କାରଣ ଅଛି। ଏହି କାରଣଗୁଡିକ ଗୋଟିଏ ଦିଗରେ ବ୍ୟବହାର ଓ ଅନ୍ୟଦିଗରେ ଅଧିକାର ସହିତ ସମ୍ପର୍କିତ। ବ୍ୟବହାର ନୋହିଲେ ଭାଷାର ପ୍ରଚାର, ପ୍ରସାର, ସମୃଦ୍ଧି ସଂକୁଚିତ ହୁଏ, ସେହିପରି ଅଧିକାର ହରେଇବାର ଭୟ ଅଧିକାରୀ ଭାଷାକୁ ଗ୍ରାସ କରେ।




ମତାମତ ପଠାଇବା ପାଇଁ ଇ-ମେଲ୍ ଠିକଣା:
info@sahityacharcha.com

ସାମ୍ରାଜ୍ୟବାଦୀମାନେ ଇଂରାଜୀ ମାଧ୍ୟମ ଶିକ୍ଷା ବ୍ୟବସ୍ଥା ବିଷୟରେ ସ୍ପଷ୍ଟ ଭାବରେ ଘୋଷଣା କଲେ ଯେ 'ଯେଉଁମାନେ ଏହି ଶିକ୍ଷା ବ୍ୟବସ୍ଥାରୁ ଉତୁରିବେ ସେମାନେ ଜନ୍ମରେ ଭାରତୀୟ ହେଲେ ସୁଦ୍ଧା ରୀତିନୀତି, ଚାଲିଚଳନ ଓ ମୂଲ୍ୟବୋଧରେ ଇଂରେଜ ହେବେ।' ସ୍ୱାଧୀନତା ପରେ ଆମେ ସେଇ ଶିକ୍ଷା ବ୍ୟବସ୍ଥାକୁ ଆପଣେଇ ନେଲୁ। ଆମେ ଯେଉଁ ବୁଦ୍ଧିଜୀବୀମାନଙ୍କୁ ଉତାରୁଚୁ ସେମାନଙ୍କର ଆପଣା ଭାଷା ପ୍ରତି ହୀନମନ୍ୟତା ଏବଂ ଇଂରାଜୀ ପ୍ରୀତି ରହିବା ସ୍ୱାଭାବିକ।

ଗଣତନ୍ତ୍ର ହେଉଛି ଲୋକମାନଙ୍କ ପାଇଁ, ଲୋକମାନଙ୍କ ଦ୍ୱାରା ଲୋକଶାସନ। ତେଣୁ ଶାସନ, ସଞ୍ଚାର, ଶିକ୍ଷା, ଆଇନ ବ୍ୟବସ୍ଥା, ଗଣମାଧ୍ୟମ ସବୁକ୍ଷେତ୍ରରେ ଲୋକଭାଷାର ବ୍ୟବହାର ଆଶା କରିବା ସ୍ୱାଭାବିକ। ଆମ ପ୍ରଶାସନ, ଶିକ୍ଷା, ଆଇନ ବ୍ୟବସ୍ଥାର ଅଧିକାରୀମାନଙ୍କ ମଧ୍ୟରେ ଇଂରାଜୀ ହଟିଲେ ଅଧିକାର ହରେଇବା ଭୟ ମଧ୍ୟ ସେହିପରି ସ୍ୱାଭାବିକ।

**ଡ. ଦେବୀପ୍ରସନ୍ନ ପଟ୍ଟନାୟକ**
pattanayakdp@gmail.com

ଲେଖକମାନଙ୍କଠାରୁ ଲେଖା ଆମନ୍ତ୍ରଣ ପ୍ରସଙ୍ଗରେ ଆପଣ କେତେକ ଉପାଦେୟ ସୂଚନା ଓ ନିୟମାବଳୀ ପ୍ରକାଶ କରିଅଛନ୍ତି। ସେଥିରେ ପ୍ରଥମ ନମ୍ବର ସ୍ଥାନିତ ନିୟମଟି ହେଲା 'ସାହିତ୍ୟ ଚର୍ଚ୍ଚା ଏକ ପାରିବାରିକ, ସାଂସ୍କୃତିକ, ଆଧ୍ୟାତ୍ମିକ ବା ଫିଚର ଧର୍ମୀ ପତ୍ରିକା ନୁହେଁ। ବରଂ ଏହା ଏକ ନିରୁତା ସାହିତ୍ୟ ପତ୍ରିକା। ଲେଖକମାନେ ନିଜର ଲେଖା ପଠାଇବା ବେଳେ ଏହା ଦୃଷ୍ଟିରେ ରଖିବାପାଇଁ ଅନୁରୋଧ।' ମୁଁ ଏହାର ମର୍ମାର୍ଥ ବୁଝିବାରେ ଅସମର୍ଥ। ପାରିବାରିକ, ସାଂସ୍କୃତିକ, ଆଧ୍ୟାତ୍ମିକ ବା ଫିଚର୍ ଧର୍ମୀ ଲେଖା ଗୁଡ଼ିକ କଣ ଅସାହିତ୍ୟିକ କି ? ନିରୁତା ସାହିତ୍ୟ ଓ ଉପରୋକ୍ତ ସାହିତ୍ୟ ବା ଲେଖା ମଧ୍ୟରେ ପାର୍ଥକ୍ୟ କ'ଣ ? ସେଗୁଡ଼ିକର ବର୍ଗୀକରଣ ପାଇଁ କେଉଁ କେଉଁ ଧର୍ମପ୍ରବଣତାକୁ ଗ୍ରହଣ କରାଯିବ ସେ ସମ୍ପର୍କରେ କିଛି ସ୍ପଷ୍ଟୀକରଣ ଯଦି ପ୍ରକାଶ କରନ୍ତେ ତେବେ ଆମେ ଉପକୃତ ହୁଅନ୍ତୁ।

**ପଦ୍ମନାଭ ମିଶ୍ର**
padmanavamishra07@gmail.com

ସେପ୍ଟେମ୍ବର ମାସର 'ସାହିତ୍ୟ ଚର୍ଚ୍ଚା'ରେ ପ୍ରକାଶିତ 'ଓଡ଼ିଆ ଭାଷାକୁ ଭୟ' ଶୀର୍ଷକ ସଂପାଦକୀୟ ସାରା ଓଡ଼ିଶାର ପାଠକ ମହଲରେ ଚହଳ ପକାଇ ସାରିଛି। ଏଥିରେ ଲେଖା ଥିବା ମଞ୍ଜି କଥାଗୁଡ଼ିକ କଟୁ ହେଲେ ମଧ୍ୟ ଅପ୍ରିୟ ସତ। ବରିଷ୍ଠ ସ୍ୱାଭିମାନୀ କବି ଶୈଳଜ ରବିଙ୍କ ସହ ସାକ୍ଷାତକାର ପଢ଼ି ତାଙ୍କ ସମ୍ପର୍କରେ ଅନାଲୋଚିତ ଦିଗକୁ ଜାଣିପାରିଲି। ଅଧ୍ୟାପକ ସମୀର ଭୋଇ 'ଲୋକ ସାହିତ୍ୟ କ୍ରମରେ ଟାଇପ୍ ଓ ମୋଟିଫ୍' ଶୀର୍ଷକ ପ୍ରବନ୍ଧରେ ପ୍ରାଞ୍ଜଳ ଭାବେ ଟାଇପ ଓ ମୋଟିଫ ସମ୍ପର୍କରେ ବୁଝାଇ ଦେଇଛନ୍ତି।

**ଶ୍ରୀକୁମାର ମହାପାତ୍ର**
sipunkps777@gmail.com

ସମ୍ପାଦକୀୟ

# ତୃତୀୟ ନୟନ

ମା’ଆସ୍‌ଛେନ୍ - ଏହା ଥିଲା କିଛି ବର୍ଷ ପୂର୍ବେ ପବିତ୍ର ଦୁର୍ଗାପୂଜାର ଅବ୍ୟବହିତ ପୂର୍ବରୁ କଲିକତାର ବିଶିଷ୍ଟ ଚିତ୍ରକର ସନାତନ ଦିଣ୍ଡାଙ୍କ ଦ୍ୱାରା ଅଙ୍କିତ ଗୋଟିଏ ଚିତ୍ରର ଶିରୋନାମା, ଯାହାକୁ ଓଡ଼ିଆରେ କହିଲେ ହେବ, ‘ମାଆ ଆସୁଛନ୍ତି’। ଏଥିରେ ହିଜାବ୍ ପିନ୍ଧିଥିବା ଜଣେ ମହିଳାଙ୍କ ଲଲାଟରେ ପ୍ରଦର୍ଶିତ ହୋଇଥିଲା ତୃତୀୟ ନୟନଟିଏ। ଏହାକୁ ଦେବୀ ଦୁର୍ଗାଙ୍କର ବିଧର୍ମୀକରଣ ପାଇଁ ଏକ ଉଦ୍ୟମ ବୋଲି ଅଭିଯୋଗ କରି ସେତେବେଳେ ପ୍ରବଳ ହଇଚଇ ସୃଷ୍ଟି ହେଲା। କେହି ହେଲେ ଚିତ୍ରକରଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନ ଥିଲେ ଯେ ମାଆ ମହିଷମର୍ଦ୍ଦିନୀଙ୍କ ଧରାବତରଣକୁ ଅନ୍ୟ ଧର୍ମ ସହ ଯୋଡ଼ିବାର ତାଙ୍କର ତିଳେ ହେଁ ଉଦ୍ଦେଶ୍ୟ ନ ଥିଲା; ବରଂ ସେ ଦର୍ଶାଇବାକୁ ଚାହୁଁଥିଲେ ଯେ ଜଣେ ନାରୀ, ସେ ଯେଉଁ ଜାତି, ଧର୍ମ ବା ବର୍ଗର ହୋଇଥାଉ ନା କାହିଁକି, ଦେବୀ ଦୁର୍ଗାଙ୍କ ଭଳି ଏକ ତୃତୀୟ ନୟନର ଅଧିକାରୀ। କିନ୍ତୁ ଏ କଥା କେହି ବୁଝିବାକୁ ପ୍ରସ୍ତୁତ ନ ଥିଲେ; ଯାହା ଫଳରେ ଶିଳ୍ପୀଙ୍କୁ ପରିଶେଷରେ ଏହି ଚିତ୍ରଟି ଆଙ୍କିଥିବା ହେତୁ ସର୍ବସାଧାରଣରେ କ୍ଷମା ମାଗିବାକୁ ପଡ଼ିଲା।




ଶକ୍ତି ସ୍ୱରୂପିଣୀ ମାଆ ଦୁର୍ଗାଙ୍କର ବାର୍ଷିକ ପାର୍ବଣ ଅବସରରେ ଆଜି ତାହାଙ୍କର ଦେବୀସତ୍ତାର ଏହି ଦିଗ ବିଷୟରେ ଚିନ୍ତନ କରିବାର ଅବକାଶ ଆସିଛି। ‘ଦୁର୍ଗା ସପ୍ତଶତୀ’ର ଏକାଦଶ ଅଧ୍ୟାୟରେ କୁହାଯାଇଛି, ‘ଶରଣ୍ୟେ ତ୍ର୍ୟମ୍ବକେ ଗୌରୀ ନାରାୟଣୀ ନମୋସ୍ତୁତେ।’ ଏଥିରେ ମାଆଙ୍କର ‘ତ୍ର୍ୟମ୍ବକେ’ ଅର୍ଥାତ୍ ନେତ୍ରତ୍ରୟକୁ ସ୍ମରଣ କରାଯାଇଛି। ତାଙ୍କର ଏହି ତିନି ନେତ୍ର ତିନୋଟି ଦୈବୀ ଲକ୍ଷଣର ପରିଚାୟକ; ବାମ ନୟନ ଚନ୍ଦ୍ର ବା କାମନାର, ଦକ୍ଷିଣ ନୟନ ସୂର୍ଯ୍ୟ ବା କର୍ମର ଓ ଲଲାଟ ଭାଗରେ ଶୋଭା ପାଉଥିବା ତୃତୀୟ ନୟନ ଅଗ୍ନି ବା ଜ୍ଞାନର ପ୍ରତୀକ। ଆମ ଚଳିତ ସଂଖ୍ୟାର ପ୍ରଚ୍ଛଦପଟ ପାଇଁ ଶିଳ୍ପୀଗୁରୁ ବଳଦେବ ମହରଥା ଅଙ୍କନ କରିଥିବା ମାଆଙ୍କର ତୃତୀୟ ନେତ୍ର ତେଣୁ ଅଗ୍ନିଶିଖାର ଲୋହିତ ବର୍ଣ୍ଣ ଧାରଣ କରିଛି, ଏବଂ ଏହାକୁ ଜ୍ଞାନଦୀପ୍ତ କରିଛି ସେଥିରେ ପ୍ରଦର୍ଶିତ ହୋଇଥିବା କଲମ ଓ ବହି।

ଦେବୀଙ୍କର ତୃତୀୟ ନୟନ ଯଦି ଜ୍ଞାନର ସୂଚକ ହୋଇଥାଏ ତେବେ କେବଳ ଦେବତା ନୁହନ୍ତି, ସଂସାରର ପ୍ରତ୍ୟେକଟି ଜୀବସତ୍ତା ମଧ୍ୟ ଅଳ୍ପ ବହୁତେ ଏହି ଗୁଣର ଅଧିକାରୀ। ବାଇବେଲ୍‌ରେ କୁହାଯାଇଛି, ‘ଈଶ୍ୱର ନିଜର ଛବି ଅନୁସାରେହିଁ ମନୁଷ୍ୟକୁ ଗଢ଼ିଛନ୍ତି।’ (ଜେନେସିସ୍, ୧:୨୭) ଏଣୁ ଏହା ଧରିନେବା ଯଥାର୍ଥ ହେବ ଯେ ଦେବତାଙ୍କ ଭଳି ମଣିଷ ମଧ୍ୟ ସକଳ ଦୈବୀଗୁଣର ଅଧିକାରୀ। ଏ ଦୃଷ୍ଟିରୁ ଜଣେ ନଶ୍ୱର ଶରୀରଧାରୀ ମାନବୀଙ୍କଠାରେ ଏହି ତୃତୀୟ ନେତ୍ରର ଅବସ୍ଥିତିକୁ ସ୍ୱୀକାର କରିନେବାରେ ଅସୁବିଧା ବା କେଉଁଠି ?

ଆମ ସାମ୍ପ୍ରତିକ ସାହିତ୍ୟରେ ବହୁ କବି ଓ ଲେଖକ ମନୁଷ୍ୟ ମଧ୍ୟରେ ଲୁକ୍କାୟିତ ଥିବା ଏହି ତୃତୀୟ ନୟନକୁ ନିଜ ସାରସ୍ୱତ ବିବେଚନାର ପରିସରକୁ ଆଣିଛନ୍ତି। ପ୍ରଖ୍ୟାତ କଥାଶିଳ୍ପୀ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ‘ତୃତୀୟ ନେତ୍ର’ ଗଳ୍ପରେ ପିନୁ ନାମକ ଶିଶୁ ଚରିତ୍ରଟିଏ ଠାଏଁ ନିଜର ବାପାଙ୍କୁ କହିଛି ଯେ, ତା’ର ଜଣେ ସାଙ୍ଗ ଦେବୁର ତିନିଟା ଆଖି। ତା’ର ବାପା ଏଥିରେ ବିସ୍ମିତ ହୁଅନ୍ତେ, ସେ ତାଙ୍କୁ ବୁଝାଇ କହିଛି, ‘ତିନିଟା ଆଖି ସତରେ ଅଛି ଦେବୁ ମୁଣ୍ଡରେ। ତୃତୀୟ ଆଖି ଅଛି ତା ମୁଣ୍ଡରେ, ଠିକ୍ ଏ ଜାଗାରେ’ - ନିଜର ଦୁଇ ଆଖିର ମଝି ସ୍ଥାନଟିକୁ ଟିପ ଛୁଇଁ ସେ ଦେଖାଇ ଦେଇଛି ନିଜ ବାପାଙ୍କୁ।

ଆସନ୍ତୁ, ଆଜି ପବିତ୍ର ପାର୍ବଣ ଅବସରରେ ଆମେ ଏହିଭଳି ନିଜ ଭିତରେ ଓ ସକଳ ମାନବସତ୍ତା ମଧ୍ୟରେ ଅନୁଭବ କରିବା ଏକ ତୃତୀୟ ନେତ୍ରର ଅସ୍ତିତ୍ୱକୁ।

*ନିହାର ଶତପଥୀ*

## ସାହିତ୍ୟ ବିଚାର

କମଳାକାନ୍ତ ରଥ




*ଚିତ୍ରଟିର ପ୍ରସଙ୍ଗ ପାଇଁ ଚଳିତ ସଂଖ୍ୟାର 'ସମ୍ପାଦକୀୟ' ଦ୍ରଷ୍ଟବ୍ୟ।*

---

## 'ସାହିତ୍ୟ ଚର୍ଚ୍ଚା'ର ଗ୍ରାହକ ଯୋଜନା

ଆଗ୍ରହୀ ପାଠକମାନେ ବାର୍ଷିକ ଗ୍ରାହକ ଦେୟ ସ୍ୱରୂପ ୧୨ଟି ସଂଖ୍ୟାର ମୂଲ୍ୟ ଟ.୪୮୦/- ମାତ୍ର ପଠାଇ ଏକ ବର୍ଷ ପର୍ଯ୍ୟନ୍ତ ଡାକ ବା କୋରିଅର୍ ଯୋଗେ ଏହି ପତ୍ରିକା ପାଇପାରିବେ। ଏଥିପାଇଁ କୌଣସି ଅତିରିକ୍ତ ଡାକଖର୍ଚ୍ଚ ନିଆଯାଏ ନାହିଁ। ନିମ୍ନରେ ଦିଆଯାଇଥିବା ଆକାଉଣ୍ଟ ନମ୍ବର କିମ୍ବା 'କ୍ୟୁ.ଆର୍. କୋଡ୍'କୁ ଟ.୪୮୦/- ପଠାଇବା ପରେ ଆମର ହ୍ୱାଟ୍ସଆପ୍ ନଂ. 9368772506 କିମ୍ବା ଇ-ମେଲ୍ ଠିକଣା info@sahityacharcha.com ରେ ନିଜର ନାମ, ଡାକଠିକଣା ଓ ମୋବାଇଲ ନମ୍ବର ଜଣାନ୍ତୁ।

*IFS Code* : CNRB0018007
*Account No.* : 120000048648
*Account Name* : Sahitya Charcha

ଏହି ଗ୍ରାହକ ଯୋଜନାର ସୂଚନା ଆମ ୱେବ୍‌ସାଇଟ୍‌ର ନିମ୍ନୋକ୍ତ ଲିଙ୍କ୍‌ରେ ମଧ୍ୟ ଉପଲବ୍ଧ ଅଛି।

**www.sahityacharcha.com/subscription**

ପାର୍ଶ୍ୱରେ ଦିଆଯାଇଥିବା କ୍ୟୁ.ଆର୍. କୋଡ୍ ଚିତ୍ରକୁ ସ୍କାନ କରି ବିଭିନ୍ନ ମୋବାଇଲ୍ ବ୍ୟାଙ୍କିଙ୍ଗ୍ ଆପ୍ ଜରିଆରେ ମଧ୍ୟ ଏହି ଦେୟ ପଠାଯାଇପାରେ, କିମ୍ବା ଆମର ଫୋନ୍-ପେ ନମ୍ବର 9368772506 କୁ ମଧ୍ୟ ସିଧାସଳଖ ଭାବରେ ଏହା ପଠାଇପାରନ୍ତି। ଚେକ୍ କିମ୍ବା ବ୍ୟାଙ୍କ ଡ୍ରାଫ୍ଟ ଯୋଗେ ବାର୍ଷିକ ଗ୍ରାହକଦେୟ ପଠାଇବାକୁ ଥିଲେ ତାହାକୁ Sahitya Charcha ନାମରେ ଲେଖି ଆମର ନିମ୍ନଲିଖିତ ଠିକଣାକୁ ପଠାନ୍ତୁ।

**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍, ଡୁମୁଡୁମା, ଫେଜ୍-୪, ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭, ମୋବାଇଲ : ୯୩୬୮୭୭୨୫୦୬

ପ୍ରବନ୍ଧ

# ପ୍ରାଚୀନ ସାହିତ୍ୟରେ ଦେବୀ ଦୁର୍ଗା



ଡ. ଦୋଳଗୋବିନ୍ଦ ବିଶୀ

ଆମ ପ୍ରାଚୀନ ସାହିତ୍ୟରେ ବିବିଧ ପ୍ରସଙ୍ଗରେ ଦେବୀ ଦୁର୍ଗାଙ୍କର ନାମୋଲ୍ଲେଖ ଅଥବା ସ୍ତୁତି ରହିଛି। ଅନେକଙ୍କ ମତରେ ପାଲି ଓ ପ୍ରାକୃତ ସାହିତ୍ୟରେ ଦେବୀଙ୍କ ସମ୍ପର୍କରେ ବିଶେଷ କୁହାଯାଇ ନାହିଁ। ପାଲି ଓ ପ୍ରାକୃତ ସାହିତ୍ୟର ପ୍ରବୃତ୍ତି ଦୃଷ୍ଟିରୁ ବିଚାର କଲେ, ଏହା ସ୍ୱାଭାବିକ ହୋଇଥିଲେ ହେଁ ଅନେକ ସ୍ଥଳରେ ଦେବୀଙ୍କ ସମ୍ପର୍କରେ ଉଲ୍ଲେଖ ରହିଛି। 'ନାନା ଧମ୍ମ କହାଓ' ଗ୍ରନ୍ଥରେ ସମୁଦ୍ର ଭିତରେ ଯାତ୍ରା କରୁଥିବା ନାବ-ଯାତ୍ରୀମାନେ 'ସଂକଟରୁ ଉଦ୍ଧାର କରିବା' ପାଇଁ ଦେବୀଙ୍କୁ ସ୍ତୁତି କରିଥିବାର ବର୍ଣ୍ଣିତ ହୋଇଛି। ଏହି ପ୍ରସଙ୍ଗରେ ଯାତ୍ରୀମାନେ ଦୁର୍ଗାଦେବୀଙ୍କୁ 'ପ୍ରଶାନ୍ତରୂପିଣୀ', 'ଦୁଷ୍କର-କାର୍ଯ୍ୟ-କାରିଣୀ' ଏବଂ 'ମହିଷାରୂଢ଼ା' ବୋଲି ସମ୍ବୋଧନ କରିଛନ୍ତି। ବାଲ୍ମୀକିଙ୍କ ରାମାୟଣରେ ଦୁର୍ଗାଦେବୀଙ୍କୁ କେତେକ ପ୍ରକରଣରେ 'ତପୋଧନା', 'ଲୋକ ସମସ୍କୃତା', 'ହିମବାନ ଏବଂ ମୈନାଙ୍କ ଦ୍ୱିତୀୟକନ୍ୟା' ଏବଂ 'ଉମାଦେବୀ' ନାମରେ ଉଲ୍ଲେଖ କରାଯାଇଛି। ବ୍ୟାସକୃତ ମହାଭାରତରେ ନିର୍ଦ୍ଦିଷ୍ଟ ଭାବରେ ଦୁଇଥର 'ଦୁର୍ଗାସ୍ତୋତ୍ର'ର ଉଲ୍ଲେଖ ରହିଛି। ପ୍ରଥମେ ବିରାଟ ନରେଶଙ୍କ ରାଜଧାନୀରେ ଗୁପ୍ତ ବନବାସ କଟାଇବା ପାଇଁ ପ୍ରବେଶ କରିବା ବେଳେ ଧର୍ମରାଜ ଯୁଧିଷ୍ଠିର ଦେବୀ ଦୁର୍ଗାଙ୍କୁ ପ୍ରାର୍ଥନା କରିଛନ୍ତି। ଦ୍ୱିତୀୟରେ କୁରୁକ୍ଷେତ୍ରରେ ମହାସମର ଆରମ୍ଭ ହେବା ପୂର୍ବରୁ ଶ୍ରୀକୃଷ୍ଣଙ୍କ ପରାମର୍ଶ କ୍ରମେ ଅର୍ଜୁନ ଦୁର୍ଗାଙ୍କ ସ୍ତୁତି ପାଠ କରିଛନ୍ତି। ଏତତ୍ ବ୍ୟତୀତ ମହାଭାରତରେ ବିଭିନ୍ନ ପ୍ରସଙ୍ଗରେ ଦେବୀଙ୍କର ଭିନ୍ନ ଭିନ୍ନ ନାମ:- ଯଥା: କାଳିକା, ଦୁର୍ଗତରଣୀ, ଉମା, ରୁଦ୍ରାଣୀ, ବିନ୍ଧ୍ୟବାସିନୀ (ବିନ୍ଧ୍ୟେ ତବ ସ୍ଥାନମ), ପାର୍ବତୀ, ମାହେଶ୍ୱରୀ, ଆଦିର ଉଲ୍ଲେଖ ସହ ଦେବୀଙ୍କ ପୂର୍ବଜନ୍ମ ଚରିତକୁ ମଧ୍ୟ ବର୍ଣ୍ଣନା କରାଯାଇଛି। 'ହରିବଂଶ ପୁରାଣ'ରେ ଦେବୀଙ୍କ ଉଦ୍ଦେଶ୍ୟରେ ପ୍ରସିଦ୍ଧ ଆର୍ଯ୍ୟାସ୍ତବ ରହିଛି। ଆର୍ଯ୍ୟାସ୍ତବରେ ଶବର, ବର୍ବର ଓ ପୁଳିନ୍ଦମାନେ ଦେବୀଙ୍କୁ ଉପାସନା କରୁଥିବାର ସ୍ପଷ୍ଟ ଉଲ୍ଲେଖ ରହିଛି। ହରିବଂଶର ବର୍ଣ୍ଣନା ଅନୁସାରେ: ମହାବଳୀ ବାଣାସୁର ଶୋଣିତପୁରରେ ଅନିରୁଦ୍ଧଙ୍କୁ ବନ୍ଦୀ କରି ରଖିଥିବା ସମୟରେ ଅନିରୁଦ୍ଧ ଏହି ଆର୍ଯ୍ୟାସ୍ତବ ପାଠ କରିଥିଲେ।



**ଦେବୀଙ୍କର ମହିମାଗାନ**

ପ୍ରାଚୀନ ସାହିତ୍ୟ ମଧ୍ୟରେ ଦେବୀଙ୍କ ମହିମା ଗାନରେ ମୁଖର ହୋଇଛନ୍ତି ସ୍ମୃତି ଓ ପୁରାଣ ଗ୍ରନ୍ଥମାନ। 'ବୃଦ୍ଧ ହାରିତ ସ୍ମୃତି'ରେ ବୁଦ୍ଧ, ରୁଦ୍ର, ଭୈରବ, ଯମ ଆଦି ଦେବତାମାନଙ୍କ ସହିତ ଦୁର୍ଗାଙ୍କୁ ମଧ୍ୟ ତାମସ ଦେବତା ଭାବରେ ଗ୍ରହଣ କରାଯାଇଛି। ତମୋଗୁଣର ଦ୍ୟୋତକ ସମର, ହିଂସା, କ୍ରୋଧ ଆଦି ପ୍ରବୃତ୍ତିମାନ ସହ ସଂଯୁକ୍ତ ଥିବାରୁ ଦୁର୍ଗାଙ୍କୁ 'ତାମସ ଦେବତା' ବୋଲି ଉକ୍ତ ଗ୍ରନ୍ଥ ବର୍ଣ୍ଣନା କରିଛନ୍ତି। ଦୁର୍ଗାଦେବୀଙ୍କର ପୂଜନୋତ୍ସବ ବିଧି ଏବଂ ଦୁର୍ଗାଚରିତ ବର୍ଣ୍ଣନା ପ୍ରସଙ୍ଗରେ ମାର୍କଣ୍ଡେୟ ପୁରାଣର ମହତ୍ତ୍ୱ ସବୁଠାରୁ ଅଧିକ। ଶାକ୍ତମାନଙ୍କର ପରମଶାସ୍ତ୍ର 'ଦେବୀ ମାହାତ୍ମ୍ୟ' ଯାହା 'ଦୁର୍ଗା ସପ୍ତଶତୀ' ବା 'ଚଣ୍ଡୀ' ନାମରେ ବିଦିତ ତାହା ଏହି ମହାପୁରାଣର ଏକ ଅଂଶବିଶେଷ। ଏହି ପୁରାଣର ବର୍ଣ୍ଣନା ଅନୁସାରେ ରାଜ୍ୟଭ୍ରଷ୍ଟ ସୁରଥ ନରପତି ଏବଂ ପରିବାର ଭ୍ରଷ୍ଟ ସମାଧି ବୈଶ୍ୟ ମେଧସ ଋଷିଙ୍କ ପରାମର୍ଶ ଓ ପୌରୋହିତ୍ୟରେ କ୍ରମାନ୍ୱୟରେ ତିନିବର୍ଷ ଧରି ମୃତ୍ତିକା ନିର୍ମିତ ଦେବୀଙ୍କ ମୂର୍ତ୍ତି ପ୍ରତିଷ୍ଠାପୂର୍ବକ ଆପଣା ଆପଣା ଅଙ୍ଗରୁ ରକ୍ତ ଚଢ଼ାଇ ନିଷ୍ଠାର ସହ ପୂଜା କରିଥିଲେ। 'ପଦ୍ମ ପୁରାଣ'ର ବର୍ଣ୍ଣନା ଅନୁସାରେ ଏକ ବୈଶ୍ୟ-ପତ୍ନୀ ସନ୍ତାନ-ଧାରିଣୀ (ଗର୍ଭବତୀ) ହେଲେ

ମହାଆଡ଼ମ୍ବର ସହକାରେ ଶମ୍ଭୁ ବଲ୍ଲଭା ଗୌରୀଙ୍କର ପୂଜା କରିବା ନିମନ୍ତେ ମାନସିକ କରିଥିବାର କଥା ଜଣାପଡ଼େ। 'ମତ୍ସ୍ୟ ପୁରାଣ'ରେ ଦଶଭୁଜା କାତ୍ୟାୟନୀ ଦେବୀଙ୍କର ମୂର୍ତ୍ତିର ପ୍ରାଞ୍ଜଳ ବର୍ଣ୍ଣନା ରହିଛି। 'ସ୍କନ୍ଦ ପୁରାଣ' କାଶୀଖଣ୍ଡରେ ଦେବୀଙ୍କର ଦୁର୍ଗା ନାମର ବ୍ୟୁତ୍ପତ୍ତି ଦର୍ଶାଇ ଦିଆଯାଇଛି। ଏହି ବ୍ୟୁତ୍ପତ୍ତି ଅନୁସାରେ ଦେବୀ ରୁରୁ ନାମକ ଦୈତ୍ୟର ପୁତ୍ର 'ଦୁର୍ଗ'କୁ ବଧ କରିଥିବାରୁ ତାଙ୍କ ନାମ ଦୁର୍ଗା ହୋଇଛି। 'ଲିଙ୍ଗ ପୁରାଣ'ର ବର୍ଣ୍ଣନା ଅନୁସାରେ ପିତାମହ ବ୍ରହ୍ମାଙ୍କ ଅନୁରୋଧ ରକ୍ଷାକରି ସ୍ୱୟଂ ଶିବ ଆପଣାର ବାମ ଅଙ୍ଗରୁ ଦେବୀଙ୍କୁ ଜାତ କରିଥିଲେ। ସେହି ଦେବୀ ପରବର୍ତ୍ତୀ କାଳରେ ଦକ୍ଷପୁତ୍ରୀ ହେଲେ।

### ବରାହ ପୁରାଣ

'ବରାହ ପୁରାଣ'ରେ ବର୍ଣ୍ଣିତ ଦେବୀ ଚରିତର ଅନନ୍ୟତା ପ୍ରଶଂସନୀୟ। ତାହା ଏହିପରି:- ଦେବରାଜ ଇନ୍ଦ୍ରଙ୍କୁ ବଧ କରିବା ପାଇଁ ଏକ ଶକ୍ତିଧର ପୁତ୍ର କାମନାରେ ସିନ୍ଧୁଦ୍ୱୀପ ରାଜା ଘୋର ତପସ୍ୟା କରିବାକୁ ଲାଗିଲେ। ପୂର୍ବଜନ୍ମରେ ସେ ତ୍ୱଷ୍ଟାଙ୍କର ପୁତ୍ର ଥିଲେ। ଇନ୍ଦ୍ର ସେତେବେଳେ ତାଙ୍କୁ ମାରି ସମୁଦ୍ରର ଫେଣ ଉପରେ ପକାଇ ଦେଇଥିଲେ। କାଳକ୍ରମେ ବରୁଣ ରାଜାଙ୍କର ଧର୍ମପତ୍ନୀ ବେତ୍ରବତୀ ନଦୀ ମାନବୀ ରୂପ ଧାରଣ କରି ରାଜାଙ୍କ ନିକଟରେ ପହଞ୍ଚିଲେ। ଏମାନଙ୍କ ସଂଯୋଗରୁ ଜାତ ହେଲା ବେତ୍ରାସୁର ନାମକ ପ୍ରବଳ ପ୍ରତାପୀ ଦାନବ। ତା'ର ପରାକ୍ରମରେ ତ୍ରିଭୁବନ ଥରହର ହେବାକୁ ଲାଗିଲା। ଦାନବର ପରାକ୍ରମରେ ଭୟଭୀତ ଦେବଗଣ ପିତାମହ ବ୍ରହ୍ମାଙ୍କ ନିକଟକୁ ଯାଇ ଗୁହାରି କଲେ। ଦେବଗଣଙ୍କ ବିକଳ ଦେଖି ବ୍ରହ୍ମା ଧ୍ୟାନ ବଳରେ ଶୁଭ୍ରବସନା, କିରୀଟିନୀ, ସିଂହବାହିନୀ ଏବଂ ଅଷ୍ଟଭୁଜା ବିଶିଷ୍ଟ ଏକ ଦେବୀଙ୍କୁ ଜାତ କଲେ। ଏହି ଦେବୀ ବେତ୍ରାସୁର ସମେତ ସମସ୍ତ ଅସୁରଙ୍କୁ ନିପାତ କଲେ। ବିପତ୍ତିରୁ ରକ୍ଷା ପାଇ ଶିବ ପ୍ରମୁଖ ସର୍ବଦେବତା ଦେବୀଙ୍କ ସ୍ତୁତି ଗାନ କଲେ। ବ୍ରହ୍ମା ଦେବୀଙ୍କୁ ହିମାଳୟରେ ଆସ୍ଥାନ ପ୍ରଦାନ କଲେ। ବିପତ୍ତିତାରିଣୀ ଦେବୀ ମୁଖ୍ୟତଃ ନବମୀ ତିଥିରେ ସିଦ୍ଧିଦାତ୍ରୀ ରୂପରେ ଭକ୍ତମାନଙ୍କ ଦ୍ୱାରା ପୂଜା ପାଇଲେ। ସେହି କାଳରୁ ବ୍ରହ୍ମା ଭବିଷ୍ୟତରେ ମହିଷାସୁର ନାମକ ଅତ୍ୟାଚାରୀ ଦୈତ୍ୟକୁ ବିନାଶ କରିବାର ଗୁରୁଭାର ଦେବୀଙ୍କ ଉପରେ ନ୍ୟସ୍ତ କଲେ।

### କୂର୍ମ ପୁରାଣ


'କୂର୍ମ ପୁରାଣ' ରେ ଦେବୀ ମାହାତ୍ମ୍ୟ ନାମରେ ଏକ ଅଧ୍ୟାୟ ରହିଛି। ଏଥିରେ ହୈମବତୀ ଉମାଙ୍କ ଉତ୍ପତ୍ତି ବର୍ଣ୍ଣନା ପ୍ରସଙ୍ଗରେ ଦେବୀଙ୍କର ସହସ୍ର ନାମର ଏକ ଦୀର୍ଘ ତାଲିକା ପ୍ରଦାନ କରାଯାଇଛି। ଫଳଶ୍ରୁତିରେ କୁହାଯାଇଛି ଯେ:- ଶ୍ରଦ୍ଧା ଭକ୍ତି ହୃଦୟରେ ଭଗବାନ ଶଙ୍କର ଏବଂ ପାର୍ବତୀଙ୍କର ପୂଜା କଲେ ଅକ୍ଷୟ ସମ୍ପତ୍ତି ପ୍ରାପ୍ତ ହୁଏ। 'ବାମନ ପୁରାଣ'ରେ ରମ୍ଭାସୁରର ପୁତ୍ର ମହିଷାସୁରର ଜନ୍ମ ବିବରଣୀ ସହ ରମ୍ଭର ଚିତାଗ୍ନିରୁ ରକ୍ତବୀଜର ଉତ୍ପତ୍ତି ବିଷୟ ବର୍ଣ୍ଣିତ ହୋଇଛି। ଏହି ଦାନବଦ୍ୱୟଙ୍କ ଦ୍ୱାରା ପରାଜିତ ଓ ବିତାଡ଼ିତ ଦେବକୁଳଙ୍କ ସାମୂହିକ ତେଜରେ କାତ୍ୟାୟନ ମୁନିଙ୍କର ତେଜ ମିଶିବାରୁ ଦେବୀ କାତ୍ୟାୟନୀଙ୍କ ଉତ୍ପତ୍ତି ହେଲା। ଦେବୀଙ୍କର ଅଷ୍ଟାଦଶ ଭୁଜ ଥିଲା ଓ ସେ ବିନ୍ଧ୍ୟାଚଳରେ ନିବାସ କଲେ। ଦେବ-ନାଗ-ସିଦ୍ଧ-ବିଦ୍ୟାଧରାଦି ଦ୍ୱାରା ପୂଜିତ ହେବାରୁ ଦେବୀଙ୍କର ନାମ ହେଲା 'ଦୁର୍ଗା'। ବିନ୍ଧ୍ୟାଚଳରେ ହିଁ ଦେବୀ ମହିଷାସୁରକୁ ବଧ କଲେ। ମହିଷାସୁର ବଧ ପରେ ଶୁକ୍ରାଦି ଦେବଗଣ ଦେବୀଙ୍କର ପ୍ରଶସ୍ତି ଗାନ କରିବାରୁ ସେ ହର-ପାଦପଦ୍ମରେ ବିଲୀନ ହୋଇଗଲେ। ପରବର୍ତ୍ତୀ ଜନ୍ମରେ ହିମାଳୟ ଓ ମୈନାଙ୍କର କନ୍ୟା ଉମା ରୂପରେ ଆବିର୍ଭାବ ହୋଇ ଶିବ ଭଗବାନଙ୍କୁ ବିବାହ କଲେ।

**ମହିଷାସୁର ବଧ ପରେ ଶୁକ୍ରାଦି ଦେବଗଣ ଦେବୀଙ୍କର ପ୍ରଶସ୍ତି ଗାନ କରିବାରୁ ସେ ହର-ପାଦପଦ୍ମରେ ବିଲୀନ ହୋଇଗଲେ।**

ବ୍ରହ୍ମ ବୈବର୍ତ୍ତ ପୁରାଣରେ ବର୍ଣ୍ଣିତ ଅଛି ଯେ, ଶ୍ରୀକୃଷ୍ଣଙ୍କୁ ପତି ରୂପରେ ପାଇବାର ଅଭିଳାଷ ରଖି ବ୍ରଜମଣ୍ଡଳର ଗୋପାଙ୍ଗନାମାନେ ଯମୁନା କୂଳରେ ବାଲିରେ ନିର୍ମିତ ପାର୍ବତୀଙ୍କର ମୂର୍ତ୍ତିକୁ ପୂଜା କରିଥିଲେ। 'ଶ୍ରୀମଦ୍ ଭାଗବତ ମହାପୁରାଣ'ରେ ଏହି ଧର୍ମାଚାର ଅନୁଷ୍ଠାନର ନାମ "କାତ୍ୟାୟନ୍ୟର୍ଚ୍ଚନ" ବୋଲି ଉଲ୍ଲେଖ କରାଯାଇଛି। 'ଶ୍ରୀମଦ ଭାଗବତ ମହାପୁରାଣ' ମତରେ ସ୍ୱୟଂ ନାରାୟଣ ଦେବୀ ଯୋଗମାୟାଙ୍କୁ ନନ୍ଦପତ୍ନୀ ଯଶୋଦାଙ୍କ ଗର୍ଭରେ ଯାଇ ଜାତ ହେବାକୁ କହିଥିଲେ। ଏହି ପ୍ରସଙ୍ଗରେ ଦେବୀଙ୍କର ଦୁର୍ଗା, ଭଦ୍ରକାଳୀ, ଚଣ୍ଡୀ, ଅମ୍ବିକା ପ୍ରଭୃତି ଭିନ୍ନ ଭିନ୍ନ ନାମ ଥିବାର ଉଲ୍ଲେଖ ରହିଛି। ଭାଗବତ ମହାପୁରାଣରେ

ସ୍ୱୟଂବର ସଭାକୁ ଯିବା ପୂର୍ବରୁ ରୁକ୍ମିଣୀ ପ୍ରଥମେ ଅମ୍ବିକାଙ୍କ ମନ୍ଦିରକୁ ଯାଇ ପୂଜାବିଧି ସମ୍ପନ୍ନ କରିଥିଲେ। ଶ୍ରୀକୃଷ୍ଣ ଭଗବାନ ତାଙ୍କୁ ମନ୍ଦିର ପରିସରରୁ ହରଣ କରି ନେଇଥିଲେ।

'ନାରଦ ପୁରାଣ'ରେ ଆଶ୍ୱିନ ଶୁକ୍ଳପକ୍ଷ ଯୁକ୍ତ ପ୍ରତିପଦାରୁ ନବମୀ ତିଥି ପର୍ଯ୍ୟନ୍ତ ଆରାଧନା ମାଧ୍ୟମରେ ଦେବୀଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ ନଅ ଦିନ ବ୍ୟାପୀ ଘଟସ୍ଥାପନ କରି ତା'ର ଚାରିକଡ଼େ ନବ ଶସ୍ୟ ରୋପଣପୂର୍ବକ ନବରାତ୍ର ବିଧି ପାଳନ କରିବା ନିମନ୍ତେ ନିର୍ଦ୍ଦେଶ ରହିଛି। ଏହି ନବରାତ୍ର ବିଧିରେ ନିଷ୍ଠା ଓ ନିୟମପୂର୍ବକ ମାର୍କଣ୍ଡେୟ ପୁରାଣ ଅନ୍ତର୍ଗତ 'ଦୁର୍ଗା-ସପ୍ତଶତୀ' ବା 'ଚରିତ-ତ୍ରିତୟ' ପାଠ ସହ କୁମାରୀ ପୂଜନ କରିବାକୁ ମଧ୍ୟ କୁହାଯାଇଛି। ମହାନବମୀର ରାତ୍ରିକାଳରେ ଅସ୍ତ୍ର-ଶସ୍ତ୍ର, ଧ୍ୱଜ, ଛତ୍ର, ଗଜ, ଅଶ୍ୱ, ଗୋସମ୍ପଦ, ବୃକ୍ଷ, ପୁସ୍ତକ ପ୍ରଭୃତି ପୂଜା କରିବା ଏବଂ ଦେବୀଙ୍କ ଉଦ୍ଦେଶ୍ୟରେ ମହିଷ ବଳି ପ୍ରଦାନ କରିବା ନିମନ୍ତେ ପରାମର୍ଶ ଦିଆଯାଇଛି। ପରବର୍ତ୍ତୀ ଦିନ ଅର୍ଥାତ ବିଜୟା-ଦଶମୀ ତିଥିରେ ବିଶେଷ ପାର୍ବଣ ଆଡ଼ମ୍ବର ସହକାରେ ସୀତାଦେବୀଙ୍କ ସମେତ ରାମ-ଲକ୍ଷ୍ମଣ-ଭରତ-ଶତ୍ରୁଘ୍ନଙ୍କୁ ପୂଜା କରିବା ନିମନ୍ତେ କୁହାଯାଇଛି। ଏକାଦଶୀ ଦିନ ବାଦ୍ୟ ବାଜଣା ସହ ଭବ୍ୟ ଶୋଭାଯାତ୍ରା ମାଧ୍ୟମରେ ଜନପଦ ବାହାରକୁ ଯାଇ ଅନୁଷ୍ଠାନର ଉଦ୍‌ଯାପନ କରିବା ପାଇଁ ନିର୍ଦ୍ଦେଶ ରହିଛି। ଗ୍ରାମ୍ୟ ବନ ସଂଲଗ୍ନିତ କୌଣସି ନଦୀ ବା ଜଳାଶୟର କୂଳରେ ପତ୍ର କିମ୍ବା ପାଳରେ ତିଆରି ଏକ ମୂର୍ତ୍ତିକୁ ଅନିଷ୍ଟକାରୀ ଶତ୍ରୁ ଜ୍ଞାନ କରି ବଧ କରିବା ବିଧି ପାଳନ କରିବାକୁ କୁହାଯାଇଛି।




### ଭବିଷ୍ୟ ପୁରାଣ

'ଭବିଷ୍ୟ ପୁରାଣ'ରେ ଆଶ୍ୱିନ ଶୁକ୍ଳାଷ୍ଟମୀ ତିଥିରେ ଅଷ୍ଟାଦଶଭୁଜା ଦୁର୍ଗାଙ୍କ ଅର୍ଚ୍ଚନା ଏବଂ ଆଷାଢ଼ କିମ୍ବା ଶ୍ରାବଣ ମାସର ଶୁକ୍ଳାଷ୍ଟମୀରେ ଚଣ୍ଡିକା ଦେବୀଙ୍କର ଉପାସନା କରିବା ନିମନ୍ତେ ନିର୍ଦ୍ଦେଶ ରହିଛି।

ପ୍ରାଚୀନ କାଳରେ ରଚିତ କାବ୍ୟ ସାହିତ୍ୟରେ ଦେବୀଙ୍କ ନାମ ଓ ମହିମାର ଉଲ୍ଲେଖ ପ୍ରଚୁର ପରିମାଣରେ ରହିଛି। 'ବ୍ରହ୍ମ ବୈବର୍ତ୍ତ ପୁରାଣ' ରଚନା ବେଳକୁ ଦେବୀଗ୍ରାମ ଗ୍ରାମରେ ଗ୍ରାମଦେବୀ ଏବଂ ଗୃହେ ଗୃହେ ଗୃହଦେବୀ ବା ଇଷ୍ଟଦେବୀ ରୂପରେ ଗୃହୀତ ହୋଇ ସାରିଥିଲେ। ତେଣୁ ପୁରାଣ ପରବର୍ତ୍ତୀ କାବ୍ୟ ଯୁଗରେ ଦେବୀ ପୂଜନର ଜନପ୍ରିୟ ଧାରା ଅବ୍ୟାହତ ରହିଥିବା ସ୍ୱାଭାବିକ।

ଭାସଙ୍କର ଚାରୁଦତ୍ତ ନାଟକରେ ମାତୃକା ଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ବଳି ପ୍ରଦାନ କରିବା ପ୍ରସଙ୍ଗ ରହିଛି। ମଣିମେଖଳା ନାମକ ଏକ ପ୍ରସିଦ୍ଧ ତାମିଲ କାବ୍ୟରେ ଶ୍ରୀଦୁର୍ଗାଙ୍କର ନାମୋଲ୍ଲେଖ ରହିଛି। କେତେକ ସମାଲୋଚକ କାଳିଦାସଙ୍କର କୁମାର ସମ୍ଭବ କାବ୍ୟକୁ ଦେବୀ-ମାହାତ୍ମ୍ୟର ବିଜୟ-ବୈଜୟନ୍ତୀ ବୋଲି ଆଖ୍ୟା ଦେଇଛନ୍ତି। ଏହି ଅମର କାବ୍ୟରେ ମହାକବି କାଳିଦାସ ଦେବୀଙ୍କର ପାର୍ବତୀ, ଉମା, ଅମ୍ବିକା, ଭବାନୀ, ଗୌରୀ ଆଦି ଅନେକ ନାମର ଉଲ୍ଲେଖ କରିଥିଲେ ହେଁ କୌଣସିଠାରେ ମହିଷାସୁର ମର୍ଦ୍ଦିନୀ ଦୁର୍ଗାଙ୍କ ନାମ ରଖିନାହାନ୍ତି। ସମ୍ଭବତଃ କମନୀୟତା, ମାଧୁର୍ଯ୍ୟ ଏବଂ ସୌନ୍ଦର୍ଯ୍ୟର ରଙ୍କ କାଳିଦାସ ରଣରଙ୍ଗିନୀ ଦୁର୍ଗାଙ୍କ ନାମ ଅବତାରଣା କରି ରସିକ ପାଠକମାନଙ୍କ ହୃଦୟରେ ରୌଦ୍ରରସର ସଞ୍ଚାର କରିବାକୁ ଉଚିତ ମନେକରି ନାହାନ୍ତି। କାଳିଦାସ ତାଙ୍କ ମେଘଦୂତ କାବ୍ୟରେ ଥରେ ମାତ୍ର 'ଚଣ୍ଡୀଶ୍ୱର' ଶବ୍ଦର ପ୍ରୟୋଗ କରିଛନ୍ତି। ଦଣ୍ଡିଙ୍କ 'ଦଶ-କୁମାର-ଚରିତ'ରେ 'ଗିରିରାଜ-କୁମାରୀ ଅମ୍ବିକା' ଏବଂ 'ବିନ୍ଧ୍ୟବାସିନୀ ଦେବୀ'ଙ୍କର ଉଲ୍ଲେଖ ରହିଛି। ନାଗାନନ୍ଦ ଦୃଶ୍ୟ କାବ୍ୟରେ ନାୟକ ଓ ନାୟିକାର ପ୍ରଥମ ସାକ୍ଷାତ୍ ଏକ ଗୌରୀ ମନ୍ଦିରରେ ହୋଇଥିବାର ବର୍ଣ୍ଣିତ ଅଛି। ଜୀମୂତ ବାହନର ପୁନର୍ଜୀବନ ପ୍ରାପ୍ତି ଗୌରୀଦେବୀଙ୍କର ଅନୁକମ୍ପାରୁ ହୋଇଥିବାର ମଧ୍ୟ ବର୍ଣ୍ଣନା କରାଯାଇଛି। ଶ୍ରୀ ହର୍ଷଙ୍କ ମସ୍ତକ ଉପରେ ଲାଗି ହୋଇଥିବା ମାଳାର ତୁଳନା ନୃମୁଣ୍ଡମାଳିନୀ ଦୁର୍ଗାଦେବୀଙ୍କ ସହ କବି ବାଣଭଟ୍ଟ ତାଙ୍କ ହର୍ଷ ଚରିତରେ କହିଛନ୍ତି। ଶକ୍ତି ଉପାସନା ଭାରତ ବର୍ଷର ଏକ ସର୍ବପ୍ରାଚୀନ ଧର୍ମଧାରା ହୋଇଥିବାରୁ ପ୍ରାଚୀନ ସାହିତ୍ୟର ପ୍ରାୟ ସମସ୍ତ ବିଭାବ ଶକ୍ତିଙ୍କ ମହିମା ଗାନ କରିଛନ୍ତି।

□□

ଲେଖକଙ୍କ ଇ-ମେଲ ଠିକଣା:
dgbkoshalayana@gmail.com

କବିତା



# ଶତରୂପା

ଡ. କୁଳମଣି ଓଝା

ଆୟୁର୍ମୟୀ ଶକ୍ତିମୟୀ ସୁଲଳିତ ସ୍ରୋତେ
ଅଭିଷିକ୍ତ ତଳାତଳ, ପୃଥ୍ୱୀ ଓ ଆକାଶ
ତୃତୀୟ ନୟନେ ଦିବ୍ୟ କି ଅପୂର୍ବ ଜ୍ୟୋତି !
ତ୍ରିନୟନେ-ତ୍ରିତାପ-ତାପନ, ମୁଗ୍ଧ-ପଲ୍ଲବନ
ଆଶ୍ୱିନର ଅନିମେଘ ଆକାଶରେ
ପ୍ରସାରିତ ପଦ୍ମ-ଦ୍ୟୁତି ; ସେ ଆଖିର ଆଖି
ଦୁଇ ନେତ୍ର ମଧ୍ୟବର୍ତ୍ତୀ ତୁରୀୟ ତ୍ରିନେତ୍ରେ
ଗ୍ରହ-ଗ୍ରହାନ୍ତର, କୋଟି ସୂର୍ଯ୍ୟ, ଚନ୍ଦ୍ର ଓ ତାରକା ;
କୋଟି କୋଟି ବ୍ରହ୍ମାଣ୍ଡର ବିଲୋଳ ବିଶ୍ୱାସ
ସେ ଆଖିରେ ସର୍ଜନାର ସୁରଭିତ ସୂକ୍ଷ୍ମ ନିତ୍ୟ-ରାସ ।

ରେଣୁ ରେଣୁ... ବିନ୍ଦୁରେ ବିନ୍ଦୁରେ...
ଆଲୋକିତ, ପ୍ରାଲୋକିତ, ବିଲୋକିତ ନେତ୍ର
ଅପରୂପ ଅବଲୋକିତ ସେ ମୁଗ୍ଧ ଦୃଷ୍ଟିଭେଦ
ଦିବ୍ୟତାରେ ଭରା, ନୀଳ ନୀଳ ରକ୍ତିମ ରମ୍ୟତା...
ସେ ଆଖିରେ ସ୍ୱପ୍ନ-ସମ୍ଭାବନା-ସର୍ଜନାର ମନ୍ତ୍ର
ଦିବ୍ୟ ଦିବ୍ୟ ଶବ୍ଦବ୍ରହ୍ମ, ଲୀଳାୟିତ ଲୀଳାବତୀ ସୂତ୍ର !

ପ୍ରତି କ୍ଷଣ, ପ୍ରତି ମନ୍ୱନ୍ତରେ ଶାବ୍ଦିକ ବିନ୍ୟାସ
ବ୍ୟକ୍ତ ଆଉ ଅବ୍ୟକ୍ତର ରମ୍ୟ ଅଧିବାସ ;
ଆଖି ନୁହେଁ ନୀଳ ସରସ୍ୱତୀ, ନିର୍ମଳ ପ୍ରଜ୍ୟୋତି
ଆଦିମା' ସେ ଶତରୂପା, ତ୍ରିନୟନା ସହସ୍ର ସର୍ଜନା ।

କାବ୍ୟ ଆଉ କବିତାର ପୃଷ୍ଠାରେ ପୃଷ୍ଠାରେ....
ପୋଥି ଆଉ ପଥରରେ, ପ୍ରତିଟି ଗ୍ରନ୍ଥରେ
ସେ ଚକ୍ଷୁର ପ୍ରତିଭାସ, କଲମର କାଳିରେ କାଳିରେ
ହାତଅଙ୍କା ଅକ୍ଷରଙ୍କ କମନୀୟ କାନ୍ତି...



ବିଦ୍ୟା-ବୁଦ୍ଧି-ଜ୍ଞାନ ଉତ୍ସ ; ଚତୁର୍ବର୍ଗଦାୟୀ
ତୃତୀୟ ନେତ୍ରରେ ଦୃଶ୍ୟ ପ୍ରଜ୍ଞାର ପ୍ରାଚୁର୍ଯ୍ୟ
ଦୃଶ୍ୟାତୀତ କେତେ କେତେ ଉନ୍ମୀଳିତ ଛବି
ସାରସ୍ୱତ ସୌନ୍ଦର୍ଯ୍ୟର ମାନ୍ତ୍ରିକ ଉଚ୍ଛ୍ୱାସ ।

ଦିବ୍ୟ ସେଇ ମହିମ୍ନ ଆଖିରେ ବ୍ରହ୍ମାଣ୍ଡର ରୂପ
ବିଶ୍ୱରୂପ-ବିଶ୍ୱନେତ୍ର ଅସୀମ ପ୍ରକାଶ
ସେ ଆଖିର ମୁକ୍ତାଝରା ଶୀତଳ ସୁଅରେ
ଅବଗାହିଥିଲେ ବାଲ୍ମୀକି ଓ ବ୍ୟାସ, କବି କାଳିଦାସ
ସେଇ ଜ୍ୟୋତି, ସେଇ ସେ ବୈଦୁର୍ଯ୍ୟ-ଦ୍ୟୁତିରେ
କାବ୍ୟ ଓ ପୁରାଣ, କଥା-କବିତାର ଶୁଭ୍ର ପଲ୍ଲବନ ।


ହେ ଆଦ୍ୟା-ଆଦିଶକ୍ତି-ଆରାଧ୍ୟା-ଆର୍ଯ୍ୟମା' !
ତୃତୀୟ ନୟନୁଁ ଝରୁ କଲ୍ଲୋଳିତ ଦିବ୍ୟ ଶବ୍ଦଗଙ୍ଗା
ଆର୍ଦ୍ର ହେଉ ଆତ୍ମା ଓ ହୃଦୟ ସୁଦିବ୍ୟ ଆହ୍ଲାଦେ
ପ୍ରଶାନ୍ତିର ପ୍ରାଣମୟ ଲାବଣ୍ୟ ନିର୍ଝର
ଅବତରୁ ହୃଦୟେ ହୃଦୟେ... ଉତ୍ସ ଉତ୍ତରିତ
ଶବ୍ଦବ୍ରହ୍ମ ! ନୀଳ ନୀଳ ଶବ୍ଦାଭ ସୈକତ....
ପର୍ଣ୍ଣ-ପୁଷ୍ପ-ଫଳପ୍ରସୂ ହେଉ
ସାହିତ୍ୟ ଆଉ ସଂଗୀତର ସୃଜ୍ୟମାନ୍ କ୍ଷେତ୍ର !

□□

କବିଙ୍କ ଇ-ମେଲ ଠିକଣା:
ojhakulamani1966@gmail.com

**ଗଳ୍ପ**

# ଗୁହାରି




ନାରୁ ମହାନ୍ତି

ଆରେ ବିଚ୍ଛୁ, ଏ ମଣିଷଗୁଡ଼ାକ ଆଜିକାଲି ଏମିତି ଉତୁରୁଛନ୍ତି କାହିଁକି ? - ପଚାରିଲେ ପଡ଼ୋଶୀଘର ଅଜା।

- ମଲା, କଥା ନାହିଁ କି ବାର୍ତ୍ତା ନାହିଁ, ଆଗା ନାଇଁ କି ପିଛା ନାଇଁ, ଏମିତି କିଏ କ'ଣ କାହାକୁ ପଚାରେ ? ଯଦିବା ପଚାରିଲା, ତାକୁ ସେମିତି ଆଗ ପଛ ନ ଥିବା ଉତ୍ତର ମିଳିଲା ତ ଦୋଷ କାହାର ?

- ଦେଖ ବାବା ବିଚ୍ଛୁ, ଅଗାଣ୍ଡିଆ ରଜାକୁ ପାଳଚୁଣ୍ଟା ମନ୍ତ୍ରୀ କଥା ଶୁଣିଥିବୁ! ଏ କଥାଟି ସେମିତି। ମୂଳ ନାହିଁ କି ଡାଳ ନାହିଁ - ହଠାତ୍ ଏମିତି ଆକାଶରୁ ଛିଣ୍ଡେଇ ଆଣି ଥୋଇଦେଲେ, ଯାହାର ଯେମିତି ଇଚ୍ଛା, ସିଏ ସେମିତି ବୁଝିଲା କି ବୁଝେଇଲା। ଏଥିରେ କିଏ କାହାକୁ କି ଉତ୍ତର ଦବ ନା ଦୋଷ ଦବ!



- ନାଇଁ ଅଜା, ମୁଁ ବେଳେବେଳେ ପାହାନ୍ତା ପହରକୁ ଏମିତି ଗୋଟେ ଗୋଟେ ଅଜବ ସ୍ୱପ୍ନ ଦେଖେ। ଏଇ ଧର - ଆଜି ଦିନର ଦୁନିଆଟି ଜାଣି ଏଇଠୁ ଶେଷ ହେଲା। ଆଉ ଗୋଟେ ନୂଆ ଦୁନିଆର ଭିଆଣ ଏଇଠୁ ସୁରୁ ହେଲା। ଏଥିରେ ସବୁ ନୂଆ ନୂଆ। ପାହାନ୍ତା ପର୍ଯ୍ୟନ୍ତ ଯିଏ ଯାହା ସବୁ ଥିଲେ, ସେ ସବୁ ଏବେ ହୋଇଗଲେ ଅଦୃଶ୍ୟ। ଏମିତି ପ୍ରତିଦିନ, ପ୍ରତି ପାହାନ୍ତାକୁ। ଏମିତି ହେଲେ କେମିତି ହୁଅନ୍ତା ଅଜା ?

- ହଁ, ହେଲେ ଭଲ ହୁଅନ୍ତା, କିନ୍ତୁ ହଉଚି କି ସେମତି ? ମୁଁ ତ ସେଇ ପୁରୁଣା ଘସରା ଦୁନିଆକୁ ଦେଖି ଆସୁଛି ବୟାଅଶି ବର୍ଷ ଧରି। ମୁଁ ମଲେ, ମୋ' ଦୁନିଆ ମରିବ ମୋ' ସାଙ୍ଗରେ! ଏଥିରେ ଆଉ ନୂଆ କ'ଣ ?

- ଓଃ, ତମ ଦେଇ ହବନି ଅଜା। ତମେ ତ ନୂଆ କଥାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହଁ। ଭାବି ଦେଖ ଥରେ - ମୁଁ ଯେମିତି କହିଲି ସେମିତି ଯଦି ସତକୁ ସତ ଘଟିଯାଏ - ମନେ କର, ହଠାତ୍ ଭୂମିକମ୍ପ ହେବା ପରି -

- ଓଃ ଓଃ, ଭୂମିକମ୍ପ ହେଇଯିବ, ଆଉ ତୁ ମୁଁ ଆମେ ଯେମିତି ସବୁ ଥିଲୁ, ସେମିତି ରହିଥିବୁ, ଆମର ରୁମ୍‌ଟିଏ ଏପାଖ ସେପାଖ ହେବନି! ଏଇଆ ତ ?

- ଆଚ୍ଛା କଥା, ଏ ପରା ସ୍ୱପ୍ନ! ସ୍ୱପ୍ନକୁ ନେଇ କିଏ କ'ଣ ତମ ଭଳି ଏମିତି କାହାକୁ ନେଇ କାଠଗଡ଼ାରେ ଠିଆ କରାଏ ?

- ଏମିତି ଗୋଟେ କପୋଳକଳ୍ପିତ କଥାକୁ ନେଇ ଯେଉଁ କାହାଣୀ, ତାହା ଗ୍ରହଣୀୟ ହେବ କି ? କହିବେ କ'ଣ ନା - ଦେଖ ଏ ଟୋକାକୁ, ମତେ ବୋକା ବନେଇବାକୁ ବସିଛି। ଆରେ କହିବୁ ତ କହ- ସତ କଥାଟେ କହ। ଆଉ ମନଗଢ଼ା ଫାଜଲାମି ଦେଖାଉଚୁ କାହିଁକି ? ଏତ ସତ ନୁହେଁ କି କଳ୍ପନା ନୁହେଁ। ବରଂ ସତମିଛ ମିଶା ଏକ ଅସ୍ୱାଦୁ ବ୍ୟଞ୍ଜନ! ଏଥିରେ କ'ଣ ଭୋକ ମରିବ ନା ମନ ବୁଝିବ ?

- ହଉ ତେବେ ଶୁଣ, ଶୁଣି ତୋ ମନ ଘର ଧରିଯିବ - କହିଲେ ଅଜା।

- ହଉ କୁହ ଅଜା - କାହାର ମନ ଘର ଧରିଯିବ, ଦେଖିବା କୁହ।

- ଆରେ ଯାଇଥିଲେ ସବୁ ଯେ ନେତାଙ୍କ ପାଖକୁ, ଆମର ଏଇ ରାସ୍ତା ବିଷୟରେ ଫେରାଦି ହବାକୁ। ଛଅ ମାସ ହେଲା ମରାମତି ନାମରେ କେମିତି ଆମର ଭଲ ରାସ୍ତାଟାକୁ ତାଡ଼ିତୁଡ଼ି ଦଡ଼ି ଫୁଟେଇ ଦେଲେ ନିର୍ବାଚନ ପୂର୍ବରୁ, ସେଇ ବିଷୟରେ ନେହୁରା ହେବାକୁ।

- ନେତା କ'ଣ କହିଲେ ଜାଣିଛୁ ? - ପ୍ରଶ୍ନ କଲେ ଅଜା।

- ମୁଁ କେମିତି ଜାଣିବି ? ଯିଏ ଯାଇଥିଲେ, ସିଏ ସିନା କହିବେ!

– ଆରେ ସେଇ କଥା ପା ମୁଁ କହୁଚି। ନେତା କହିଲେ – ଭୋଅଟ ସଇଲା ପରେ ତମେ ସବୁ ଆସିଛ। ଯାହାକୁ ଭୋଟ୍ ଦେଇଛ, ତାଙ୍କୁ ଯାଇ କୁହନା! ଆମେ ତ ତମଠୁଁ ମୋଟେ ଚାଳିଶଟା ଭୋଟ ପାଇଲୁ। ଯାହାଙ୍କୁ ଦେଢ଼ଶରୁ ବେଶି ଭୋଟ୍ ଓଜାଡ଼ି ଦେଲ, ତାଙ୍କୁ ଯାଇ କୁହ ତମ କଲୋନୀ ରାସ୍ତା ବିଷୟରେ। ଭୋଟ୍ ପାଇଲା ବେଳକୁ ସେମାନେ ଆଉ କାମ କଲା ବେଳକୁ ଆମେ? ତମ ରାସ୍ତାରେ ପୋଖରୀ ଖୋଳା ହଉ କି ଡଙ୍ଗା ଚାଲୁ, ସେମାନେ ବୁଝିବେ ନା!

–ଆଜ୍ଞା ସେମାନଙ୍କ କଥା ଆଉ କାହିଁକି ପଡ଼ିଛି, ସେମାନେ ତ ହାରିଗଲେ।

– ଓହୋ, ମୁଁ ତ ସେଇ କଥା କହୁଚି, ତମେ ଠିକ୍ ସେ ବୁଝି ପାରୁନା। ସେମାନେ ହାରନ୍ତେନି କ'ଣ ଜିତନ୍ତେ? ଆରେ ଯିଏ ଆମକୁ ଭୋଟ୍ ଦେଇଛନ୍ତି, ଆମେ ତାଙ୍କ କାମ ଆଗ ନ କରି ତମ କାମ କଲେ, ସେମାନେ ସବୁ କ'ଣ କହିବେ ଆମକୁ?

ନାତି ଟୋକା ଏକଥା ଶୁଣି ଟିକେ ଗୁମ୍ ହେଇଗଲା ଏବଂ କିଛିଟା ପରେ କହିଲା – ଆମର ସେମାନେ କ'ଣ ଏକଥା ଜାଣି ନାହାନ୍ତି ଯେ ଯାଇଥିଲେ ଫେରାଦ ହବାକୁ? ଟିକେ ବି ସୁଦ୍ଧା ଅପେକ୍ଷା କଲେନି ନିର୍ବାଚନ ସରୁ ସରୁ ଦୌଡ଼ିଗଲେ ଗୁହାରି ହବାକୁ? କିଏ ବା ସେମାନେ ସବୁ ଯାଇଥିଲେ?

– ଆରେ କିଏ କେତେ ପନ୍ଦର କୋଡ଼ିଏ ଯାଇଥିଲେ, ତୋ' ବାପକୁ ବି ମନେଇ ନେଇଥିଲେ ସାଙ୍ଗରେ। ତୁ କ'ଣ ଏ କଥା ଜାଣିନୁ? ପୁଣି ତୁ ଯେ କହୁଚୁ ନିର୍ବାଚନ ସରୁ ସରୁ ଚାଲିଗଲେ – ଆରେ ନିର୍ବାଚନ ପା ଚାରି ପାଞ୍ଚ ମାସ ହେଲା ସରିଲାଣି, ଟିପ କଳା ଚିହ୍ନ ଲିଭିଗଲାଣି! ଏ କ'ଣ ଗଲା କାଲି କଥା ହୋଇଚି? ଆଁ ?

**ମୋ ସପନ କଥା କହୁଥିଲି ଅଜା! ପ୍ରତିଦିନ ସକାଳେ ଗୋଟିଏ ନୂଆ ପୃଥିବୀ ସୁରୁଷ୍ଟି ହୁଅନ୍ତା ନାଇଁ!**


– ସେଇଥିପାଇଁ ତ ମୁଁ ମୋ ସପନ କଥା କହୁଥିଲି ଅଜା! ପ୍ରତିଦିନ ସକାଳେ ଗୋଟିଏ ନୂଆ ପୃଥିବୀ ସୁରୁଷ୍ଟି ହୁଅନ୍ତା ନାଇଁ!

ଅଜା ଆଁଟେ କରି ଅନେଇଲା ବେଳକୁ ନାତି ଟୋକା ବିଛୁ କୁଆଡ଼େ ଉଡନ୍ଛୁ ହେଇଯାଇଥିଲା।

□□

ଲେଖକଙ୍କ ଇ-ମେଲ ଠିକଣା:
narumohanty1943@gmail.com

**ଧାରା ଶ୍ରୀରାଧା ଟ୍ରଷ୍ଟର ଏକ ଅନବଦ୍ୟ ପ୍ରକାଶନ**




**ଧାରା ଶ୍ରୀରାଧା**

**କବି – ମଙ୍ଗଳାପ୍ରସାଦ ପ୍ରଧାନ**

DHARA SHREE RADHA TRUST Regd. No.: 41081705388 Bhubaneswar, Odisha

**DHARA SHREE RADHA TRUST**
**(A Literary & Cultural Organisation)**
**Email - dharashreeradha2017@gmail.com**

ରମ୍ୟ ରଚନା


# ଜଙ୍ଗଲରେ ଜାତୀୟ ଗଣନା-ଏକ ବିହଙ୍ଗାବଲୋକନ



ଡା. ଅଭୟ ଦାଶ

ସ୍ୱାମୀ ଅଭୟାନନ୍ଦ ରିସର୍ଚ୍ଚ ଫାଉଣ୍ଡେସନର ଅରିଜିନାଲ ରିସର୍ଚ୍ଚ ପେପର ଯେଉଁ ଦିନ ଲିକ୍ ହୋଇଗଲା, ବି ବି ସି, ଅଲ୍ ଜଜିରା, ଓ୍ୱାଶିଂଟନ୍ ପୋଷ୍ଟ ସମସ୍ତେ ବୋବାଳି ଛାଡ଼ିଲେ ଦେଖହୋ ସେ ଦେଶରେ କ'ଣ ନ ହେଲା? ତାଙ୍କୁ ଦେଖି ଆମ ଦେଶୀ ମେଡିଆ ଡେଇଁବା ଆରମ୍ଭ କରିଦିଅନ୍ତେ ବିରୋଧୀ ତ ନାଚିଲେ। ରାଷ୍ଟ୍ର ସୁରକ୍ଷା ଉପରେ ଘୋର ବିପତ୍ତି। ସରକାର ଇସ୍ତଫା ଦିଅ।

ପାର୍ଲାମେଣ୍ଟ ବାରମ୍ବାର ମୁଲତବୀ ରଖାଗଲା। କାମ କାର୍ଯ୍ୟ ବନ୍ଦ। କଥା କ'ଣ? ବଣରେ ପଶୁ ପକ୍ଷୀ କୀଟ ପୋକ ଜୋକଙ୍କର ଜାତିଗତ ଗଣନା ଅନୁଧ୍ୟାନ କରୁଥିଲା ଅଭୟାନନ୍ଦ ରିସର୍ଚ୍ଚ ଫାଉଣ୍ଡେସନ। ପ୍ରଚାର ହୋଇଗଲା ଶଳା ମାରି ନେଲା ଛ ଶହ କୋଟି ଟଙ୍କାର ପ୍ରୋଜେକ୍ଟ। ଟେଲିଭିଜନ ଚାନେଲ୍, ସୋସିଆଲ ମେଡିଆ ଚାନେଲ୍ କାହାକୁ ନିଦ ନାହିଁ। ପ୍ରଚାର ବିଦେଶୀ ମାଟିରୁ ଆସି ପହଞ୍ଚିଛି ଯେତେବେଳେ ବିଶ୍ୱାସ ନ କରି ରହି ହେଉ ନ ଥାଏ, କ'ଣ ଗୋଟାଏ ଥିବ ନା! ଏ ବିଷୟରେ ସଫେଇ ଦେବାକୁ ଯାଇ, ଅଭୟ ଦାଶର କହିବା କଥା, ଥରେ ଜଙ୍ଗଲ ସଂସଦରେ କଥା ଉଠିଥିଲା ଆରକ୍ଷଣକୁ ନେଇ। ସେ ରାଜ୍ୟରେ ଭାରତର ଆମ୍ବେଦକର ମଡେଲ ସଂବିଧାନ ସହ ମଣ୍ଡଳ କମିସନ ଓ କରୁଣାନିଧି କମିସନ ରିପୋର୍ଟକୁ ନେଇ ସମସ୍ତ ପଶୁପକ୍ଷୀ କୀଟ ପତଙ୍ଗଙ୍କର ଜାତିଆଣ ଗଣନା କରାଯାଉ। ଏହି ଆନ୍ଦୋଳନକୁ ଉସକାଉ ଥାଆନ୍ତି ଗଧ ଓ ଗଧିଆ ପ୍ରଜାତିର ନାଗରିକମାନେ। ଏହା ଜଙ୍ଗଲ ଜନ୍ତୁ ଓ ଗୃହପାଳିତ ପଶୁ ସଂଗଠନର ମିଳିତ ସାମ୍ମୁଖ୍ୟର ଅଭିଯାନ। ତାଙ୍କର କହିବା କଥା ଜଙ୍ଗଲରେ ସିଂହଙ୍କର ରାଜତନ୍ତ୍ରକୁ ଭାଙ୍ଗି ସେଠାରେ ପୃଥିବୀର ଗଣତନ୍ତ୍ର ମଡେଲରେ ପଶୁତନ୍ତ୍ର ସ୍ଥାପନ କରିବା। ସିଂହଙ୍କର ଏକଚ୍ଛତ୍ରବାଦକୁ ବନ୍ଦ କରିବା। ଛୋଟ ବଡ଼, ଆକାର, ଶକ୍ତି, କଳା ଧଳା ରଙ୍ଗ ଚଳଣି ବିଦ୍ୟା ବୁଦ୍ଧି ନିର୍ବିଶେଷରେ ଗଣନା କରାଯାଇ ସଂଖ୍ୟା ଅନୁସାରେ ଶାସନରେ ଭାଗ ଦିଆଯିବ।



**ପଶୁ ପାର୍ଲାମେଣ୍ଟ**

ମଣିଷଙ୍କ ପାର୍ଲାମେଣ୍ଟ ମଡେଲରେ ପଶୁ ପାର୍ଲାମେଣ୍ଟ ଗଠନ କରାଯିବ। ପାର୍ଲାମେଣ୍ଟ ସୌଧ ପାଇଁ ଟେଣ୍ଡର ଦିଆଯାଇଥିଲେ ବି, କେହି ପ୍ରାର୍ଥୀପତ୍ର ଦାଖଲ କରୁନାହାନ୍ତି। କାରଣ କ'ଣ? ଏଲ୍ ଆଣ୍ଡ୍ ଟି, ଟି ଆଣ୍ଡ୍ ସି, ସି ଆଣ୍ଡ୍ ପି ଏହିପରି ବିଶ୍ୱର ବଡ଼ ବଡ଼ ବିଲ୍ଡର କମ୍ପାନୀମାନଙ୍କୁ ପଚାରି ବୁଝିବାରୁ ଯାହା ଜଣାଗଲା ସମସ୍ତଙ୍କର ସେହି ଗୋଟିଏ ମତ। କିପରି ସମ୍ଭବ ହେବ? ବସିବା ବ୍ୟବସ୍ଥା ହାତୀ, ଗଣ୍ଡା, ବାଘ, ହରିଣ, ଛେଳି, ବିଲୁଆ, ଚଢ଼େଇ, ପୋକ ସରୀସୃପ ସମସ୍ତଙ୍କ ଷ୍ଟାଇଲ୍ ଅଲଗା। ବସିବା ଠିଆ ହେବା ଗଛରେ ଚଢ଼ିବା ଝୁଲିବା, ପହଁରିବା ଆଦି ପାଇଁ ଜାଗା ସ୍ପେସ୍ ଦରକାର। ପାର୍ଲାମେଣ୍ଟ କ୍ୟାଣ୍ଟିନ୍‌ରେ ସରକାରୀ ଖର୍ଚ୍ଚରେ ଖାଦ୍ୟ ଯୋଗାଣ, ବିଭିନ୍ନ ପ୍ରସାଧନ କକ୍ଷ ଓ୍ୱାସ୍ ରୁମ ଡିଜାଇନ୍ କାଠିକର ପାଠ। କିଏ କରିବ ଏଗୁଡ଼ା? ସେଥିପାଇଁ କେହି ଏ କାମ କରିବାକୁ ଚାହୁଁ ନ ଥିବା ଜଣାଯାଏ। ଜଙ୍ଗଲରେ ରାଜନୀତି ପ୍ରଖର ହେବାରେ ଲାଗିଥାଏ, କେତେକ ସ୍ୱାର୍ଥାନ୍ୱେଷୀ ପ୍ରାଣୀ ସମୂହଙ୍କର ଏକା ଜିଦ୍ ସିଂହର ସାମ୍ରାଜ୍ୟ ଧୂଳିସାତ୍ କରି ଆମ୍ବେଦକରିଆ ଗଣତନ୍ତ୍ର ପ୍ରତିଷ୍ଠା ହେବ। ସବୁ ପଛରେ ଏଇ ମଣିଷ ଆଜ୍ଞା। ସମସ୍ତ ପ୍ରାଣୀଙ୍କ ବିଭାଜନ କରାଇ ଗଣତନ୍ତ୍ର ନାଁରେ ବେପାର କରିବା। ବିଭାଜନ ଓ ଶାସନ।

ଏଠିକାର କଳା ଧଳା, ଛୁଆଁ ଅଛୁଆଁ ଡାଞ୍ଚାରେ ଏସ୍ ସି, ଏସ୍ ଟି, ଓବିସି ଢଙ୍ଗରେ ସେଠି ତଳଆଡୁ, ମାନେ ଦୁର୍ବଳ

ବର୍ଗ, ଉଇକର ସେକ୍ସନଙ୍କ ନାମକରଣ କରିଦେଲେ ତେଲୁଣି ପୋକ; ଗଉଡୁଣୀ ପୋକ। ବେଙ୍ଗମାନଙ୍କର ନାମ ହେଲା ବ୍ରାହ୍ମଣୀ ବେଙ୍ଗ, ଚୁଳି ବେଙ୍ଗ, କାଠ ବେଙ୍ଗ ଆଦି। ଏ ବ୍ରାହ୍ମଣୀ ବେଙ୍ଗ ନାଁଟା ଜଙ୍ଗଲର କମ୍ୟୁନିଷ୍ଟ ନକ୍ସଲପନ୍ଥୀଙ୍କ ହଜମ ହେଲାନାହିଁ। ସେମାନଙ୍କୁ ଏକ୍ସପୋର୍ଟ୍ କରି ଖାଇଗଲେ। ଗଉଡୁଣୀ, ତେଲୁଣୀଙ୍କୁ ଏସ୍ ସି, ଓବିସି ରେ ପକାଇ ଦେବାରୁ, କାଠ ଜନ୍ଦା, ଧୂଳିଆ ଜନ୍ଦା, ପିମ୍ପୁଡିମାନଙ୍କ ମଧ୍ୟରେ ମନୋମାଳିନ୍ୟ ହେଲା। ହେଟା, ବିଲୁଆ, ଶାଗୁଣା ସ୍କାଭେଞ୍ଜର ଷ୍ଟାଟସ୍ ପାଇ ଏସ୍ ସି, ମୟୂର, ସାପ, ନେଉଳ ଆଦି ଓବିସି ଏହିପରି ଲିଷ୍ଟ ହେବାରୁ ଅସନ୍ତୋଷ ବ୍ୟାପିଲା।

**ଆମେ ଭାବୁଛୁ, ଏ ଯେଉଁ ଗଣନା ବିଭ୍ରାଟରୁ 'ଜଙ୍ଗଲ ରାଜ୍' ଶବ୍ଦଟି ଆମ ମଣିଷମାନଙ୍କ ରାଜନୈତିକ ଚିନ୍ତାଧାରା ମଧ୍ୟକୁ ଆସିନାହିଁ ତ ?**

## ନୂଆ ପ୍ରଜାତି

ସିଂହ, ବାଘଙ୍କ ମଧ୍ୟରେ ବିବାହ ପ୍ରଥା ଆରମ୍ଭ ହେବାରୁ ଗୋଟାଏ ନୂଆ ପ୍ରଜାତି ସୃଷ୍ଟି ହେଲେ ଟାଇଗନ୍। ଏମାନେ ଟାଇଗର ଓ ଲାୟନର ବଂଶଧର। ଜେବ୍ରା ଓ ଡଙ୍କିଙ୍କ ଔରସରୁ ଜନ୍ମନେଲେ ଜଙ୍କି ଓ ଡେବ୍ରା। ଓଟ ଓ ସିପ୍‌ର କ୍ରସ୍ ବ୍ରିଡିଂରୁ ଜନ୍ମ ନେଲେ ଆଲ୍ପକା। ପରବର୍ତ୍ତୀ ସମୟରେ ଆନିମଲ୍ କ୍ଲୋନିଂ ହେଲା। ସବୁ ବିଭ୍ରାଟ ମୂଳରେ ଏଇ ମଣିଷ। ବଣରେ ସ୍ୱଚ୍ଛନ୍ଦରେ ବୁଲୁଥିବା ପଶୁମାନଙ୍କୁ ନାନା ବିଭାଜନ କରି ଏପରି ଗଣ୍ଡଗୋଳ ସୃଷ୍ଟି କରିଦେଲେ ଯେ, ସେମାନେ ପରସ୍ପର ବିରୋଧୀ ହୋଇ ସରିଗଲେ। ଏମାନେ ତାଙ୍କୁ ନିଶା ଦେଇ, ବିଷ ଖୁଆଇ, ତୀର, ବନ୍ଧୁକ ଦ୍ୱାରା ହତ୍ୟା କରି ତାଙ୍କ ବଂଶ ନିପାତ କଲେ।

ଜାତିଗତ ପଶୁ ଗଣନା ଅବଶ୍ୟ ସେଇଠି ରହିଲା। କାରଣ ଜଙ୍ଗଲରେ ଜାତୀୟ ଗଣନା ପ୍ରକାଶ ହେବା ପୂର୍ବରୁ ଗୋଟାଏ ଷ୍ଟେ ଅର୍ଡର୍ ଆସିଗଲା। ଡ଼େମୋକ୍ରାସି ଆଜ୍ଞା ! ଏମିତି ହେବା ସ୍ୱାଭାବିକ। ବୁଝିବା ବେଳକୁ ଜଣାଗଲା ଓଡ଼ିଶାର କେଉଁ ଏକ ଘାସପଡ଼ିଆରୁ ଆସିଛି ଏପରି ଆରୋପ। ଅନ୍ୟାୟର ପ୍ରତିବାଦ କରିବାକୁ ହେବ। କି ଅନ୍ୟାୟ ? କାହା ପ୍ରତି ଅନ୍ୟାୟ ? ଏକ ବିଶିଷ୍ଟ ବର୍ଗ ଯାହାଙ୍କୁ ନେଇ ଓଡ଼ିଆ ଗର୍ବରେ ପ୍ରତି ବର୍ଷ ଡ଼ଙ୍ଗା ଭସାଏ ଆକାମା ଭୈ କହି। ସାଧବ ! ସେଇ ସାଧବକୁ ଭୁଲିଗଲେ ? ଜଙ୍ଗଲ ରାଜ୍ୟରେ ଏ ପ୍ରଶ୍ନ ଉଠାଇଛି ଗୁଲୁଗୁଲିଆ ନାଲି ନାଲି ସାଧବବୋହୂ ପୋକଟି। ଠିକ୍ କଥା, ସାଧବପୋକକୁ ତାର ହକ ମିଳିବା କଥା। କଥାଟା ଗ୍ରହଣୀୟ ହୋଇଛି ଜଙ୍ଗଲ ରାଜ୍ୟର ସର୍ବୋଚ୍ଚ ପଞ୍ଚାୟତରେ। ସେଥିପାଇଁ ରିପୋର୍ଟ ପ୍ରକାଶ ଅଟକି ଯାଇଛି।

ଯାହା ଏଇ ମଣିଷକୃତ ଅବ୍ୟବସ୍ଥା ମିସ୍‌ମ୍ୟାନେଜମେଣ୍ଟ, କହନ୍ତି ସ୍ୱାମୀ ଅଭୟାନନ୍ଦ ଫାଉଣ୍ଡେସନ। ତା'ପରେ କେତେ ଶତକ ବିତି ଯାଇଥିଲେ ମଧ୍ୟ ଏ ଜାତିଗତ ଗଣନାରେ କେହି ହାତ ମାରି ନ ଥିବା ଜଣାଯାଏ। ଆମେ ଭାବୁଛୁ ଏ ଯେଉଁ ଗଣନା ବିଭ୍ରାଟରୁ 'ଜଙ୍ଗଲ ରାଜ୍' ଶବ୍ଦଟି ଆମ ମଣିଷମାନଙ୍କ ରାଜନୈତିକ ଚିନ୍ତାଧାରା ମଧ୍ୟକୁ ଆସିନାହିଁ ତ ? ଏଥିପାଇଁ ଗଭୀର ଅଧ୍ୟୟନର ଆବଶ୍ୟକତା ଅନୁଭୂତ ହୁଏ, କହନ୍ତି ଅଭୟ ଦାଶ, ଓରଫ ସ୍ୱାମୀ ଅଭୟାନନ୍ଦ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
abhaydash1@gmail.com

**'ସାହିତ୍ୟ ଚର୍ଚ୍ଚା' ୱେବ୍‌ସାଇଟ୍‌ରେ ମଧ୍ୟ ଉପଲବ୍ଧ ଅଛି।**




**ଏହାର କେତେକ ଉପାଦେୟ ଲେଖା ତୁରନ୍ତ ପଢ଼ିବା ପାଇଁ ନିମ୍ନଲିଖିତ ଲିଙ୍କକୁ ଯାଆନ୍ତୁ :**

**www.sahityacharcha.com**


**ପ୍ରବନ୍ଧ**



# ଓଡ଼ିଆ ଶ୍ରାବ୍ୟ ନାଟକର ଗତି ଓ ପ୍ରକୃତି

ପ୍ରଦୀପ୍ତ ଶ୍ରୀଚନ୍ଦନ

ସାହିତ୍ୟର ସମସ୍ତ ବିଭବ ମଧ୍ୟରେ ନାଟକର ରମଣୀୟତା ପଣ୍ଡିତ ଆଉ ଗବେଷକମାନଙ୍କ ଦ୍ୱାରା ସାଦର ସ୍ୱୀକୃତ। ଏକାଧାରରେ ଦୃଶ୍ୟ ଓ ଶ୍ରାବ୍ୟ ସାହିତ୍ୟର ଏହି ପ୍ରଭାବଶାଳୀ ସୃଷ୍ଟିରେ ଭିନ୍ନ ରୁଚିର ଦର୍ଶକଙ୍କୁ ସନ୍ତୁଷ୍ଟ କଲାଭଳି ଅନେକ ଉପାଦାନ ଯତ୍ନର ସହିତ ନିହିତ ଥାଏ। ନାଟକରେ ମଣିଷର ଅବସ୍ଥା, ସୁଖ, ଦୁଃଖ ଓ ଜଗତର ଯାବତୀୟ ଜ୍ଞାନ, ଶିଳ୍ପ, ଯୋଗ, ବେଦ, ଇତିହାସ, ପୁରାଣ, ଶାସ୍ତ୍ର, ଆଖ୍ୟାନ, କଳା ଓ ସଂସ୍କୃତିର ଚର୍ଚ୍ଚା କରାଯାଇଥାଏ ବୋଲି ଦଶରୂପକଙ୍କର ମତ। ସେଇଥିପାଇଁ ଆର୍ଯ୍ୟ ଭରତ ନାଟକକୁ 'ବିନୋଦ ଜନନମ୍' ଅର୍ଥାତ୍ ସମସ୍ତଙ୍କର ମନୋରଞ୍ଜନ କରି ପାରୁଥିବା, 'ହିତୋପଦେଶ ଜନନମ୍'-ଅର୍ଥାତ୍- ହିତକାରୀ ଉପଦେଶ ପ୍ରଦାୟକ, 'ବିଶ୍ରାନି ଜନନମ୍'- ଅର୍ଥାତ୍ - ଶାନ୍ତି ପ୍ରଦାୟକ ତଥା ଧର୍ମ, ଯଶ, ଆୟୁ, କଲ୍ୟାଣ ଏବଂ ବୁଦ୍ଧି ଉତ୍ପନ୍ନକାରୀ ଏକ ଦିବ୍ୟ କଳା ରୂପେ ବର୍ଣ୍ଣନା କରିଛନ୍ତି।



ନାଟକ ଏକ ମାଧ୍ୟମଧର୍ମୀ ସାହିତ୍ୟିକ ପ୍ରକ୍ରିୟା। ପ୍ରାଚୀନ କାଳରେ ଏହାର ପ୍ରଦର୍ଶନ ପାଇଁ ରଙ୍ଗମଞ୍ଚ ହିଁ ଏକମାତ୍ର ମାଧ୍ୟମ ଥିଲା। ପରବର୍ତ୍ତୀ କାଳରେ ବିଜ୍ଞାନ ତଥା ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ହୋଇଥିବା ଅଭୂତପୂର୍ବ ବିକାଶର କାରଣ ହେତୁ ରଙ୍ଗମଞ୍ଚ ବ୍ୟତୀତ ନାଟକର ସଂପ୍ରେଷଣର ଅନ୍ୟ ଗୋଟିଏ ମାଧ୍ୟମ ମଧ୍ୟ ଆବିଷ୍କୃତ ହେଲା, ଆଉ ତାହାହେଲା ଶ୍ରାବ୍ୟ ମାଧ୍ୟମ। ଶ୍ରାବ୍ୟ ମାଧ୍ୟମ କହିଲେ ଆମେ ମୁଖ୍ୟତଃ ବେତାର (ରେଡିଓ)କୁ ହିଁ ବୁଝିଥାଉ। ବେତାର କେନ୍ଦ୍ରର ଶିଳ୍ପଶାଳାରେସ୍ଥିତ ମାଇକ୍ରୋଫୋନ୍ ମାଧ୍ୟମରେ ଲୋକେ ଆଖିରେ ଦେଖୁଥିବା ନାଟକକୁ କାନରେ ଶୁଣାଯିବା ନାଟକରେ ପରିବର୍ତ୍ତିତ କରିବା ସମ୍ଭବ ହୋଇପାରିଲା। ଏହି ଦୁଇଟିଯାକ ମାଧ୍ୟମର ନାଟକ ରଚନା ଶୈଳୀ ତଥା ପ୍ରସ୍ତୁତୀକରଣ ଗୋଟିଏ ଅନ୍ୟଠାରୁ ଭିନ୍ନ। କାରଣ ଉଭୟ ପ୍ରକ୍ରିୟାର ନିଜସ୍ୱ ବିଶେଷତ୍ୱ ଆଉ ସୀମା ରହିଛି। ରଙ୍ଗମଞ୍ଚ ମାଧ୍ୟମର ନାଟକ ଦୃଶ୍ୟତତ୍ତ୍ୱ ପ୍ରଧାନ ହୋଇଥିବା ବେଳେ ବେତାରର ନୂତନ ମାଧ୍ୟମଟି ନାଟକକୁ ଶ୍ରାବ୍ୟ-ତତ୍ତ୍ୱ-ପ୍ରଧାନ କରିଦେଲା ଏବଂ ତାକୁ ବେତାର ନାଟକ ବା ଧ୍ୱନି ନାଟକ କୁହାଗଲା। କାରଣ ଶ୍ରାବ୍ୟ ନାଟକ କେବଳ ଧ୍ୱନି ବା ଶବ୍ଦତରଙ୍ଗ ମାଧ୍ୟମରେ ଜନଗଣ ବା ଶ୍ରୋତାମାନଙ୍କ ପାଖରେ ପହଞ୍ଚିଥାଏ। ସଂଳାପ, ବାଦ୍ୟ ଆଉ ସଂଗୀତ ସାଙ୍ଗକୁ ସାଙ୍କେତିକ ଧ୍ୱନି ବିନ୍ୟାସ ଦ୍ୱାରା ସମନ୍ୱିତ ଏହି ନାଟକ ଶ୍ରୋତାଙ୍କର କଳ୍ପନା ଶକ୍ତିକୁ ଏପରି ଭାବରେ ସକ୍ରିୟ କରିଥାଏ, ଯାହା ଫଳରେ ଶ୍ରୋତା ନିଜର ମନରୂପକ ରଙ୍ଗମଞ୍ଚରେ ଘଟଣା ସ୍ଥଳର ନାଟକୀୟ ଉପକରଣ ସହିତ ଦୃଶ୍ୟ ସଜାଏ, କଳ୍ପିତ ପାତ୍ର ପାତ୍ରୀମାନଙ୍କୁ ନିଜର ରୁଚି, ଅନୁଭବ ଓ ଜ୍ଞାନ ଅନୁସାରେ ରଙ୍ଗ, ରୂପ, ବେଶଭୂଷା ତଥା ଚାରିତ୍ରିକ ବିଶେଷତାର ପ୍ରଲେପ ମାଖିଥାଏ। ସେଥି ସହିତ କାର୍ଯ୍ୟକଳାପର ଝଲକ ଚିତ୍ରିତ କରେ ଏବଂ କଥାକ୍ରମର ଅନୁରୂପ ବାତାବରଣର ପରିବେଶ ନିର୍ମାଣ ବା ଅଙ୍କନ କରିଥାଏ।

**ଭାବବୋଧ ଓ ରୂପବୋଧ**

ଏହି ପ୍ରକାରେ ସେ ନିଜ ମନର ରଙ୍ଗମଞ୍ଚ ଉପରେ ଭାବବୋଧ ସଙ୍ଗେ ସଙ୍ଗେ ରୂପବୋଧର ମଧ୍ୟ ସ୍ଥିତି ସୃଷ୍ଟି କରି ଶ୍ରାବ୍ୟ ମାଧ୍ୟମର ନାଟକକୁ ସାକାର ଆଉ ସପ୍ରାଣ କରିତୋଳେ ଏବଂ ମନରୂପକ ଚକ୍ଷୁ ଦ୍ୱାରା ଦେଖି ତା'ର ରସ ଆସ୍ୱାଦନ କରିଥାଏ। ଏହି ସବୁ ପ୍ରକ୍ରିୟାର ସଫଳତା ନିମନ୍ତେ ସାଙ୍କେତିକ ଧ୍ୱନି ପ୍ରୟୋଗର ପ୍ରଭାବଠାରୁ ଅନେକ ଅଧିକ ଯୋଗଦାନ ବା ଭୂମିକା ରହିଥାଏ ଯଥାଯୋଗ୍ୟ ସଂଳାପ ସଂଯୋଜନାର। ସଂଳାପରେ ସ୍ଥାନ ଆଉ ବାତାବରଣର ବର୍ଣ୍ଣନା, ପାତ୍ର ଏବଂ

ଉପକରଣର ପରିଚୟ, ଚରିତ୍ର ଚିତ୍ରଣ, ଆଗମନ ଆଉ ବହିର୍ଗମନର ସୂଚନା, ନାଟକୀୟ କାର୍ଯ୍ୟକଳାପର ଶବ୍ଦ-ଚିତ୍ର ନିହିତ ଥାଏ। ବର୍ଣ୍ଣନାତ୍ମକ ସଂଳାପର ପରିବେଷଣ ସଂସ୍କୃତ ତଥା ଲୋକନାଟକ ସହିତ ପୁରାତନ ରଙ୍ଗମଞ୍ଚୀୟ ନାଟକର ଆବଶ୍ୟକ ଅଙ୍ଗ ଥିଲା। କିନ୍ତୁ ବେତାର ନାଟକରେ କଥାନକର କଳାତ୍ମକ ଅଭିବ୍ୟକ୍ତି ପାଇଁ ଏପରି ଶୈଳ୍ପିକ ନିୟମ ସନ୍ନିବିଷ୍ଟ ଯାହାକି ରଙ୍ଗମଞ୍ଚୀୟ ଏକାଙ୍କିକା ତଥା ଗୋଟିଏ ସେଟ୍‌ର ନୂତନ ପ୍ରକାରର ପୂର୍ଣ୍ଣାଙ୍ଗ ନାଟକରେ ସମ୍ଭବ ନୁହେଁ। ଯେମିତି- ସ୍ଥାନ ଆଉ କାଳର ବନ୍ଧନରୁ ମୁକ୍ତ ବେତାର (ଶ୍ରାବ୍ୟ) ନାଟକ କଥାନକକୁ ବିଭିନ୍ନ ଘଟଣାସ୍ଥଳ ଆଉ କାଳାନ୍ତରକୁ ନେଇ ଯାଇ ଚିତ୍ରଣ କରିପାରେ। ତାହା ପୂର୍ବାବଲୋକନ (ଫ୍ଲାସ୍-ବ୍ୟାକ୍) କିମ୍ବା ଭବିଷ୍ୟାବଲୋକନ (ଫ୍ଲାସ୍-ଫରୱାର୍ଡ଼)କୌଶଳର ପ୍ରୟୋଗ ଦ୍ୱାରା ବର୍ତ୍ତମାନରୁ ଅତୀତ ଆଉ ଭବିଷ୍ୟତର ଝଲକ ମଧ୍ୟ ପ୍ରସ୍ତୁତ କରିପାରେ। ସ୍ୱପ୍ନ ଓ କଳ୍ପନା ଜଗତକୁ ମଧ୍ୟ ଅବତରିତ କରିପାରେ ଏବଂ ଅଦୃଶ୍ୟ ଅବଚେତନର ସ୍ମୃତି ଆଉ ଦ୍ୱନ୍ଦ୍ୱାତ୍ମକ ସ୍ଥିତିଗୁଡ଼ିକୁ ମଧ୍ୟ ଚେତନର ସ୍ତରକୁ ଆଣି ଦେଇପାରେ। ଶ୍ରାବ୍ୟ ନାଟକ ବିଶ୍ୱର ମାନବ ଜୀବନର ବ୍ୟତିରେକେ ମାନବେତ୍ତର ପ୍ରାଣୀ, ପ୍ରାକୃତିକ ତଥା ଅତି ପ୍ରାକୃତିକ ଶକ୍ତି, ନିର୍ଜୀବ ଜଡ଼ ପଦାର୍ଥ ଏବଂ ଏହି ପୃଥିବୀରେ ବାସ କରୁଥିବା ଲୋକଙ୍କ କାହାଣୀ ମଧ୍ୟ ପ୍ରତୀକ ପାତ୍ରର ମାଧ୍ୟମ ଦ୍ୱାରା ଅତି ସହଜ, ସ୍ୱାଭାବିକ ଢଙ୍ଗରେ ପରିବେଷଣ କରିପାରେ।

**ଶ୍ରବଣ-ଶକ୍ତିର ଆଧାରକୁ ଧ୍ୟାନରେ ରଖି ବେତାର ନାଟକ ପ୍ରସ୍ତୁତ କରାଯାଇଥାଏ।**

### ସମୟ ସୀମା

ଶ୍ରାବ୍ୟ ନାଟକର ଗୋଟିଏ ବିଶେଷ ଗୁଣ ହେଉଛି ତା'ର ସମୟ ସୀମା। ଶ୍ରବଣ-ଶକ୍ତିର ଆଧାରକୁ ଧ୍ୟାନରେ ରଖି ବେତାର ନାଟକ ପ୍ରସ୍ତୁତ କରାଯାଇଥାଏ। ସେଇଥିପାଇଁ ଅନାବଶ୍ୟକ ବିସ୍ତାର କିମ୍ବା ଚରମ ଉତ୍କର୍ଷର ପରମ ମୁହୂର୍ତ୍ତ ପରେ ପୁନଶ୍ଚ ଉପସଂହାରର ଅବତାରଣାର ବ୍ୟବସ୍ଥା ନ ଥାଏ। ଏହି ପ୍ରକାର ନାଟକର ସଫଳତା କଳେବରର ସଂକ୍ଷିପ୍ତତା, ଶବ୍ଦର ମିତବ୍ୟୟିତା, କାହାଣୀର ଏକାଗ୍ରତା, ପ୍ରଭାବ ଆଉ ପ୍ରବାହର ଗତ୍ୟାତ୍ମକତାରେ ନିହିତ ଥାଏ। ବେତାର ନାଟକର ଆରମ୍ଭ ଆକର୍ଷଣ ଆଉ କୌତୂହଳଜନକ, ଗତି ବା ବିକାଶ ଦ୍ୱନ୍ଦ୍ୱାତ୍ମକ, କୌତୂହଳପୂର୍ଣ୍ଣ ତଥା ଜିଜ୍ଞାସାବର୍ଦ୍ଧକ ଏବଂ ଅନ୍ତଃ ରସାନୁଭୂତିର ଆକସ୍ମିକ ଦୀପ୍ତିମନ୍ତ ପରିପ୍ରକାଶ ସହିତ ଚରମ – ଉତ୍କର୍ଷର ସମ୍ମୋହକ ଚିତ୍ରଣର ସମାହିତ ପୁଲକ ମଧ୍ୟରେ ଉପସ୍ଥାପିତ ହୋଇଥାଏ।

ଏହି ପରିପ୍ରେକ୍ଷୀରେ ଶ୍ରାବ୍ୟ ବା ବେତାର (ରେଡିଓ) ନାଟକର ଇତିହାସକୁ ତର୍ଜମା କଲେ ଜଣାଯାଏ ଯେ, ବ୍ରିଟିଶ୍ ଶାସନକାଳୀନ ଭାରତବର୍ଷରେ ସର୍ବ ପ୍ରଥମେ ରେଡିଓ ପ୍ରସାରଣ ମୁମ୍ବାଇ ଆଉ କୋଲକାତାରୁ ୧୯୨୭ ମସିହାରେ ଆରମ୍ଭ ହୋଇଥିଲା। କିନ୍ତୁ ତାହା କେବଳ ପ୍ରୟୋଗ ମାତ୍ର ଥିଲା। ଅଖିଳ ଭାରତୀୟ ସ୍ତରରେ ନିୟମିତ ଏବଂ ବ୍ୟବସ୍ଥିତ ରେଡିଓ (ବେତାର) ପ୍ରସାରଣ ସେତେବେଳେ ଆରମ୍ଭ ହେଲା, ଯେତେବେଳେ ବ୍ରିଟିଶ୍ ସରକାର ସ୍ୱ-ପ୍ରଚାର ବିଭାଗ ଅନ୍ତର୍ଗତ ୧୯୩୬ ମସିହାରେ 'ଅଲ୍ ଇଣ୍ଡିଆ ରେଡିଓ'ର ବିଧିବଦ୍ଧ ସ୍ଥାପନା କଲେ। ଆରମ୍ଭରୁ ହିଁ 'ଅଲ୍ ଇଣ୍ଡିଆ ରେଡିଓ'ର ସ୍ଥିତି ବ୍ରିଟେନର ରେଡିଓ ସଂସ୍ଥା ବି.ବି.ସି.ର ଗୋଟିଏ ଶାଖା ସଦୃଶ ଥିଲା। ୧୯୩୬ ମସିହାରେ ସ୍ଥାପିତ 'ଅଲ୍ ଇଣ୍ଡିଆ ରେଡିଓ'ର କାର୍ଯ୍ୟକ୍ରମରେ ବି.ବି.ସି.ର ରୀତି-ନୀତି ଅନୁରୂପ ନାଟକକୁ ମଧ୍ୟ ସ୍ଥାନ ଦିଆଯାଇଥିଲା। ଆରମ୍ଭରୁ ଏହାର ବିଭିନ୍ନ କେନ୍ଦ୍ରରୁ ରେଡିଓ ନାଟକ ଭାବରେ ହିନ୍ଦୀ, ଉର୍ଦ୍ଦୁ, ବଙ୍ଗଳା, ମରାଠୀ ଆଉ ତାମିଲ୍ ଆଦି ଭାରତୀୟ ଭାଷାର ପୁରୁଣା ଦୀର୍ଘକାୟ ରଙ୍ଗମଞ୍ଚୀୟ ନାଟକଗୁଡ଼ିକର ଅଂଶ ବିଶେଷ ସବୁକୁ ପ୍ରଚାର କରାଯାଉଥିଲା। ପରେ ଭାରତୀୟ ବିଶ୍ୱବିଦ୍ୟାଳୟମାନଙ୍କରେ ପଢ଼ାଯାଉଥିବା ସ୍ୱଳ୍ପ ଅବଧିର ଇଂରାଜୀ ଏକାଙ୍କିକା, ବି.ବି.ସି.ର ବେତାର ନାଟକ ତଥା ଲଘୁ ପ୍ରହସନଗୁଡ଼ିକର ଭାରତୀୟ ଭାଷାନୁବାଦ ଅଥବା ଛାୟାନୁବାଦ ପ୍ରସାରିତ ହେବାକୁ ଲାଗିଲା। ଏହାଦ୍ୱାରା ଅନୁପ୍ରାଣିତ ହୋଇ କିଛି ଯୁବ ଲେଖକ ଏକାଙ୍କିକାର ବେତାର (ଶ୍ରାବ୍ୟ) ମାଧ୍ୟମ ପ୍ରତି ଆକୃଷ୍ଟ ହେଲେ ଏବଂ ରେଡିଓ ନାଟ୍ୟ-ରଚନାର ପ୍ରୟୋଗ ଆରମ୍ଭ କଲେ। ଏହି ଆଧାର ଉପରେ ବିଚାର କରି ଏହା ସ୍ୱୀକାର କରାଯାଏ ଯେ, ଭାରତରେ ବେତାର ନାଟକର ପ୍ରକୃତ ସ୍ୱରୂପର ଜନ୍ମ 'ଅଲ୍ ଇଣ୍ଡିଆ ରେଡିଓ'ର ସ୍ଥାପନା ପରେ ହିଁ ହେଲା ଏବଂ ଏହାର ବିକାଶ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସମ୍ଭବ ହୋଇପାରିଥିଲା। ସେଥି

ସହିତ ଏକଥା ମଧ୍ୟ ସ୍ୱୀକାର କରାଗଲା ଯେ 'ଅଲ୍ ଇଣ୍ଡିଆ ରେଡିଓ' ଯୋଗୁ ହିଁ ଭାରତରେ ଏକାଙ୍କିକା ନାଟ୍ୟ-ପ୍ରକ୍ରିୟାକୁ ଦେଶ ବ୍ୟାପୀ ଲୋକପ୍ରିୟତା ମିଳିପାରିଲା।

ଆକାଶବାଣୀର ସେହି ପ୍ରାରମ୍ଭିକ ଯୁଗରେ ପ୍ରତ୍ୟେକ ତିରିଶ ମିନିଟ୍ କିମ୍ବା ପଇଁଚାଳିଶି ମିନିଟ୍‌ର ମୌଳିକ ନାଟକର ଆବଶ୍ୟକ ଥିଲା। ଫଳରେ ପ୍ରାୟ ସମସ୍ତ ପ୍ରମୁଖ ଭାରତୀୟ ଭାଷାର ଅନେକ ନାଟ୍ୟକାର ଅଳ୍ପ ଅବଧିର ଏପରି ନାଟକ ଲେଖିବା ଆରମ୍ଭ କଲେ, ଯାହାକି ଗୋଟିଏ ପକ୍ଷରେ ବେତାର ମାଧ୍ୟମରେ ପ୍ରସାରିତ ହେଉଥିଲା, ଏବଂ ଅନ୍ୟ ପକ୍ଷରେ ପତ୍ରପତ୍ରିକା କିମ୍ବା ପୁସ୍ତକ ଆକାରରେ ଏକାଙ୍କିକା ନାମରେ ପ୍ରକାଶିତ ହେଉଥିଲା। ଫଳରେ ଏହି ପ୍ରକ୍ରିୟା ହେତୁ ରେଡିଓର ପ୍ରତ୍ୟକ୍ଷ ଅଥବା ପରୋକ୍ଷ ପ୍ରଭାବ ଦ୍ୱାରା ପ୍ରାୟ ସମସ୍ତ ଭାରତୀୟ ଭାଷାରେ ନାଟ୍ୟ-ସାହିତ୍ୟ ବିକଶିତ ଆଉ ସମୃଦ୍ଧ ହେବାକୁ ଲାଗିଲା।



ଭାରତରେ ପ୍ରାରମ୍ଭିକ କାଳରେ ଶ୍ରାବ୍ୟ ବା ବେତାର ନାଟକର ପ୍ରଚାର ପର୍ଯ୍ୟାପ୍ତ ପରିମାଣରେ ହୋଇପାରି ନ ଥିଲା। କାରଣ ସ୍ୱରୂପ ମହିଳାମାନଙ୍କର ନାଟକ ପରିବେଷଣରେ ଅଂଶଗ୍ରହଣ କରିବା ପ୍ରତି ଅନାଗ୍ରହ ଭାବ ବୋଲି ଗବେଷକମାନେ ଦର୍ଶେଇଛନ୍ତି। ତେବେ କଲିକତା ବେତାରକେନ୍ଦ୍ର ସ୍ଥାପନା ପରେ ଅନେକ ନାଟକ ପ୍ରସ୍ତୁତ ହୋଇ ପ୍ରସାରିତ ହୋଇଥିଲା। ସେହି କେନ୍ଦ୍ରରୁ ଓଡ଼ିଆ କାର୍ଯ୍ୟକ୍ରମ ପ୍ରଚାରିତ ହେଉଥିବା ବେଳେ ଅଶ୍ୱିନୀ କୁମାରଙ୍କର 'ମାଲୁଣୀ', ଯତୀନ ଦାସଙ୍କ 'ନିର୍ଯ୍ୟାତିତା', ରଘୁନାଥ ଦାସଙ୍କ 'ଝଡ଼', ସୁରେନ୍ ମହାନ୍ତିଙ୍କ 'ଯଦି ଦୁଃଖ ଦେଇଛ ପ୍ରଭୁ' ଆଦି ନାଟକମାନ ପ୍ରସାରିତ ହୋଇ ଓଡ଼ିଆ ବେତାର ନାଟକର ଭିତ୍ତିଭୂମି ସ୍ଥାପିତ ହୋଇପାରିଥିଲା।

## ମଞ୍ଚନାଟକର ବେତାରରୂପ

ଓଡ଼ିଶାରେ ୧୯୪୮ ମସିହାରେ ବେତାର କେନ୍ଦ୍ର ସ୍ଥାପିତ ହେବା ପରେ ଅନେକଗୁଡିଏ ମଞ୍ଚ ନାଟକର ବେତାର ନାଟ୍ୟ-ରୂପ ଏବଂ ସମ୍ପୂର୍ଣ୍ଣ ଭାବରେ ଶ୍ରାବ୍ୟ ମାଧ୍ୟମ ନିମନ୍ତେ ସ୍ୱତନ୍ତ୍ର ଭାବରେ ରଚିତ ନାଟକମାନ ପ୍ରସାରିତ ହୋଇଥିଲା। ସେଗୁଡିକ ମଧ୍ୟରେ ମାୟାଧର ମାନସିଂହଙ୍କ 'ନଷ୍ଟନୀଡ଼', କବିଚନ୍ଦ୍ର କାଳୀଚରଣଙ୍କ 'ଭାତ', ଅଶ୍ୱିନୀ କୁମାରଙ୍କ 'ଶ୍ରୀମନ୍ଦିର' ଇତ୍ୟାଦି ମଞ୍ଚ ନାଟକର ବେତାର ନାଟ୍ୟରୂପ ଏବଂ ସମ୍ପୂର୍ଣ୍ଣ ବେତାର ନାଟକ ଯଥା-ଯତୀନ୍ ଦାସଙ୍କ 'ଅଭିଶାପ', ଶକୁନ୍ତଳା ଦେବୀଙ୍କ 'ନଣ୍ଡାଫୁଲ ଘାଟ', ଜାନକୀ ବଲ୍ଲଭ ମହାନ୍ତିଙ୍କର 'ହୁସିଆର', କାଳୀଚରଣଙ୍କର 'ଅରୂପର ଶିଳ୍ପୀ', ଲାଲା ନଗେନ୍ଦ୍ର କୁମାର ରାୟଙ୍କର 'ଅଶୋକ' ପ୍ରଭୃତି ନାଟକ ଉଲ୍ଲେଖଯୋଗ୍ୟ।

ଏହି ସମୟ ଖଣ୍ଡରେ ସଫଳ ମଞ୍ଚ ନାଟ୍ୟକାରଙ୍କ ବ୍ୟତୀତ ଅନେକ ନୂତନ ନାଟ୍ୟକାର ବେତାର ମାଧ୍ୟମ ନିମନ୍ତେ ନାଟକମାନ ରଚନା କରିଥିଲେ। ସେମାନଙ୍କ ମଧ୍ୟରୁ କେତେକ ପରବର୍ତ୍ତୀ କାଳରେ ସଫଳ ବେତାର ନାଟ୍ୟକାର ଭାବରେ ପ୍ରତିଷ୍ଠା ଲାଭ କଲେ। ଆଉ କେହି କେହି କାର୍ଯ୍ୟାନ୍ତର ଦୃଷ୍ଟିରୁ ବେତାରଠାରୁ ଦୂରେଇଗଲେ। ପୁନଶ୍ଚ ଏହି ସମୟର ନାଟକକୁ ଦୁଇଭାଗରେ ବିଭକ୍ତ କରାଯାଇପାରେ। ଯଥା: କ. ସଫଳ ମଞ୍ଚ ନାଟକର ବେତାର ରୂପାୟନ, ଖ. ବେତାର ନିମନ୍ତେ ରଚିତ ସ୍ୱତନ୍ତ୍ର ନାଟକ। ୧୯୩୯ ମସିହାରୁ ୧୯୪୯ ମସିହା ମଧ୍ୟରେ ରଚିତ ଶ୍ରାବ୍ୟ ନାଟକରେ ସଂଳାପର କଳାତ୍ମକ ବ୍ୟବହାର ମଧ୍ୟ ବହୁଳ ଭାବରେ ପ୍ରୟୋଗ କରଯାଇଥିଲା।

ଓଡ଼ିଆ ବେତାର ନାଟକରେ ଦ୍ୱିତୀୟ ଦଶକ ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମଞ୍ଚକୁ ବାଦ୍ ଦେଇ ନାଟକର ଏହି ନୂତନ ମାଧ୍ୟମ (ଶ୍ରାବ୍ୟ-ବେତାର) ନିମନ୍ତେ ନାଟ୍ୟପ୍ରେମୀମାନଙ୍କ ମଧ୍ୟରେ କୌତୂହଳ ସାଙ୍ଗକୁ ଆଗ୍ରହ ଭରି ରହିଥିଲା। ନାଟକ ଶୁଣି ପ୍ରତିକ୍ରିୟା ମଧ୍ୟ ପ୍ରକାଶ କରୁଥିଲେ ସେମାନେ। ଫଳତଃ ଲେଖକ, କଳାକାର, ପ୍ରଯୋଜକ ସାମଗ୍ରିକ ଭାବରେ ଆକାଶବାଣୀ ଏବଂ ଶ୍ରୋତା ଉଭୟଙ୍କ ମଧ୍ୟରେ ଏକ ପ୍ରୀତିପୂର୍ଣ୍ଣ ସମ୍ପର୍କର ସେତୁ ଗଢ଼ି ଉଠିଥିଲା। ତେଣୁ ଶ୍ରାବ୍ୟ ମାଧ୍ୟମରେ ପ୍ରଚାରିତ ନାଟକ ଅଧିକରୁ ଅଧିକ ଆଦୃତ ହେବାରେ ଲାଗିଲା। ଏହି ସମୟରେ କେବଳ ମଞ୍ଚ ନାଟକ ନୁହେଁ, ସଫଳ ଉପନ୍ୟାସ, ଗଳ୍ପ, ଏବଂ ନାଟକର ବେତାର ନାଟ୍ୟ ରୂପାନ୍ତର ସାଙ୍ଗକୁ ଧାରାବାହିକ ନାଟକ ମାନ ମଧ୍ୟ ପ୍ରସାରିତ ହେଲା। ବିଶିଷ୍ଟ ନାଟ୍ୟକାର ଗୋପାଳ ଛୋଟରାୟ, ସୁରେନ୍ ମହାନ୍ତି, କାଳୀଚରଣ ପଟ୍ଟନାୟକ, ଭଞ୍ଜକିଶୋର ପଟ୍ଟନାୟକ, ଉଦୟନାଥ ମିଶ୍ର, ନରସିଂହ ମହାପାତ୍ର, କାଳିନ୍ଦୀ ଚରଣ ପାଣିଗ୍ରାହୀ, ନୟନ କିଶୋର

ମହାନ୍ତି, ରାଜକିଶୋର ରାୟ, ପ୍ରଭାତ ମୁଖାର୍ଜୀ ପ୍ରମୁଖଙ୍କ ସାଙ୍ଗକୁ ଅନ୍ୟାନ୍ୟ ଅନେକ ନାଟ୍ୟକାରଙ୍କ ଦ୍ୱାରା ନୂତନ ଶୈଳୀରେ ନାଟକମାନ ପ୍ରସ୍ତୁତ କରି ପ୍ରଚାର କରିବାର ବ୍ୟବସ୍ଥା କରାଯାଇଥିଲା। ଗବେଷକ ତଥା ଆକାଶବାଣୀର ବରିଷ୍ଠ ପ୍ରଶାସକ ଡକ୍ଟର ଜୟନ୍ତ କୁମାର ଦାସଙ୍କ ମତରେ, '୧୯୪୮ରୁ ୧୯୬୦ ଏହି ବାରବର୍ଷର ସମୟ ବେତାର ନିମନ୍ତେ ଥିଲା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏହାର ପ୍ରଥମ ପାଞ୍ଚ ବର୍ଷକୁ ଅନୁକରଣ, ଦ୍ୱିତୀୟ ପାଞ୍ଚ ବର୍ଷକୁ ଅନୁସରଣ, ଏବଂ ଶେଷ ଦୁଇ ବର୍ଷକୁ ପରୀକ୍ଷାର ଆରମ୍ଭ କାଳ ରୂପେ ଗ୍ରହଣ କରାଯାଇପାରେ। ଏଣୁ ଏହା ହିଁ ହେଉଛି ବେତାର ନାଟକର ପ୍ରସ୍ତୁତିପର୍ବ।'

## ବିକାଶର ପର୍ବ

ପରବର୍ତ୍ତୀ ଦଶକ (୧୯୬୦-୭୦) ହେଉଛି ବିକାଶର ପର୍ବ। ପୂର୍ବ ଦଶକରେ ଯେଉଁ ସବୁ ପରୀକ୍ଷା ନିରୀକ୍ଷାର ସୂତ୍ରପାତ ହୋଇଥିଲା, ଏହି ଦଶକରେ ହିଁ ପୂର୍ଣ୍ଣ ଭାବରେ ବିକଶିତ ହେଲା। ଦୁଇ ଦୁଇଟି ଯୁଦ୍ଧ ଏବଂ ତଦ୍‌ଜନିତ ପ୍ରଭାବ ପକାଇବ ଏହି ସମୟରେ ଶ୍ରାବ୍ୟ ନାଟକର ଧାରାକୁ ନିୟନ୍ତ୍ରଣ କରିଥିଲା। ସମଗ୍ର ଦେଶକୁ ଏକତାର ସୂତ୍ରରେ ବାନ୍ଧି ରଖିବା ପାଇଁ ବେତାର ନାଟକର ଭୂମିକା ଥିଲା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏହି ପର୍ଯ୍ୟାୟରେ ଏକପାତ୍ରୀ ନାଟକ ସହିତ ଅପେରା ତଥା ଗୀତିନାଟ୍ୟ ପ୍ରଚାର ଆରମ୍ଭ କରାଯାଇଥିଲା। ସେହିପରି ଜାତୀୟ ନାଟକର ପ୍ରସାରଣ ମଧ୍ୟ ଏହି ଦଶକରେ କରାଯାଇ ନାଟକକୁ ଜାତୀୟ ସ୍ତରରେ ପହଞ୍ଚାଇବାର ବ୍ୟବସ୍ଥା କରାଗଲା। ସମକାଳୀନ ବିଶିଷ୍ଟ ନାଟ୍ୟକାର ମନୋରଞ୍ଜନ ଦାସ, ରାମଚନ୍ଦ୍ର ମିଶ୍ର, ପର୍ଶୁରାମ ପଟ୍ଟନାୟକ, ବିଶ୍ୱଜିତ୍ ଦାସ, ଶ୍ରଦ୍ଧାକର ସୂପକାର, ସରଳା ଦେବୀ, ବୀଣା ଦେବୀ, ଅକ୍ଷୟ କୁମାର ମହାନ୍ତି, ବେତାର ନାଟକର ଗୁରୁଦାୟିତ୍ୱ ବହନ କରିଥିଲେ। ତେଣୁ ମନୋରଞ୍ଜନର ଏକ ଅପରିହାର୍ଯ୍ୟ ମାଧ୍ୟମ ହୋଇପଡ଼ିବା ଫଳରେ ବେତାର ନାଟକ ଉଦ୍ଭବ କାଳରେ ଯେଉଁ ମନ୍ଥରଣ ଥିଲା, ତାହା ଆଲୋଚ୍ୟ ସମୟରେ କ୍ଷିପ୍ର ବେଗରେ ଗତି କରିପାରିଲା। ଫଳରେ ପରବର୍ତ୍ତୀ ସମୟରେ (୧୯୭୦- ଅଦ୍ୟାବଧି) ସମୟ ଓଡ଼ିଆ ବେତାର ନାଟକ ବହୁଧା ବିଭକ୍ତ ତା'ର ପରିସର ସ୍ୱରୂପ ଏବଂ ଆଙ୍ଗିକରେ ଆତ୍ମପ୍ରକାଶ କରି ଏକ ସ୍ୱୟଂସମ୍ପନ୍ନ ନାଟ୍ୟକଳାରେ ପରିଣତ ହୋଇ ପଡ଼ିଛି। ଏହି ସମୟରେ ନାଟ୍ୟକାରମାନଙ୍କ ସହିତ ଏହି ଦୀର୍ଘ ସମୟ ମଧ୍ୟରେ ନୂତନ ଚିନ୍ତା ନେଇ ବହୁ ନାଟ୍ୟକାର ବର୍ଣ୍ଣିତ ପ୍ରକ୍ରିୟାରେ ଯୋଗ ଦେବାରୁ ଶ୍ରାବ୍ୟ ନାଟ୍ୟଧାରାଟି କ୍ରମଶଃ ଅଧିକରୁ ଅଧିକ ଶକ୍ତିଶାଳୀ ହୋଇଉଠିଲା। ପ୍ରାଣବନ୍ଧୁ କର, ଦାଶରଥି ପ୍ରସାଦ ଦାସ, ହିମାଂଶୁ ଭୂଷଣ ସାବତ, ବିଜୟ ମିଶ୍ର, ରାମଚନ୍ଦ୍ର ବେହେରା, ହରିହର ମିଶ୍ର, ଶରତଚନ୍ଦ୍ର ମୂଳିଆ, ରତ୍ନାକର ଚଇନି, ରମେଶଚନ୍ଦ୍ର ପାଣିଗ୍ରାହୀ, କାର୍ତ୍ତିକଚନ୍ଦ୍ର ରଥ, ରଜତ କୁମାର କର, ପ୍ରଫୁଲ୍ଲ କୁମାର ରଥ, ମଙ୍ଗୁଲୁ ଚରଣ ବିଶ୍ୱାଳ, ରାମଚନ୍ଦ୍ର ମିଶ୍ର, ରମାପଦ ନନ୍ଦ, ରତି ମିଶ୍ର, କୁଞ୍ଜ ରାୟ, ପଞ୍ଚାନନ ପାତ୍ର, ନୀଳାଦ୍ରି ଭୂଷଣ ହରିଚନ୍ଦନ, ନାରାୟଣ ସାହୁ, ସନ୍ତୋଷ କୁମାର ପ୍ରଧାନ, ଉମାଶଙ୍କର ପଣ୍ଡା, ପଞ୍ଚାନନ ମିଶ୍ର, କେଶରଖ ପ୍ରଧାନ, ଚିନ୍ମୟ କୁମାର ଦାସ ପଟ୍ଟନାୟକ, ବ୍ରଜେନ୍ଦ୍ର ନାୟକ, ସତ୍ୟରଞ୍ଜନ ବେହେରା, ଅଶୋକ ବହିଦାର, ନକୁଳ ବାଦୀ, ତରୁଣକାନ୍ତି ରାଉତ, ପଦ୍ମଲୋଚନ ଦାସ, ଅଶୋକ ମିଶ୍ର, ବସନ୍ତ ମହାନ୍ତି, ମୃଣାଳ ଚାଟାର୍ଜୀ, ପ୍ରଦୀପ ଡି. ମାଝୀ, ପରମେଶ୍ୱର ମୁଣ୍ଡ, ଆଶିଷ କୁମାର ସୋନାର ପ୍ରମୁଖ ନାଟ୍ୟକାରଙ୍କ ଯୋଗଦାନ ବେତାର ନାଟକର ସଂଖ୍ୟା ବୃଦ୍ଧି କରିବା ସଂଗେ ସଂଗେ ତାହାର ଗୁଣାତ୍ମକ ଅଭିବୃଦ୍ଧି କରିବାକୁ ସକ୍ଷମ ହୋଇପାରିଛି।

**ସ୍ୱପ୍ନ ହେଉଛି ଏପରି ଗୋଟିଏ ନାଟକ ଯେଉଁଥିରେ ଆମେ ଏକାଧାରରେ ନାଟ୍ୟକାର, ଅଭିନେତା ଏବଂ ଦର୍ଶକର ଭୂମିକା ଗ୍ରହଣ କରିଥାଉ।**

ନାଟ୍ୟ-ପଣ୍ଡିତମାନଙ୍କ ମତରେ ସତ୍ୟକୁ ହିଁ କେବଳ କଳ୍ପନା ମଧ୍ୟରେ ଆବିଷ୍କାର କରାଯାଇପାରେ। କାଳ୍ପନିକ ନାଟକ ହେଉଛି ନିଛକ ସତ୍ୟର ନାଟକ। ସ୍ୱପ୍ନ ହେଉଛି ଏପରି ଗୋଟିଏ ନାଟକ ଯେଉଁଥିରେ ଆମେ ଏକାଧାରାରେ ନାଟ୍ୟକାର, ଅଭିନେତା ଏବଂ ଦର୍ଶକର ଭୂମିକା ଗ୍ରହଣ କରିଥାଉ। ଆଉ ଏଇ କଥାକୁ ପରିପ୍ରକାଶ କରି ଏକ ଆମୋଦଦାୟକ ସ୍ୱପ୍ନିଳ ପରିବେଶ ସୃଷ୍ଟି କରିପାରିବାରେ ହିଁ ଶ୍ରାବ୍ୟ-ନାଟକ ଶ୍ରେଷ୍ଠ ଆଉ ବଳିଷ୍ଠ ଭୂମିକା ନିର୍ବାହ କରିପାରିଛି।

□□

ଲେଖକଙ୍କ ଇ-ମେଲ୍ ଠିକଣା:
pradiptasrichandan001956@gmail.com

ଗଳ୍ପ




# ପୁନର୍ଜନ୍ମ

ଅଧ୍ୟାପକ ବିଶ୍ୱରଂଜନ

ଶ୍ରୀକ୍ଷେତ୍ରର ସିଂହଦ୍ୱାର ଦେଇ ସ୍ୱର୍ଗଦ୍ୱାର ଆଡ଼କୁ ପାଦ ବଢ଼େଇଲା ବେଳକୁ କେହି ଜଣେ ମୋତେ ପଛରୁ ଟାଣି ଧରିଲା। ପଚାରିଲା - କୁଆଡ଼େ ଯାଉଛ ?

ପଛକୁ ଫେରି ଚାହିଁଲି। ଦେଖିଲି, ପବନରେ ଦୋଳାୟିତ ଏକ ଉଜ୍ଜ୍ୱଳ ଦୀପଶିଖା। ସେଇ ଦୀପାଲୋକ ଭିତରୁ ଭାସି ଆସୁଥିଲା କୋମଳ ସ୍ୱରଟିଏ - 'ତୁମ ଚାରିପଟେ ପ୍ରେମର ପୃଥିବୀ। ଏ ପୃଥିବୀ ଗଢ଼ିବାରେ ତୁମର ବି ଭୂମିକା ରହିଛି। ତେବେ କାହିଁକି ଏତେ ଶୀଘ୍ର ଭୂମିତ୍ୟାଗ କରି ପଳେଇଯିବାକୁ ବସିଛ। ସ୍ମରଣ କରୁଛ ମୃତ୍ୟୁଦେବତାଙ୍କୁ। ମୁହଁ ଫେରେଇ ନେଉଛ ପ୍ରେମର ଦେବୀ-ଦେବତାଙ୍କ ପାଖରୁ।'



ମୁଁ କହିଲି, 'ପ୍ରେମର ପୂଜା-ଅର୍ଚ୍ଚନାରେ ମୋର ଦୀର୍ଘ ଆୟୁକାଳ ବିତିଲାଣି। ଦେଖିଲିଣି ପ୍ରେମର ବିବିଧ ରୂପରଙ୍ଗ। ଶୁଣିଲିଣି ଢେର ପ୍ରେମୀ ଜୀବନର ସ୍ୱର ଓ ସଂଳାପ। ଲେଖିଲିଣି ତା'ର ଅସରନ୍ତି କଥା ଓ କବିତା। ଆଉ ଅବସୋସ କିଛି ନାହିଁ। ଖାଲି ଅବଶେଷକୁ ଆପଣେଇ ନେବାର କଥା।'

'ଅବଶେଷ କ'ଣ ମୃତ୍ୟୁ ?' ଦୀପଶିଖା ଭିତରୁ ସ୍ୱତଃ ଉଚ୍ଚାରିତ ପ୍ରଶ୍ନଟିଏ। ଏକ ପ୍ରକାର ବିସ୍ମିତ ଓ ବିସ୍ମୃତ ଅବସ୍ଥାରେ ପାଦ ମୋର ଅଟକିଗଲା।

କହିଲି, 'ସ୍ୱୀକାର କରୁଛି, ମୃତ୍ୟୁ ଜୀବନର ଶେଷକଥା ନୁହେଁ। ମାତ୍ର ମୃତ୍ୟୁ ମଧ୍ୟ ଜୀବନର ବିପରୀତ ନୁହେଁ। ଜୀବନ ଓ ମୃତ୍ୟୁ ସମାନ୍ତରାଳ ଭାବରେ ଚାଲିଥାଆନ୍ତି। ମାତ୍ର ଦିନେ ନା ଦିନେ ଗୋଟିଏ ବିନ୍ଦୁରେ ମିଳିତ ହୁଅନ୍ତି। ମୋର ଯାତ୍ରା ଏବେ ସେଇ ମିଳନ ପଥରେ।'

ପବନରେ ଦୋଳାୟିତ ଦୀପଶିଖାର କମ୍ପିତ ସ୍ୱର - 'ଫେରିଆସ ତୁମ ଯାତ୍ରାପଥରୁ। ଏବେ ବି ଜୀବନ ତୁମ ଅପେକ୍ଷାରେ।'

ଦେଖିଲି, ନିର୍ବାପିତ ହୋଇଗଲା ଦୀପଶିଖା। ଚତୁର୍ଦ୍ଦିଗରେ ଉଦ୍‌ଭାସିତ ଉଷାର ବର୍ଣ୍ଣବିଭା।

ନୂତନ ଉଷାର ଉଦୟପର୍ବ। ସାମ୍ନାରେ ଉଭା ହୋଇଛି 'ଉଷା'ର ପ୍ରତୀକରୂପୀ ପ୍ରତିମାଟିଏ।

ମୁଁ ପ୍ରଶ୍ନ କରୁଛି, 'କିଏ ତୁମେ ?'

ସ୍ମିତହାସ୍ୟରେ ପ୍ରତିମାଟି ଉତ୍ତର ଦେଉଛି, 'ତୁମେ କୁହ, ମୁଁ କିଏ ?'

'ତମେ କ'ଣ ମୋର ମା' - ଯିଏ ତା'ର ପଣତକାନିରେ ମୋତେ ପୁଣି ଜରାମୁକ୍ତ କରି ବାନ୍ଧି ରଖିବାକୁ ଚାହେଁ? ତମେ କ'ଣ ମନୀଷା - ମନସ୍ୱିନୀ, ଯିଏ ତା'ର ଜୀବନମନ୍ତ୍ରରେ ମୋତେ ସବୁଦିନ ପାଇଁ ଅଭିମନ୍ତ୍ରିତ କରି ରଖିବାକୁ ଚାହେଁ? କିଏ ତମେ ?' - ଜାଣିବାକୁ ମନର ସ୍ୱାଭାବିକ ଆଗ୍ରହ। ଉତ୍କଣ୍ଠା।

ନିରବ, ନିରୁତ୍ତର ସେହି ପ୍ରଭାତ-ପ୍ରତିମା। ମୁଖମଣ୍ଡଳରେ କେବଳ ସ୍ମିତହାସ୍ୟର ମାଧୁରିମା। ସେଇ ହସ ଭିତରୁ ମୁଁ କିନ୍ତୁ ଦେଖୁଥିଲି ମା-ମାନସୀ-ମନୀଷାର ତ୍ରିଶକ୍ତିରେ ସମନ୍ୱିତା ନାରୀଟିଏ। 'ଉଷା'ର ନୂତନ ପ୍ରତିମା ଓ ପ୍ରତିଭୂଟିଏ, ଯିଏ ତା'ର ପ୍ରସାରିତ ସ୍ନେହାର୍ଦ୍ର ପଣତରେ ମୋତେ ଘୋଡ଼େଇ ଦେଇ ଗୀତଟିଏ ଗାଉଥିଲା - 'ଧୋରେ ବାୟା ଧୋ, ଯେଉଁ କିଆରୀରେ ଗହଳ ମାଣ୍ଡିଆ, ସେଇ କିଆରୀରେ ଶୁଅ।'

ଧୀରେ ଧୀରେ ମୁଦି ହୋଇ ଆସୁଥିଲା ମୋ ଆଖିପତା।

ଦୂରରୁ ଦୂରକୁ ଘୁଞ୍ଚିଯାଉଥିଲା ସ୍ୱର୍ଗଦ୍ୱାର।

ମୋ ପାଇଁ ଏନ୍ତୁଡ଼ିଶାଳର ନିଆଁ ଜଳୁଥିଲା।

□□

ଲେଖକଙ୍କ ଇ-ମେଲ ଠିକଣା:
prof.biswaranjan@gmail.com

ସାକ୍ଷାତ୍‌କାର

# ବରିଷ୍ଠ କବୟିତ୍ରୀ ମନୋରମା ବିଶ୍ୱାଳ ମହାପାତ୍ରଙ୍କ ସହ ସାରସ୍ୱତ ଆଳାପ

*ମନୋରମା ବିଶ୍ୱାଳ ମହାପାତ୍ର (ଜନ୍ମ: ୧୯୪୮) ଉତ୍ତର-ଆଧୁନିକ ଓଡ଼ିଆ କବିତାର ଏକ ସୁପରିଚିତ ସ୍ୱର । ଜଣେ ପ୍ରବୀଣ କବୟିତ୍ରୀ ହେବା ସହିତ ସେ ମଧ୍ୟ ଜଣେ ବିଶିଷ୍ଟ ସମାଲୋଚିକା ଓ ଶିଶୁସାହିତ୍ୟିକା ଭାବରେ ପରିଚିତ । ନିଜର ଏକ କବିତା ସଂକଳନ ପାଇଁ ସେ ଓଡ଼ିଆ ସାହିତ୍ୟ ଏକାଡେମୀ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି । ତାଙ୍କର ଅନେକ ପୁସ୍ତକ ଲୋକାଦୃତ । ବହୁ ବର୍ଷ ଧରି ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନର ଓଡ଼ିଆ ବିଭାଗରେ ଅଧ୍ୟାପନା କରିବା ପରେ ସେ ସେବାନିବୃତ୍ତ ହୋଇଛନ୍ତି । ତାଙ୍କ ସହିତ ବାର୍ତ୍ତାଳାପ କରିଥିଲେ 'ସାହିତ୍ୟ ଚର୍ଚ୍ଚା'ର ସମ୍ପାଦକ ନିହାର ଶତପଥୀ ।*



**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କର ଅଧିକାଂଶ କବିତା ଅତୀତାଶ୍ରୟୀ; ବିଶେଷତଃ ଆପଣ ପଛରେ ଛାଡ଼ି ଆସିଥିବା ଗାଆଁ ମାଟିକୁ ଝୁରି ହେଉଥାଆନ୍ତି । ଏମିତି କାହିଁକି ?

**ମନୋରମା ବିଶ୍ୱାଳ ମହାପାତ୍ର:** ମୋ'ର ପିଲାଦିନ ତ ଗାଆଁରେ କଟିଛି । ଆମର ସମୁଦ୍ରକୂଳିଆ ଗାଁ, ନାଆଁଟି ତା'ର ଜଗାଇ । ସୁବର୍ଣ୍ଣରେଖା ନଦୀ ବି ପାଖାପାଖି । ଯେହେତୁ ମୁଁ ମୋ ଗାଆଁକୁ ଭାରି ଭଲପାଏ, ତେଣୁ ନିରବଧି ତାହାକୁ ଝୁରିହେଉଥାଏ ।

**ସାହିତ୍ୟ ଚର୍ଚ୍ଚା:** ଏହି ଅତୀତ ପ୍ରବଣତାର ଛାପ ଆପଣଙ୍କ ସାହିତ୍ୟିକ ସର୍ଜନାରେ ମଧ୍ୟ ଦିଶିଯାଏ ।

**ମନୋରମା:** ମୋର ଅନେକ କବିତାରେ ଥାଏ ଗାଆଁର କଥା, ସେଠିକାର ଲୋକଙ୍କର କଥା, ସେଠାର ଫୁଲ, ବଣ, ବିଲ - ଏଇସବୁ ବିଶେଷ ଭାବରେ ସ୍ଥାନିତ ହୋଇଛି ସେଥିରେ ।

**ସାହିତ୍ୟ ଚର୍ଚ୍ଚା:** ଆପଣ ନିଜର ବହି 'ସମଗ୍ର କବିତା'ର ମୁଖବନ୍ଧରେ କହିଛନ୍ତି, 'ବାରମ୍ବାର ଇଚ୍ଛା ହୁଏ ଆଉଥରେ ଜନ୍ମ ନେବି କବି ହୋଇ ଆସନ୍ତା ଜନ୍ମରେ ଏଇ ଗାଁ'ରେ ।' ଆପଣଙ୍କ ଦ୍ୱାରା କବିତାରେ ପଲ୍ଲୀ ମାଟିର ଚିତ୍ରଣ ଆହୁରି କିଛିଟା ଅଧୁରା ରହିଯାଇଛି କି, ଯାହାକୁ ଆପଣ ସାରିବାକୁ ଚାହାନ୍ତି ଆଗାମୀ ଜନ୍ମରେ ?

**ମନୋରମା:** ବେଳେ ବେଳେ ମୁଁ ଭାବେ ଯେ, ଜନ୍ମ ହେବି କବି ହୋଇ ଆସନ୍ତା ଜନ୍ମରେ, ଆମରି ଗାଆଁରେ ।

ଏଇଟା ମୋ କବି ମନର ଗୋଟିଏ ଆକାଂକ୍ଷା, ଗୋଟିଏ ବାସନା।

**ସାହିତ୍ୟ ଚର୍ଚ୍ଚା**: ଆପଣଙ୍କ କବିତାର ଆଉ ଗୋଟିଏ ଅନ୍ତଃସ୍ୱର ହେଲା ରୋମାନ୍ସ। ଏଥିରେ ଥିବା 'ମୁଁ'ର ପର୍ସୋନା ବା କବିସତ୍ତାଟି ଆପଣଙ୍କ ବ୍ୟକ୍ତିଗତ ଜୀବନର କେତେ ନିକଟତର? ଅର୍ଥାତ୍ ଆପଣଙ୍କ କବିତାରେ ପ୍ରକାଶିତ ହୋଇଥିବା ରୋମାଣ୍ଟିକ୍ ଭାବ ଆପଣଙ୍କ ବାସ୍ତବ ଜୀବନର ରୋମାନ୍ସ ଦ୍ୱାରା ମଧ୍ୟ ପ୍ରଭାବିତ କି?

**ମନୋରମା**: ବ୍ୟକ୍ତିଗତ ଜୀବନର ପ୍ରତିଫଳନ କଥା ଯାହା କହିଲେ, ଜଣେ କବି ତ ମୂଳତଃ ନିଶ୍ଚିତ ଭାବରେ ରୋମାଣ୍ଟିକ୍ ହୋଇଥାଏ। ସେହି ରୋମାଣ୍ଟିସିଜମ୍ ନ ଥିଲେ ତା' କବିତାରେ ସୌକୁମାର୍ଯ୍ୟ କେଉଁଠୁ ବା ଆସିବ? ତେବେ, କେବଳ ପ୍ରେମକୁ ନେଇ ଯେ ରୋମାଣ୍ଟିକ ଭାବନା ଆସେ ତାହା ନୁହେଁ, ଦେଶପ୍ରେମକୁ ନେଇ ମଧ୍ୟ ରୋମାଣ୍ଟିକ ଭାବନାର ଉଦ୍ରେକ ହୋଇପାରେ; ପ୍ରକୃତିକୁ ନେଇ ମଧ୍ୟ ହୋଇପାରେ।

> **ଜଣେ କବିର ବ୍ୟକ୍ତିଗତ ଜୀବନ ଓ ତା'ର କାବ୍ୟ ଜୀବନ ଭିତରେ ଯଦି ସମ୍ପର୍କ ନ ରହିଲା, ତେବେ ତା'ର ସୃଷ୍ଟି ଭିତରେ କୃତ୍ରିମତା ପ୍ରବେଶ କରିପାରେ।**

**ସାହିତ୍ୟ ଚର୍ଚ୍ଚା**: ଆପଣଙ୍କ କବିତାରେ ଗୋଟିଏ ଆତ୍ମକଥାମୂଳକ ତତ୍ତ୍ୱ, ବା ଅଟୋବାଇଓଗ୍ରାଫିକାଲ୍ ଏଲିମେଣ୍ଟ ଲକ୍ଷ୍ୟ କରିହୁଏ। ଏହା ଆପଣ ନିଜେ ମଧ୍ୟ ଅନୁଭବ କରନ୍ତି କି?

**ମନୋରମା**: ଏଇଟା ବହୁ ଭାବରେ ଘଟିଥାଏ। ଜଣେ କବିର ବ୍ୟକ୍ତିଗତ ଜୀବନ ଓ ତା'ର କାବ୍ୟ ଜୀବନ ଭିତରେ ଯଦି ସମ୍ପର୍କ ନ ରହିଲା, ତେବେ ତା'ର ସୃଷ୍ଟି ଭିତରେ କୃତ୍ରିମତା ପ୍ରବେଶ କରିପାରେ। ମୁଁ କିନ୍ତୁ ସେହି କୃତ୍ରିମତା ଭିତରେ ନ ଥାଏ।

**ସାହିତ୍ୟ ଚର୍ଚ୍ଚା**: ଆପଣଙ୍କର 'ଫାଲ୍‌ଗୁନି ତିଥିର ଝିଅ' କବିତାରେ ଅଛି: 'ସେଦିନର ସେହି ଝିଅଟି/ ଅରଣ୍ୟର ଗଛ ପରି/ ହଠାତ୍ ବଡ଼ ହୋଇଗଲା ଦିନେ।' ସେଇ ଫାଲ୍‌ଗୁନି ତିଥିର ଝିଅଟି କ'ଣ ଆପଣ ନିଜେ?

**ମନୋରମା**: ନା, ମୋ'ର ଝିଅ ସମ୍ପର୍କରେ ମୁଁ ଲେଖିଛି ଏଇଟା। ଏଇ ସଂକଳନରେ ସବୁ ଲେଖା ପ୍ରାୟ ତାଆରି ସମ୍ପର୍କରେ। ଆପଣ ଯେ ବ୍ୟକ୍ତିଗତ ଜୀବନର କଥା କହୁଥିଲେ ଟିକିଏ ପୂର୍ବରୁ, ଏଇଟା ୯୯ ଭାଗ ସତ ମୋ କ୍ଷେତ୍ରରେ।

**ସାହିତ୍ୟ ଚର୍ଚ୍ଚା**: ଆପଣ ଠାଏଁ କହିଛନ୍ତି ଯେ ମାୟାଧର ମାନସିଂହ ଆପଣଙ୍କର ପ୍ରିୟ କବି। ଏହାର କାରଣ କ'ଣ ଏହା ବି ହୋଇପାରେ ଯେ ଆପଣଙ୍କ କେତେକ କବିତାର ଥିମ୍ ତାଙ୍କର ରୋମାଣ୍ଟିକ କାବ୍ୟଭାବନାର ନିକଟତର?

**ମନୋରମା**: ହଁ, ଏହା ସେହି କାବ୍ୟଭାବନାର ନିକଟତର, ନିଶ୍ଚିତ ଭାବରେ। ତାଙ୍କର ଅନେକ କବିତାରେ ପ୍ରକୃତିକୁ ସେ ଯେମିତି ଭଲ ପାଇଛନ୍ତି, ଜୀବନକୁ ଯେମିତି ଜିଇଛନ୍ତି ଓ ପ୍ରେମକୁ ମଧ୍ୟ ଯେମିତି ଅନୁଭବ କରିଛନ୍ତି, ସେ ଦୃଷ୍ଟିରୁ ସେ ହେଉଛନ୍ତି ମୋ'ର ପ୍ରିୟ କବି।

**ସାହିତ୍ୟ ଚର୍ଚ୍ଚା**: ଆପଣ ଏମିତି ଗୋଟିଏ ସମୟରେ ଓଡ଼ିଆ କବିତାର ଶିଖରକୁ ଯାଇଥିଲେ, ଯେତେବେଳେ ଆମ କବିତାରେ ଆଧୁନିକୋତ୍ତର ଯୁଗ ମୁଣ୍ଡ ଟେକିଥିଲା। ତେବେ ସେ ସମୟର ଉଦ୍ଭଟ ହେଉ ବା ଦୁର୍ବୋଧ୍ୟ ବା ଅବୋଧ୍ୟ କବିତାକୁ ଆପଣ କିଛି ବଳ ଯୋଗାଇଥିଲେ ବୋଲି ନିଜେ ସ୍ୱୀକାର କରନ୍ତି କି?

**ମନୋରମା**: ମୁଁ ସେକଥା କେବେ ଅନୁଭବ କରିନାହିଁ।

**ସାହିତ୍ୟ ଚର୍ଚ୍ଚା**: ସମାଲୋଚକମାନେ କେବେ ଆପଣଙ୍କୁ କହିନାହାନ୍ତି ଏ କଥା?

**ମନୋରମା**: ଅନ୍ୟ ପକ୍ଷରେ ସମାଲୋଚକମାନେ କହିଛନ୍ତି ଭିନ୍ନ କଥା। ମୋ କବିତା ବିଷୟରେ ଟିପ୍ପଣୀ ଦେବାକୁ ଯାଇ ମହାପାତ୍ର ନୀଳମଣି ସାହୁ ଥରେ କହିଥିଲେ, 'ତୁମ କବିତାରେ ଏକ ଶକ୍ତିଶାଳୀ ଲିରିସିଜମ୍ ଏତେ ଲୁକ୍କାୟିତ ଭାବରେ ଥାଏ ଯେ ସେଇଟା ତୁମର ଗଦ୍ୟ କବିତାକୁ ଭିନ୍ନ ଏକ ସ୍ତରକୁ ଉତ୍ତୀର୍ଣ୍ଣ କରିଦେଇଥାଏ।'

**ସାହିତ୍ୟ ଚର୍ଚ୍ଚା**: ଲିରିସିଜମ୍‌ର ବିପରୀତ, ଆମେ ଉଦ୍ଭଟ କବିତାର କଥା କହୁଛୁ।


**ମନୋରମା**: ମୋ କବିତାରେ ଉଦ୍ଭଟତା ସେତେ ମାତ୍ରାରେ ନ ଥାଏ। ସରଳ ଓ ସାବଲୀଳ ଭାବରେ ପ୍ରକାଶିତ ହେବା ପାଇଁ ମୁଁ ବେଶି ପ୍ରୟାସ କରିଥାଏ।

**ସାହିତ୍ୟ ଚର୍ଚ୍ଚା**: ଆପଣ କ'ଣ ମନେ କରନ୍ତି ଯେ ଆଧୁନିକ

ଯୁଗର ଉନ୍ମେଷ କାଳରେ ଓଡ଼ିଆ କବିତା ଯେଉଁ ଛନ୍ଦ ହରାଇ ଦେଇଥିଲା, ତାହା ପୁଣି ଧୀରେ ଧୀରେ ଫେରିଆସୁଛି ?

**ମନୋରମା:** ମୁଁ ସେଇଟା ଅନୁଭବ କରେ। ମୁଁ ଲକ୍ଷ୍ୟ କରୁଛି ଯେ ସେଇ ଛନ୍ଦଟା ପ୍ରକୃତରେ ଧୀରେ ଧୀରେ ଫେରିଆସୁଛି। କବି ନିଜକୁ ଗଦ୍ୟ ଭିତରେ ସମ୍ପୂର୍ଣ୍ଣ ହଜାଇ ଦେବାର ସେଇ ପ୍ରବଣତା କମିଆସିଲାଣି।

**ସାହିତ୍ୟ ଚର୍ଚ୍ଚା:** ଆପଣ କ'ଣ ନୂଆ ପିଢ଼ିର କବିମାନଙ୍କର ଲେଖା ପଢୁଛନ୍ତି ? ସେମାନଙ୍କ ମଧ୍ୟରେ କିଛି ପ୍ରତିଶ୍ରୁତିସମ୍ପନ୍ନ ନବୀନ କବିଙ୍କୁ ପାଇଛନ୍ତି କି ?




**ମନୋରମା:** ଏବେ ଅନେକ ପ୍ରତିଶ୍ରୁତିସମ୍ପନ୍ନ କବି କବିତା ଲେଖୁଛନ୍ତି। ସେମାନଙ୍କ ଭିତରେ ଅଜସ୍ର ସମ୍ଭାବନା ବି ରହିଥିବା ମୁଁ ଅନୁଭବ କରୁଛି।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କୁ ଭଲ ଲାଗିଥିବା ଏମିତି କୌଣସି ନୂଆ କବିଙ୍କର ନାମ ଉଲ୍ଲେଖ କରିବାକୁ ଚାହିବେ ?

**ମନୋରମା:** ଜଣଙ୍କର କଥା କହିବି। ସାବିତ୍ରୀ କବି ବୋଲି ଝିଅଟିଏ: ଭଦ୍ରକ ପାଖରେ ଛୋଟ ଗୋଟିଏ ଗାଁ'ରେ ସିଏ ଥାଏ। ମୁଁ ତା'ଙ୍କୁ ଦେଖିନାହିଁ, କିନ୍ତୁ ତାଙ୍କର କବିତା ପଢ଼ିଛି। ମନକୁ ଛୁଇଁଯାଏ ତାଙ୍କର ରଚନା।

**ସାହିତ୍ୟ ଚର୍ଚ୍ଚା:** ଏମିତି ଅନେକ ବଣମଲ୍ଲୀ ଲୋକଲୋଚନକୁ ଆସି ନ ପାରି ଅନ୍ଧାରରେ ମଉଳିଯାଆନ୍ତି ବୋଲି ଆପଣ ମନେକରନ୍ତି କି ?

**ମନୋରମା:** ହଁ, ମଉଳିଯାଆନ୍ତି ଏଇଥିପାଇଁ ଯେ ତାଙ୍କୁ ଉତ୍ସାହିତ କରିବା ପାଇଁ ଆମ ବ୍ୟବସ୍ଥାରେ କୌଣସି ଅବକାଶ ନାହିଁ। ସେମାନଙ୍କୁ ସୁପରିଚିତ କରାଇବାରେ ପ୍ରକାଶକ ଓ ସମ୍ପାଦକମାନଙ୍କର ଏକ ଗୁରୁଦାୟିତ୍ୱ ଅଛି। ଆମ ଓଡ଼ିଆ ପାଠକମାନଙ୍କ ମଧ୍ୟରେ ଗୋଟିଏ ଭଲ କବିତାକୁ ପ୍ରଶଂସା କରିବାର ପ୍ରବୃତ୍ତି ପ୍ରାୟ ନ ଥାଏ। ଏହା ମଧ୍ୟ ଗୋଟିଏ ସମସ୍ୟା।

**ସାହିତ୍ୟ ଚର୍ଚ୍ଚା:** ଆମ ସାହିତ୍ୟରେ ଓ ଆମ ପ୍ରତିବେଶୀ ସାହିତ୍ୟରେ, ଏପରିକି ଭାରତୀୟ ସାହିତ୍ୟରେ ମଧ୍ୟ ଏବେ ବାମାବାଦୀ ଚିନ୍ତନ ବ୍ୟାପିବାରେ ଲାଗିଛି। ଏହାକୁ ଆପଣ କେତେ ଦୂର ଗ୍ରହଣ କରନ୍ତି ?

**ମନୋରମା:** ମୁଁ ଏହି ବାମାବାଦୀ ଚିନ୍ତନ ସହିତ ବେଶି ଭାଗରେ ସହମତ ନୁହେଁ। ଏଥିପାଇଁ ଯେ, ଏହି ବିଚାରଧାରାର ସ୍ରଷ୍ଟାମାନେ ଜଣେ ପୁରୁଷ ଓ ଜଣେ ନାରୀ ମଧ୍ୟରେ ଅଯଥା ତାରତମ୍ୟ ବା ଦୂରତ୍ୱ ଦେଖନ୍ତି। କିନ୍ତୁ ଯାହା ଭିତରେ କବିତ୍ୱ ଭାବ ଥିବ ସେ ଏହି ବିଭେଦର କଥା ଭାବିବ ନାହିଁ। ଅନେକ ପ୍ରତିବେଶୀ ସାହିତ୍ୟରେ ମଧ୍ୟ ଏହି ବାମାବାଦୀ ଚିନ୍ତନ ପ୍ରବେଶ କରିଛି।

**ସାହିତ୍ୟ ଚର୍ଚ୍ଚା:** ଯେମିତି କି ତସଲିମା ନସରିନ୍‌ଙ୍କ ରଚନା!

**ମନୋରମା:** ତସଲିମା ନସରିନ୍‌ଙ୍କ ଜୀବନଟା ତ ଅଲଗା ପ୍ରକାରର। ସେଭଳି ଜୀବନ ଆମ ଓଡ଼ିଶାରେ ବା ଆମ ପାରିପାର୍ଶ୍ୱିକ ଓ ପାରିବାରିକ ଜୀବନରେ ନାହିଁ, ଯେଉଁଟା କି ତସଲିମାଙ୍କ ଅଛି।

**ସାହିତ୍ୟ ଚର୍ଚ୍ଚା:** ଓଡ଼ିଆ ଗୀତି କବିତାକୁ ମଧ୍ୟ ଆପଣ ନିଜ ରଚନା ଦ୍ୱାରା ସମୃଦ୍ଧ କରିଛନ୍ତି। ତେବେ ଟିକିଏ କହିବେ ବି କେଉଁଟି ଲେଖିବା ଅଧିକ ଆୟାସସାଧ୍ୟ, ମୁକ୍ତଛନ୍ଦର କବିତା, ନା ଗୀତି କବିତା ?

**ମନୋରମା:** ଗୀତି କବିତା ଅନ୍ୟ ଏକ ଦୁନିଆର କଥା। ଆମର ଗୀତିକବିତା ପୂର୍ବରୁ ମାନ୍ୟତା ପାଇ ନ ଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀରେ ଗୀତିକବିତା ପାଇଁ ପୁରସ୍କାରର ବ୍ୟବସ୍ଥା ନ ଥିଲା। ମହାପାତ୍ର ନୀଳମଣି ସାହୁଙ୍କ ଉଦ୍ୟମକ୍ରମେ ଏହା ସମ୍ଭବ ହେଲା। ଅଥଚ ଆମର ସମୃଦ୍ଧ କାବ୍ୟ ପରମ୍ପରାରେ ଏହି ଗୀତି କବିତା ବହୁ ପୂର୍ବରୁ ରହିଆସିଛି।

**ସାହିତ୍ୟ ଚର୍ଚ୍ଚା:** ତେବେ ଆମେ ଜାଣିବାକୁ ଚାହୁଁଥିଲୁ ଯେ କେଉଁଟି ଲେଖିବା ଅଧିକ ଆୟାସସାଧ୍ୟ, ଗୀତିକବିତା ନା ଗଦ୍ୟକବିତା ?

**ମନୋରମା**: ମୋତେ ତ ଗୀତି କବିତା ଲେଖିବାଟା ବିଶେଷ କଷ୍ଟସାଧ୍ୟ ବୋଲି ମନେ ହୁଏନାହିଁ।

**ସାହିତ୍ୟ ଚର୍ଚ୍ଚା**: ସେଥିରେ ଯତିପାତ ବା ରାଇମିଂ ପାଇଁ ଶବ୍ଦ ଖୋଜିବା କ୍ରମରେ ବେଳେ ବେଳେ କବିତାର ଭାବ ସହିତ ସାଲିସ୍ କରିବାକୁ ପଡ଼େ କି?

**ମନୋରମା**: ନା ମୁଁ ଶବ୍ଦ ଖୋଜେନି; ମନେହୁଏ, ଶବ୍ଦ ଆପେ ଆପେ ଆସିଯାଏ। ଗୀତିକବିତା ବହୁ ଭାବରେ ସ୍ୱଚ୍ଛନ୍ଦ, ବହୁ ଭାବରେ ସାବଲୀଳ। ଏହାର ଶବ୍ଦଗୁଡ଼ିକ ମଧ୍ୟରେ କୋମଳତା ସ୍ୱତଃ ଆସେ।

**ସାହିତ୍ୟ ଚର୍ଚ୍ଚା**: ଆପଣ ନିଜର କବିତା ସଂକଳନ 'ଫାଲ୍‌ଗୁନି ତିଥିର ଝିଅ' ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ଏହା ପରେ ଦୀର୍ଘ ୨୪ ବର୍ଷ କାଳ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରର ସୁଦୃଷ୍ଟି ଆପଣଙ୍କ ଉପରେ ପଡ଼ି ନ ଥିବା ନେଇ ଆପଣଙ୍କର ମନରେ କିଛି ଅବସୋସ ଅଛି କି?

**ନା ମୁଁ ଶବ୍ଦ ଖୋଜେନି; ମନେହୁଏ, ଶବ୍ଦ ଆପେ ଆପେ ଆସିଯାଏ। ଗୀତିକବିତା ବହୁ ଭାବରେ ସ୍ୱଚ୍ଛନ୍ଦ, ବହୁ ଭାବରେ ସାବଲୀଳ।**

**ମନୋରମା**: ନା, କେନ୍ଦ୍ର ସାହିତ୍ୟ ଏକାଡେମୀ ଯଦିଓ ମୋତେ ପୁରସ୍କୃତ କରିନାହାନ୍ତି, ମୋ'ର କିଛି ଅବସୋସ ନାହିଁ। ପ୍ରତିଥର ମୋ ବହି ଫାଇନାଲ୍‌କୁ ଆସେ ବୋଲି ମୁଁ ଶୁଣେ। ମୁଁ କେବେ ବି ପୁରସ୍କାର ମନସ୍କ ନୁହେଁ।

**ସାହିତ୍ୟ ଚର୍ଚ୍ଚା**: ଓଡ଼ିଆ ଶିଶୁ ସାହିତ୍ୟକୁ ଆପଣଙ୍କ ଅବଦାନ ବିଷୟ ବିଚାରକୁ ନ ନେଲେ ଆପଣଙ୍କ ସାହିତ୍ୟିକ ଜୀବନର ଯଥାର୍ଥ ମୂଲ୍ୟାୟନ କରିହେବ ନାହିଁ। ଆପଣ ପିଲାମାନଙ୍କ ପାଇଁ ୨୦ଟିରୁ ଅଧିକ ବହି ଲେଖିଛନ୍ତି। ସେଥିମଧ୍ୟରୁ କେଉଁଟି ଆପଣଙ୍କର ସବୁଠାରୁ ଅଧିକ ପ୍ରିୟ?

**ମନୋରମା**: ଶିଶୁମାନଙ୍କ ପାଇଁ କବିତା ତ ମୁଁ ଲେଖିଛି। କିନ୍ତୁ ତାହା ଛଡ଼ା, ଦେଶ ଓ ବିଦେଶର ବିଭିନ୍ନ ସ୍ଥାନକୁ ପରିଭ୍ରମଣ କରି ମୁଁ ଅର୍ଜନ କରିଥିବା ଅନୁଭୂତିକୁ ପିଲାମାନଙ୍କ ଆଗରେ ପରିବେଷଣ କରିବାକୁ ମୁଁ ଆନନ୍ଦ ପାଏ।

**ସାହିତ୍ୟ ଚର୍ଚ୍ଚା**: ସେଥି ମଧ୍ୟରୁ କେଉଁ ବହିଟି ଆପଣଙ୍କୁ ଅଧିକ ମାତ୍ରାରେ ଆଚ୍ଛନ୍ନ କରି ରଖିଛି?

**ମନୋରମା**: ସେଇଟା ହେଲା ମୁଁ ମୋ ନାତୁଣୀ ଉଦ୍ଦେଶ୍ୟରେ ଲେଖିଛି 'ଦୀକ୍ଷାର ଉଡ଼ାଜାହାଜ ଯାତ୍ରା'।

**ସାହିତ୍ୟ ଚର୍ଚ୍ଚା**: ଦୀକ୍ଷା ଆପଣଙ୍କ ନାତୁଣୀର ନାମ?

**ମନୋରମା**: ହଁ, ସେ ମୋ ନାତୁଣୀ। ସେମିତି ଆଉ ଗୋଟିଏ ବହି ହେଲା, 'ମରିସସ୍‌ରେ ଦୀକ୍ଷାର ଜେଜେମା'। ଏଥିରେ ଭ୍ରମଣକୁ ଆଧାର କରି ଶିଶୁ ମନଲାଖି କଥାସବୁ ଲେଖିବାକୁ ଚେଷ୍ଟା କରିଛି। ଏହି କ୍ରମରେ ଓଡ଼ିଶାର ବିଭିନ୍ନ ସ୍ଥାନର କଥା ମଧ୍ୟ ଲେଖିଛି, ଯେମିତି କି 'ଚାନ୍ଦିପୁରରେ ଦୀକ୍ଷା'। କିଛି ନାନାବାୟା ଗୀତ ମଧ୍ୟ ଲେଖାଯାଇଛି।

**ସାହିତ୍ୟ ଚର୍ଚ୍ଚା**: ଆପଣ ତ ଓଡ଼ିଆ ବିଭାଗର ଜଣେ ଅନୁଭବୀ ଅଧ୍ୟାପିକା। ଆପଣଙ୍କର କ'ଣ ମନେ ହୁଏନାହିଁ ଯେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ଉଚ୍ଚ ଶିକ୍ଷାନୁଷ୍ଠାନର ଓଡ଼ିଆ ବିଭାଗରେ ଆମେ ସାହିତ୍ୟ ନାମରେ କେବଳ ସାହିତ୍ୟର ଇତିହାସ ହିଁ ପଢୁଛୁ? ଅର୍ଥାତ୍ ଓଡ଼ିଆ ବିଭାଗର ପାଠ୍ୟକ୍ରମରେ ଆମ ସାହିତ୍ୟର ସଦ୍ୟତମ ସୃଷ୍ଟିଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇନାହିଁ?

**ମନୋରମା**: ଆମର ପାଠ୍ୟକ୍ରମଗୁଡ଼ିକ ଯେତେବେଳେ ପ୍ରସ୍ତୁତ କରାଯାଏ, ସେହି କମିଟିରେ ବିଜ୍ଞ ବ୍ୟକ୍ତିମାନଙ୍କୁ ରଖାଯିବା ଦରକାର। ଅନେକ ସମୟରେ ଏହା ଠିକ୍ ଭାବରେ ହେଉନାହିଁ। ସେମାନେ ଯାହା ଇଚ୍ଛା ହେଲା ସିଲାବସ୍‌ରେ ତାହା ରଖିଦେଉଛନ୍ତି। ସେମାନେ ଚାହିଁଲେ ଆଧୁନିକତମ ସାହିତ୍ୟକୁ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ କରାଯାଇପାରନ୍ତା।

**ସାହିତ୍ୟ ଚର୍ଚ୍ଚା**: ଶେଷରେ ଆମେ ଜାଣିବାକୁ ଚାହିବୁ, ଗଳ୍ପ ଓ ଉପନ୍ୟାସ ସାହିତ୍ୟ ରଚନା ପ୍ରତି ଆପଣ କାହିଁକି କେବେ ମନ ବଳାଇ ନାହାନ୍ତି।

**ମନୋରମା**: ଗଳ୍ପ ଓ ଉପନ୍ୟାସ ଆମ ଓଡ଼ିଆ ସାହିତ୍ୟର ମହାସମୁଦ୍ର। ତାହା ଲେଖିବା ନିମନ୍ତେ ମୁଁ କେବେ ସାହସ କରିପାରିନାହିଁ। କିନ୍ତୁ ଗଦ୍ୟରେ ଅନେକ ସମାଲୋଚନା ପୁସ୍ତକ ଓ ଭ୍ରମଣ କାହାଣୀ ଲେଖିଛି।

**ସାହିତ୍ୟ ଚର୍ଚ୍ଚା**: ଆଜିର ଏହି ସାରସ୍ୱତ ଆଲୋଚନା ପାଇଁ ଆପଣଙ୍କୁ ଅଶେଷ ଧନ୍ୟବାଦ।

□□



ଗଳ୍ପ

# ଦର

ଅନୀଲ କୁମାର ପାଢୀ

ପାର୍ବଣ ପରି ସଜାହୋଇଛି ଗାଁ। ଆମ୍ରପତ୍ର, ପତାକା ଆଉ ଫଳକ ରଶିଦେହରେ ଝୁଲୁଛି। ଆନ୍ଦୋଳିତ ହେଉଛି। ଯେମିତି ସମସ୍ତେ ଅପେକ୍ଷାରତ ଆସନ୍ତାକାଲି ପାଇଁ। ଗାଁ ଶେଷ ବିରାଟ ପଡ଼ିଆ ଦେହରେ ଶୋଭାପାଉଛି ତମ୍ବୁ। ବଡ଼ ବଡ଼ ତମ୍ବୁମାନଙ୍କରେ ସଜାସରିଲାଣି ନାଲିହଳଦିଆ ଚେୟାର। ଛୋଟଛୋଟ ତମ୍ବୁମାନଙ୍କରେ ଦୂରରୁ ଆସିଥିବା ଅତିଥିମାନେ ରହିଗଲେଣି। ଆଉ କେଉଁଠି ଅସ୍ଥାୟୀ ଦପ୍ତର ଖୋଲାସରିଛି।

ସ୍ଥାପନା ହୋଇସାରିଛି ବିବାହ ମଣ୍ଡପ। ମଣ୍ଡପ ଉପରେ ରଖାଯାଇସାରିଛି ପୂଜା ସାମଗ୍ରୀ।

ଗାଁକୁ ଗାଁ, କେତେକେତେ ଗାଁ।

ଏଇଠି, ଏହି ସରକାରୀ ପଡ଼ିଆରେ ମାସିକିଆ ଗୋରୁହାଟ ଅନୁଷ୍ଠିତ ହୁଏ। ଗାଈଗୋରୁ, ଛେଳିମେଣ୍ଢା ବିକ୍ରି ହୁଅନ୍ତି। ଆଖପାଖ ଅଞ୍ଚଳର ଲୋକେ ଆସନ୍ତି, ବେପାର କରନ୍ତି। ପୁଣି ଫେରିଯାଆନ୍ତି।

ପଡ଼ିଆର ଧାରେଧାରେ ଉଠା ଦୋକାନ ବସୁ ବସୁ ଏବେ କେତୋଟି ସ୍ଥାୟୀ ଦୋକାନ ବସିଗଲାଣି।

କୋଏଲ୍ ଫେରିଆସିଲାଣି ଗାଁକୁ ପ୍ରାୟ ମାସେ ଆଗରୁ।

ଏବେ, ତା'ର ବୟସ ଷୋହଳ।

ଗଲା ଥର ଗଲାବେଳେ ତାକୁ ପନ୍ଦର ହୋଇଥିଲା। ବର୍ଷକୁ ପାଞ୍ଚ ହଜାର ଲେଖାଏଁରେ ଦର ଛିଣ୍ଡିଥିଲା ପଞ୍ଚସ୍ତରି ହଜାରରେ।

ଏଥର ହୁଏତ ପୁରୁଣା ହିସାବ ଅନୁସାରେ ଅଶୀ ହଜାର ହୋଇ ନ ପାରେ। ସେକେଣ୍ଡ ହ୍ୟାଣ୍ଡ ଜିନିଷ ଯେତେ ନୂଆ ଥିଲେ ବି ସେକେଣ୍ଡହ୍ୟାଣ୍ଡ ଦରରେ ଯାଏ। ତା' ପରିବାର ଅନୁମାନ କରିଛି ଯେ ଏଥରର ଦର ଚାଳିଶ ଉପରେ ଯିବ।

କୋଏଲ୍ ତା ବାପାମା'ଙ୍କ ପରି ଚେହେରାର ନୁହେଁ। ଗୋରୀ, ତନୁପାତଳୀ। ଗଲା ବର୍ଷ ତୁଳନାରେ ଏଥର ସେ ଆହୁରି ସୁନ୍ଦରୀ ଦିଶୁଚି। ଗାଲରେ ମାଉଁସ ଲାଗିଛି, ନୁଖୁରାବାଳ ଫରଫର ହୋଇ ଉଡୁଛି। ଓଠ ବି ନାଲିମାରେ ଚହଟୁଛି। ଯେମିତି ଏଇ ଗୋଟାଏ ବର୍ଷ ଭିତରେ କୋଏଲର ନବକଳେବର ହୋଇଯାଇଛି।

ତା' ଦର ବଢ଼ିବା ଦରକାର।



ତା' ବାପାକୁ ତା'ର ସମ୍ପର୍କୀୟ ଦାଦା ଜଣେ କହିଲେ, ତମେ ଖାଲି ବିକଳ ହେଉଚ। ଦର ହାଙ୍କିକି କହିଲେ ତମର ଅସୁବିଧା କଅଣ! ଆମ ଝିଅ ପେଟରେ କଣ୍ ଛୁଆ ଅଛି ନା ସେ ଭଙ୍ଗେଇଛି। ଭାଇ! ଝିଅ ହେଉଛି ବହିଲା ନଈ। ତା' ଦିହରେ ମଇଳା ରହେନାହିଁ। ଯାହା ଯାଇଛି ତା' ଧୋଇହୋଇଯାଇଛି। ଏ ଗାଁରେ କୋଏଲ୍ ପରି ଝିଅ ଅଛି!

ବାପର ଆଖି ଆଶାରେ ଦପ୍ ଦପ୍ କରିବା ସହିତ ନିରାଶାରେ ନିଷ୍ପ୍ରଭ ହୋଇଉଠୁଛି। ତା' ମୁଣ୍ଡ ଉପରେ ମହାଜନର କରଜ, ବ୍ୟାଙ୍କର ଋଣ। ଏଇ କୋଏଲ୍ ତ ଏକମାତ୍ର ରୋଜଗାରର ପନ୍ଥା। ଉଚ୍ଚା ଦର ହାଙ୍କିଲେ ସମସ୍ତେ ଯଦି ମୁହଁ ମୋଡ଼ିଦେବେ!

ଛୋଟ ଝିଡ଼ିକି ଦେଇ କୋଏଲ୍ ସେୟା ଦେଖୁଛି ଯାହା ବିଗତ ଷୋହଳବର୍ଷ ସାରା ସେ ଦେଖିଆସିଛି। ଧୀରେ ଧୀରେ ଗାଁ ରାସ୍ତାରେ ଲୋକବାକଙ୍କ ଭିଡ଼ ଜମୁଛି। ଘରେ ଘରେ ବଢୁଛି ଝିଅଝିଆରୀଙ୍କ ସଂଖ୍ୟା। ମା'ମାନେ ଝିଅଙ୍କୁ, ସ୍ୱାମୀମାନେ ସ୍ତ୍ରୀଙ୍କୁ ସଜେଇବାରେ ଲାଗିଛନ୍ତି। ସେମାନଙ୍କୁ ମନପସନ୍ଦର ଖାଇବା ପରଷି ଦିଆଯାଉଛି। କାହା ପାଦରେ ଲଗା ସରିଲାଣି ଅଳତା

ତ କାହା ନଖରେ ନେଲ୍ ପଲିଶ୍ । କାହାର ନୁଖୁରା କେଶକୁ ଶାମ୍ପୁରେ ଧୋଇ ଫରଫର୍ କରିଦିଆଗଲାଣି । ଜନଜାତି ସମ୍ପ୍ରଦାୟର ଝିଅବୋହୂମାନେ କାହିଁକି ସମ୍ପ୍ରଦାୟ ପରି ନ ହୋଇ ସୁନ୍ଦରୀ ହୁଅନ୍ତି ! କୋଏଲ୍ ଏବେ ଏବେ ଜାଣୁଛି ହଠାତ୍ କାହିଁକି ତା' ମା' ପ୍ରାୟ ଗୋଟାଏ ବର୍ଷ ଗାୟବ୍ ହୋଇଯାଇଥିଲା ! ସେ ଛୋଟ ଥିଲା । ମା'କୁ ଝୁରିଥିଲା । ବାପା କହିଥିଲା ମା' ରୋଗ ପାଇଁ ଡାକ୍ତରଖାନା ଯାଇଛି ।

ମା' ଫେରିଥିଲା ବର୍ଷେ ପରେ । ଗୋଟାଏ କୁନି ପିଲା ସହିତ । ଗୁଲୁଗାଲିଆ ପିଲାଟେ । କୁନିଭାଇଟେ ।

ଗାଁରେ ଗାଈ ବା ପେଣ୍ଠିର ଅଣ୍ଡିରା ବାଛୁରି ହେଲେ ତାକୁ ଏମିତି ଗାଁ ଦାଣ୍ଡରେ ଛାଡ଼ିଦିଆ ଯାଉଥିଲା । ଗାଁରେ ଘୂରିଘୂରି ବାଛୁରିଟି ମରିଯାଉଥିଲା ।

କୋଏଲ୍ କୁନିଭାଇଟି ସହିତ ଖେଳୁଥିଲା । ତାକୁ ଗେହ୍ଲା କରୁଥିଲା ।

ହଠାତ୍ ଦିନେ କୁନିଭାଇଟା ମରିଗଲା ।

ମା' ଆଉ ସେଇଠୁ କେବେ ଗାଏବ୍ ହୋଇନି । ଏବଂ ଘରକୁ ଫେରିଆସିଛି ସୀମାହୀନ ଗରିବୀ । ଗଲାବର୍ଷ ପଞ୍ଚସ୍ତରି ହଜାରରେ ବାପ ଘର ମରାମତି କରିଛି । ଚଳିଛି । ବାପ ମୁଣ୍ଡରେ ହାତମାରି ବିଳାପ କରେ, ହାୟ ! କୋଏଲ୍ ପରି ଆଉ ଦୁଇଚାରିଟା ଝିଅ ନ ଥାନ୍ତେ !

କାନ ପାରୁଛି କୋଏଲ୍ । ସେପଟେ, ଦୁଇଚାରିଟା ଘର ଛାଡ଼ି ଗୋଟାଏ ଘରୁ କାନ୍ଦବୋବାଳି ଶୁଭୁଛି । ତାଙ୍କ ଝିଅ ତ ଫେରିଥିଲା କୋଏଲ୍ ପରେ ପରେ । ଝିଅଟାକୁ ନଅବର୍ଷ ହୋଇସାରିଥିଲା । ଗଲାଥର ଆଠବର୍ଷରେ ପ୍ରାୟ ଲକ୍ଷେଟଙ୍କାରେ ଯାଇଥିଲା ସିଏ । ଜଣେ ପ୍ରୌଢ଼ଙ୍କ ସହିତ । ଏଥର ଫେରିଲାବେଳକୁ ତା' ଦେହ ଖରାପ ଥିଲା । ସେ ଚାଲିଗଲା କି ! ଚାଲିଗଲେ ସେ ପରିବାର କରିବ କ'ଣ !

ଆଠରୁ ପନ୍ଦର ସବୁଠୁ ଅଧିକ ଦର ।

ଷୋହଳରୁ ତିରିଶ ତା' ତଳକୁ ।

ତା' ତଳକୁ ତିରିଶ ସେପାରି ଝିଅ ଆଉ ବିବାହିତ ନାରୀମାନେ ।

ଏ ଯେଉଁ କାନ୍ଦ, ସେ ଝିଅର ବିୟୋଗ ପାଇଁ ନୁହେଁ । ଆଉ ଚବିଶଘଣ୍ଟା ବଞ୍ଚିଥିଲେ ଚୁକ୍ତି ସରିଥାଆନ୍ତା ଆଉ ମିଛମିଛ ବାହାଘର । ହାତକୁ ରୋକଡ଼ା ଆସିଲା ପରେ ଯାହା ହୋଇଥାଆନ୍ତା ! ସୁନା ଅଣ୍ଡାଦିଆ କୁକୁଡ଼ାଟା ଚାଲିଗଲା ! ନଅବର୍ଷରୁ ଚାଳିଶବର୍ଷ ଯାଏ, ଏକତିରିଶ ବର୍ଷର ରୋଜଗାର ମାଟିରେ ମିଶେଇଦେଇ ଗଲା ।

ଗଲାବର୍ଷ କୋଏଲ୍ ତମ୍ବୁମାନଙ୍କ ଆଗରେ ଅନ୍ୟ ଝିଅବୋହୂମାନଙ୍କ ସହିତ ଚାଲିଥିଲା । ତମ୍ବୁ ଭିତରେ ବସିଥିବା ପୁରୁଷମାନେ ସେମାନଙ୍କୁ ନିରେଖି ଚାହୁଁଥିଲେ । କିଏ ଆସୁଥିଲା, ଜଣକୁ ବାଛୁଥିଲା, ଲେଖାପଢ଼ା ହେଉଥିଲା, ମିଛ ବାହାଘର ଆଉ କନ୍ୟାବିଦାର ଆୟୋଜନ କରାଯାଉଥିଲା ।

ଚୁକ୍ତି ସାତ ଦିନରୁ ଆରମ୍ଭ ହୋଇ ବର୍ଷେ କି ଦୁଇବର୍ଷ ଯାଏ ଯାଉଥିଲା ।

**କୋଏଲ୍ ଏବେ ଏବେ ଜାଣୁଛି ହଠାତ୍ କାହିଁକି ତା' ମା' ପ୍ରାୟ ଗୋଟାଏ ବର୍ଷ ଗାୟବ୍ ହୋଇଯାଇଥିଲା ! ସେ ଛୋଟ ଥିଲା । ମା'କୁ ଝୁରିଥିଲା ।**

ଆଉ ଅଧିକ ବର୍ଷ ଚାହିଁଲେ ଚୁକ୍ତିର ନବୀନକରଣ ଆଉ ନୂଆ ଦେଣନେଣ ।

ଯଦି ପିଲାଟିଏ ହୋଇଯାଏ ପିଲାର ଭରଣପୋଷଣ ପୁରୁଷର । ଯଦି ସନ୍ତାନ ଜନ୍ମ ସମୟରେ ଅବା ଅନ୍ୟ ଅନ୍ୟାନ୍ୟ କାରଣରୁ କନ୍ୟାର ମୃତ୍ୟୁ ହେଉଥିଲା କିଛି କ୍ଷତିପୂରଣ ବାବଦରେ ସମସ୍ୟାର ସମାଧାନ ହେଉଥିଲା ।

କୋଏଲ୍ ଗଲାଥର ଘରୁ ଆସିଲାବେଳେ ମନଦୁଃଖ କରି ନ ଥିଲା । ତା'ର ନଅଦଶ ବର୍ଷ ବୟସରୁ ଦର ଛିଣ୍ଡିବା କଥା, ହେଲେ, ଶାରୀରିକ ଭାବରେ ଯଥୋଚିତ ବୃଦ୍ଧି ନ ହେବା କାରଣରୁ ସେ ପନ୍ଦରବର୍ଷ ଯାଏ ରହିପାରିଲା । ନିଜର ଶାରୀରିକ ବୃଦ୍ଧି ପାଇଁ କେତେ ଯେ ଚେରମୂଳି ନ ଖାଇଛି ସେ !

ତମ୍ବୁ ଭିତରୁ ଜଣେ ମଧ୍ୟବୟସ୍କ ତାକୁ ବାଛିଥିଲେ । ତା'ପରେ ଆଉ ଜଣେ । ପୁଣି ଆଉ ଜଣେ ।

ଦର ପନ୍ଦର ହଜାରରୁ ଆରମ୍ଭ ହୋଇ ଛିଡ଼ିଥିଲା ପଞ୍ଚସ୍ତରି ହଜାରରେ । ତଥାପି ବାପା ଖୁସି ନ ଥିଲା ସେତେବେଳେ । କହୁଥିଲା ଦେଢଲକ୍ଷ ଟଙ୍କାର ମାଲ୍ ଅଧାଟଙ୍କାରେ ଚାଲିଗଲା !

ବାପ କନ୍ୟାଦାନ କରିଥିଲା । ବାପର କାନ୍ଧ ଉପରେ ମୁଣ୍ଡରଖି ସେ ମିଛିମିଛିକା କାନ୍ଦିଥିଲା ଏବଂ ଗୋଟାଏ ବର୍ଷିଆ ଚୁକ୍ତିରେ ଚାଲିଯାଇଥିଲା ଗାଁ ଛାଡ଼ି । ପୁରୁଷର ପତ୍ନୀ ମୃତ । କୋଏଲ୍ ଠାରୁ ବଡ଼ ପୁଅ । ଷାଠିଏ ବର୍ଷର ଶ୍ୱଶୁର ।

ପଞ୍ଚସ୍ତରି ହଜାରର ସଂସାର ।

ସାଙ୍ଗକୁ ଘର, ଖାଇବା, ପିନ୍ଧିବା, ଶାମ୍ପୁ, ନେଲ୍ ପଲିଶ୍, ଅଳଙ୍କାର। ଅତ୍ୟାଚାର। ସତୀ ହୋଇ ରହିବାର ଅଙ୍ଗୀକାର।

ଫେରିଆସିଲା ବେଳେ ସେ ଓହ୍ଲେଇ ଦେଇଆସିଥିଲା ତା ରକ୍ତାକ୍ତ ପ୍ରଥମ ରତି, ଅଳଙ୍କାର ଆଉ ବର୍ଷଟିଏର ମୋହ।

ଏଥର ଆଉ ବର୍ଷେ ପାଇଁ!

ଗାଁ ମଝିରେ ବାପାଏ, ଭାଇଏ କଥା ଲାଗିଛନ୍ତି। ଦରଦାମକୁ ନେଇ। ଆଶା ଓ ନିରାଶାକୁ ନେଇ। କାଲି ବଜାରକୁ ଯିବାର ଥିବା ଗୃହପାଳିତାମାନେ ଆଜି ବାହାରେ ବୁଲିପାରିବେ ନାହିଁ। ଗରାଖମାନେ ବାରମ୍ବାର ରେକି କରିବାକୁ ଗାଁ ଦାଣ୍ଡରେ ପଇଁତରା ମାରୁଛନ୍ତି। ଦଲାଲମାନେ ଧୀରେ ଧୀରେ ସକ୍ରିୟ ହେଲେଣି। ଚୁକ୍ତିରେ ସେମାନେ ସାକ୍ଷୀ ରହିବେ, ଭଲ ପଇସାରେ ମାଲ୍ ବିକ୍ରି କରେଇଦେବେ। ମାତ୍ର ପାଞ୍ଚ ପରସେଣ୍ଟ ତାଙ୍କର। ଉଭୟ ପକ୍ଷରୁ।

**ଆଗରୁ ଶୁଭୁଥିବା କାନ୍ଦବୋବାଳି ଥମିଗଲାଣି। ହେଇ ତ କେହିଜଣେ ବାପା ସହିତ ଗପୁଛି ! ଦଲାଲ୍ କି !**

ଆଗରୁ ଶୁଭୁଥିବା କାନ୍ଦବୋବାଳି ଥମି ଗଲାଣି। ହେଇ ତ କେହିଜଣେ ବାପା ସହିତ ଗପୁଛି! ଦଲାଲ୍ କି! ଘର ଭିତରୁ କାନେଇଲା କୋଏଲ୍।

କିଛି ଅସୁବିଧା ହେବନି। ତମ ଝିଅ ବର୍ଷେ ସେଠି ରହିକି ଆସିଛି। ଗଲା ଥର ପୁଅ ନେଇଥିଲା, ଏଥର ବାପ! ଦଲାଲ୍ କହୁଥିଲା।

ହଁ ଯେ! ହେଲେ,....! ବାପ ଅଟକୁଥିଲା।

ଏଥର ପାଞ୍ଚ ଲକ୍ଷେ! ବୁଝିଲ କେବଳ ସେ ଷାଠିଏ ବର୍ଷର ବୁଢା ବୋଲି। ନ ହେଲେ ସେକେଣ୍ଡ ହ୍ୟାଣ୍ଡ ମାଲ୍ ପନ୍ଦର ହଜାରରେ ଯିବା ବି ମୁସ୍କିଲ୍। କହିଲା ଦଲାଲ୍। ଆଉ ତା'ପରେ ସେମାନଙ୍କ ଭିତରେ ଆଲୋଚନା ଜାରି ରହିଲା କମିଶନି ଆଉ ଆସନ୍ତାକାଲିର ଯୋଜନାକୁ ନେଇ।

କୋଠରି ଭିତରେ ଗୋଟିଏ ସଂଶୟ ଥିଲା କୋଏଲ୍ ଭିତରେ, ତାହା ପୁଣି ସମ୍ପର୍କକୁ ନେଇ। ଗଲା ଥର ଯିଏ ସ୍ୱାମୀ ଥିଲା ସେ ଏଥର ପାଇଁ ପୁଅ ଆଉ ଯିଏ ଶ୍ୱଶୁର ଥିଲା ସେ ସ୍ୱାମୀ।

ସେହି ଅଠର ବର୍ଷର ଟୋକାଟା ଯିଏ ତା' ବାପାର ଅଗୋଚରରେ ତାକୁ ବଳାତ୍କାର କରୁଥିଲା ସେ ଏଥର ସମ୍ପର୍କରେ କ'ଣ ହେବ!

ବଳାତ୍କାରୀମାନଙ୍କର କିଛି ନାମ କି ସମ୍ପର୍କ ନ ଥାଏ। ସେମାନେ ସବୁକାଳ ବଳାତ୍କାରୀ!!!

*(ଗଳ୍ପଟି ମଧ୍ୟପ୍ରଦେଶର ଶିବପୁରୀ ଜିଲ୍ଲାରେ ପ୍ରଚଳିତ ଥିବା 'ଧଡ଼ିଚା' ନାମକ ଅସ୍ଥାୟୀ ବିବାହ ପ୍ରଥା ଉପରେ ଆଧାରିତ। - ସଂପାଦକ)*

□□

ଲେଖକଙ୍କ ଇ-ମେଲ୍ ଠିକଣା:
anilparhi@gmail.com

**ସାହିତ୍ୟ ଚର୍ଚ୍ଚା ବର୍ତ୍ତମାନ ମୋବାଇଲ ଆପ୍ ରେ**




Search **Sahitya Charcha** on Play Store

ଆପଣଙ୍କ **ଆଣ୍ଡ୍ରଏଡ୍ ମୋବାଇଲ ଫୋନ୍** ପାଇଁ **'ସାହିତ୍ୟ ଚର୍ଚ୍ଚା'ର ଆପ୍** ବର୍ତ୍ତମାନ **'ପ୍ଲେ ଷ୍ଟୋର୍'**ରେ ଉପଲବ୍ଧ ଅଛି।


ପ୍ରବନ୍ଧ

# ସାହିତ୍ୟରେ ପ୍ରଭାବବାଦ



**ପ୍ରଫେସର ବସନ୍ତ କୁମାର ପଣ୍ଡା**

ବିଂଶ ଶତାବ୍ଦୀର ଅନ୍ୟତମ ଶ୍ରେଷ୍ଠ କବି ଓ ସମୀକ୍ଷକ ଟି. ଏସ୍. ଇଲିଅଟ୍‌ଙ୍କ ପ୍ରସିଦ୍ଧ ପ୍ରବନ୍ଧ 'ଟ୍ରାଡିସନ ଆଣ୍ଡ ଦି ଇଣ୍ଡିଭିଜୁଆଲ ଟ୍ୟାଲେଣ୍ଟ'ର ବିଶ୍ଳେଷଣକୁ ଦୃଷ୍ଟିପାତ କଲେ ମନେହୁଏ ସାହିତ୍ୟ ଜଗତରେ ପ୍ରଭାବର ବିସ୍ତୃତି ଆଦିଗନ୍ତ। ପ୍ରଭାବ ପୁଣି ଯେତିକି ବିଶାଳ ସେତିକି ବିଚିତ୍ର। ଏହି ପ୍ରଭାବ କେତେବେଳେ କାଳର କଳା ଉପରେ ତ ଆଉ କେତେବେଳେ ସ୍ରଷ୍ଟାର ସୃଷ୍ଟି ଉପରେ ପୁଣି ସୃଷ୍ଟିର ସ୍ରଷ୍ଟା ଉପରେ। ତେଣୁ ପ୍ରଭାବ ସମସ୍ୟା ସାହିତ୍ୟରେ ଚିରନ୍ତନ। ଏହା ସବୁଠାରୁ ଗୁରୁତର ସମସ୍ୟା। ଏହି ସମସ୍ୟା ସାହିତ୍ୟର ପାଠକ, ସମାଲୋଚକ ଓ ଇତିହାସ ଲେଖକଙ୍କ ଭିତରେ ଯେଉଁ ଦ୍ୱନ୍ଦ୍ୱ ସୃଷ୍ଟି କରିଥାଏ ତାହା ଯେପରି ଜଟିଳ ସେଇପରି ସୂକ୍ଷ୍ମ। ତେଣୁ ଏହି ପ୍ରଭାବ ପରମ୍ପରାକୁ ବିଚାର କଲାବେଳେ ତା'ର ପରିଚୟ ଓ ମୌଳିକ ବୈଶିଷ୍ଟ୍ୟ ବିଷୟରେ ସଚେତନ ରହିବା ଆବଶ୍ୟକ। ସାମ୍ୟ ଓ ବୈଷମ୍ୟ; ପରମ୍ପରା ଓ ପର୍ଯ୍ୟବେକ୍ଷଣ, ଗତି ଓ ଉନ୍ନତି- ଏସବୁ ଇତିହାସର ପରିସରକୁ ପ୍ରତିନିଧିତ୍ୱ କରନ୍ତି। ଆଉ ଏସବୁର ଗତି ଚାଞ୍ଚଲ୍ୟ ହିଁ ପ୍ରଭାବର ପରିଚୟ ପ୍ରଦାନ କରିଥାଏ।[୧]




## ପ୍ରଭାବର ପରିସର

ପ୍ରଭାବର ସାଧାରଣ ଓ ସଂଲଗ୍ନ ଧାରଣା ହେଲା: ତାହା ସାହିତ୍ୟ କୃତିରେ ଥିବା ଐତିହାସିକ, ସାମାଜିକ, ମନସ୍ତାତ୍ତ୍ୱିକ ଓ ଦାର୍ଶନିକ ଦିଗଗୁଡ଼ିକର ଏକ ପ୍ରଜ୍ଞାଭିତ୍ତିକ ପରିଚିତି। ପ୍ରଭାବର ପରିସର ଅସୀମ। ଏହା ଏକ ନିର୍ଦ୍ଦିଷ୍ଟ କାଳ, ଐତିହାସିକ ଘଟଣା, କୌଣସି ପରିସ୍ଥିତି, ପରମ୍ପରା, ସାଂସ୍କୃତିକ ପରିମଣ୍ଡଳ ବା ଏକ ଦାର୍ଶନିକ ସିଦ୍ଧାନ୍ତ। ଜଣେ ଚିନ୍ତାନାୟକ (ସକ୍ରେଟିସ୍, ଆରିଷ୍ଟଟଲ୍, ରୁଷୋ, ନିତ୍‌ସେ) କୌଣସି ବାଦ ବା ସାହିତ୍ୟିକ ଆନ୍ଦୋଳନ (ଯଥା ରୋମାଣ୍ଟିସିଜମ, ଏକ୍‌ଜିଷ୍ଟାନସିଲିଆଜିମ୍, ହ୍ୟୁମାନିଜିମ୍) କୌଣସି ମହତ୍ ସ୍ରଷ୍ଟା (ଯଥା- ଟଲଷ୍ଟୟ, ହେମିଂଗୱେ, ଇଲିଅଟ) ଓ କୌଣସି କାଳଜୟୀ ସୃଷ୍ଟି (ଯଥା- ୱାର ଆଣ୍ଡ ପିସ୍, ଲା ମିସ୍‌ରେବଲ୍, ୱେଷ୍ଟଲ୍ୟାଣ୍ଡ) ସମାନ୍ତରାଳ ଭାବେ ଉତ୍ତରକାଳରେ ବହୁଭାବରେ ପ୍ରଭାବ ବିସ୍ତାର କରିଥାନ୍ତି। ଏ ପ୍ରସଙ୍ଗରେ ପ୍ରଭାବର ବୈଚିତ୍ର୍ୟ ଉପରେ ଦୃଷ୍ଟି ନିକ୍ଷେପ କଲେ ଜଣାଯାଏ ଚେଟରଟନଙ୍କ ନକଲ, ହୋଲିନ୍‌ସେଡ୍‌ଙ୍କଠୁ ସେକ୍‌ସପିୟରଙ୍କ ଋଣ, କଲେରିଜ ଓ ୱାର୍ଡ଼ସୱାର୍ଥଙ୍କ ପାରସ୍ପରିକ ଅନ୍ତଃକ୍ରିୟା, ଚସରଙ୍କ ଉପରେ ବୋକାସିଓଙ୍କ କିମ୍ବା ଇଲିଅଟଙ୍କ ଉପରେ ଲାଫର୍ଗଙ୍କର ପ୍ରକୃଷ୍ଟ ପ୍ରଭାବ - ଏସବୁ ପ୍ରଭାବ ପ୍ରକ୍ରିୟାର ଏକ ଏକ ଐତିହାସିକ ଉଦାହରଣ। ପ୍ରଭାବର ଏସବୁ ବିଭିନ୍ନ ଦିଗ ମଧ୍ୟରୁ ଜଣେ ଲେଖକର ଅନ୍ୟ ଲେଖକ ଉପରେ ଯେଉଁ ପ୍ରଭାବ ତାହା ହିଁ ସର୍ବାପେକ୍ଷା ଗୁରୁତ୍ୱପୂର୍ଣ୍ଣ। ଏହି ପ୍ରଭାବର ବିସ୍ତାର ବିନ୍ୟାସକୁ କୁହାଯାଏ ଲେଖକ ପରମ୍ପରା। ତେବେ ଦୁଇ ଲେଖକ ଭିତରେ କିମ୍ବା ସେମାନଙ୍କ ସୃଷ୍ଟି ଭିତରେ ସାମ୍ୟ ଦେଖି ଜଣକର ଅନ୍ୟ ଉପରେ ପ୍ରଭାବ କଥା କହିଲାବେଳେ ବହୁ ସମସ୍ୟା ଓ ଯୁକ୍ତିର ସମ୍ମୁଖୀନ ହେବାକୁ ପଡ଼େ। କାରଣ ସ୍ରଷ୍ଟାର ସୃଷ୍ଟି ମନର ଏକ ସ୍ୱତନ୍ତ୍ର ଭାବସତ୍ତା। ଏକ ଭାବବିହ୍ୱଳ ମୁହୂର୍ତ୍ତରେ ଯାହା ସେ ସୃଷ୍ଟି କରେ ସେଥିରେ ପ୍ରଭାବ ଲକ୍ଷ୍ୟ କରିବା ଯେପରି କଠିନ

ସେପରି ଦୁରୂହ। ସ୍ରଷ୍ଟା ହୁଏତ ପରିସ୍ଥିତିର ଚାପରେ କିମ୍ବା କୌଣସି ମୋହଗ୍ରସ୍ତ ମୁହୂର୍ତ୍ତରେ କିଛି ସୃଷ୍ଟି କରିଛି। ସେଥିରେ ପ୍ରଭାବର ଆଲେଖ୍ୟ ଅନୁପଲଭ୍ୟ।

ତେଣୁ ପ୍ରଭାବର ସଂଜ୍ଞା ନିରପେକ୍ଷିକ ସୁନିର୍ଦ୍ଦିଷ୍ଟ ନୁହେଁ। କାଳାନୁସାପେକ୍ଷ ଓ ନିୟତ ପରିବର୍ତ୍ତନଶୀଳ। ଦୁଇ ଲେଖକ ଓ ସେମାନଙ୍କ ଲେଖାରେ ସମ୍ବନ୍ଧ ଦେଖି ଆମେ ଭାବିଥାଉ ଜଣେ ଅନ୍ୟ ଜଣକୁ ପ୍ରଭାବିତ କରିଛି। ଅର୍ଥାତ୍ ଦୁଇଟି ଲେଖାରେ ସାହିତ୍ୟିକ ଓ ନାନ୍ଦନିକ ସାମ୍ୟ ଅବସ୍ଥିତ; କିନ୍ତୁ ଲେଖା ଭିତରେ ପ୍ରଭାବ ଦେଖି ଦେଖାଇବାକୁ ଗଲାବେଳେ ଦୁଇ ଲେଖକଙ୍କ ଜୀବନ ଓ ଚିନ୍ତାରେ ଥିବା ସାମ୍ୟର ବିଚାର ବିଶ୍ଳେଷଣ ଆବଶ୍ୟକ। ଏହି ବିଶ୍ଳେଷଣ ମୁଖ୍ୟତଃ ଐତିହାସିକ, ସାମାଜିକ ଓ ମନସ୍ତାତ୍ତ୍ୱିକ ଦିଗରୁ। ଦୁଇଜଣଙ୍କ ଜୀବନ ଓ ଦର୍ଶନ ଭିତରେ ଭିନ୍ନତା ଥିବା ସତ୍ତ୍ୱେ ବେଳେବେଳେ ଉଭୟେ ଏକ ଅବିଚ୍ଛେଦ୍ୟ ପରମ୍ପରାର ପ୍ରତୀକ ହୋଇ ଠିଆ ହୁଅନ୍ତି। ଦାର୍ଶନିକ ପ୍ଲେଟୋ ଓ ଆରିଷ୍ଟଟଲ, ହ୍ୟୁମ୍ ଓ ହାଇଜେନ୍‌ବର୍ଗ କିମ୍ବା ଆଚାର୍ଯ୍ୟ ଶଙ୍କର ଓ ରାମାନୁଜଙ୍କ କଥା ଏଠି ମନେ କରାଯାଇପାରେ। ଆରିଷ୍ଟଟଲ, ହାଇଜେନ୍‌ବର୍ଗ ଓ ରାମାନୁଜ ତାଙ୍କ ପୂର୍ବାଚାର୍ଯ୍ୟମାନଙ୍କର ଘୋର ବିରୋଧ କରୁଥିଲେ ମଧ୍ୟ ସେମାନଙ୍କ ପୂର୍ବସୂରୀ ଯଥାକ୍ରମେ ପ୍ଲାଟୋ, ହ୍ୟୁମ୍ ଓ ଶଙ୍କରଙ୍କର ସୂକ୍ଷ୍ମ ଦର୍ଶନ-ପରମ୍ପରା ସହିତ ସୂକ୍ଷ୍ମ ସମ୍ପର୍କ ରକ୍ଷାକରି ସେମାନଙ୍କ ଶିଷ୍ୟ ହିଁ ହୋଇଯାଇଛନ୍ତି। "ତେଣୁ ପ୍ରଭାବ ବିସ୍ତାର ପୂର୍ବରୁ ପ୍ରଥମେ ସୃଷ୍ଟି, କାଳ ଓ ସ୍ରଷ୍ଟା ଭିତରେ ସମ୍ପର୍କ ବିଚାର କରିବା ବିଧେୟ। ତା' ନ ହେଲେ ସାହିତ୍ୟ ସମାଲୋଚନା ସାହିତ୍ୟ ଇତିହାସର ଅଂଶ ହୋଇ ରହିପାରିବ ନାହିଁ"[୨]।

**ଦୁଇ ଲେଖକ ଓ ସେମାନଙ୍କ ଲେଖାରେ ସମ୍ବନ୍ଧ ଦେଖି ଆମେ ଭାବିଥାଉ ଜଣେ ଅନ୍ୟ ଜଣକୁ ପ୍ରଭାବିତ କରିଛି।**

## ସ୍ରଷ୍ଟା, ସୃଷ୍ଟି, ସମୟ

ସ୍ରଷ୍ଟା, ସୃଷ୍ଟି ଓ ସମୟ - ଏହି ତିନୋଟି ଭିତରେ ଥିବା ସମ୍ପର୍କ ବିଷୟରେ ସୂକ୍ଷ୍ମଭାବରେ ଆଲୋଚନା ନ କଲେ ପ୍ରଭାବର ସତ୍ତା ଓ ସ୍ୱରୂପ ନିର୍ଦ୍ଧାରଣ କରିବା ଅବାନ୍ତର ହେବ। ଏହା ସାହିତ୍ୟର ପ୍ରଭାବ ବିଚାରରେ ଏକ ସୁଦୀର୍ଘ ସମସ୍ୟା। କାଳ ଓ ସ୍ରଷ୍ଟାର ସମ୍ପର୍କ ପରେ ଆସେ ସ୍ରଷ୍ଟା ଓ ସୃଷ୍ଟି ମଧ୍ୟରେ ଥିବା ସାମ୍ୟ ଓ ସମ୍ପର୍କର ପ୍ରଶ୍ନ। ଦୁଇଜଣ ଲେଖକଙ୍କ ଲେଖାରେ ଭାବ ଓ ରୂପଗତ ସାମ୍ୟ ଦେଖି ଆମେ କହିଥାଉ ଗୋଟିକର ଅନ୍ୟଟି ଉପରେ ପ୍ରଭାବ ପଡ଼ିଛି କିନ୍ତୁ ଦୁଇ ଲେଖା ମଧ୍ୟରେ କେବଳ ସାମ୍ୟ ଦେଖି ଆମେ ଦୁଇ ଲେଖକ ମଧ୍ୟରେ ସାମ୍ୟ ବା ସମ୍ପର୍କ କଥା କହିବା ଅଯୌକ୍ତିକ ହେବ। ଉଦାହରଣ ସ୍ୱରୂପ ଇସ୍କିଲାସଙ୍କ 'ଅସେଚିଲୁସ୍', 'ଆଗାମେନେନ' ଓ ରାଧାନାଥଙ୍କ 'ପାର୍ବତୀ' କାବ୍ୟ ମଧ୍ୟରେ ସାମ୍ୟ ଲକ୍ଷ୍ୟ କରି କୁହାଯାଏ ଯେ ଆଗାମେନନ୍ ଦ୍ୱାରା 'ପାର୍ବତୀ' ପ୍ରତ୍ୟକ୍ଷଭାବେ କିମ୍ବା ପରୋକ୍ଷଭାବେ ପ୍ରଭାବିତ। କିନ୍ତୁ ଏହି ଦିଗରୁ ବିଚାର କଲାବେଳେ ଆମେ ଇସ୍କିଲାସଙ୍କ ପ୍ରଭାବ ରାଧାନାଥଙ୍କ ଉପରେ ଥିବା କଥା କହିବା ଭୁଲ୍ ହେବ। ଯଦି ଆମେ ଇସ୍କିଲାସ-ଆଗାମେନନ୍ ମଧ୍ୟରେ ଥିବା ସମ୍ପର୍କ ଓ ରାଧାନାଥ-ପାର୍ବତୀ ମଧ୍ୟରେ ଥିବା ସମ୍ପର୍କ ସମାନ ବୋଲି ନ କହିବା ତା'ହେଲେ ଇସ୍କିଲାସଙ୍କ ଦ୍ୱାରା ରାଧାନାଥ ପ୍ରଭାବିତ ବୋଲି କହିବା ଭୁଲ୍ ହୋଇଯିବ। ତେଣୁ ପ୍ରଭାବ ଦୃଷ୍ଟିରୁ ଦୁଇ କବିଙ୍କ କାବ୍ୟ ସାମ୍ୟଧର୍ମୀ କିନ୍ତୁ ଦୁଇ କବି ଓ ତାଙ୍କ କାବ୍ୟ ଭିତରେ ଥିବା ସମ୍ପର୍କ ଅସମାନ (ପାର୍ବତୀ/ ରାଧାନାଥ=ଆଗାମେନନ୍/ଇସ୍କିଲାସ)।

ପ୍ରକୃତରେ ଏଠି ପ୍ରଭାବଟା ହେଉଛି, ଆଗାମେନନ୍ କାବ୍ୟର ରାଧାନାଥ କବିଙ୍କ ଉପରେ, କିନ୍ତୁ ଇସ୍କିଲାସଙ୍କର 'ପାର୍ବତୀ' କାବ୍ୟ ଉପରେ ନୁହେଁ। ଏଠି ପ୍ରକୃତରେ ପ୍ରଥମ ଅପେକ୍ଷା ଦ୍ୱିତୀୟ କବି ଓ କାବ୍ୟର ବିଚାର ବେଶି ଗୁରୁତ୍ୱପୂର୍ଣ୍ଣ, କାରଣ ଇସ୍କିଲାସ, ଆଗାମେନନ୍ ରଚନା କରିଯାଇଥିଲେ କିନ୍ତୁ ରାଧାନାଥ ତାଙ୍କ କାବ୍ୟମାନସ ବା ନୂତନ କାବ୍ୟ ସୃଷ୍ଟିର ପ୍ରେରଣାରେ ଏପରି କିଛି ଶକ୍ତି (ଉତ୍କଣ୍ଠା) ଥିଲା, ଯାହାକି ଆଗାମେନନ୍‌ର ପ୍ରଭାବ ବିସ୍ତାର ପାଇଁ ଦ୍ୱାର ଉନ୍ମୁକ୍ତ କରିଛି କିମ୍ବା ପାର୍ବତୀ ପାଇଁ ଆଗାମେନନ୍‌ଠାରୁ କାବ୍ୟୋପକରଣ ସଂଗ୍ରହ କରିବା ପାଇଁ ସକ୍ଷମ ହୋଇଛି।[୩]

ବର୍ତ୍ତମାନ ଆଲୋଚନାକୁ ଆସିବ ସ୍ରଷ୍ଟାମାନସ ଓ ସୃଷ୍ଟି ଚେତନାର କଥା। ହରବର୍ଟ ରିଡ୍ ତାଙ୍କ 'ଓରିଜିନାଲିଟି' ପ୍ରବନ୍ଧରେ ଏକ ଜାଗାରେ କହିଛନ୍ତି, "କଳାକାରର ମାନସିକ ଅବସ୍ଥା ଓ ଅନୁଭୂତିଗତ ଗୋପନପଣର ଅନନ୍ୟତା" (ଦି ୟୁନିକ୍‌ନେସ୍ ଅଫ୍ ଦି ଆର୍ଟିଷ୍ଟସ୍ ମେଣ୍ଟାଲ୍ ଡିସ୍‌ପୋଜିସନ୍

ଆଣ୍ଡ ଦି ପ୍ରାଇଭେଟ୍‌ନେସ୍ ଅଫ୍ ହିଜ୍ ଏକ୍ସପେରିଏନନ୍ସ) ବିଷୟରେ। ସୃଷ୍ଟି ସ୍ରଷ୍ଟାମନର ଅନନ୍ୟତା ଓ ତା'ର ବ୍ୟକ୍ତିକ ଐକ୍ୟାନୁଭୂତି ଉପରେ ଆଧାରିତ। ପୁଣି 'ଲିରିକାଲ୍ ବାଲାଡ୍‌ସ' ମୁଖବନ୍ଧରେ ଆମେ ୱାର୍ଡସ୍‌ୱର୍ଥଙ୍କ ସ୍ୱର ଶୁଣୁ "ମୁଁ ପୂର୍ବାଗ୍ରହର ବଶବର୍ତ୍ତୀ ହୋଇ ଲେଖେନାହିଁ।" (ନଟ୍ ଦ୍ୟାଟ୍ ଆଇ ଅଲ୍‌ୱେଜ୍ ବେଗାନ ଟୁ ରାଇଟ୍ ୱିଥ୍ ଏ ଡିଷ୍ଟିଙ୍କ୍‌ଟ୍ ପରପୋଜ୍ ଫରମରଲି କନ୍‌ସିଭ୍‌ଡ।) ଏଥିରୁ ମନେହୁଏ ନୂତନ ସୃଷ୍ଟି ଭିତରେ ସର୍ବଦା ପୁରାତନର ଅନୁରଣନ ନ ଥାଏ। ତେଣୁ ସର୍ବଦା ସବୁ ସୃଷ୍ଟିର ପ୍ରଭାବ ଅନୁସନ୍ଧାନ କରି ଅବ୍ୟର୍ଥ ହେବା ଅସମ୍ଭବ। ଆଧୁନିକ ମନସ୍ତତ୍ତ୍ୱ ବିଜ୍ଞାନର ସିଦ୍ଧାନ୍ତ ଅନୁସାରେ ମଧ୍ୟ ମଣିଷ ମନର ସୃଷ୍ଟି କେବଳ ଅତୀତର ପ୍ରତ୍ୟୁତ୍ତର ନ ହୋଇ ମଣିଷ ମନର ଚିରନ୍ତନ ବୋଧବ୍ୟକୁ ବ୍ୟାଖ୍ୟା କରିଥାଏ ବୋଲି କୁହାଯାଉଛି।[୪] ତେଣୁ ପୁରାତନର ପୁନରାବୃତ୍ତିକୁ ପଛରେ ପକାଇ ଅଭିନବ ଚେତନାର ଇଙ୍ଗିତରେ ଯେଉଁ ସୃଷ୍ଟି ପ୍ରଭାଦୀପ୍ତ ସେଥିରେ ତ ପ୍ରଭାବର ସ୍ୱାକ୍ଷର ସୁଦୂର ପରାହତ ହେବା ସ୍ୱାଭାବିକ। ପୁଣି ଯଦି କିଛି ଯୌଗିକ ପ୍ରଭାବ ପରିଦୃଷ୍ଟ ହୁଏ, ତାହା ସଂସ୍କୃତି ଚେତନାର ବାର୍ତ୍ତାବହ ହେବା ଅସମ୍ଭବ ନୁହେଁ। ମୁଖ୍ୟତଃ ମଣିଷ ମନର ଏକ ଗତାନୁଗତିକ ସଂସ୍କୃତି ଚେତନା ରହିଛି। ଏହି ଧାରଣା ସୃଷ୍ଟି ବିବର୍ତ୍ତନର ଇତିହାସ ସହ ଜଡ଼ିତ। ପ୍ରତ୍ୟେକ ଏକ ମୂଳ ସଂସ୍କୃତିର ଦାୟାଦ ଭାବରେ ସେହି ସଂସ୍କୃତିର ମୌଳିକ ଗୁଣର ବାହକ। ତେଣୁ ସ୍ରଷ୍ଟା ମଣିଷର ମନରୁ ଉଦ୍ଭୁତ ସୃଷ୍ଟିରେ ସାମ୍ୟ ରହିବା ସ୍ୱାଭାବିକ। ବିଖ୍ୟାତ ଐତିହାସିକ ଓ ଆଧୁନିକ ପାଶ୍ଚାତ୍ୟ ଜଗତର ଜଣେ ଶ୍ରେଷ୍ଠ ମାନବବାଦୀ ଚିନ୍ତାନାୟକ ଅରନେଷ୍ଟ କ୍ୟାସିରେରଙ୍କ ମତରେ "ଦି ନେସେସିଟି ଅଫ୍ ଇଣ୍ଡିପେଣ୍ଡେଣ୍ଟ ମେଥଡ୍‌ସ୍ ଅଫ୍ ଡେସ୍କ୍ରିପ୍‌ଟିଭ୍ ଆନାଲିସିସ୍ ଇଜ୍ ଜେନେରାଲି ରେକଗ୍ନାଇଜଡ୍। ୱି କ୍ୟାନ୍ ନଟ୍ ହୋପ୍ ଟୁ ମେଜର ଦି ଡେପ୍‌ଥ୍ ଅଫ୍ ଏ ସ୍ପେଶାଲ୍ ବ୍ରାଞ୍ଚ ଅଫ୍ ହ୍ୟୁମାନ୍ କଲ୍‌ଚର।" (୧୯୫୩ ପୃ.୯୪)

ତେବେ ଏହି ସଂସ୍କୃତି ଅନୁରାଗୀ ମଣିଷରୁ ସୃଷ୍ଟିରେ ସ୍ଥୁଳ ପ୍ରକୃତିକୁ ବାଦ୍‌ଦେଇ ସାମ୍ୟ ଥିବା ମଧ୍ୟ ଅସମ୍ଭବ ନୁହେଁ। ଅନ୍ତଃସାଂସ୍କୃତିକ ପରିବେଶ ଭିତରେ ଦୁଇ ଲେଖକଙ୍କ ଲେଖାରେ କୌଣସି ପରିଦୃଶ୍ୟମାନ ସାମ୍ୟ ବିଦ୍ୟମାନ ଥିଲେ ସେଇ ଦୁଇ ଲେଖକଙ୍କ ଲେଖା ଭିତରେ ପ୍ରଭାବର ଗନ୍ଧ ବାରିବା ସର୍ବଦା ଅନ୍ତର୍ଦୃଷ୍ଟିର ଅପେକ୍ଷା ରଖେ।


## ପ୍ରଭାବର ବିଚାର ବିଶ୍ଳେଷଣ

ଦୁଇ ଗ୍ରନ୍ଥ ଭିତରେ ସାହିତ୍ୟିକ ସମ୍ବନ୍ଧକୁ ନେଇ ପ୍ରଭାବର ବିଚାର ବିଶ୍ଳେଷଣ କରିବାକୁ ଗଲାବେଳେ ଆମେ ସାଧାରଣତଃ ପରମ୍ପରା ଓ ପ୍ରଗତି (ଟ୍ରାଡିସନ୍ ଆଣ୍ଡ ଡେଭଲପ୍‌ମେଣ୍ଟ) ର ଚେତନା ଦ୍ୱାରା ଆନ୍ଦୋଳିତ ହୋଇଥାଉ। ପରମ୍ପରା ଜ୍ଞାନରେ ମଣିଷର ଅତୀତ, ବର୍ତ୍ତମାନ, ପ୍ରାଚୀନ-ନୂତନ ଓ ଗତାଗତର ସମ୍ପର୍କ ଧରାପଡ଼େ। ଆଉ ପ୍ରଗତି-ଚେତନାରେ ମଣିଷର ପୁରୋଦୃଷ୍ଟି ପରିକଳ୍ପନା ଓ ପ୍ରତ୍ୟାଶା ସୂଚିତ ହୁଏ। ତେଣୁ ଏହି ଦୁଇଟିକୁ କେନ୍ଦ୍ରକରି ପ୍ରଭାବର ସ୍ତରକୁ ମାପିବାର ପ୍ରୟୋଜନ ଅଛି। ପରମ୍ପରା ସହିତ ସାମ୍ୟ (ସିମିଲାରିଟି) ର ଓ ପ୍ରଗତି ସହ କାରଣ (କାଜୁଆଲିଟି)ର ସୂକ୍ଷ୍ମ ସୂତ୍ର ସଂଯୋଜିତ। ଏ ଦୁଇଟିର ସୂତ୍ରଧର ପ୍ରଭାବର ସ୍ୱରୂପ ବିଶ୍ଳେଷଣ କରାଯାଇପାରେ କିନ୍ତୁ ପରମ୍ପରାର ପରିସରରେ ସନ୍ନିହିତ ଘଟଣାରାଜିର ଐତିହାସିକତା ନିର୍ଣ୍ଣୟ କରିବା କଠିନ ହୋଇପଡ଼େ। ରେନେ ୱେଲେକ୍‌ଙ୍କ ମତରେ "ପରମ୍ପରାମାନଙ୍କ ମଧ୍ୟରେ କୌଣସି ବାସ୍ତବ ଦ୍ୱନ୍ଦ୍ୱ ନ ଥାଏ; କେବଳ ନିଜ ପରିଚୟ ଜାହିର କରିବାର ଗୋଟିଏ ଭିନ୍ନ ଏକ ପ୍ରବଣତା ଥାଏ।" ଆଉ ପ୍ରଗତିର ଗତି ମାପିବାରେ ମଣିଷର ଦୃଷ୍ଟିଶକ୍ତି ପରାସ୍ତ ହୁଏ। ଏଠି ପ୍ରଭାବ ବିଚାରରେ ବାଧା ନିଶ୍ଚିତ।

> **ପରମ୍ପରା ଜ୍ଞାନରେ ମଣିଷର ଅତୀତ, ବର୍ତ୍ତମାନ, ପ୍ରାଚୀନ-ନୂତନ ଓ ଗତାଗତର ସମ୍ପର୍କ ଧରାପଡ଼େ।**

ଦୁଇ ଗ୍ରନ୍ଥ ଭିତରେ ପ୍ରଭାବର ବିଶ୍ଳେଷଣ କରିବା ପାଇଁ ଆଧୁନିକ କାଳରେ ଦୁଇଟି କାବ୍ୟଗ୍ରନ୍ଥର ପ୍ରକୃଷ୍ଟ ଉଦାହରଣ ଆମ ପାଖରେ ଅଛି। ୧୯୬୦ରେ ପ୍ରକାଶ ପାଇଥିବା କବି ଗୁରୁପ୍ରସାଦ ମହାନ୍ତିଙ୍କର 'କାଳପୁରୁଷ' କିପରି ପ୍ରସିଦ୍ଧ ଇଂରାଜୀ କବି ଟି.ଏସ୍. ଇଲିୟଟଙ୍କ ୧୯୨୨ରେ ପ୍ରକାଶ ପାଇଥିବା କାବ୍ୟଗ୍ରନ୍ଥ 'ଦି ୱେଷ୍ଟ ଲ୍ୟାଣ୍ଡ' ଦ୍ୱାରା ଗଭୀର ଭାବରେ ପ୍ରଭାବିତ ହୋଇଥିଲା ତାହା ପ୍ରଣିଧାନଯୋଗ୍ୟ। ଦୁଇଟିଯାକ ଦୀର୍ଘ କବିତା। ୱେଷ୍ଟ ଲ୍ୟାଣ୍ଡ ୪୩୪ ଧାଡ଼ିରେ ରଚିତ ବିଂଶ ଶତାବ୍ଦୀର ସବୁଠାରୁ ଜଟିଳ

ଓ ପ୍ରଭାବଶାଳୀ କାବ୍ୟ ସୃଷ୍ଟି। ତା'ରି କାବ୍ୟ ସଂଗଠନର ପ୍ରଭାବରେ ଗୁରୁପ୍ରସାଦ ମହାନ୍ତିଙ୍କ ୩୮୦ ଧାଡ଼ିରେ ରଚିତ 'କାଳପୁରୁଷ' ଅତ୍ୟାଧୁନିକ ଓଡ଼ିଆ କବିତାର ଏକ ମାଇଲଖୁଣ୍ଟ। ପରବର୍ତ୍ତୀ ତରୁଣ କବିମାନଙ୍କୁ ଗଭୀର ଭାବରେ ପ୍ରଭାବିତ କରିଥିବା ଏହି କାବ୍ୟପଂକ୍ତି ରୋମାଣ୍ଟିକ୍ କାବ୍ୟ ପରମ୍ପରାରୁ ଆଧୁନିକ ଜୀବନବୋଧକୁ କାବ୍ୟପଂକ୍ତିରେ ରୂପାୟିତ କରିବା ପାଇଁ ଏଥିରେ ବିଷାଦ ଓ ଅସଂଲଗ୍ନ ଭାବକୁ ଯେପରି ଛନ୍ଦମୟ ପଂକ୍ତିରେ ପ୍ରକାଶ କରାଯାଇଛି ତାହା ଏକ ଅଭିନବ କାବ୍ୟ ପରମ୍ପରାକୁ ଜନ୍ମ ଦେଇଛି। ଓଡ଼ିଆ ସାଂସ୍କୃତିକ ଜୀବନରେ ଓ ଇଲିୟଟୀୟ କାବ୍ୟ ଚେତନାରେ ପ୍ରୋଥିତ କରି ଗୁରୁପ୍ରସାଦ ଯେଉଁ ଅଭିନବତ୍ୱ ପ୍ରତିପାଦନ କରିଛନ୍ତି ତାହା ବହୁ ବରିଷ୍ଠ କବିଙ୍କର ବିରୋଧ ସତ୍ତ୍ୱେ ଓଡ଼ିଆ କାବ୍ୟଧାରାରେ ଯେଉଁ ନୂତନତ୍ୱ ପ୍ରତିଷ୍ଠା କରିଛନ୍ତି, ତାହା ପରବର୍ତ୍ତୀ କବିମାନଙ୍କୁ ବହୁ ଭାବରେ ପ୍ରଭାବିତ କରି ଇଲିୟଟ କଥିତ 'ଅବ୍‌ଜେକ୍‌ଟିଭ୍ କୋରିଲେଟିଭ୍' ଓ 'ଡିସୋସିଏସନ୍ ଅଫ୍ ସେନ୍‌ସିବିଲିଟି' ଭଳି କାବ୍ୟ ଶୈଳୀର ନୂତନ ଅଧିଗମକୁ ଓଡ଼ିଆ କାବ୍ୟ ସୃଷ୍ଟିରେ ପ୍ରବେଶ କରାଇ ପାରିଛି। ଏହିଭଳି ଭାବରେ 'କାଳପୁରୁଷ' ଉପରେ ୱେଷ୍ଟଲ୍ୟାଣ୍ଡର ପ୍ରଭାବ ଆଧୁନିକ ଓଡ଼ିଆ କାବ୍ୟ ଇତିହାସରେ ଏକ ଐତିହାସିକ ଘଟଣା ହୋଇ ରହିଛି।[୫]




ତେବେ ଏସବୁ ସମସ୍ୟା ସତ୍ତ୍ୱେ ପ୍ରଭାବର ସ୍ୱରୂପ ନିର୍ଣ୍ଣୟ କରିବାର ଉଦ୍ୟମ ନିୟତ ନିରନ୍ତର। ସାଧାରଣ ଭାବେ ପ୍ରଭାବ ବୋଲି ଯାହା ଗ୍ରହଣୀୟ, ପ୍ରଭାବର ସଂଜ୍ଞା ବୋଲି ସାଧାରଣରେ ଯାହା ପ୍ରତିଷ୍ଠିତ, ତାହା ସୂକ୍ଷ୍ମଭାବରେ ବିଚାର କଲେ ତ୍ରୁଟିପୂର୍ଣ୍ଣ ବୋଲି ପ୍ରମାଣିତ ହେବ। ତେଣୁ ପ୍ରଭାବର ଗୂଢ଼ ତତ୍ତ୍ୱକୁ ଆଖି ଆଗରେ ରଖି, ତା'ର ସଂଜ୍ଞାକୁ ଆଧାର କରି, ତା'ର ସ୍ୱରୂପକୁ କେନ୍ଦ୍ରକରି ସାହିତ୍ୟରେ ପ୍ରଭାବର ସ୍ଥାନ ଓ ପରିସର ନିର୍ଦ୍ଧାରଣ କରିବା ସମ୍ପୂର୍ଣ୍ଣ କଠିନତର ବିଷୟ।[୬]

**ସହାୟକ ସୂଚୀ :**


(୧) ଆଇ.ଏଚ୍. ହାସାନ୍, 'ପ୍ରୋବ୍ଲେମ୍‌ସ୍ ଅଫ୍ ଇନ୍‌ଫ୍ଲୁଏନ୍ସ ଇନ୍ ଲିଟେରାରୀ କ୍ରିଟିସିଜିମ୍।' ୧୯୫୫-୫୬ ଜେ.ଏ.ଏ.ସି- ଭଲ୍ୟୁମ୍-୧୪ ପୃ.-୭୫)

(୨) ରବର୍ଟ ହରନ୍‌ଡ଼ନ୍, ଦି ବେସିସ୍ ଅଫ୍ ଲିଟେରାରୀ ହିଷ୍ଟ୍ରି (ଲାଇଫ୍, ୧୯୫୧)

(୩) ଆର୍.ଜି. କଲିଙ୍ଗହୁଡ୍, ଦି ଆଇଡିଆ ଅଫ୍ ନେଚର (୧୯୪୫), ପୃଷ୍ଠା - ୧୨୮

(୪) ସି.ଜି. ଜଙ୍ଗ, 'ମଡ଼ର୍ଣ୍ଣ ମ୍ୟାନ୍ ଇନ୍ ସର୍ଚ୍ଚ ଅଫ୍ ଏ ସୋଲ୍', ପୃ.-୧୭୬ (୧୯୩୩)

(୫) ପଟନାୟକ, ଜେ.ଏନ୍., ଗୁରୁ ପ୍ରସାଦ ମହାନ୍ତି (ଏମ୍‌ଆଇଏଲ୍), (୨୦୧୬) ସାହିତ୍ୟ ଏକାଡେମୀ, ନୂଆଦିଲ୍ଲୀ, ପୃ. ୧୩-୧୪

(୬) ଆଇ.ଏଚ୍. ହାସାନ୍, 'ଦି ପ୍ରୋବ୍ଲେମ୍‌ସ୍ ଅଫ୍ ଇନ୍‌ଫ୍ଲୁଏନ୍ସ ଇନ୍ ଲିଟେରାରୀ କ୍ରିଟିସିଜିମ୍।' ଜେ.ଏ.ଏ.ସି, ପୃ.-୭୬, (ଜର୍ଣ୍ଣାଲ୍ ଅଫ୍ ଆସ୍‌ଥେଷ୍ଟିକ୍‌ସ ଆଣ୍ଡ ଆର୍ଟ କ୍ରିଟିସିଜିମ୍), ଭଲ୍ୟୁମ୍-୧୪ (୧୯୫୬)


□□

ଲେଖକଙ୍କ ଇ-ମେଲ୍ ଠିକଣା:
panda.bk@rediffmail.com

*ଲେଖକ ବନ୍ଧୁମାନଙ୍କୁ ଅନୁରୋଧ*

'ସାହିତ୍ୟ ଚର୍ଚ୍ଚା'ରେ ପ୍ରକାଶନ ପାଇଁ ପଠାଇବାକୁ ଥିବା ଲେଖା କେବଳ ଆମର ଇ-ମେଲ୍ ଠିକଣା info@sahityacharcha.com କିମ୍ବା ହ୍ୱାଟସ୍‌ଆପ୍ ନଂ. ୯୩୬୮୭୭୨୫୦୬ କୁ ପଠାନ୍ତୁ ।



ଅନୁବାଦ

# ରିଟାୟାରନାମା



ମୂଳ ହିନ୍ଦୀ - ସୂର୍ଯ୍ୟବାଳା

ଅନୁବାଦ - ମୀନାକ୍ଷୀ ରାଉତରାୟ

ମୁଁ ରିଟାୟାର ହେଉଥିବା ପତିମାନଙ୍କର ଅଲଗା କାହାଣୀ ଶୁଣିଥିଲି। ଶୁଣିଥିଲି ଯେ ରିଟାୟାର ହେବା ମାତ୍ରେ ସେମାନେ ଅନ୍ନ-ଜଳ ଛାଡ଼ି ଖଟରେ ପଡ଼ିରହନ୍ତି। ଦିନ-ରାତି ଅଫିସ୍ କଥା ମନେପକାଇ ଦୁଃଖ କରନ୍ତି। କେବେ କେବେ ସ୍ୱପ୍ନରେ ଫାଇଲ୍ ସ୍ଥାନରେ ତକିଆକୁ ଛାତିରେ ଲଗାଇ ତାକୁ ଅନ୍ୟ ଟେବୁଲକୁ ନ ଯିବା ପାଇଁ ଶପଥ କରାନ୍ତି। ଶୋଇଥିଲେ ମଧ୍ୟ ଅର୍ଥଶୂନ୍ୟ କଥା କହୁଥାଆନ୍ତି, କଷ୍ଟମର୍ ତଥା ଅଧୀନଙ୍କ ନିଦ ହଜାଇ ଦେଉଥାନ୍ତି। ରିଟାୟାର ହେଲା ପରେ ମଧ୍ୟ ନଅଟା ବାଜି ଦଶ ମିନିଟ୍‌ରେ କିଛିନା କିଛି ବାହାନା କରି ଜୋତା ମୋଜା ପିନ୍ଧି, ଟାଇ ପିନ୍ଧି ଏମିତି ବସ୍ ଷ୍ଟପ୍, ସଡ଼କ ଫୁଟପାଥ୍‌ରେ ବୁଲାବୁଲି କରି ଟିକେ ଚକ୍କର ମାରି ଆସିଯାଆନ୍ତି। ମାସ ଶେଷରେ ପୂରା ପେନସନ୍ ଥରକରେ ନ ଆଣି ଅଳ୍ପ ଅଳ୍ପ ତିନି ଚାରିଦିନ ପର୍ଯ୍ୟନ୍ତ ଆଣୁଥାଆନ୍ତି।



କିନ୍ତୁ ଏଠି ତ' ଦୃଶ୍ୟ ପୂରା ଅଲଗା ଥିଲା।

ରିଟାୟାର ହୋଇଥିବା ସଂଧ୍ୟାରେ ଫୁଲମାଳରେ ଲଦି ହୋଇ, ଉପହାରମାନଙ୍କରେ ସଜ୍ଜିତ ହୋଇ ଝୁଲିଝୁଲି ଏମିତି ଭାବରେ ଘରେ ପ୍ରବେଶ କଲେ ଯେମିତି ନଗରପାଳିକା ନିର୍ବାଚନରେ ବହୁମତରେ ବିଜୟୀ ହୋଇ ଫେରିଛନ୍ତି। ଖୁସିମନରେ ସୋଫାରେ ବସିଗଲେ ଆଉ ସାର୍ବଜନୀନ ଢଙ୍ଗରେ ବିଜୟଉଲ୍ଲାସରେ ଗଦ୍‌ଗଦ୍ ହୋଇ ଘୋଷଣା କଲେ, "ଆଜି ମୁଁ ରିଟାୟାର ହୋଇଗଲି। ଏବେ ଆଜିଠାରୁ ଆମେ ଦୁହେଁ ଏକା ସାଥୀରେ ଉଠିବା, ବସିବା, ଖାଇବା, ପିଇବା, ବୁଲିବା-ଫୁଲିବା, ମଜା କରିବା" (ଶୈଳୀ, ଆତି କ୍ୟା ଖଣ୍ଡାଲା)।

ମୁଁ ଆଚମ୍ବିତ ହୋଇ ରହିଗଲି। ହେ ଈଶ୍ୱର! କ'ଣ ଦରକାର ଥିଲା ୟାଙ୍କୁ ଏତେ ଶୀଘ୍ର ରିଟାୟାର କରିବା ପାଇଁ? ଏମିତିରେ ଗଲା ପଇଁତିରିଶ ବର୍ଷରେ ସେ ୱାର୍କିଙ୍ଗ୍-ଆୱାରର ହିସାବରେ ଅତିବେଶିରେ ପନ୍ଦରବର୍ଷ କାମ କରିଥିବେ। ବାକି ସମୟରେ ତ' ଜଳଖିଆ, ଲଞ୍ଚ-ବ୍ରେକ୍ ଆଉ ଓଭରଟାଇମ୍ ତାସ ଖେଳରେ କଟିଲା। ଯେମିତି ହେଉ ପଛେ ଆଉ ଟିକେ ଅଫିସ୍ କାମ କରିଥାଆନ୍ତେ। କିନ୍ତୁ ସେତେବେଳକୁ ସେ ଉପହାରରେ ମିଳିଥିବା ରୁପାର ଥାଳିରେ, ସଙ୍ଗରେ ନେଇ ଆସିଥିବା ଡବାରୁ କେକ୍-ପେଷ୍ଟ୍ରି ଆଉ କାଜୁ ସଜାଇ ଅଦା ପକା ସ୍ପେଶାଲ୍ ଚା'ର ବରାଦ କରି ସାରିଥିଲେ।

ଏତେ ବର୍ଷ ଭିତରେ ତାଙ୍କୁ ଏତେ ଖୁସି ହେବାର କେବେ ଦେଖି ନ ଥିଲି। ପୂରା ପଇଁତିରିଶ ବର୍ଷ ପ୍ରଜାପତିଆ ମୁହଁକରି ଉଠିବା, କଲରା ରସ ପରି ମୁଁ ତିଆରି କରିଥିବା ଚା'କୁ ଢୋକ ନେବା ଆଉ ତା' ସହିତ ଅର୍ଡରର ଗୁଳି ଚଳେଇବା ଆରମ୍ଭ କରିଦେବା- ମୋ ଗାଧୋଇବା ପାଣି ଗରମ ହେଲା କି ନାହିଁ? ଧୋବା ସାର୍ଟପ୍ୟାଣ୍ଟ ଇସ୍ତ୍ରି କରି ଦେଇଛି ନା ନାହିଁ? ମୋଜା ଧୋଇଛ ନା ନାହିଁ? ସ୍କୁଟର ପୋଛା ହୋଇଛି ନା ନାହିଁ? ଜଳଖିଆ ବାଢ଼ିଲଣି ନା ନାହିଁ? ଲଞ୍ଚବକ୍ସ ରଖିବା ବେଳକୁ ମୁଁ ଅଧମରା ହୋଇଯାଏ। ଦଶଟା-ସାଢ଼େଦଶଟା ଭିତରେ ଯେତେବେଳେ ତାଙ୍କର ଶୋଭାଯାତ୍ରା ମୁଖ୍ୟଦ୍ୱାରରୁ ବାହାରେ ଏମିତି ଲାଗେ ଯେମିତି କେହି ବରଯାତ୍ରୀ ବିଦା ହେଲା।

ଗଲା ପରେ ଆଖପାଖର ପଡ଼ୋଶୀ ଏକାଠି ହୁଅନ୍ତି। ସମସ୍ତଙ୍କର ରାଜକୀୟ ଗାଡ଼ିଗୁଡ଼ିକର ଡିପାର୍ଚର ପ୍ରାୟ ଏହି ସମୟ ରହିଥାଏ। ସମସ୍ତେ ବେଦମ। ଆମେ ସାଙ୍ଗ ହୋଇ ବିଶ୍ରାମ ନେଉ, ନିଃଶ୍ୱାସ ନେଉ; କଥାବାର୍ତ୍ତା ହୋଇ ନିଜର ଦୁଃଖୀ ମନକୁ ଖୁସିକରୁ ଆଉ ଚା-ଜଳଖିଆ ଖାଇ ପୁଣି ତାଜା ହୋଇଯାଉ।

କିନ୍ତୁ ଏବେ ଏସବୁ ସ୍ୱପ୍ନ ହୋଇଗଲା। ଏବେ ଏ ରିଟାୟାର ହେଲେ। ଏବେ ୟାଙ୍କୁ କେଉଁଆଡ଼େ ଯିବାର ନାହିଁ।

(ଯିବାକୁ ଥିଲା ତ' ସାଥ୍-ସାଥ୍ ଖଣ୍ଡାଲା) ସେ ବିଜୟର ଗର୍ବ ସହ ହସୁଥିଲେ। ମୋତେ ଅପାର ପ୍ରେମ ଆଉ ସହାନୁଭୂତି ଦେଖାଇ କହୁଥିଲେ ଯେ ଦେଖ, ତୁମର ସବୁଦିନିଆ ଖିଟ୍‌ପିଟ୍ ସରିଲା। ଏବେ ତୁମକୁ ସକାଳୁ ସକାଳୁ ଲଞ୍ଚବକ୍ସ ତିଆରି କରିବାକୁ ଖଟିବାକୁ ପଡ଼ିବ ନାହିଁ, ନା ଜୋତାମୋଜା, କମିଜ ପ୍ୟାଣ୍ଟ ପାଇଁ ଅଣନିଃଶ୍ୱାସୀ ହୋଇ ଦଉଡ଼ିବାକୁ ପଡ଼ିବ। ତରବର ହେବାର ନାହିଁ, ଆରାମରେ ଆଠ-ନଅ, ଦଶ-ସାଢ଼େ ଦଶ ଭିତରେ ଜଳଖିଆ ଖାଇନେବି ଆଉ ଏଗାର ବାରଟା, ସାଢ଼େବାରରୁ ନେଇ ଦେଢ଼, ଅଢ଼େଇଟା ଭିତରେ କେବେ ବି ଆରାମରେ ଖାଇବା ଖାଇଦେବି। ତୁମେ ଆରାମରେ ରୋଷେଇ କରିବା ପାଇଁ ଯେତେ ସମୟ ଚାହିଁବ ନେଇପାରିବ ଆଉ ସେଇ ସବୁ ଯାହା ସକାଳେ ମୋର ଜଲ୍‌ଦି ଯିବା ଯୋଗୁ କରିପାରୁ ନ ଥିଲ, ଏବେ ଫୁରୁସତରେ, ସବୁ ବ୍ୟଞ୍ଜନ ବିଧିକୁ କାମରେ ଲଗାଇ ତିଆରି କରିପାରିବ; ମୋତେ ସୁସ୍ୱାଦୁ ଭୋଜନ କରାଇବାର ସବୁ ଆଶାକୁ ପୂରା କରିପାରିବ।

ଏହା କହିସାରି ସେ ସେହି ସୋଫାରେ ଆରାମରେ ବସିଗଲେ ଆଉ ପ୍ରଫୁଲ୍ଲିତ ମନରେ ମୋତେ ଚା'ର ବରାଦ କଲେ। ମୋତେ କିଚେନ ଆଡ଼କୁ ଆଜ୍ଞାକାରୀ ଭାବରେ ଯିବାର ଦେଖି ସେ ତୁରନ୍ତ ଗରମାଗରମ ପକୁଡ଼ିର ଆଦେଶ ଜାରି କଲେ ଆଉ ବେସନ ଫେଣ୍ଟିଲାବେଳେ ଚଟଣି ବାଟିବା ପାଇଁ ବହୁମୂଲ୍ୟ ଉପଦେଶ ଦେଇଦେଲେ।

ପ୍ରେମପୂର୍ବକ ପକୁଡ଼ି ଖାଇସାରିବା ପରେ ମୋତେ ସାହାଯ୍ୟ କରିବା ପାଇଁ ରାତିର ଖାଇବା ମେନୁ ମଧ୍ୟ ପ୍ରସ୍ତୁତ କରିବାରେ ଲାଗିଲେ, ଯେଉଁଥିରେ ମୋତେ ରାନ୍ଧିବା ପାଇଁ ଯଥେଷ୍ଟ ସମୟ ମିଳିପାରିବ ଆଉ ମୁଁ ତିଆରି କରି କରି ତାଙ୍କ ପାଇଁ ଏହିସବୁ ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରିପାରିବି ଯାହାକୁ ଖାଇବା ପାଇଁ ସେ ପୂରା ପଇଁତିରିଶ ବର୍ଷ ହେଲା ବ୍ୟାକୁଳ ହେଉଥିଲେ, ଆଉ ତିଆରି କରି ଖୁଆଇବା ପାଇଁ ମୁଁ।

ରାତିରେ ମୋ ରିଟାୟାର ପତି ଗୋଟିଏ ପରେ ଗୋଟିଏ ସବୁ ଚ୍ୟାନେଲ୍‌ର ହାସ୍ୟ, କରୁଣ ଆଉ ବୀଭତ୍ସ ରସର ହିନ୍ଦୀ ଧାରାବାହିକ ଦେଖିଦେଲେ। ତା'ପରେ ସବୁ ସିରିୟଲକୁ ଖରାପ ଆଉ ମୁଁ ତିଆରି କରିଥିବା ଭୋଜନକୁ ଭଲ ବୋଲି ଘୋଷଣା କରି ସ୍ୱାଦ ଚାଖି ଚାଖି ଖାଇବାରେ ଲାଗିଲେ। ପ୍ରଶଂସାରେ ପୋତି ପକାଇଲେ। ତା' ସହିତ ଯେଉଁ ବ୍ୟଞ୍ଜନରେ ଟିକେ କିଛି ଅଭାବ ରହିଯାଇଥିଲା ତା'ପାଇଁ ମୋର ଉତ୍ସାହ ବଢ଼ାଇଲେ କି ନିରନ୍ତର ଅଭ୍ୟାସ କରିଚାଲିଲେ ଏହି ବ୍ୟଞ୍ଜନର କ୍ୱାଲିଟ୍ ସୁଧୁରିଯିବ ଏହା ତାଙ୍କର ବିଶ୍ୱାସ। ଯେତେହେଲେ ନିଜ ଚାକିରିର ପ୍ରଥମେ ଏଗାର ବର୍ଷ ସେ 'କ୍ୱାଲିଟି କଣ୍ଟ୍ରୋଲ୍' ବିଭାଗର ଦାୟିତ୍ୱ କୁଶଳତାପୂର୍ବକ ନିର୍ବାହ କରିଥିଲେ ନା ନାହିଁ! ତା'ର ଲାଭ ମୋତେ ମଧ୍ୟ ମିଳିବା ଦରକାର। ତେଣୁ ସେ ମୁଁ ତିଆରି କରିଥିବା ଭୋଜନର ଗୁଣବତ୍ତା ଉପରେ ପୂରାପୂରି ନଜର।

ପରଦିନ ମୋର ଦିନଚର୍ଯ୍ୟା ଅନ୍ୟବର୍ଷ ଠାରୁ ପୂରାପୂରି ଅଲଗା ଥିଲା। ମୁଁ ସକାଳେ ଦୁଇକପ୍ ଜାଗାରେ ସାତ କପ୍ ଚାହା ତିଆରି କଲି ଆଉ ତାକୁ ଦୁଇ-ଦୁଇ ଥର ଗରମ କଲି। ସେତିକି ଥର ଭୋଜନ ମଧ୍ୟ ଗରମ କରି ପରଷିଲି, ଖୁଆଇଲି। ସେ ମୁକ୍ତକଣ୍ଠରେ ମୋ ରନ୍ଧା କୌଶଳକୁ ଆଉ ସେବା ଶୈଳୀକୁ ପ୍ରଶଂସା କଲେ।

**ରାତିରେ ମୋ ରିଟାୟାର୍ଡ୍ ପତି ଗୋଟିଏ ପରେ ଗୋଟିଏ ସବୁ ଚ୍ୟାନେଲ୍‌ର ହାସ୍ୟ, କରୁଣ ଆଉ ବୀଭତ୍ସ ରସର ହିନ୍ଦୀ ଧାରାବାହିକ ଦେଖିଦେଲେ।**

ମଝିରେ ମଝିରେ କଲିଂ ବେଲ୍ ବାଜେ। ଆଖପାଖର ପଡ଼ୋଶୀମାନେ ଥିଲେ, ଯିଏ ନିଜ ନିଜ ଯାତ୍ରୀମାନଙ୍କୁ ସବୁଜ ପତାକା ଦେଖାଇ ହର୍ଷ ଉଲ୍ଲାସ, କଥାବାର୍ତ୍ତା, ଦୁଃଖସୁଖ ବାଣ୍ଟିବା ପାଇଁ ଆସିବାକୁ ଚାହୁଁଥିଲେ; କିନ୍ତୁ କବାଟ ପାଖରେ ୟା'ଙ୍କୁ ଦେଖି ଫେରିଗଲେ। ଆଉ ଅନ୍ୟ କାହା ଘରେ ଏକାଠି ହେଲେ। ସେମାନଙ୍କ ପତିମାନଙ୍କର ରିଟାୟାର ହେବା ପାଇଁ ବହୁତ ସମୟ ଥିଲା।

ବହୁତ ଜଣ ମୋର ହାଲ୍‌ଚାଲ୍ ଜାଣିବା ପାଇଁ ଫୋନ୍ କଲେ। ଯେହେତୁ ମୁଁ କିଚେନର କ୍ୱାଲିଟି କଣ୍ଟ୍ରୋଲ ରୁମ୍‌ରେ ଥିଲି, ତେଣୁ ଦୟାକରି ଫୋନ୍ ପତି ଉଠାଇଲେ ଆଉ ଘଣ୍ଟା ଘଣ୍ଟା ମୋ ପଡ଼ୋଶୀମାନଙ୍କ ସହିତ ଗପ କରିବାରେ ଲାଗିଲେ। ଫୋନ୍ ରଖିବା ପରେ ସେ ବଡ଼ ପ୍ରସନ୍ନ ମୁଦ୍ରାରେ ମୋତେ ସୂଚିତ କଲେ କି ଏବେ ସେ ପଡ଼ୋଶୀମାନଙ୍କର ଫୋନ୍ କଲ ଆଟେଣ୍ଡ କରି ମୋତେ ସାହାଯ୍ୟ କରିବେ ଆଉ ଆମ ଘରର ପି.ଆର. (ପର୍ସନାଲ୍ ରିଲେସନ)ର ଗ୍ରାଫ୍‌କୁ ବହୁତ ଉପରକୁ

ଉଠାଇ ଦେବେ। ଯେତେହେଲେ ଚାକିରିରେ ପଛ ବାରବର୍ଷରେ ସେ ପର୍ସନାଲ୍ ଡିପାର୍ଟମେଣ୍ଟରେ କାମ କରି ଖାଲିଟାରେ କ'ଣ ଅଗ୍ନିକୁଣ୍ଡକୁ ପବନ ଦେଉଥିଲେ? ନିଜର ସୁଦୀର୍ଘ ଅନୁଭବର ଲାଭ ସେ ନିଜ ଘର, ପଡ଼ୋଶୀ ଆଉ ବିଶେଷ କରି ମୋତେ ମଧ୍ୟ ଦେବେ। ପଡ଼ୋଶିନୀମାନଙ୍କ ସହିତ ଗପସପକୁ ଗପସପ, ସୋସିଆଲ ୱାର୍କକୁ ସୋସିଆଲ୍ ୱାର୍କ।

ଏହି ଦିଗରେ ପ୍ରଥମେ ପଦକ୍ଷେପ ପକାଇ ସେ ନିଜ ପୁରୁଣା ଘନିଷ୍ଠ ବନ୍ଧୁ ତଥା ଦୂରରେ ଭୁଲି ଯାଇଥିବା ବନ୍ଧୁମାନଙ୍କୁ ଫୋନ୍ କରି କରି ଖାଇବା ପିଇବା ପାଇଁ ନିମନ୍ତ୍ରଣ କରିବା ଆରମ୍ଭ କରିଦେଲେ। ଯେଉଁ ସମ୍ପର୍କୀୟମାନେ କିଛିବର୍ଷ ଆଗରୁ ରିଟାୟାର ହୋଇଯାଇଥିଲେ, ସେମାନେ ମିଳିମିଶି ଆସନ୍ତି, ନିଜର ହନୁହାଡ଼ ଆଉ ପଡ଼ିଯାଇଥିବା ଦାନ୍ତର ତୁଳନାତ୍ମକ ଅଧ୍ୟୟନ କରନ୍ତି, ମୋତିଆବିନ୍ଦୁ ଅପରେସନର ଅନୁଭୂତି ବଖାଣନ୍ତି ତଥା ଚଷମାର ନମ୍ବର ତୁଳନା କରନ୍ତି। ଯିବା ସମୟରେ ତାଙ୍କର ପିଠି ଥାପୁଡ଼ାଇ, କୃତଜ୍ଞତା ଜଣାଇ ତଥା ଏମିତି ମନେ ପକାଇବାର ଅନୁରୋଧ ଆଉ ସାକ୍ଷାତ୍ କରିବା ପାଇଁ ଆସିବାର ଚେତାବନୀ ଦେଇ ଚାଲିଯାଆନ୍ତି।

**ପଡ଼ୋଶିନୀମାନଙ୍କ ସହିତ ଦୁଃଖ-ସୁଖ ହେବାର ସବୁ ସୁବିଧା ଆଉ ସବୁ ପ୍ରାଇଭେସି ସମାପ୍ତ ହୋଇଗଲାଣି।**

ଘନିଷ୍ଠ ବନ୍ଧୁମାନଙ୍କର ଭିଡ଼, 'କ'ଣ ଭୁଲିବି, କ'ଣ ମନେପକେଇବି'ର ଶୈଳୀ ଲମ୍ବି ଚାଲିଥାଏ। ବୈଠକ ଜମିଯାଏ, ହସ ଅଟ୍ଟହାସ୍ୟ ଆରମ୍ଭ ହୋଇଯାଏ। ଭୂତପୂର୍ବ ବସ୍‌ମାନଙ୍କର ଭାବଭଙ୍ଗୀ କରାଯାଏ ଆଉ ମୋ ପାଇଁ ବହୁତ ଗୁଡ଼େ ଅଇଁଠା ବାସନ ଛାଡ଼ିଦେଇ ସିଗାରେଟର ପାଉଁଶ ଝାଡ଼ି ଚାଲିଯାଆନ୍ତି। ନିଜ ଅନୁଭବ ନାଁରେ ଏହା ମଧ୍ୟ ଗର୍ବର ସହିତ କୁହନ୍ତି ଯେ କେତେ ଫାଇଲ୍ ସବୁର କେମିତି ଚାଲ୍‌ବାଜି ଦୁର୍ନୀତି କରିଛନ୍ତି, କେତେ ରେଜିଷ୍ଟର ଅନ୍ତର୍ଦ୍ଧାନ କରିଛନ୍ତି, କେତେ କମିଶନ ଆଉ କମିଟି ସବୁ ବସାଇଛନ୍ତି ଆଉ ବଢ଼ିଆ କ୍ୱାଲିଟିର 'ଇରେଜର' ସାହାଯ୍ୟରେ କେତେ ଘୋଟାଲାର ଚିହ୍ନବର୍ଣ୍ଣ ଲିଭାଇ ଦେଇଛନ୍ତି।

ଯେମିତି ହେଉ ଉତ୍ସବ ଚାଲିଥିଲା। ଏହା ତାଙ୍କର ବେପରୁଆ ଫୁରୁସତଭରା ସକାଳ ଆଉ ଇଚ୍ଛାପୂର୍ଣ୍ଣର ଦିନ। ଏବେ ତାଙ୍କର ରିଟାୟାର ହେବାର ପନ୍ଦର ଦିନ ମଧ୍ୟ ହୋଇନାହିଁ ତାଙ୍କ ଓଜନ ସାତକିଲୋ ବଢ଼ିଗଲାଣି। ଆଉ ମୋତେ ଏନିମିଆ ଲୋ-ବ୍ଲଡପ୍ରେସର ଅଭିଯୋଗ ହୋଇଗଲାଣି। ପଡ଼ୋଶିନୀମାନଙ୍କ ସହିତ ଦୁଃଖ-ସୁଖ ହେବାର ସବୁ ସୁବିଧା ଆଉ ସବୁ ପ୍ରାଇଭେସି ସମାପ୍ତ ହୋଇଗଲାଣି। ଏପରି ପରିସ୍ଥିତିରେ ଏହା ଠିକ୍। ରିଟାୟାର ଲୋକ ସହିତ ରହି ଏହାଠାରୁ ଭଲ ଲେଖାର ଆଶା କରାଯାଇ ପାରିବନି।

ଏତିକି ସାନ୍ତ୍ୱନା ଯେ 'ନ ଲେଖି ପାରିବାର' ଗୋଟେ ପ୍ରମୁଖ କାରଣ ଏବେ ମୋ ସହିତ ଯୋଡ଼ି ହୋଇଗଲା।

ତଥାପି, ଦିଲ ଢୁଁଢ୍‌ତା ହେ ଫିର୍ ୱହି ଫୁରସତ୍‌କେ ରାତ ଦିନ।

□□

ଅନୁବାଦିକାଙ୍କ ଇ-ମେଲ୍ ଠିକଣା:
rpitabas@yahoo.co.in





ପ୍ରବନ୍ଧ

# ଓଡ଼ିଆ ସାହିତ୍ୟରେ ନବପୁରାଣବାଦ : ଏକ ବିମର୍ଶ

ବିଷ୍ଣୁପ୍ରିୟା ଜେନା

ଆଧୁନିକ ଓଡ଼ିଆ ସାହିତ୍ୟରେ ପାଶ୍ଚାତ୍ୟ ପ୍ରଭାବରୁ ତା'ର ଆଦି ଉନ୍ମେଷ ପର୍ବରୁ କେତେ ବାଦର ହେଉଛି ପ୍ରୟୋଗ। ବିଭିନ୍ନ ବାଦ (ଇଜମ୍) ଭିତରେ ସମ୍ପ୍ରତି ନବପୁରାଣବାଦ (ନେଓ-ମାଇଥୋଲଜିଜମ୍)ର ହେଉଛି ଚର୍ଚ୍ଚା। ଯେପରି ନବ ଇତିହାସବାଦ, ନବ ରୋମାଣ୍ଟିକବାଦ, ନବ କ୍ଲାସିକ୍‌ବାଦ, ନବ ହେଗେଲୀୟବାଦ, ନବ ଏରିଷ୍ଟୋଟେଲୀୟବାଦ, ନବ ଔପନିବେଶିକତାବାଦ ଇତ୍ୟାଦି, ସେହିପରି ନବପୁରାଣବାଦ ହୋଇଯାଇଛି ଏକ ନୂତନ ତତ୍ତ୍ୱ। ଏହି ନବପୁରାଣବାଦର ଅର୍ଥ ନୂତନ ଭାବରେ ରଚିତ ହେଉଥିବା ପୁରାଣ ନୁହେଁ: ଯେପରି ଗାନ୍ଧୀପୁରାଣ, ସାହି ମହାଭାରତ, ନେତା ପୁରାଣ, ସ୍ୱରାଜ୍ୟ ପୁରାଣ ଇତ୍ୟାଦି। ପୁରାଣ କହିଲେ ଆମ ଭିତରେ ଯେଉଁ ଆଧ୍ୟାତ୍ମିକ ଉଲ୍ଲାସବୋଧ ଓ ଯେଉଁ ତନ୍ମୟତା ଲାଭ କରୁ ତାହା ଏସବୁ ପୁରାଣରୁ ମିଳେ ନାହିଁ। ପୁରାଣକୁ ମଧ୍ୟ କୁହାଯାଇଛି ଇତିହାସ। ଏହି ଇତିହାସ ଆଧୁନିକ ଯୁଗର ଇତିହାସ ପରି ନୁହେଁ, ଏଥିରେ ମାନବଜାତିର ସୃଷ୍ଟି ଓ କ୍ରମ ବିକାଶର ଇତିହାସ ସହିତ ବିବିଧ ରାଜବଂଶର ସୃଷ୍ଟି, ବଂଶାନୁପରିଚୟ, ସେଥିରେ ଦେବଦାନବର ସଂଘର୍ଷ, ବିବିଧ ଦେବତାଙ୍କ ପରିଚୟ ଓ ସର୍ବୋପରି ଅନିର୍ବଚନୀୟ ଈଶ୍ୱରଙ୍କର ଅବତାର ପ୍ରସଙ୍ଗ ରହିଛି।



ବିବିଧ ପୁରାଣ ଭିତରେ ମହାପୁରାଣ ରାମାୟଣ, ମହାଭାରତ ଓ ଭାଗବତ ବିଶେଷ ଭାବରେ ପ୍ରଭାବ ପକାଇଅଛି। ଶାକ୍ତପୁରାଣ ଭିତରେ ଚଣ୍ଡୀ ପୁରାଣର ମଧ୍ୟ ରହିଛି ପ୍ରଭାବ। ସଂସ୍କୃତ ପୁରାଣ ଅନୁସରଣରେ ପଞ୍ଚଦଶ ଶତାବ୍ଦୀରୁ ଓଡ଼ିଆ ଭାଷାରେ ରଚିତ ହୋଇଛି ପୁରାଣ। ସାହିତ୍ୟର ଆଦି ପୁରାଣକର୍ତ୍ତା ମାଟିର ମହାକବି ସାରଳା ଦାସ। ସେ ମହାଭାରତ, ରାମାୟଣ ଓ ସପ୍ତଶତୀ ଚଣ୍ଡୀକୁ ଅନୁସରଣ କରି ରଚନା କରିଗଲେ ମହାଭାରତ, ଚଣ୍ଡୀପୁରାଣ, ବିଚିତ୍ର ରାମାୟଣ, ବିଲଙ୍କା ରାମାୟଣ, ସାତଖଣ୍ଡି ରାମାୟଣ, ଭାରତ ହରିବଂଶ ଆଦି ନାନା ଗ୍ରନ୍ଥ। ତାଙ୍କ ପରେ ଷୋଡ଼ଶ ଶତାବ୍ଦୀରେ ଜଗନ୍ନାଥ ଦାସ ରଚନା କଲେ ଭାଗବତ, ଅଚ୍ୟୁତାନନ୍ଦ ଦାସ ରଚନା କଲେ ହରିବଂଶ, ବଳରାମ ଦାସ ରଚନା କଲେ ଜଗମୋହନ ରାମାୟଣ, 'ଲକ୍ଷ୍ମୀପୁରାଣ' ଇତ୍ୟାଦି। ପରେ ପରେ ମହାଦେବ ଦାସ ଓ ପୀତାମ୍ବର ଦାସ ପ୍ରମୁଖ ରଚନା କରିଗଲେ ନାନା ପୁରାଣ। ମୋଟ ଉପରେ ସଂସ୍କୃତ ପୁରାଣଠାରୁ ଆରମ୍ଭ କରି ଓଡ଼ିଆ ଭାଷାରେ ରଚିତ ନାନା ପୁରାଣ ଓଡ଼ିଶାର ଲୋକମାନଙ୍କୁ ଗଭୀର ଭାବରେ ଅନୁପ୍ରାଣିତ କରିଥିଲେ। ଷୋଡ଼ଶ ଶତାବ୍ଦୀରୁ ଯେଉଁ ଭାଗବତ ଟୁଙ୍ଗୀ ସାରା ଓଡ଼ିଶାର ଗାଁମାନଙ୍କରେ ପ୍ରତିଷ୍ଠା ଲାଭ କଲା ତାହା ହିଁ ହେଲା ଏ ଜାତିପ୍ରତି ବରଦାନ ଓ ସେହି ସବୁ କେନ୍ଦ୍ର ଲୋକମାନଙ୍କ ଭିତରେ ଏକତା ଓ ଆଧ୍ୟାତ୍ମିକ ବିମଳ ଆନନ୍ଦ ପ୍ରଦାନ କରିବା ସଂଗେ ସଂଗେ ଚରିତ୍ର ଗଠନ କରିବାର ମାଧ୍ୟମ ହେଲା।

**ପୁରାଣ-ପରମ୍ପରା**

ଓଡ଼ିଶାରେ ଯେଉଁ ପୁରାଣ-ପରମ୍ପରା ସୃଷ୍ଟି ହେଲା ତାହା ଦୀର୍ଘ ପାଞ୍ଚ ଶହ ଛଅଶହ ବର୍ଷ ଧରି ଓଡ଼ିଆ ଜାତିକୁ ଆଧ୍ୟାତ୍ମିକ ଚେତନାରେ ଉଦ୍‌ବୁଦ୍ଧ କରି ରଖିବା ସହିତ ସେମାନଙ୍କ ଭିତରେ କର୍ମ-ପ୍ରେରଣା, ଜ୍ଞାନେଷା ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଯେଉଁ କାବ୍ୟ ପରମ୍ପରା ସୃଷ୍ଟି ହେଲା ତାହା କଳ୍ପନା, ସୌନ୍ଦର୍ଯ୍ୟବୋଧ ଅଳଙ୍କାର ଓ ରସ ଉପରେ ଗୁରୁତ୍ୱ ଦେଇଥିଲେ ମଧ୍ୟ ପୁରାଣକୁ ଛାଡ଼ି ନ ଥିଲା। ରାମାୟଣ, ମହାଭାରତ, ଭାଗବତ ଆଦି ପୁରାଣରୁ କଥାବସ୍ତୁ ଓ ଚରିତ୍ରକୁ ଆହରଣ କରି କବିମାନେ

ରଚନା କରିଗଲେ ନାନା କାବ୍ୟ କବିତା। ଏହା ଠିକ୍ ପୁରାଣ ନୁହେଁ; ପୁରାଣାଶ୍ରୟୀ କାବ୍ୟ। କବିମାନେ ସେମାନଙ୍କ ରୁଚି ଓ ଅବବୋଧକୁ ନେଇ ଯେପରି ଚାହିଁଛନ୍ତି ସେହିପରି କାବ୍ୟ କବିତା ରଚନା କରିଗଲେ। ତାହା କିନ୍ତୁ ନବ ପୁରାଣ କଳ୍ପ ନୁହେଁ ବା ନବପୁରାଣବାଦର ସ୍ୱର ମଧ୍ୟ ନୁହେଁ।

ଆଧୁନିକ ଓଡ଼ିଆ ସାହିତ୍ୟର ନବ ଉନ୍ମେଷ ଘଟେ ଊନବିଂଶ ଶତାବ୍ଦୀର ଶେଷ ଭାଗରେ। କବିବର ରାଧାନାଥ ରାୟ ହେଲେ ନବଯୁଗର ପ୍ରଥମ ବାର୍ତ୍ତାବହ। ବଂଗଳା ସାହିତ୍ୟରେ ଇତିପୂର୍ବରୁ ନବଚେତନାର ଉନ୍ମେଷ ଘଟି ସାରିଥିଲା। ମାଇକେଲ ମଧୁସୂଦନ ଦତ୍ତ ରଚନା କରିଥିଲେ 'ମେଘନାଦ ବଧ' କାବ୍ୟ। ଏହା ରାମାୟଣ ଆଧାରିତ କାବ୍ୟ ହୋଇଥିଲେ ମଧ୍ୟ ଏଥିରେ ଯେପରି ମେଘନାଦଙ୍କର ଜାତୀୟ ଚରିତ୍ରକୁ ବ୍ୟଞ୍ଜିତ କରାଯାଇଛି, ତାହା ହିଁ ନବ ପୁରାଣବାଦର ସୂଚନା ଦିଏ। କବିବର ରାଧାନାଥ ରାୟଙ୍କର 'ମହାଯାତ୍ରା' ମହାଭାରତର ଅନ୍ତିମ ମହାପ୍ରସ୍ଥାନିକ ପର୍ବର ଯୁଧିଷ୍ଠିରାଦି ପାଞ୍ଚ ଭାଇ ଓ ପତ୍ନୀ ଦ୍ରୌପଦୀଙ୍କର ସ୍ୱର୍ଗାରୋହଣ ପ୍ରସଙ୍ଗକୁ ଆଧାର କରି ରଚିତ ହୋଇଅଛି। ମୂଳ ମହାଭାରତରେ ସେମାନଙ୍କର ଯାତ୍ରା ହୋଇଛି ହସ୍ତିନାରୁ ଓ ସେହି ଯାତ୍ରା ଲମ୍ବିଯାଇଛି ଉତ୍ତରାପଥ ଦେଇ ବ୍ରହ୍ମପୁତ୍ର ନଦୀର ଲୋହିତ୍ୟା ପାଖକୁ। ସେଇଠି ଅଗ୍ନିଙ୍କର ହୋଇଛି ଆବିର୍ଭାବ ଓ ତାଙ୍କରି ନିର୍ଦ୍ଦେଶରେ ଅର୍ଜୁନ ଗାଣ୍ଡିବକୁ ଲୋହିତ୍ୟା ଗର୍ଭରେ ଫିଙ୍ଗି ଦେଇଛନ୍ତି ଓ ସମସ୍ତଙ୍କର ହୋଇଛି ହିମାଳୟ ଉପରକୁ ଯାତ୍ରା। ମାତ୍ର ମାଟିର ମହାକବି ସାରଳା ଦାସ ତାଙ୍କ ମହାଭାରତର ସ୍ୱର୍ଗାରୋହଣ ପର୍ବରେ ସେମାନଙ୍କୁ ଲୋହିତ୍ୟା ଦିଗରେ ନ ନେଇ ଓଡ଼ିଶାକୁ ନେଇ ଆସିଛନ୍ତି। କବିବର ରାଧାନାଥ ମଧ୍ୟ ସେମାନଙ୍କୁ ଆଣିଛନ୍ତି ପୁରୀ ସମୁଦ୍ରବେଳାକୁ। ସେଇଠି ଅଗ୍ନିଙ୍କର ହୋଇଛି ଆବିର୍ଭାବ। ଅର୍ଜୁନ ମହୋଦଧିରେ ଗାଣ୍ଡିବ ଫିଙ୍ଗିଛନ୍ତି। ଅଗ୍ନିଦେବ ହୋଇଛନ୍ତି ମାର୍ଗନିର୍ଦ୍ଦେଶକ। ସେମାନେ କେତେ କେତେ ସ୍ଥାନ ଦେଇ ଶେଷରେ ଦକ୍ଷିଣ ଭାରତର ଉଚ୍ଚତମ ପର୍ବତ ସହ୍ୟାଦ୍ରି ଉପରେ ପହଞ୍ଚିଛନ୍ତି। ସେଇଠି ଅଗ୍ନି ଦେଇଛନ୍ତି ଯୁଧିଷ୍ଠିରଙ୍କୁ ଅଞ୍ଜନ। ସେ ସମୟ ଥିଲା ଦ୍ୱାପରର ଶେଷ ଓ କଳିର ଆଗମନର ସନ୍ଧି। ଅଞ୍ଜନ ବଳରେ ଯୁଧିଷ୍ଠିର ଦେଖିଛନ୍ତି ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ। ଦେଖିଛନ୍ତି ଧର୍ମର ବିଲୋପ। ଦେଖିଛନ୍ତି ସତ୍ୟ, ନ୍ୟାୟ, ଶାନ୍ତି, କ୍ଷମା ଆଦି ମହତ୍‌ଗୁଣର ଅବକ୍ଷୟ ଓ ସେସବୁ ସ୍ଥାନରେ ଆସୁଛନ୍ତି ମିଥ୍ୟା, ଅଧର୍ମ, କପଟତା, ଶଠତା, ଛଳନା ଆଦି କଳିର ସହଚର। ପୌରାଣିକ ଭାରତ ବା ଆର୍ଯ୍ୟ ଭାରତର ଅବସାନ ପରେ ଐତିହାସିକ ଭାରତର ଦୃଶ୍ୟ ଦେଖୁଛନ୍ତି ଯୁଧିଷ୍ଠିର। ବୌଦ୍ଧ ଧର୍ମର ଉତ୍‌ଥାନ ଓ ଅବକ୍ଷୟ, ଆର୍ଯ୍ୟ ଚେତନାର ବିଲୋପ, ବ୍ରାହ୍ମଣ କର୍ମକାଣ୍ଡର ପ୍ରଭାବ, ରାଜତନ୍ତ୍ରର କାଳିମା ଇତ୍ୟାଦି ନାନା ପ୍ରସଙ୍ଗକୁ ଯୁଧିଷ୍ଠିର ଦେଖୁଛନ୍ତି। ପହଞ୍ଚିଛନ୍ତି ୧୧୯୨ ମସିହାର ଦିଲ୍ଲୀର ଶେଷ ହିନ୍ଦୁରାଜା ପୃଥ୍ୱୀରାଜ ଓ ଯବନ ମହମ୍ମଦ ଘୋରୀଙ୍କ ମଧ୍ୟରେ ଯୁଦ୍ଧ ସମୟରେ। ଏହା ଥିଲା ଦ୍ୱାଦଶ ଶତାବ୍ଦୀ ଓ ତ୍ରୟୋଦଶ ଶତାବ୍ଦୀର ସନ୍ଧିକ୍ଷଣ। ଏଇଠି ଯୁଧିଷ୍ଠିର ଦେଖିଲେ ଭାରତ ବର୍ଷରୁ ଶେଷ ହିନ୍ଦୁ ଶାସନର ଉପସଂହାର। ଏହି ସନ୍ଧିରେ ପୃଥ୍ୱୀରାଜଙ୍କ ସେନାପତି ଅମର୍ଷିଙ୍କ ଉଦ୍‌ବୋଧନ ଏକାନ୍ତ ପ୍ରଣିଧାନଯୋଗ୍ୟ। କଥାବସ୍ତୁ ଏଇଠି ସରିଯାଇଛି।

**ମନେହୁଏ ସ୍ୱୟଂ ରାଧାନାଥ ଊନବିଂଶ ଓ ବିଂଶ ଶତାବ୍ଦୀର ସନ୍ଧିକ୍ଷଣରେ ନିଜେ ହିଁ ଦେଇଛନ୍ତି ଉଦ୍‌ବୋଧନ। ଯୁଧିଷ୍ଠିର କେବଳ ଦ୍ରଷ୍ଟା।**

## ରାଧାନାଥଙ୍କ କାବ୍ୟଚେତନା

କବି ରାଧାନାଥ କାବ୍ୟ ରଚନା କରିଛନ୍ତି ଊନବିଂଶ ଶତାବ୍ଦୀର ଶେଷ ଦଶନ୍ଧିରେ। ଏ ସମୟ ଥିଲା ଭାରତ ବର୍ଷରେ ବ୍ରିଟିଶ ରାଜତ୍ୱର ସମୟ। ସାରା ଭାରତବର୍ଷର ଜନଗଣ ଥିଲେ ନିର୍ବେଦ। ଜାତୀୟ ଜାଗରଣର ଉନ୍ମେଷ କାଳ। ମନେହୁଏ ସ୍ୱୟଂ ରାଧାନାଥ ଊନବିଂଶ ଓ ବିଂଶ ଶତାବ୍ଦୀର ସନ୍ଧିକ୍ଷଣରେ ନିଜେ ହିଁ ଦେଇଛନ୍ତି ଉଦ୍‌ବୋଧନ। ଯୁଧିଷ୍ଠିର କେବଳ ଦ୍ରଷ୍ଟା। ତାଙ୍କର କୌଣସି କ୍ରିୟା ନାହିଁ ବା ପ୍ରତିକ୍ରିୟା ନାହିଁ। ସେ ଯେପରି ହୋଇଯାଇଛନ୍ତି ପରାଧୀନ ବା ପରିପୀଡ଼ିତ ଜନଗଣଙ୍କର ନିଷ୍କ୍ରିୟ ନାୟକ। ଅତଏବ ରାଧାନାଥ ହିଁ ହେଲେ ନବପୁରାଣବାଦର ପ୍ରଥମ ସ୍ରଷ୍ଟା। ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ ସେ ଗୋଟିଏ ଭାବବିନ୍ଦୁରେ ମିଳାଇ ଦେଇଛନ୍ତି। ସେ କାଳର ଭବିଷ୍ୟତ ଭାରତ ପାଇଁ ଏହା ହୋଇଯାଇଛି ଏକ ପ୍ରେରଣା।

ରାଧାନାଥଙ୍କ ପରେ ପ୍ରାୟ ପଚାଶ ବର୍ଷ ଭିତରେ ଅନ୍ୟାନ୍ୟ ଅନେକ କବି ପୁରାଣ ବିଷୟକୁ ନେଇ କାବ୍ୟ, କବିତା, ନାଟକ ଇତ୍ୟାଦି ରଚନା କରିଛନ୍ତି। ମାତ୍ର ସେ ସବୁଥିରେ ନବପୁରାଣବାଦକୁ ଲକ୍ଷ୍ୟ କରି ହୁଏ ନାହିଁ। କେବଳ ଗଙ୍ଗାଧର

ମେହେରଙ୍କ 'କୀଚକବଧ', 'ତପସ୍ୱିନୀ'ରେ ନବପୁରାଣ ଚେତନାକୁ ଲକ୍ଷ୍ୟ କରି ହୁଏ। ସ୍ୱାଧୀନତା ପରେ ଓଡ଼ିଆ ସାହିତ୍ୟରେ ପୁରାଣର ବିଷୟ ଓ ଚରିତ୍ରକୁ ନେଇ ବିଭିନ୍ନ, କାବ୍ୟ, କବିତା, ଉପନ୍ୟାସ, ଗଳ୍ପ, ପ୍ରବନ୍ଧ, ରମ୍ୟରଚନା ଇତ୍ୟାଦି ରଚିତ ହୋଇଛି। ତାହା ପୁରାଣର ବିଷୟକୁ ନେଇଥିଲେ ମଧ୍ୟ ସେଥିରେ ନୂତନ ଚିନ୍ତା ଓ ଚେତନା ପ୍ରକଟିତ ହୋଇଥିବା ଲକ୍ଷ୍ୟ କରାଯାଏ। କାବ୍ୟ କବିତା ଭିତରେ ସଚ୍ଚିଦାନନ୍ଦ ରାଉତରାୟ, ବେଣୁଧର ରାଉତ, ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ହରିହର ମିଶ୍ର, ପ୍ରତିଭା ଶତପଥୀ, ହୁସେନ ରବି ଗାନ୍ଧୀ, ହୃଷୀକେଶ ମଲ୍ଲିକ, ସୁରେଶ କୁମାର ପରିଡ଼ା, ବୈଷ୍ଣବ ଚ଼ରଣ ସାମଲ, କୈଳାସ ଲେଙ୍କା ପ୍ରମୁଖ ବହୁ କବି ପୁରାଣ ବିଷୟକୁ ନେଇ ରଚନା କରିଛନ୍ତି କାବ୍ୟ କବିତା। ସେହିପରି ସୁରେନ୍ଦ୍ର ମହାନ୍ତି; କାହ୍ନୁଚରଣ ମହାନ୍ତି, ନୃସିଂହ ଚରଣ ପଣ୍ଡା, ଚନ୍ଦ୍ରଶେଖର ରଥ, ଶାନ୍ତନୁ ଆଚାର୍ଯ୍ୟ, ମହାପାତ୍ର ନୀଳମଣି ସାହୁ, କିଶୋରୀ ଚରଣ ଦାସ, ପ୍ରତିଭା ରାୟ, ବିଜୟିନୀ ଦାସ, ଅଚ୍ୟୁତାନନ୍ଦ ପତି, ମନୋଜ ଦାସ, ସୁରେନ୍ଦ୍ର ଶତପଥୀ ପ୍ରମୁଖ ରଚନା କରିଛନ୍ତି, ପୁରାଣର ବିଷୟକୁ ନେଇ ଉପନ୍ୟାସ ଓ ଗଳ୍ପ। ନାଟକ କ୍ଷେତ୍ରରେ ପୁରାଣ କଳ୍ପକୁ ନେଇ ପରୀକ୍ଷା ନିରୀକ୍ଷା କରିଛନ୍ତି ମନୋରଞ୍ଜନ ଦାସ, ରମେଶ ପ୍ରସାଦ ପାଣିଗ୍ରାହୀ, ବିଜୟ କୁମାର ଶତପଥୀ, ପ୍ରମୋଦ ମହାପାତ୍ର, ନାରାୟଣ ସାହୁ ପ୍ରମୁଖ ନାଟ୍ୟକାର। ପ୍ରବନ୍ଧ ଓ ରମ୍ୟ ରଚନାରେ ପୁରାଣ ପ୍ରସଙ୍ଗକୁ ଗୁରୁତ୍ୱ ଦେଇଛନ୍ତି, ଚିତ୍ତରଞ୍ଜନ ଦାସ, ଚନ୍ଦ୍ରଶେଖର ରଥ, କୃଷ୍ଣଚରଣ ବେହେରା, ବୈଷ୍ଣବ ଚରଣ ସାମଲ ପ୍ରମୁଖ ବହୁ ଲେଖକ।




### ବିଷୟ ଓ ଚରିତ୍ର

ପୁରାଣର ବିଷୟ ଓ ଚରିତ୍ର ଆଧୁନିକ ସାହିତ୍ୟରେ ଗୁରୁତ୍ୱ ଲାଭ କରିଛି। ତାହା କିନ୍ତୁ ବର୍ଣ୍ଣନାତ୍ମକ ନୁହେଁ; ବ୍ୟଞ୍ଜନାତ୍ମକ। ମିଥ୍ ନେଇଛି ମୁଖ୍ୟ ସ୍ଥାନ। ମିଥ୍ ହେଉଛି ଏକ ପ୍ରତୀକ। ଅନେକ କଥାକୁ ମିଥ୍ ମାଧ୍ୟମରେ ସଂକ୍ଷେପରେ ପ୍ରକାଶ କରାଯାଏ। ମିଥ୍‌ର ଧର୍ମ ହେଲା ଅତୀତକୁ ବର୍ତ୍ତମାନ ସହିତ ମିଳାଇ ଦେବା ଓ ଭବିଷ୍ୟତ ପାଇଁ ଇଙ୍ଗିତ ଦେବା। ନବପୁରାଣବାଦରେ ମିଥ୍ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ନବପୁରାଣବାଦ ପୁରାଣର ଅତିକଳ୍ପନା ଓ ଅଲୌକିକ ଘଟଣାକୁ ପରିହାର କରେ। ଯାହା ଜୀବନ ପ୍ରତି ତଥା ସମାଜ ଓ ରାଷ୍ଟ୍ରପ୍ରତି ଉପଯୋଗୀ, ଜୀବନର ଉତ୍‌ପ୍ରେରଣା ପ୍ରତି ଅଭିପ୍ରେତ ସେହି ସତ୍ୟକୁ ଗୁରୁତ୍ୱ ଦିଏ। ପୁରାଣର ଘଟଣାକୁ ବା ଚରିତ୍ରକୁ ବିକୃତ କରିଦେବା ବା ଅଯଥା କଳ୍ପନାର ପୁଟ ଦେଇ ମନଇଚ୍ଛା ଭିନ୍ନ କରିଦେବା ନବପୁରାଣବାଦର ଧର୍ମ ନୁହେଁ। ତାହାର ଧର୍ମ ହେଉଛି ପୁରାତନକୁ ନୂତନ ସହିତ ଯୋଡ଼ି ଦେବା ଓ ସେଥିରେ ମାନବିକ ଉତ୍‌ପ୍ରେରଣା ସୃଷ୍ଟି କରିବା। ଏହି ଦୃଷ୍ଟିରୁ ଆଧୁନିକ ଓଡ଼ିଆ ସାହିତ୍ୟରେ ନବପୁରାଣବାଦର ପ୍ରୟୋଗ ଓ ପରୀକ୍ଷାକୁ ବିଚାର କରିବା ଆବଶ୍ୟକ।

ଆମେ ଯେତେବେଳେ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କର 'ଗାନ୍ଧାରୀର ଆଶୀର୍ବାଦ' କବିତା ପଢୁ ତାହା ଆଉ ପୁରାଣ ଭିତରେ ସୀମିତ ହୋଇ ରହେ ନାହିଁ। ଗାନ୍ଧାରୀ ମହାଭାରତର ଏକ ପ୍ରଭାବଶାଳୀ ଚରିତ୍ର। ତାଙ୍କର ବିବାହ ହୋଇଥିଲା ଅନ୍ଧ ଧୃତରାଷ୍ଟ୍ରଙ୍କ ସହିତ। ଗାନ୍ଧାରୀ ନିଜର ପତ୍ନିତ୍ୱର ଗୌରବ ରକ୍ଷା ପାଇଁ ନିଜେ ଆଖିରେ ଅନ୍ଧପୁଟୁଳି ବାନ୍ଧିଥିଲେ। ସେ ହେଲେ ଶତପୁତ୍ରର ଜନନୀ। ଯେତେବେଳେ ଦୁର୍ଯ୍ୟୋଧନ ମା'ଙ୍କ ପାଖକୁ ଆସିଛି ବିଜୟୀ ହେବା ଲାଗି ଆଶୀର୍ବାଦ ପାଇଁ, ସେତେବେଳେ ଗାନ୍ଧାରୀ ତାଙ୍କୁ କହିଲେ ସେ ତାଙ୍କୁ ବା ଅନ୍ୟ କାହାରିଙ୍କୁ ବିଜୟ ପାଇଁ ଆଶୀର୍ବାଦ ଦେଇପାରିବେ ନାହିଁ। କାରଣ ସେ ଶତପୁତ୍ରର ଜନନୀ। ସେ ଜାଣନ୍ତି ଜନ୍ମ-ଦୁଃଖ ଓ ମା' ପାଖରେ ବାତ୍ସଲ୍ୟ ମମତାର ମହତ୍ତ୍ୱ କ'ଣ। କାହାକୁ ସେ ଆଶୀର୍ବାଦ ଦେବେ ? ଶତପୁତ୍ରର ଜନନୀ ହୋଇ ସିଏ କ'ଣ ପ୍ରତ୍ୟେକ ମା'ର ହୃଦୟକୁ ଜାଣନ୍ତି ନାହିଁ ? ତେଣୁ ଦୁର୍ଯ୍ୟୋଧନଙ୍କୁ ସେ ରୋକଠୋକ କହିଲେ - ଧର୍ମର ହେଉ ଜୟ ଅଧର୍ମର ହେଉ କ୍ଷୟ। ମୂଳ ପୁରାଣରୁ ଏହା ବ୍ୟତିକ୍ରମ ହୋଇଯାଇ ନାହିଁକି ? ଏହି ବ୍ୟତିକ୍ରମ ଭିତରେ ବିଶ୍ୱଜନନିତ୍ୱର ଗୌରବ ଫୁଟି ଉଠି ନାହିଁ କି ? ତେଣୁ ଏହା ଭିତରେ ନବପୁରାଣବାଦର

ସ୍ୱର ଝଙ୍କୃତ ହୋଇଉଠିଛି । ନବପୁରାଣବାଦରେ ଅତୀତ ବର୍ତ୍ତମାନ ଭିତରେ ନୂତନ ରୂପ ନେଇଯାଏ; ସୂଚେଇ ଦିଏ ମାନବିକ ଦିବ୍ୟତାକୁ ।

ସଚ୍ଚିଦାନନ୍ଦ ରାଉତରାୟଙ୍କର ନାନା କବିତାରେ ନବପୁରାଣବାଦର ସ୍ୱାକ୍ଷର ଆମେ ଦେଖିବାକୁ ପାଉ । 'ପଦ୍ମଭୁକ୍' ପରି କବିତାରେ ସେ ଅର୍ଜୁନ ଚରିତ୍ର ମାଧ୍ୟମରେ ଆଧୁନିକ ଚିନ୍ତନକୁ ପ୍ରକାଶ କରିଛନ୍ତି । ଅର୍ଜୁନ ଇନ୍ଦ୍ରପୁରରେ ଉର୍ବଶୀଙ୍କ ଅଭିଶାପରେ ପୁରୁଷତ୍ୱ ହରାଇ ନାରୀପୁରୁଷର ଏକ ସମନ୍ୱିତ ରୂପ ହୋଇଥିଲା – ବୃହନ୍ନଳା । ସାରଳା ଦାସ ତାଙ୍କୁ ମଧ୍ୟ ବୃହନ୍ନାରୀ ରୂପେ ଉଲ୍ଲେଖ କରିଛନ୍ତି । ସଚ୍ଚିଦାନନ୍ଦ ରାଉତରାୟ ଏହି 'ବୃହନ୍ନଳା' ଶବ୍ଦକୁ ମିଥ୍ ରୂପେ ବ୍ୟବହାର କରିଦେଇ ତା' ଭିତରେ ନୂତନ ଜାଗରଣର ମନ୍ତ୍ର ଫୁଙ୍କିଛନ୍ତି–

"ଜାଗ ପଳାୟନପନ୍ଥୀ ନଷ୍ଟ
ପକ୍ଷ ହେ ମୂକମୈନାକ !
ଜାଗ ଆତ୍ମଭୋଳା
ଘୃଣ୍ୟ ଏ ନୃତ୍ୟର ବେଶ ଫିଙ୍ଗି
ଦୂରେ ଜାଗ ବୃହନ୍ନଳା
ଆପଣାର ପରିଚୟ ତୋଳି ଧର
ଯେପରି ନିଶାଣ
ଅଜ୍ଞାତବାସର ପର୍ବ ଶେଷ ହେଲା,
ହେଲା ଅବସାନ ।"

**ସଚ୍ଚିଦାନନ୍ଦ ରାଉତରାୟ 'ବୃହନ୍ନଳା' ଶବ୍ଦକୁ ମିଥ୍ ରୂପେ ବ୍ୟବହାର କରିଦେଇ ତା' ଭିତରେ ନୂତନ ଜାଗରଣର ମନ୍ତ୍ର ଫୁଙ୍କିଛନ୍ତି ।**

ଏହି ମିଥ୍ ମାଧ୍ୟମରେ କବି ସୂଚାଇ ଦେଇଛନ୍ତି ଏ ଦେଶର ଅଗଣିତ ମଣିଷ ଯେତେବେଳେ ଇଂରେଜ ଶାସନର ଶୋଷଣ କଷଣରେ ବିଦଳିତ ହୋଇ ନିର୍ବେଦ ଓ ନପୁଂସକ ପାଲଟି ଯାଇଥିଲେ ମହାଭାରତର ଅଭିଶପ୍ତ ଅର୍ଜୁନ ପରି ଘୃଣ୍ୟ ନୃତ୍ୟର ବେଶ ପିନ୍ଧି ବୃହନ୍ନଳା ନାମଧାରଣ କରି ନାରୀମାନଙ୍କ ମେଳରେ ଅସହାୟ ଭାବରେ ଜୀବନ କାଟୁଥିଲେ, କବି ସେହିମାନଙ୍କୁ ଉଦ୍‌ବୋଧନ ଦେଇଛନ୍ତି ବୃହନ୍ନଳା ଭିତରୁ ଗାଣ୍ଡୀବୀ ଫାଲ୍‌ଗୁନିଙ୍କର ଆବିର୍ଭାବ ପାଇଁ । କାରଣ ଏ ସମୟ ଆଉ ନପୁଂସମାନଙ୍କର ନୁହେଁ; ସଂଗ୍ରାମୀ ବୀରମାନଙ୍କର । ପୁରାଣର କଥାକୁ କବି ଯେପରି ବର୍ତ୍ତମାନ ସହିତ ମିଳାଇ ଦେଇ ନୂତନ ଦୁର୍ମଦ ଜୀବନର ଉତ୍‌ଥାନ ପାଇଁ ପ୍ରେରଣା ଦେଇଛନ୍ତି ତାହା ନବପୁରାଣବାଦକୁ ସୂଚାଇ ଦିଏ । କବି ବେଣୁଧର ରାଉତଙ୍କର 'ପିଙ୍ଗଳାର ସୂର୍ଯ୍ୟ', 'ପିଙ୍ଗଳାର ରାତ୍ରି', ଗୁରୁପ୍ରସାଦ ମହାନ୍ତିଙ୍କର 'କାଳପୁରୁଷ', 'ଅକ୍ରୂର ଉବାଚ', ସୀତାକାନ୍ତ ମହାପାତ୍ରଙ୍କର 'ଅଷ୍ଟପଦୀ' ଅନ୍ତର୍ଗତ ବିଭିନ୍ନ କବିତା, ରମାକାନ୍ତ ରଥଙ୍କର 'ଶ୍ରୀରାଧା', 'ଶ୍ରୀପଳାତକ', କୈଳାସ ଲେଙ୍କାଙ୍କର 'ଶକୁନି', ହୃଷୀକେଶ ମଲ୍ଲିକଙ୍କର 'ବସୁସେଣ', ହୁସେନ ରବି ଗାନ୍ଧୀଙ୍କର 'କର୍ଣ୍ଣ', ସୁରେଶଚନ୍ଦ୍ର ପରିଡାଙ୍କ 'କୃଷ୍ଣ', ଶତ୍ରୁଘନ ପାଣ୍ଡବଙ୍କର 'ପଦ୍ମପାଲିଙ୍କି', ଗିରିଜା ବଳିୟାରସିଂହଙ୍କର 'ଭାରତବର୍ଷ' ଇତ୍ୟାଦି କବିତା ପୁସ୍ତକରେ ବିଭିନ୍ନ କବିତାରେ ମିଥ୍ ବ୍ୟବହୃତ ହୋଇ କବିତାମାନଙ୍କରେ ନୂତନ ଜୀବନାଲୋକ ସୃଷ୍ଟି କରିଛି ।

ବେଣୁଧର ରାଉତଙ୍କର 'ପିଙ୍ଗଳାର ସୂର୍ଯ୍ୟ' କବିତାଟି ଭାଗବତର ଅବଧୂତଙ୍କ ଚବିଶଗୁରୁ ପ୍ରସଙ୍ଗରେ ବର୍ଣ୍ଣିତ ପିଙ୍ଗଳାକୁ ନେଇ ରଚିତ ଏକ ଚମତ୍କାର କବିତା । ପିଙ୍ଗଳା ରୂପସୀ ଓ ବେଶ୍ୟା । ତା'ର ବୃତ୍ତି ଧନୀପୁରୁଷମାନଙ୍କୁ ନିଜ କକ୍ଷକୁ ଆଣି ଦେହ ଭୋଗ ସହିତ ପ୍ରଚୁର ଧନରତ୍ନ ରୋଜଗାର କରିବା । ଅଥଚ ତା' ପାଖକୁ ଧନୀ ପୁରୁଷ ବେଶରେ ଏକଦା ଶ୍ରୀକୃଷ୍ଣ ଆସିଛନ୍ତି । ପିଙ୍ଗଳା ଦେଖିଛି ତାଙ୍କର ରମ୍ୟ ମଧୁର ରୂପକୁ । ପ୍ରଥମତଃ ତା'ର ସୃଷ୍ଟି ହୋଇଛି ରୂପାନୁରାଗ । ଦ୍ୱିତୀୟତଃ ଧନୀ ପୁରୁଷବେଶୀ ଶ୍ରୀକୃଷ୍ଣ ତାକୁ କହିଛନ୍ତି ସେ ତାକୁ ଅନେକ ହୀରାନୀଳା ରତ୍ନ ଦେବେ । ସର୍ତ୍ତ ଆଉ କେହି ତା'ପାଖକୁ ଆସିବେ ନାହିଁ । ଏଥର ପିଙ୍ଗଳା ନିଜକୁ ତଥା ତା'ର ଗୃହକୁ ସଜାଇ ଅପେକ୍ଷା କରି ରହିଛି ଧନୀ ପୁରୁଷକୁ । ଉତ୍କଣ୍ଠା ବୃଦ୍ଧି ପାଉଛି । ଘରୁ ବାହାର ହେଉଛି । ରାତ୍ରିର ତୃତୀୟ ପ୍ରହର ଗଡି ଗଲାଣି । ଏଥର ପିଙ୍ଗଳାର ଦେଖା ଦେଇଛି ଭାବାନ୍ତର । କିଏ ସେହି ଧନୀ ପୁରୁଷ ? ସିଏ କ'ଣ ତା' ପ୍ରାଣନାଥ ? ଦେହ-ଆକାଂକ୍ଷା, ଧନ-ତୃଷ୍ଣା ଲୋପ ପାଇଯାଇଛି । ତା' ଆତ୍ମାର ହୋଇଛି ଜାଗରଣ । ସେ ଏଥର ନିଜକୁ ଓ ପରମକୁ ଚିହ୍ନି ପାରିଛି । ସେହି ରାତ୍ରିରେ ଘରଦ୍ୱାର ଧନରତ୍ନ ଛାଡ଼ି ଦେଇ ପ୍ରିୟ ପରମଙ୍କୁ ଖୋଜିବା ପାଇଁ ବଣ ଭିତରକୁ ଚାଲିଯାଇଛି । କବି ବେଣୁଧର ପୁରାଣର ଏହି ଚରିତ୍ରକୁ ନେଇ ତା' ଭିତରେ ସୃଷ୍ଟି କରି ଦେଇଛନ୍ତି ଜିଜ୍ଞାସା – ସେହି ଜିଜ୍ଞାସା ଦେହରୁ ଦେହାତୀତକୁ ଗତି କରିଯାଇଛି ।

## ସ୍ୱାଧୀନତୋତ୍ତର କାଳ

ସ୍ୱାଧୀନତା ପରବର୍ତ୍ତୀ କାଳର ଜଣେ ବଳିଷ୍ଠ କବି ଗୁରୁପ୍ରସାଦ ମହାନ୍ତି । ତାଙ୍କର 'କାଳପୁରୁଷ' ଓ 'ଅକ୍ରୂର ଉବାଚ' କବିତାରେ ପୁରାଣ କଥାକୁ ଏପରି ମିଥ୍ ମାଧ୍ୟମରେ ପ୍ରକାଶ କରି ଅଛନ୍ତି ତାହା ନବପୁରାଣବାଦକୁ ବ୍ୟଞ୍ଜିତ କରି ଦିଏ । 'କାଳପୁରୁଷ'ରେ ମହାକାଳ ଓ କାଳପୁରୁଷକୁ ଯେପରି ବର୍ଣ୍ଣନା କରିଛନ୍ତି ଓ ଯେପରି ଅକ୍ରୂର ଓ ଉଦ୍ଧବଙ୍କୁ ଆପଣାର ଆତ୍ମସତ୍ତାରେ ତଲ୍ଲୀନ କରି ଦେଇ କହିଛନ୍ତି –

"ହେ ଅକ୍ରୂର ! ହେ ଉଦ୍ଧବ ! ସଖା ମୋର ପ୍ରାଣର ଦୋଷର
ରୁହ ରୁହ ଠିଆ ରୁହ ପିଠିରେ ମୋ ତୁମ ପରି ବୋଝ
ମୁଁ ଯିବି ତୁମରି ପରି ଜହ୍ନ ଖୋଜି,
ତାରା ଖୋଜି, ଖୋଜି ଖୋଜି ଝରଣାର ସୁଅ
ମୁଁ ଯିବି ତୁମରି ପରି ଖୋଜି ମୋର ପିତାମାତା
ନିର୍ମୂଳି ଲଟାରେ ଖୋଜି
ଅରୁନ୍ଧତୀ ତାରାର ଆଲୁଅ ।"

ଏହାରି ଭିତରେ ସେ ମିଥ୍ ମାଧ୍ୟମରେ ଯେପରି ଜହ୍ନ ଅର୍ଥାତ୍ ହଜିଯାଉଥିବା ସ୍ନେହ, ପ୍ରେମ ଓ ମାନବତା, ତାରା ମାଧ୍ୟମରେ ଜୀବନର ସ୍ଥିର ଲକ୍ଷ୍ୟ, ଝରଣାର ଜଳ ମାଧ୍ୟମରେ ଜୀବନର ସ୍ୱଚ୍ଛତା, ନିର୍ମୂଳି ଲଟା ମାଧ୍ୟମରେ ପରମ ପିତାମାତା ଓ ଅରୁନ୍ଧତୀ ତାରାର ଆଲୁଅ ମାଧ୍ୟମରେ ଶୁଦ୍ଧ ଦାମ୍ପତ୍ୟ ପ୍ରେମକୁ ଖୋଜିବା ପାଇଁ କହିଅଛନ୍ତି ତାହା ପୌରାଣିକ ଚରିତ୍ର ମାଧ୍ୟମରେ ଏପରି ବର୍ଣ୍ଣନା କରି ଦେଇଛନ୍ତି ଯେ ତାହା ଆଉ ପୁରାଣ ଭିତରେ ଆବଦ୍ଧ ହୋଇ ନ ରହି ଚାଲିଆସିଛି ବର୍ତ୍ତମାନର ସମାଜକୁ । ଏହିପରି ସୀତାକାନ୍ତ ମହାପାତ୍ରଙ୍କ ମାଟି ଓ ମଣିଷ, ରକ୍ତନଦୀ ସନ୍ତରଣ ପରେ, ସ୍ତନଂଧୟର ଉପକଥା, ତ୍ରିଶଙ୍କୁର ମଧ୍ୟସ୍ୱର୍ଗ, କୁବୁଜା ପାଇଁ ଗୋଟିଏ ସଂଗୀତ ଇତ୍ୟାଦି କବିତାରେ ନବପୁରାଣବାଦର ଯଥାର୍ଥ ପରିଚୟ ମିଳେ । ସେ ପୁରାଣକୁ ମିଳାଇ ଦେଇଛନ୍ତି ବର୍ତ୍ତମାନ ସହିତ । ପୁରାଣର କଥା ଆଉ ପୁରାଣ ହୋଇ ରହିନାହିଁ; ହୋଇଯାଇଛି ବର୍ତ୍ତମାନ ଜିଜ୍ଞାସା, ସ୍ୱର ଓ ସଂକଳ୍ପ, ଯେପରି ପ୍ରେତାତ୍ମାର ଶୋଭାଯାତ୍ରା ଓ ପରାବୃତ୍ତି କବିତାରେ – 'ବସୁଦେବ ହକାରୁଛି/ ହେ ପୃଥିବୀ, ହେ ଦେବକୀ/ ମଧୁମତୀ ମଧୁକ୍ଷରା, ହେ ଆଦି ଜନନୀ' ବା 'ସ୍ତନଂଧୟର ଉପକଥା'ରେ ଯେପରି ବର୍ଣ୍ଣନା କରିଛନ୍ତି – "ପାଣିରେ ଭାସିଲା ଯେତେ ଲୌହଚୂର୍ଣ୍ଣ/ ଇତିହାସ ସମୟ ଉତ୍କୀର୍ଣ୍ଣ/ ମଣିଷର ଧ୍ୱଂସ ପାଇଁ, ଯଦୁକୁଳ ନାଶ ପାଇଁ/ ଜନମିଲା ଏରକାର ବନ" ଅଥବା 'ରକ୍ତନଦୀ ସନ୍ତରଣ ପରେ' କବିତାରେ ଯେପରି ରୂପ ଦେଇଛନ୍ତି –

'ଉରୁଭଗ୍ନ ଲଗ୍ନ ଆଜି କେତେ ଦୂର
ପ୍ରଭୁ କେତେ ଦୂର
ବ୍ୟାସସରୋବର ରାତି
ଆହ୍ୱାନ ନ ଆସେ କିଆଁ ଭୀମ ରଡ଼ି
କେତେଦୂର ରଜନୀର ଅନ୍ତିମ ପ୍ରହର ?'

## ପୁରାଣରୁ ବର୍ତ୍ତମାନ ପର୍ଯ୍ୟନ୍ତ

ତାହା କ'ଣ ପୁରାଣରୁ ବର୍ତ୍ତମାନକୁ ଲମ୍ବି ଆସି ବର୍ତ୍ତମାନ ଭିତରେ ସେହି ଜିଜ୍ଞାସାକୁ ସୃଷ୍ଟି କରି ଦେଉ ନାହିଁକି ?

**ରମାକାନ୍ତ ରଥଙ୍କ 'ଶ୍ରୀରାଧା' ଓ 'ଶ୍ରୀପଳାତକ' ଭାଗବତର କୃଷ୍ଣ ଓ ରାଧାଙ୍କ ପ୍ରେମକୁ ଆଧାର କରିଥିଲେ ହେଁ ତାହା ଚିରନ୍ତନ ପ୍ରେମର ଜୀବନ୍ତ ଭାଷ୍ୟ ।**


ଭାଗବତର କୁବୁଜା ଯିଏ କୁଶ୍ରୀ ଅଥଚ କଂସର ଚନ୍ଦନ ସେବାରେ ନିଯୁକ୍ତା, ଯିଏ ବ୍ୟର୍ଥତାର ଏକ ଆକୁଳ ଚିତ୍କାର ଓ ଯିଏ ଉପଲବ୍ଧି କରିଛି ତା'ର ତିନି ବାଙ୍କ କୁଜ ମନ ଭିତରେ ମଥୁରା ଲୋକେ ଅଭିଶପ୍ତ, ସେଠି କେବଳ ରାଜା ଓ ରାଜକର୍ମଚାରୀଙ୍କର ଅଶ୍ଳୀଳ ଇଙ୍ଗିତ, ତା'ର ଉକ୍ତି କେତେ ବିଦ୍ରୋହାତ୍ମକ ଓ ଇଙ୍ଗିତପୂର୍ଣ୍ଣ ଦେଖନ୍ତୁ –

"ହେ ପରମ ଆଦିମୂଳ
ଆଜି ତେଣୁ ମୁକ୍ତି ମାଗେ
ଅଭିଶପ୍ତ ମଥୁରାର ନଗ୍ରଲୋକ
ତୋ ଚରଣ ରେଣୁ ସ୍ପର୍ଶେ
ଝରିଯାଉ ଜୀବନର, ମୃତ୍ୟୁ ଆଉ ବିଭଂଗ କାଳର
ଅଂତ ହେଉ ଅଶ୍ଳୀଳ ଓ
କୁତ୍ସିତର ରାଜପୂଜା
ଶୃଙ୍ଖଳା ଆକାଶେ ଲାଗୁ ମେଘମାଳା
ହାଂଡିକଳା ଘୁମର ଘୁମର ।"

– କୁବୁଜା ପାଇଁ ଗୋଟିଏ ସଂଗୀତ

ବରିଷ୍ଠ ପ୍ରଗତିବାଦୀ କବି, ଅନନ୍ତ ପଟ୍ଟନାୟକ 'ଆସିଚି ମୁଁ ଆସିଚି', 'ଝରରେ ରୁଧିର' ଚେତାଇ ଦେତେ ବିଶ୍ୱବାସୀ,

ଆଦି ନାନା କବିତାରେ ପୁରାଣରୁ ଚରିତ୍ର ଓ ଘଟଣା ନେଇ ମିଥ୍ ରୂପେ ପ୍ରୟୋଗ କରି ଆଧୁନିକ ଜୀବନ-ସଂକଟ ଓ ସମସ୍ୟାକୁ ରୂପ ଦେଇ ଅଛନ୍ତି। ଯେତେବେଳେ ସେ କହନ୍ତି 'ମୁହିଁ' ତ ଯୁଗ ଜାହ୍ନବୀ ଗୋ / ଧୂର୍ଜଟୀର ଧ୍ୱଂସ ଜଟେ/ ଇଙ୍ଗିତ ଗୋ ଶ୍ରାବଣ ଘନ / "ଥରାଇ ହୃଦ ଆକାଶ ଘଟେ", ବା "ମୃତ୍ୟୁର ଜଳେ ପହଁରି ପହଁରି ତୋଳେ ଯେ ତୋ ଲାଗି ରକ୍ତ କଇଁ/ କୃଷ୍ଣ ନାଗର ଦଂଶନେ ସେ କି ପଡ଼ିବ ନଇଁରେ ପଡ଼ିବ ନଇଁ" ବା 'ଯୁଗର ବକ୍ଷରେ ଅକାଳ ବସନ୍ତର ତିତିକ୍ଷା/ 'ମୁଁ ପୁରୁ' ତାହା ଆଉ ପୁରାଣ ହୋଇ ରହି ନାହିଁ; ହୋଇଯାଇଛି ସାମ୍ପ୍ରତିକ ସମୟର ବୈପ୍ଲବିକ ବାଣୀ। ଧୂର୍ଜଟୀ ଭିତରେ ଶିବଙ୍କର ତାଣ୍ଡବ ଓ ଧ୍ୱଂସର ଇଙ୍ଗିତ, କୃଷ୍ଣନାଗ ଭିତରେ ଶୋଷକ ଶ୍ରେଣୀର ପ୍ରତୀକ କଂସ ଓ ପଦ୍ମ ତୋଳାଳି ଭିତରେ ଶ୍ରୀକୃଷ୍ଣ ଏବଂ ପୁରୁଙ୍କ ଭିତରେ ତ୍ୟାଗର ଯେଉଁ ସୂଚନା ଦିଆଯାଇଛି, ତାହା ଏ ସମୟର ଦଳିତ ଶ୍ରେଣୀ ଓ ଶୋଷକ ଶ୍ରେଣୀ ସମ୍ପର୍କରେ ନୂତନ ଚେତନା ସୃଷ୍ଟି କରିଦିଏ। ତାଙ୍କର 'ବଶିଷ୍ଠ ଓ ବିଶ୍ୱାମିତ୍ର' କବିତାରେ କବି ଯେପରି ବଶିଷ୍ଠଙ୍କ ପ୍ରତି ବିଶ୍ୱାମିତ୍ରଙ୍କ ଶତ୍ରୁତାର ବିଲୋପରେ ତାଙ୍କର ମଣିଷପଣିଆର ଉତ୍ତରଣ ଦେଖାଇ ଅରୁନ୍ଧତୀଙ୍କର ସ୍ୱାମୀ ବଶିଷ୍ଠଙ୍କ ମହାନୁଭବତାର ପ୍ରଶଂସାକୁ ବର୍ଣ୍ଣନା କରିଛନ୍ତି, ତାହା ମଧ୍ୟ ନବପୁରାଣବାଦର ତାତ୍ପର୍ଯ୍ୟକୁ ସୂଚାଇଦିଏ। ଶ୍ରୀ ରମାକାନ୍ତ ରଥଙ୍କ 'ଶ୍ରୀରାଧା' ଓ 'ଶ୍ରୀପଳାତକ' ଭାଗବତର କୃଷ୍ଣ ଓ ରାଧାଙ୍କ ପ୍ରେମକୁ ଅବଲମ୍ବନ କରି ରଚିତ ହୋଇଥିଲେ ହେଁ ତାହା ଏପରି ଗତି କରିଛି, ଯାହା ଚିରନ୍ତନ ପ୍ରେମର ହୋଇଯାଇଛି ଜୀବନ୍ତ ଭାଷ୍ୟ। ଗୋଟାଏ ଶୁଦ୍ଧ ଲୋଡ଼ିଲାପଣ ହୋଇଯାଇଛି ଶ୍ରୀରାଧା କାବ୍ୟର ମର୍ମବାଣୀ। କାବ୍ୟ ଭିତରେ ଜଣେ ସଚେତନ ପାଠକ ଉପଲବ୍ଧି କରିପାରିବ ରାଧା ଓ କୃଷ୍ଣଙ୍କର ଗୋପନ ଅଭିସାର, ରାଧାଙ୍କ ସ୍ୱାମୀର ତାଙ୍କ ପ୍ରତି ସନ୍ଦେହ ଓ ଆକଟ, କୁଞ୍ଜବନ ଓ ସଖୀମାନଙ୍କ ଭୂମିକା, କୃଷ୍ଣ ଓ ସଖାମାନଙ୍କ ହାସ କୌତୁକ।




ରାଜେନ୍ଦ୍ର ପଣ୍ଡା, ଦୀପକ ମିଶ୍ର, ପ୍ରତିଭା ଶତପଥୀ, ହରିହର ମିଶ୍ର, ସୌଭାଗ୍ୟ କୁମାର ମିଶ୍ର, ଶରତ ଚନ୍ଦ୍ର ପ୍ରଧାନ, ସେନାପତି ପ୍ରଦ୍ୟୁମ୍ନ କେଶରୀ, ରାଜକିଶୋର ପାଢ଼ୀ, ରମାକାନ୍ତ ଜେନା, ଉପେନ୍ଦ୍ର ନାୟକ ପ୍ରମୁଖ ବହୁ କବି ପୁରାଣର ନାନା ଚରିତ୍ର ଓ ଘଟଣାକୁ କବିତାରେ ରୂପ ଦେଇ ପୁରାଣ ନୁହେଁ; ପୁରାଣର ଅନ୍ତର୍ନିହିତ ଭାବ ସତ୍ତାକୁ ବର୍ତ୍ତମାନ ସହିତ ଏପରି ଯୋଡ଼ି ଦେଇଛନ୍ତି ଯେ ତାହା ଆଉ ପୁରାଣ ପରି ହୋଇ ରହି ନାହିଁ; ହୋଇଯାଇଛି ନୂତନ। ଭାଗବତରେ ପୁତନା ଗୋଟାଏ କାଳଘାତିନୀ ନାରୀ ହୋଇଥିଲେ ମଧ୍ୟ କବି ସେନାପତି ପ୍ରଦ୍ୟୁମ୍ନ କେଶରୀ ତାକୁ ଏକ ଚିରନ୍ତନୀ ମା' ରୂପରେ ଆଙ୍କି ଦେଇ ଅଛନ୍ତି। ଯଦିଓ ପୁତନା କଳଙ୍କ କୁରାଢ଼ି ଚେଟରେ ଛଟପଟ ହୋଇଛି, ତା' ନାଭିରେ ତରଳ ପିଚୁ ପରି ନିଆଁ ଜଳୁଛି ତଥାପି କବି ତାକୁ କରି ଦେଇଛନ୍ତି ନୀଡ଼ଭୁଲା ଚଢ଼େଇଟିଏ ପରି। ସେ ଇମିତି ଗୋଟାଏ ନାରୀ ଯେ ଆପଣା ଫାଶରେ ଆପେ ବନ୍ଧା ପଡ଼ିଥାଏ, କୂଳକୁ ଛୁଇଁ ପାରେନା, ରକ୍ତାକ୍ତ ହୁଏ। ତଥାପି ସେ କହେ -

"ମୁଁ ନିଜକୁ ବାଣ୍ଟିବି ଯୁଗେ ଯୁଗେ
ନେଉଟିଆ ଶାଗ ପରି
ଯେତେ ଯେତେ କାଟୁଥିବେ ଲୋକେ ମତେ
ସେତେ ମୁଁ ଉଠିବି
ଭୟ ଛାଡ଼ି, ଭୂଇଁକୁ ବିଦାରି।"

ଅତଏବ ଓଡ଼ିଆ କାବ୍ୟ କବିତାରେ ପୁରାଣର ବିଷୟ ଓ ଚରିତ୍ରମାନଙ୍କୁ ନେଇ, କେତେବେଳେ କୌଣସି ତତ୍ତ୍ୱକୁ ନେଇ ରଚିତ ହୋଇଛି ଅନେକ କାବ୍ୟ କବିତା। ତାହା ଆଉ ପୁରାଣ କଥା ହୋଇ ରହି ନାହିଁ; ହୋଇଯାଇଛି ବର୍ତ୍ତମାନ ସହିତ ମିଶି ଏକ ନୂତନ ଚେତନାର ସ୍ଫୁରଣ। ସେହି ଚେତନା ମଣିଷପଣିଆର ସ୍ୱର, ପ୍ରେମ ଓ କାରୁଣ୍ୟର ସ୍ୱର, ଶାନ୍ତି ଓ ସାନ୍ତ୍ୱନାର ସ୍ୱର, ଜୀବନ ଓ ମୃତ୍ୟୁର ଚିର-ସଂଘର୍ଷର ସ୍ୱର। ତେଣୁ ଓଡ଼ିଆ କବିତାରେ ଯେପରି ଭାବରେ ନବପୁରାଣବାଦ ପ୍ରକାଶ ପାଇ ନବ ନବ ମାନବିକ ଚେତନାର ଦିଗକୁ ଉନ୍ମୋଚନ କରିଛି ତାହା ବାସ୍ତବିକ ଅଭିନନ୍ଦନୀୟ।

□□

ଲେଖିକାଙ୍କ ଇ-ମେଲ୍ ଠିକଣା:
bishnupriyajena10@gimail.com



ଗଳ୍ପ

# ଭଗବାନ ଆସିଥିଲେ

ସନ୍ତୋଷ କୁମାର ପଟ୍ଟନାୟକ

ଅନେକ ଦିନ ପରେ ଦାଦା ଗାଁକୁ ଯାଉଛନ୍ତି ଶୁଣି ନରେନ୍ଦ୍ର ମନେ ମନେ ଭାରି ଖୁସି ହୋଇଥିଲା। ନରେନ୍ଦ୍ରର ଦାଦା ହଳଧର ବାବୁ କଟକରେ ବକ୍ସିବଜାରରେ ଗୋଟିଏ ହୋଲସେଲ ଶାଢ଼ି ଓ କପଡ଼ା ଦୋକାନରେ ହିସାବ ରକ୍ଷକ କାମ କରନ୍ତି। ଚାକିରି ଆରମ୍ଭରେ ହଳଧର ଅତି ଅଳ୍ପ ଦରମା ପାଉଥିଲେ। ତାଙ୍କର କର୍ତ୍ତବ୍ୟନିଷ୍ଠା ଓ ସାଧୁତା ପାଇଁ ବର୍ତ୍ତମାନ କିଛି ଅଧିକା ପାଉଛନ୍ତି। କିନ୍ତୁ ସେତିକି ତାଙ୍କର ପରିବାର ପାଇଁ ଯଥେଷ୍ଟ ହୁଏ ନାହିଁ। ନରେନ୍ଦ୍ର ହଳଧରଙ୍କର ବଡ଼ଭାଇ ଦିବାକରଙ୍କର ଏକମାତ୍ର ପୁଅ। ତା'ଠାରୁ ଦୁଇବର୍ଷ ବଡ଼ ଝିଅଟିଏ ମଧ ଥାଏ। ଜମିବାଡି ଅଳ୍ପ। ଦିବାକର କଠିନ ପରିଶ୍ରମ କରି ପରିବାର ଚଳାଉଥିଲେ। ଝିଅଟି ବିବାହଯୋଗ୍ୟା ହେଲା ପରେ ଦିବାକର ଧାରଉଧାର କରି ବଡ଼ କଷ୍ଟରେ ପାଖ ଗାଁରେ ବିବାହ ଦେଇଥିଲେ।

ଝିଅଟି ବିବାହଯୋଗ୍ୟା ହେଲା ପରେ ଦିବାକର ଧାରଉଧାର କରି ବଡ଼ କଷ୍ଟରେ ପାଖ ଗାଁରେ ବିବାହ ଦେଇଥିଲେ।

ଦୁର୍ଭାଗ୍ୟବଶତଃ ଝିଅ ବିବାହର କେତୋଟି ମାସ ପରେ ଦିବାକରଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଯାଇଥିଲା। ଏ ଘଟଣା ପରେ ପରେ ଝିଅକୁ ତା'ର ଶାଶୁଘର ଲୋକେ ଯୌତୁକ ପାଇଁ ନିର୍ଯାତନା ଦେବା ଆରମ୍ଭ କରିଦେଇଥିଲେ। କାରଣ ବିବାହ ସମୟରେ ଛୋଟ ମୋଟ କଣ୍ଟ୍ରାକ୍ଟି କରୁଥିବା ଜୋଇଁକୁ ଅନ୍ୟାନ୍ୟ ଜିନିଷ ସହିତ ଗୋଟିଏ ମଟରସାଇକେଲ ଦେବାକୁ ବରପକ୍ଷ ବିବାହ ବେଦୀ ଉପରେ ଦିବାକରଙ୍କୁ ପ୍ରତିଜ୍ଞା କରାଇଥିଲେ। କିନ୍ତୁ ତାକୁ ପୂରଣ କରିବା ଆଗରୁ ଦିବାକର ପରଲୋକ ଗମନ କରିଥିଲେ। ଯା ଭିତରେ ପ୍ରାୟ ବର୍ଷେ ବିତିଯାଇଥିଲା। ସମସ୍ତେ ଦୁର୍ଦ୍ଦଶା ଭିତରେ ଏକମାତ୍ର ଆଶ୍ୱସ୍ତିର ବିଷୟ ନରେନ୍ଦ୍ର ଭଲ ନମ୍ବର ରଖି ମାଟ୍ରିକ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲା। ଘରର ଆର୍ଥିକ ପରିସ୍ଥିତି କ୍ରମେ ଦୁଃସହ ହେବାରୁ ନରେନ୍ଦ୍ରର ମା' ହଳଧରଙ୍କୁ ନରେନ୍ଦ୍ରକୁ କଟକ ସହରକୁ ନେଇ କିଛି ଗୋଟାଏ କାମରେ ଲଗାଇବା ପାଇଁ ସବିନୟ ଅନୁରୋଧ କରିଥିଲେ। ଯଦିଚ ହଳଧର ନରେନ୍ଦ୍ର ଘରର ଆର୍ଥିକ ଦୁରବସ୍ଥା ସମ୍ପର୍କରେ ଅବଗତ ଥିଲେ, କିନ୍ତୁ କଟକରେ ନଦୀ ପ୍ରାନ୍ତରେ ଏକ ମନ୍ଦିର ପରିସର ଭିତରେ ଏକ ବଖୁରିଆ ଭଡ଼ାଘରେ ରହୁଥିବା ହଳଧର ନରେନ୍ଦ୍ରକୁ ସାଙ୍ଗରେ ନେବା ପାଇଁ ଅନିଚ୍ଛୁକ ଥିଲେ। କିନ୍ତୁ ନିଜର ଜ୍ୟେଷ୍ଠ ଭ୍ରାତୃପତ୍ନୀଙ୍କର ବାରମ୍ବାର ଅନୁରୋଧକୁ ଟାଳି ନ ପାରି ନରେନ୍ଦ୍ରକୁ ସାଙ୍ଗରେ ନେଇ କଟକ ଆସିଥିଲେ।


କଟକରେ ପହଞ୍ଚିବା ପରେ ନରେନ୍ଦ୍ର ଦାଦାଙ୍କର ବାସସ୍ଥାନ ସମ୍ପର୍କରେ ଜାଣିବାକୁ ପାଇଥିଲେ। ଷ୍ଟାଡିୟମକୁ ଲାଗି ରିଂ ରୋଡ୍ କେତେ ବାଟ ଗଲେ, ବାଟରେ ଶ୍ରୀଜଗନ୍ନାଥଙ୍କର ଏକ ମନ୍ଦିର। ମନ୍ଦିର ପରିସରକୁ ଲାଗି ଚାରି ପାଞ୍ଚଟି ବର ଓ ଓସ୍ତ ଗଛ। ଭିତର ପାଖ ହତାକୁ ଲାଗି ଚାରି ପାଞ୍ଚଟି ଛୋଟ ଛୋଟ ଏକ ବଖୁରିଆ ଘର। ଘରଗୁଡିକୁ ଭଡ଼ା ସୂତ୍ରରେ ଦିଆଯାଇ ଆସୁଥିବା ଟଙ୍କା ମନ୍ଦିର ପାଣ୍ଠିକୁ ଯାଏ।

ମନ୍ଦିର ପରିସରରେ ପହଞ୍ଚି ଗୋଟିଏ ଘରର ଚାବି ଖୋଲି ହଳଧର ଭିତରେ ପଶିଥିଲେ। ଘରେ ପଶି ନରେନ୍ଦ୍ର ଦେଖିଥିଲା ଭିତରେ ଗୋଟିଏ ଦଉଡ଼ିଆ ଖଟିଆ। ତା' ଉପରେ ବିଛଣା ଗୁଡାଯାଇ ରଖାଯାଇଛି। ତା'ର ବିପରୀତ ଦିଗରେ ଗୋଟିଏ ରଙ୍ଗଛଡ଼ା ପୁରୁଣା ପ୍ଲାଷ୍ଟିକ୍ ଚେୟାର। ଘରର ପୂର୍ବ କୋଣରେ ଗୋଟିଏ କିରାସିନ ଷ୍ଟୋଭ ଓ ତାକୁ ଛାଡ଼ି ଗୋଟିଏ ମାଟି ସୁରେଇ।

ଘରେ ପଶି ବ୍ୟାଗ୍ ରଖି ହଳଧର କହିଥିଲେ "ବାବୁ ନରେନ୍ଦ୍ର ଶୁଣ, ଘରେ ଯେଉଁ ଷ୍ଟୋଭ୍ ଦେଖୁଛ ସେଥିରେ

ରୋଷେଇ କରିବା। ଦିନ ବେଳା ମତେ ଲୁଗା ଦୋକାନର ମାଲିକ ଖାଇବାକୁ ଦିଏ। ତେଣୁ ଖରାବେଳେ ତୁ ତୋ ପାଇଁ ରୋଷେଇ କରିବୁ ଓ ରାତିକୁ ମିଶିକି ରୋଷେଇ କରିବା। ସବୁଦିନ ସକାଳୁ ଉଠି ନଦୀକୁ ଯାଇ ନିତ୍ୟକର୍ମ ସାରିଦେବୁ। ଆଜି ସନ୍ଧ୍ୟାବେଳେ ବକ୍ସିବଜାର ଯାଇ ଗୋଟିଏ ସପ କିଣି ଆଣିବୁ, କାରଣ ତତେ ତଳେ ଶୋଇବାକୁ ପଡିବ। ମୁଁ ତଳେ ଶୁଅନ୍ତି ଯେ, ମୋର ଆଣ୍ଠୁଗଣ୍ଠି ବାତ ଅଛି। ତଳେ ଶୋଇଲେ ସେ ବାତ ବାହାରିଯିବ, କ'ଣ ବୁଝିଲୁ ?" ଅନ୍ୟମନସ୍କ ଭାବରେ ନରେନ୍ଦ୍ର ମୁହଁରୁ ବାହାରି ଯାଇଥିଲା, "ଆଜ୍ଞା ହଁ।"

ଯା ଭିତରେ ବେଶ୍ କିଛି ମାସ ବିତିଯାଇଥିଲା। ଛୁଟି ଦିନମାନଙ୍କରେ ମଧ୍ୟ ସେ ଘରେ ରହି ଦାଦାଙ୍କ ପାଇଁ ରୋଷେଇ କରିବାକୁ ପଡୁଥିଲା। ସେ ଦିନମାନଙ୍କରେ ତାଙ୍କଠାରୁ ଅନେକ ଦରକାରୀ ଓ ଅଦରକାରୀ ଉପଦେଶାବଳୀ ନରେନ୍ଦ୍ରକୁ ଶୁଣିବାକୁ ପଡୁଥିଲା। ସେ କଟକ ପହଞ୍ଚିବା ପରେ କେଉଁଠି କିମିତି ରହୁଛି ଏସବୁ ବିଷୟ ଜଣାଇ ବୋଉଙ୍କ ପାଖୁ ଚିଠିଟିଏ ଲେଖିଥିଲା। କଟକ ପହଞ୍ଚି ବହୁ କଷ୍ଟରେ ଗୋଟିଏ ଟ୍ୟୁସନ ଯୋଗାଡ଼ କରିପାରିଥିଲା। ଖବରକାଗଜରେ ବାହାରୁଥିବା ବିଭିନ୍ନ ସରକାରୀ ଓ ବେସରକାରୀ ଚାକିରିକୁ ତନ୍ନତନ୍ନ କରି ଖୋଜି ଦରଖାସ୍ତ ଦେଉଥିଲା। ଟ୍ୟୁସନରୁ ପାଉଥିବା ଟଙ୍କାରେ ପ୍ରାଇଭେଟରେ ବି.ଏ. ପରୀକ୍ଷା ଦେବା ଓ ରୋଷେଇ କରିବା ସାରି ରାତି ଗୋଟେ, ଦୁଇଟା ପର୍ଯ୍ୟନ୍ତ ବିଭିନ୍ନ ପରୀକ୍ଷାର ପ୍ରସ୍ତୁତି ପାଇଁ କଠିନ ପରିଶ୍ରମ କରୁଥିଲା। ଘରୁ ବୋଉଙ୍କଠାରୁ ତା'ର ଚିଠିର ଉତ୍ତର ନ ପାଇ ସେ ଚିନ୍ତିତ ଥିଲା। ଗତକାଲି ମନ୍ଦିରର ପୂଜାରୀ ତା' ନାରେ ଆସିଥିବା ଗୋଟିଏ ପୋଷ୍ଟକାର୍ଡ ତାକୁ ଦେଇଥିଲେ। ଦାଦାଙ୍କ ଠିକଣାରେ ସେ ଚିଠି ନ ଆସି, ମନ୍ଦିର ଠିକଣାରେ କେମିତି ସେ ଚିଠି ଆସି ତା' ପାଖରେ ପହଞ୍ଚିଲା ସେ କଥା ଭାବି ସେ ଆଶ୍ଚର୍ଯ୍ୟ ହେଉଥିଲା। ଚିଠିଟିରେ ଲେଖାଥିବା ତା'ର ଠିକଣାକୁ ସେ ଅତି ଉତ୍ସୁକ ଭାବରେ ଦେଖିଥିଲା। ତା'ର ବୋଉ, ସେ ଚିଠିଟିକୁ ଲେଖିଥିଲେ। ସେଥିରେ ତା'ର ନାଁ ଓ ମାର୍ଫତରେ ଶ୍ରୀଜଗନ୍ନାଥ ଠାକୁର ଓ ତା'ପରେ ମନ୍ଦିର ଠିକଣାରେ ସମ୍ପୂର୍ଣ୍ଣ ବିବରଣୀ ନିର୍ଭୁଲ ଭାବରେ ଉଲ୍ଲେଖ ଥିଲା। ତା'ର ବୋଉ ଲେଖିଥିଲେ, ଘରର ପରିସ୍ଥିତି ଦିନକୁ ଦିନ ଅତି ଦୟନୀୟ ହୋଇଯାଉଛି। ଦାଦାଙ୍କ ପାଖୁ ତା'ର ଖାଇବା ଖର୍ଚ୍ଚ ପାଇଁ ନିୟମିତ ଟଙ୍କା ପଠାଇବା ସମ୍ଭବ ହେଉ ନ ଥିବାରୁ ସେ ଅତି ଦୁଃଖିତ ଥିଲେ। ଶାଶୁଘରେ ତା' ଭଉଣୀ ପ୍ରତି ଯେପରି ଅତ୍ୟାଚାର ଦିନକୁ ଦିନ ବଢ଼ି ଚାଲିଛି, ସେଥିରେ ସେ ବେଶିଦିନ ବଞ୍ଚିବା ପରି ଲାଗୁନାହିଁ। ନରେନ୍ଦ୍ରର କିଛି ଗୋଟିଏ ଚାକିରି ହୋଇଗଲେ, ତା' ଭଉଣୀର ଶାଶୁ ଘରକୁ ମଟର ସାଇକେଲଟେ ହେଉ ବା ଟଙ୍କା ହେଉ, ଦେଇଦେଲେ ଅନ୍ତତଃ ସେ ଏକ ନିର୍ଯ୍ୟାତନାରୁ ରକ୍ଷା ପାଇ ଯାଆନ୍ତା। ନରେନ୍ଦ୍ରର ମନେ ହେଲା ସତେ ଯେପରି ବୋଉ ନିଜ ଲୁହରେ ସେ ଚିଠିଟିକୁ ଲେଖିଛନ୍ତି। ବଡ଼ଭଉଣୀର କାନ୍ଦୁରା ମୁହଁ ତାର ମନେ ପଡ଼ିଯାଇଥିଲା। ଶେଷରେ ଚିଠିରେ ଲେଖିଥିଲେ, ଶ୍ରୀଜଗନ୍ନାଥଙ୍କ ପାଖରେ ରହୁଛି ଜାଣି ତାଙ୍କୁ ଭଲ ଲାଗିଲା। ତାଙ୍କୁ ସେ ନରେନ୍ଦ୍ରକୁ ସମର୍ପି ଦେଇଛନ୍ତି ବୋଲି ଲେଖିଥିଲେ। ଘରର ସମସ୍ତ ଦୁଃଖ ତାଙ୍କୁ ଜଣାଇବାକୁ କହିଥିଲେ। ଚିଠିଟି ପଢ଼ି ସେ ଦୁଃଖରେ ଭାଙ୍ଗିପଡ଼ିଥିଲା। ମନ୍ଦିର ଆଳତିର ଘଣ୍ଟଧ୍ୱନି ଶୁଣି ନରେନ୍ଦ୍ର ସେ ଚିଠିଟି ପକେଟରେ ରଖି ଧୀରେ ଧୀରେ ଘରୁ ବାହାରି ଠାକୁରଙ୍କ ପାଖରେ ପହଞ୍ଚିଥିଲା। ଘରର ଦୁରବସ୍ଥା, ବଡ଼ ଭଉଣୀ ପ୍ରତି ନିର୍ଯ୍ୟାତନା ତଥା ନିଜର ବେକାରି ଓ କଷ୍ଟକର ଜୀବନର ବିବରଣୀ ଶ୍ରୀଜଗନ୍ନାଥଙ୍କୁ ଜଣାଇବା ବେଳେ ତା' ଆଖିରୁ ଧାର ଧାର ଲୁହ ବୋହି ଚାଲିଥିଲା।



ସେଇ କ୍ରନ୍ଦନରତ ଅବସ୍ଥାରେ ଅଭିମାନ କରି ଶ୍ରୀଜଗନ୍ନାଥଙ୍କୁ କହିଥିଲା, ତମେ ତ ପଥରରେ ଗଢ଼ା, ମଣିଷ ପରି ହୋଇଥିଲେ ମୋର ଦୁଃଖ ବୁଝିପାରିଥାନ୍ତ। ମନ ଓ ହୃଦୟର ଗଭୀରତମ ପ୍ରଦେଶରୁ ପ୍ରାର୍ଥନା କଲା ପରେ ତା'ର ମନ ଟିକେ ହାଲୁକା ହୋଇଯାଇଥିଲା। ମନ୍ଦିରରୁ ଘରକୁ ଫେରି ସେଇ ରାତିରେ କେବଳ ଏହି କଥା ଭାବି ଭାବି କିଛି ନ ଖାଇ ଶୋଇ ପଡ଼ିଥିଲା। ତା' ପରଦିନ ସକାଳୁ ଉଠି ଭାବିଲା ଆଜି ରବିବାର। ଦାଦା ଗାଁରୁ କାଲି ଫେରିବେ, ଘରର ଖବର ସବୁ ତାଙ୍କଠାରୁ ଜଣାପଡିଯିବ। ନଦୀରେ ନିତ୍ୟକର୍ମ ସାରି ରୋଷେଇ

କରିବାକୁ ପ୍ରସ୍ତୁତ ହେଉଛି, କେହି ଜଣେ ବାହାରୁ ଡାକିବା ପରି ତା'ର ମନେ ହେଲା। ବାହାରକୁ ଯାଇ ଦେଖିଲା, ଜଣେ ଭଦ୍ରବ୍ୟକ୍ତି ଠିଆ ହୋଇଛନ୍ତି। ତାଙ୍କୁ ଦେଖି କହିଥିଲେ "ତମେ ନରେନ୍ଦ୍ର ? ତମେ ଖୋଜୁଥିଲ ବୋଲି ଆସିଛି।" ନରେନ୍ଦ୍ର ଆଶ୍ଚର୍ଯ୍ୟ ହୋଇଯାଇଥିଲା ଏ ଲୋକ ତା' ପାଇଁ ସମ୍ପୂର୍ଣ୍ଣ ଅପରିଚିତ ଥିଲେ। ପୁଣି ଭାବିଲା ଗାଁରୁ ବୋଉ କିଛି ଖବର ପଠାଇଛନ୍ତି କି ?

ସେ ଆଗନ୍ତୁକଙ୍କୁ କହିଥିଲା "ମୁଁ ଆପଣଙ୍କୁ ଚିହ୍ନିପାରୁନି।" ଭଦ୍ରବ୍ୟକ୍ତି ହସ ହସ ମୁହଁରେ କହିଥିଲେ, "ଆରମ୍ଭରୁ ଆମେ ସବୁ କ'ଣ ପରସ୍ପରକୁ ଚିହ୍ନିଛେ କି ? ତମେ ଖୋଜୁଥିଲ, ତେଣୁ ଆସିଲି।" ହଠାତ୍ ତା'ର ମନେ ପଡିଲା କିଛିଦିନ ଆଗରୁ ମନ୍ଦିରର ପୂଜାରୀଙ୍କୁ ଗୋଟିଏ ଟ୍ୟୁସନ ଖୋଜି ଦେବା ପାଇଁ ଅନୁରୋଧ କରିଥିଲା। ଏ ବୋଧହୁଏ ସେଇ ଲୋକ।

"ଆପଣ ବୋଧହୁଏ ଟ୍ୟୁସନ ଖୋଜିବାକୁ ଆସିଛନ୍ତି ?" ସେ ପଚାରିଥିଲା। ଭଦ୍ରଲୋକ କିଛି ଉତ୍ତର ନ ଦେଇ ସାମାନ୍ୟ ହସିଥିଲେ। ନରେନ୍ଦ୍ର ଆଶ୍ୱସ୍ତ ହୋଇ କହିଥିଲା " ଆଜ୍ଞା ମୁଁ ମାଟ୍ରିକ୍ ପ୍ରଥମ ଶ୍ରେଣୀରେ ପାଶ୍ କରିଛି। ଗଣିତରେ ଶହେରୁ ଶହେ ଏବଂ ବିଜ୍ଞାନ ଓ ଇଂରାଜୀରେ ମଧ୍ୟ ବେଶ ଭଲ ନମ୍ବର ରଖିଛି। ଅନ୍ତତଃ ନବମ ଶ୍ରେଣୀ ପଢୁଥିବା ପିଲାଙ୍କୁ ପଢ଼ାଇ ପାରିବି।"

**ନରେନ୍ଦ୍ର ଅନୁଭବ କରିଥିଲା ତାଙ୍କ ଆଖିରେ କିପରି ଏକ ଆତ୍ମୀୟତାର ଭାବ। ସତେ ଯେପରି ସେ ତାକୁ ଅନେକ ଦିନରୁ ଜାଣିଛନ୍ତି।**

"ତୁମର ଆତ୍ମବିଶ୍ୱାସକୁ ମୁଁ ପ୍ରଶଂସା କରୁଛି, ଆଚ୍ଛା ଚାକିରି ପାଇଁ କ'ଣ ସବୁ ପରୀକ୍ଷା ଦେଇଛ ପରା ?" ସେ ଭଦ୍ରଲୋକ ପଚାରିଥିଲେ।

ନରେନ୍ଦ୍ର ଏଥର ନିଶ୍ଚିତ ହୋଇଗଲା ଯେ, ମନ୍ଦିର ପୂଜାରୀ ନୁହେଁ, ତା'ର ଦାଦାଙ୍କଠାରୁ ଖବର ପାଇ ସେ ଭଦ୍ରଲୋକ ଆସିଛନ୍ତି। ନ ହେଲେ ପରୀକ୍ଷା ଦେବାକୁ ପ୍ରସ୍ତୁତି କରୁଛି ବୋଲି ସେ କିମିତି ଜାଣିଲେ ? ଯଦି ସେପରି ହୋଇଥିବ ତା' ହେଲେ ତାଙ୍କ ସାଙ୍ଗେ ଭଦ୍ରାମି ସହକାରେ କଥାବାର୍ତ୍ତା କରିବା ଉଚିତ। ତାଙ୍କୁ ଘର ଭିତରକୁ ଡାକି ସେ ପ୍ଲାଷ୍ଟିକ ଚେୟାରଟି ପୋଛି ସେଥିରେ ବସିବାକୁ ଅନୁରୋଧ କରିଥିଲା।

ଚେୟାର ଉପରେ ବସି ସେ ଭଦ୍ରଲୋକ ନରେନ୍ଦ୍ର ଆଡ଼େ ଚାହିଁଥିଲେ। ନରେନ୍ଦ୍ର ଅନୁଭବ କରିଥିଲା ତାଙ୍କ ଆଖିରେ କିପରି ଏକ ଆତ୍ମୀୟତାର ଭାବ। ସତେ ଯେପରି ସେ ତାକୁ ଅନେକ ଦିନରୁ ଜାଣିଛନ୍ତି। ସେ ତାକୁ ପଚାରିଥିଲେ "କି କି ପରୀକ୍ଷା ସବୁ ଦେଇଛ ?"

"ଆଜ୍ଞା କଲେକ୍ଟରେଟରେ କିରାଣି ଛଡ଼ା ବ୍ୟାଙ୍କରେ ମଧ୍ୟରେ ସେହି ପଦବୀ ପାଇଁ ପରୀକ୍ଷା ଦେଇଛି। କ'ଣ ହେବ କହି ପାରିବି ନାହିଁ। ପ୍ରାର୍ଥୀ ହଜାର ହଜାର କିନ୍ତୁ ପୋଷ୍ଟ ବହୁତ କମ୍।"

"କେଉଁ ଚାକିରିଟା ପାଇଲେ ତମ ପାଇଁ ଭଲ ହେବ ବୋଲି ଭାବୁଛ ?"

"ଆଜ୍ଞା ବ୍ୟାଙ୍କ ଚାକିରିଟା ମିଳିଲେ ମୁଁ ଖୁସି ହୁଅନ୍ତି। କାରଣ ମୁଁ ଶୁଣୁଛି ଦରମା ଛଡା ବ୍ୟାଙ୍କ ଘରଭଡ଼ା ଅଲଗା ଦିଏ ଓ ସହଜରେ ଲୋନ୍ ମଧ୍ୟ ମିଳେ। ମୁଁ ଭାବିଛି ବ୍ୟାଙ୍କ ଚାକିରିଟା ମିଳିଗଲେ ଲୋନ୍ ନେଇ ଗୋଟିଏ ମଟରସାଇକେଲ କିଣି ମୋ ଭଉଣୀ ଜୋଇଁଙ୍କୁ ଦେଇଦେବି। ବିବାହ ପରେ ଗୋଟେ ମଟର ସାଇକେଲ ଦେବାକୁ ବାପା କହିଥିଲେ। ତାଙ୍କର ହଠାତ ଦେହାନ୍ତ ପରେ ଆମେ ତାହା ଦେବାକୁ ଅସମର୍ଥ ହୋଇଗଲୁ। ସେ ମଟରସାଇକେଲ ପାଇଁ ତା'ର ଶାଶୁଘର ତାକୁ ବହୁତ ହଇରାଣ କରୁଛନ୍ତି।" ଶେଷ ଆଡକୁ ନରେନ୍ଦ୍ର ଭାବପ୍ରବଣ ହୋଇଯାଇ ତା'ର କଣ୍ଠସ୍ୱର ଭାରି ହୋଇଯାଇଥିଲା।

ଆଗନ୍ତୁକ ଚେୟାରରୁ ଉଠି ନରେନ୍ଦ୍ର ବସିଥିବା ଖଟ ପାଖକୁ ଆସିଥିଲେ। ନରେନ୍ଦ୍ରର ପିଠିକୁ ଆଉଁଶି ବାହାରକୁ ଯିବାକୁ ପ୍ରସ୍ତୁତ ହେଲେ। ବଡ଼ ଅଦ୍ଭୁତ ସେ ସ୍ପର୍ଶ। ନରେନ୍ଦ୍ରକୁ ଲାଗିଲା ଯେପରି ତା'ର ପରଲୋକଗତ ପିତା ତା' ପିଠିରେ ହାତ ମାରି ସାନ୍ତ୍ୱନା ଦେଉଛନ୍ତି।

"ତମେ କାଲି ଦିନ ଦଶଟା ବେଳକୁ ବ୍ୟାଙ୍କ ଚାକିରି ପାଇଁ ଚିଠି ପାଇଯିବ।"


ନରେନ୍ଦ୍ର ଚମକି ପଡିଥିଲା। ସେ ଆଉ କିଛି ପଚାରିବା ଆଗରୁ ସେ ଭଦ୍ରଲୋକ କହିଥିଲେ "ଏ ମନ୍ଦିର ହତା ଭିତରେ ଅନେକ ଛୋଟ ବଡ଼ ମନ୍ଦିର ଅଛି ପରା ? ମୁଁ ଟିକେ ଦେଖି ଆସୁଛି।" ସେ ପ୍ରସ୍ଥାନ କଲାବେଳେ ନରେନ୍ଦ୍ର ଭାବିଲା ସେ ଭଦ୍ରଲୋକ ବୁଲାବୁଲି କରି ଆସିବା ପରେ ତାଙ୍କୁ ସେ ବ୍ୟାଙ୍କ

କଥା ଯାହା କହିଲେ, ବିଶେଷ ଭାବରେ ପଚାରିବି। ଅନେକ ସମୟ ଅପେକ୍ଷା କଲା ପରେ ସେ ବ୍ୟକ୍ତି ଜଣକ ନ ଫେରିବାରୁ ସେ ମନ୍ଦିର ପରିସର ଭିତରେ ତାଙ୍କୁ ଖୋଜିଥିଲା କିନ୍ତୁ ପାଇ ନ ଥିଲା। ପୂଜାରୀ ମଧ୍ୟ ଠାକୁରଙ୍କ ମଧ୍ୟାହ୍ନ ଭୋଗ ଲଗାଇ ସାରି କବାଟ ବନ୍ଦ କରି ଘରକୁ ଚାଲିଯାଇଥିଲେ। ସେ ଘରକୁ ଫେରି ତରତରରେ ରୋଷେଇ କରି ଖାଇ ଶୋଇ ପଡିଥିଲା।

ସନ୍ଧ୍ୟାରେ ଉଠିବା ପରେ ସେହି ଭଦ୍ରଲୋକଙ୍କ କଥା ତା'ର ମନେ ପଡିଥିଲା। ସମ୍ପୂର୍ଣ୍ଣ ଧଳା ପୋଷାକ ପିନ୍ଧିଥିଲେ। ପରିଧାନ ବେଶ୍ ସ୍ୱଚ୍ଛ ଓ ପରିଚ୍ଛନ୍ନ। ସେ କୌଣସି ଏକ ଭଜନ ମଣ୍ଡଳୀ ବା ଅଷ୍ଟପ୍ରହରର ସଭ୍ୟ ଭଳିଆ ତାକୁ ଲାଗୁଥିଲେ। କିନ୍ତୁ ସେ କେମିତି ଜାଣିଲେ ତା'ର ବ୍ୟାଙ୍କ ଚାକିରିର ଚିଠି ଆସନ୍ତାକାଲି ଆସିବ ବୋଲି ? ଅବଶ୍ୟ ସେ ପରୀକ୍ଷାର୍ଥୀ ହିସାବରେ ଦାଦାଙ୍କ ଠିକଣା ବଦଳରେ ନିଜର ନା ଓ ଏହି ମନ୍ଦିର ଠିକଣା ହିଁ ଦେଇଥିଲା। ଏପରି ଅନେକ ଚିନ୍ତା କରୁ କରୁ କେତେବେଳେ ତାକୁ ନିଦ ଆସିଯାଇଥିଲା।

ସେଦିନ ରାତିରେ ସ୍ୱପ୍ନ ଦେଖିଥିଲା ନରେନ୍ଦ୍ର। ସେ ଭଦ୍ରବ୍ୟକ୍ତି ଘରେ ଥିବା ତା'ର ସେଇ ପ୍ଲାଷ୍ଟିକ ଚେୟାର ଉପରେ ବସିଛନ୍ତି। ନରେନ୍ଦ୍ର ଲକ୍ଷ୍ୟ କଲା ତାଙ୍କ କଳେବର ଧୀରେ ଧୀରେ ପରିବର୍ତ୍ତିତ ହୋଇଯାଉଛି। ମସ୍ତକରେ ପୀତବର୍ଣ୍ଣର ପଟବସ୍ତ୍ର। ମୁହଁର ଆକୃତି ବୃତ୍ତାକାରରେ ବଢ଼ି ଆଖିଗୁଡିକ ଗୋଲ ଓ ବଡ଼ ବଡ଼ ହୋଇଯାଉଛି। ରକ୍ତିମ ଅଧରରେ ସ୍ମିତହାସ୍ୟ। ସେ ଧୀରେ ଧୀରେ କହୁଥିଲେ "କାଲି ସନ୍ଧ୍ୟାରେ ତମ ଘରର ଦୁରବସ୍ଥା ଜଣାଇ ଅଭିମାନରେ କାନ୍ଦି କାନ୍ଦି ମତେ କହୁଥିଲୁ, "ଆପଣ ତ ପଥରର ମୂର୍ତ୍ତି। ମୋ କଥା ଆପଣ କିପରି ଶୁଣିବେ? ସେଥିପାଇଁ ମୁଁ ତୋ ପାଖକୁ ଆସିଥିଲି।"

ନରେନ୍ଦ୍ର ଅନୁତାପରେ କହିଥିଲା "ଆହା! ମୁଁ ମୂର୍ଖ, ମୁଁ ଆପଣଙ୍କୁ ଚିହ୍ନିପାରିଲି ନାହିଁ।" ତା'ର ମନ ଆତ୍ମଗ୍ଲାନି ଓ ଅନୁଶୋଚନାରେ ଭରିଗଲା। ତାଙ୍କୁ କେତେ ବେଖାତିର ସେ ନ କରିଛି ସତେ? ଦୁଇ ହାତ ଯୋଡ଼ି ଭୂମିଷ୍ଠ ପ୍ରଣାମ କରି



ବାରମ୍ବାର କ୍ଷମା ପ୍ରାର୍ଥନା କରୁଥିବାବେଳେ ତା'ର ନିଦ ଭାଙ୍ଗିଗଲା।

ସକାଳୁ ଉଠିବା ପରେ ତା'ର ମନେ ପଡିଲା ଆଜି ସୋମବାର। ଆଜି ତା' ନା'ରେ ବ୍ୟାଙ୍କରୁ ଚିଠି ଆସିବ ବୋଲି ସେ ଭଦ୍ରଲୋକ କହିଛନ୍ତି। ଶୀଘ୍ର ନିଜର ନିତ୍ୟକର୍ମ ସାରି ମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ଆଗରେ ପଦ୍ମାସନରେ ବସି ପ୍ରାର୍ଥନାରେ ମଗ୍ନ ହୋଇଯାଇଥିଲା। ଏପରି କେତେ ସମୟ କଟିଗଲା ନରେନ୍ଦ୍ର ଜାଣିପାରି ନ ଥିଲା। ମନ୍ଦିରର ପୂଜାରୀଙ୍କ ଡାକରେ ସେ ସଚେତନ ହୋଇଥିଲା। ତା' କାନ୍ଧରେ ମୃଦୁ ସ୍ପର୍ଶ ଦେଇ ପୂଜାରୀ କହିଥିଲେ "ପୋଷ୍ଟମ୍ୟାନ ତମକୁ ଡାକୁଛି, କେଉଁଠୁ ରେଜିଷ୍ଟ୍ରି ଚିଠି ଆସିଛି। ବିଦ୍ୟୁତ୍ ଆଘାତ ପାଇଲା ପରି ଉଠି ଠିଆ ହେଲା ନରେନ୍ଦ୍ର। ମନ୍ଦିରର ମୁଖ୍ୟ ଫାଟକ ପାଖକୁ ଗଲା ବେଳେ ଭିତର ତୋରଣରେ ଟଙ୍ଗାଯାଇଥିବା କାନ୍ଥ ଘଣ୍ଟା ଉପରେ ତା'ର ନଜର ପଡିଯାଇଥିଲା। ଠିକ ଦଶଟା ବାଜିଛି। ନରେନ୍ଦ୍ରର ହୃତ୍ସ୍ପନ୍ଦନ ଦ୍ରୁତ ହୋଇଯାଇଥିଲା। ମନ୍ଦିରର ଲୁହାଗେଟ ଅତିକ୍ରମ କରି ରାସ୍ତା ଉପରକୁ ଆସିଥିଲା। ଖାକି ପୋଷାକ ପିନ୍ଧା ପୋଷ୍ଟମ୍ୟାନ୍ ତାକୁ ପଚାରିଥିଲେ "ନରେନ୍ଦ୍ର ତ୍ରିପାଠୀ ?" ଆପଣଙ୍କୁ ଷ୍ଟେଟ୍ ବ୍ୟାଙ୍କ, ଭୁବନେଶ୍ୱରରୁ ରେଜିଷ୍ଟ୍ରି ଚିଠି ଆସିଛି। ଆପଣ ଏମିତି ଠିକଣା କ'ଣ ଲେଖିଛନ୍ତି ? ନରେନ୍ଦ୍ର ତ୍ରିପାଠୀ ମାର୍ଫତ ଶ୍ରୀଜଗନ୍ନାଥ ମହାପ୍ରଭୁ ? ଷ୍ଟାଡିୟମ ପାଖ ପରିସର, ରିଂରୋଡ୍ କଟକ ? ଆପଣଙ୍କର କ'ଣ ଏଠି କେହି ବନ୍ଧୁବାନ୍ଧବ ବା ଚିହ୍ନା ପରିଚୟ ନାହାନ୍ତି ? ଠିକଣା ଦେବାକୁ? ହଉ ଏଠି ଦସ୍ତଖତ କରି ଚିଠି ନେଇ ଯାଆନ୍ତୁ।"

କମ୍ପିତ ହସ୍ତରେ ଦସ୍ତଖତ କରି ଲଫାପାଟି ନେଇ ସେ ଘର ଭିତରକୁ ଯାଇ କବାଟ ବନ୍ଦ କରି ଦେଇଥିଲା। ଲଫାପା ଉପରେ ଷ୍ଟେଟ୍ ବ୍ୟାଙ୍କର ସୁସ୍ପଷ୍ଟ ସଂକେତ। ଲଫାପା ଖୋଲି ଚିଠି ପଢ଼ିଥିଲା ନରେନ୍ଦ୍ର। ସେଥିରେ ତା'ର କ୍ରମିକ ନମ୍ବର ଦିଆଯାଇ ସେ ବ୍ୟାଙ୍କ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛି ବୋଲି ଉଲ୍ଲେଖ ଥିଲା। ସାତଦିନ ଭିତରେ ଜିଲ୍ଲା ସିଡିଏମ୍ଓଙ୍କ ଅଫିସରୁ ଡାକ୍ତରୀ ପ୍ରମାଣପତ୍ର ନେଇ ଭୁବନେଶ୍ୱର ଷ୍ଟେଟ୍ ବ୍ୟାଙ୍କ

ମୁଖ୍ୟାଳୟରେ ଯୋଗଦେବାକୁ ନିର୍ଦ୍ଦେଶ ଥିଲା।

ଗତକାଲିର ଘଟଣାବଳି ଗୋଟିକ ପରେ ଗୋଟିଏ ତା'ର ସ୍ମୃତିପଟକୁ ଆସିଥିଲା। ତା'ହେଲେ ପ୍ରକୃତରେ ଶ୍ରୀଜଗନ୍ନାଥ ଠାକୁର ଆସିଥିଲେ। ନିଜର ଅଜ୍ଞତା ହେତୁ ସେ ଜାଣିପାରିଲା ନାହିଁ।


ସେ ଚିଠିକୁ ଆମୂଳଚୂଳ ଦୁଇ ତିନି ଥର ପଢ଼ିବା ପରେ ତାଙ୍କର ମୁହଁ ଉଜ୍ଜ୍ୱଳ ହୋଇ ଉଠିଥିଲା।

ଦୁଇ ହାତରେ ମୁହଁ ଢାଙ୍କି ନରେନ୍ଦ୍ର ନିଶବ୍ଦରେ କାନ୍ଦିବାରେ ଲାଗିଥିଲା। କିଛି ସମୟ ପରେ କବାଟ ଠକ୍ ଠକ୍ ଶବ୍ଦ ଶୁଣି ସେ କବାଟ ଖୋଲିଥିଲା। ସାମନାରେ ଗାଁରୁ ସଦ୍ୟ ଆଗତ ତା'ର ଦାଦା ହଳଧର ବାବୁ। ନରେନ୍ଦ୍ରର ମୁହଁକୁ ଚାହିଁ କହିଥିଲେ, "କିରେ ଦିନ ବେଳଟାରେ କବାଟ ବନ୍ଦ କରି କାହିଁକି ଘର ଭିତରେ ଅଛୁ? ତୁ ଇମିତି କ'ଣ ଦେଖାଯାଉଛୁ? ତୋର ଦେହ ଭଲ ଅଛି ତ? ନରେନ୍ଦ୍ର ଆଉ କିଛି ନ କହି ଦାଦାଙ୍କ ହାତକୁ ବ୍ୟାଙ୍କର ଚିଠିଟି ବଢ଼ାଇ ଦେଇଥିଲା। ସେ ଚିଠିକୁ ଆମୂଳଚୂଳ ଦୁଇ ତିନି ଥର ପଢ଼ିବା ପରେ ତାଙ୍କର ମୁହଁ ଉଜ୍ଜ୍ୱଳ ହୋଇ ଉଠିଥିଲା। ନରେନ୍ଦ୍ର ଆଖିରେ ଲୁହ ଦେଖି ସାନ୍ତ୍ୱନା ଦେଇ କହିଥିଲେ, "ଏତେ ଦିନରେ ଠାକୁରେ ତୋର ଓ ତୋ ବୋଉର ଡାକ ଶୁଣିଲେରେ, ଯାହା ହେଉ ଆଜି ଆଉ ରୋଷେଇ କରିବା ନାହିଁ। ଏ ଖୁସିରେ ହୋଟେଲରେ ଖାଇଦେବା। ମୁଁ ଗାଧୋଇ କରି ଆସୁଛି।" ଏକଥା କହି ଲୁଗା ବଦଳାଇ ନଈକୁ ବାହାରିଲେ। ଗଲାବେଳେ ଏମିତି ପଚାରିଥିଲେ "ଘରକୁ ଆଉ କିଏ ଆସିଥିଲେ କିରେ ନରୁ?" ଏତିକିରେ ନରେନ୍ଦ୍ରର କୋହର ବନ୍ଧ ଭାଙ୍ଗିଯାଇଥିଲା। ଅନିୟନ୍ତ୍ରିତ କ୍ରନ୍ଦନ ସହିତ ତା' ମୁହଁରୁ ବାହାରିଥିଲା, "ଦାଦା କାଲି ଆମ ଘରକୁ ଶ୍ରୀଜଗନ୍ନାଥ ମହାପ୍ରଭୁ ଆସିଥିଲେ।"

(ଏକ ବାସ୍ତବ ଘଟଣାର ଛାୟାରେ।)

□□

ଲେଖକଙ୍କ ଇ-ମେଲ୍ ଠିକଣା:
santoshpatnaikcb@gmail.com


# ଅପରୂପ ଶ୍ରୀଜଗନ୍ନାଥ

ଚଳିତ ବର୍ଷ ରଥଯାତ୍ରା ଅବସରରେ ପ୍ରକାଶିତ, ଶତାଧିକ ଲେଖକଙ୍କ ଦ୍ୱାରା ରଚିତ ଶ୍ରୀଜଗନ୍ନାଥଙ୍କ ସମ୍ପର୍କିତ ଅନନ୍ୟ ଅନୁଭୂତିର ଏକ ଅନବଦ୍ୟ ସଂକଳନ।

**ବିଶେଷ ଆକର୍ଷଣ: ଶ୍ରୀକ୍ଷେତ୍ରରେ ଅବସ୍ଥିତ ୫୪ଟି ତୀର୍ଥସ୍ଥାନ ଓ ଦେବଦେବୀଙ୍କ ଉପରେ ୩୦୦ରୁ ଅଧିକ ପୃଷ୍ଠାର ଉପସ୍ଥାପନା।**

**ସଂକଳକ:** ପୀତବାସ ରାଉରରାୟ

ପୃଷ୍ଠା ସଂଖ୍ୟା: ୮୦୦ ମୂଲ୍ୟ: ଟ.୫୦୦

**ପ୍ରକାଶକ:** ମହାବୀର ପ୍ରକାଶନ, ପୁରୁଣା ବସଷ୍ଟାଣ୍ଡ, ଭୁବନେଶ୍ୱର

**ପରିବେଷକ:**

ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ, ଅନନ୍ୟା, ଏ/୬୬, ପି.ପି.ଏଲ୍ ହାଉସିଂ କଲୋନୀ, ଖଣ୍ଡଗିରି ଛକ, ଭୁବନେଶ୍ୱର - ୭୫୧୦୧୯, ମୋବାଇଲ୍: ୯୪୩୭୫୭୪୬୪୯

**ଅନୁଭୂତି**

# ବାହା ହେବାରୁ ବର୍ତ୍ତିଗଲି



**ଭାବଗ୍ରାହୀ ବଳ**

ପ୍ରାୟ ୫୦ ରୁ ୬୦ ବର୍ଷ ତଳର କଥା। ସେତେବେଳେ ଅବଶ୍ୟ ଯୌତୁକ ଦିଆନିଆ ଗୋଟିଏ ସାଧାରଣ ପ୍ରଥା ହିସାବରେ ଚାଲିଥାଏ। ଝିଅ ପାଠୋଇ, ସୁନ୍ଦରୀ, ଭଲ ଘରର ହୋଇଥାଉ ପଛେ ଯୌତୁକଟା ଟିକେ ଆଖିଦୃଶିଆ ହେବା ଦରକାର। ଝିଅ କମ୍ ପଢ଼ିଥିଲେ କିମ୍ବା ବେଶି ସୁନ୍ଦରୀ ହୋଇ ନ ଥିଲେ ବେଶି ପରିମାଣର ଯୌତୁକ ସବୁ ସମସ୍ୟାର ସମାଧାନ କରିଥାଏ। ଝିଅଘର ଯଦି ସବୁ ସର୍ତ୍ତପାଳନ କରୁଥାନ୍ତି, ପୁଅଘର ସେହିପରି ପସନ୍ଦଯୋଗ୍ୟ ହେବା ଜରୁରି। କନ୍ୟାଦାୟରୁ ମୁକ୍ତ ହେବା ପାଇଁ କନ୍ୟା ପିତା ବହୁ ପ୍ରକାର ଚାପର ସମ୍ମୁଖୀନ ହୋଇଥାନ୍ତି। ମୋଟାମୋଟି ସେ ସମୟର ସାମାଜିକ ଚଳଣି ଅନୁସାରେ ଗୋଟିଏ ଉଚ୍ଚଶିକ୍ଷିତ ଚାକିରିଆ ବର ସବୁ ଝିଅଘରର ସ୍ୱପ୍ନ ଥିଲା। କେରାଣ୍ଡି ପକାଇ ବାଳିଆ ଧରିବା ପରି ଯେନତେନ ପ୍ରକାରେଣ ସ୍ୱାର୍ଥ ସାଧନ ପାଇଁ କନ୍ୟା ଘର ଯତପରୋନାସ୍ତି ଚେଷ୍ଟାରୁ ବିରତ ହେଉ ନ ଥିଲେ।

ସେଇ ସମୟ, ପ୍ରଥା, ପରମ୍ପରାରୁ ମୋର ଜନ୍ମ। ବୟସ ୨୬ ବା ୨୭, ଯୁବ ଅଧ୍ୟାପକ। ବିବାହ ପ୍ରସ୍ତାବ ଆସିବା ଆରମ୍ଭ ହୋଇଥାଏ। ଘରେ ସମସ୍ତେ ଚାହୁଁଥାନ୍ତି ଶୀଘ୍ର ବାହାଘର ହେଉ। ମୁଁ କିନ୍ତୁ ଭାବୁଥିଲି ଆଉ ୨/୩ ବର୍ଷ ପରେ ହେଲେ ଭଲ ହୁଅନ୍ତା କାରଣ ମୋ ପାଖରେ ପଇସାପତ୍ର କିଛି ନ ଥାଏ। ତେଣୁ ଯଥାର୍ଥରେ କୁହାଯାଇଛି, "ହାତରେ ନ ଥାଇ ଧନ ନା ପୁଅ ବାହା କରି ମନ"। ଭାଇ ଭଉଣୀଙ୍କ ମଧ୍ୟରେ ମୁଁ ସବା ସାନ। ମୋ କଥା ଶୁଣିବ ବା କିଏ ? ଏମିତି ଦିନେ କଲେଜ ଷ୍ଟାଫ୍ କମନରୁମରେ ବସିଥାଏ, ହଠାତ୍ ଜଣେ ଅଜଣା ଭଦ୍ରଲୋକ ଖୋଜି ଖୋଜି ଆସି ମୋ ପାଖରେ ହାଜର। ମୋର ଜଣେ ସହପାଠୀଙ୍କ ପରିଚୟ ଦେଇ କଥା ଆରମ୍ଭ କଲେ। ସେ କହିଲେ, "ଏଠିକି ଆସିବା ପୂର୍ବରୁ ଯେଉଁ କଲେଜରେ ଥିଲେ ମୁଁ ସେଠାରେ ଆପଣଙ୍କୁ ଦେଖିଛି। ଆମ ଘରେ ଆଲୋଚନା ପରେ ଆପଣଙ୍କୁ ଆମ ଘରକୁ ଡାକିବାର ଥିଲା। ମାତ୍ର ମୁଁ ସେ କଲେଜକୁ (ଦକ୍ଷିଣ ଓଡ଼ିଶା) ଯାଇ ଜାଣିଲି ଆପଣଙ୍କର ଏଠାକୁ ବଦଳି ହୋଇଯାଇଛି। ବାଧ୍ୟ ହୋଇ ଏଠାକୁ ଆସିଛି।" କହିଲି ବହୁଶ୍ରମ କରି ଏତେ ଦୂରରୁ ଆସିଛନ୍ତି। ଏବେ ଆସିବା ପ୍ରସଙ୍ଗରେ କିଛି କହନ୍ତୁ। ସ୍ମିତହାସ୍ୟ ପ୍ରକାଶ କରି କହିଲେ, କଥା କ'ଣ କି ଆଜ୍ଞା, ମୋର ଗୋଟିଏ ସାନ ଭଉଣୀର ବିବାହ ପ୍ରସ୍ତାବ ନେଇ ଆପଣଙ୍କ ପାଖକୁ ଆସିଛି। ମୁଁ କହିଲି, ଏବେ ତ ଆମର ବାହାଘର ହେବାର ନାହିଁ। ତଥାପି ଯେତେବେଳେ ଏତେ ଦୂରରୁ ଆସିଛନ୍ତି କଟକରେ ମୋର ବଡ଼ଭାଇଙ୍କୁ (ଜଣେ ପଦସ୍ଥ ସରକାରୀ ଅଫିସର) ଭେଟି ପାରନ୍ତି। ସେଠାରୁ ତାଙ୍କର ଠିକଣା ନେଇ ସେ କଟକ ଫେରିଗଲେ।

> **ଯଥାର୍ଥରେ କୁହାଯାଇଛି, "ହାତରେ ନ ଥାଇ ଧନ ନା ପୁଅ ବାହା କରି ମନ"। ଭାଇ ଭଉଣୀଙ୍କ ମଧ୍ୟରେ ମୁଁ ସବା ସାନ। ମୋ କଥା ଶୁଣିବ ବା କିଏ ?**

## ମନକୁ ପାଇଛି

ଭାଇଭାଉଜଙ୍କୁ ସେ ଏଭଳି ପ୍ରଭାବିତ କଲେ ଯେ ସେମାନେ ଅଳ୍ପଦିନ ମଧ୍ୟରେ ତାଙ୍କ ସହିତ ଝିଅ ଦେଖିବାକୁ ଗଲେ। ଏହା ପରେ ଭାଇ ମୋତେ କଟକ ଡକାଇ କହିଲେ, ପ୍ରସ୍ତାବଟି ଆମର ମନକୁ ପାଇଛି। ତଥାପି ତୋର ମତାମତ ନିହାତି ଜରୁରି। କିନ୍ତୁ ଆମର ଇଚ୍ଛା ତୋ' ଉପରେ ଲଦି ଦେବାକୁ ମୁଁ ଚାହେଁନା। ତୋତେ କିନ୍ତୁ ପୀତାମ୍ବର ନନା ଆଉ ପଦବାବୁଙ୍କୁ ସାଙ୍ଗରେ ନେଇ ଝିଅ ଦେଖି ଆସିବାକୁ ହେବ। ମୁଁ ତାଙ୍କୁ କହି ଦେଇଛି। ଏହା ପରେ ମୋର ନ ଯିବାକୁ ବାଟ ନ ଥିଲା। ନିର୍ଦ୍ଦିଷ୍ଟ ସମୟରେ ଆମର ଯାତ୍ରା ଆରମ୍ଭ ହେଲା। ଉଭୟ ଉଚ୍ଚ ପଦସ୍ଥ ସରକାରୀ ଅଫିସର ଥିଲେ। ସମ୍ପର୍କରେ ପୀତାମ୍ବର ନନା ଥିଲେ ଭାଇଙ୍କ ବଡ଼ଶଳା, ଆଉ ପଦବାବୁ ଥିଲେ ମୋର ସାନ ଭିଣୋଇ। ତେଣୁ ଉଭୟେ ମୋ ସହିତ ଥଟ୍ଟାମଜା କରିବା

ଆରମ୍ଭ କରିଦେଲେ। କହିଲେ ଲମ୍ବା ଯାତ୍ରା, ମଜା ମଜା କଥା ନ କହିଲେ ବସି ବସି ବିରକ୍ତ ଲାଗିବ। କୌଣସି କାରଣରୁ ଆମର ଯାତ୍ରା ବିଷୟରେ ଝିଅଘର ଡେରିରେ ଖବର ପାଇଲେ। ତେଣୁ ଆମେ ତାଙ୍କ ଘରେ ପହଞ୍ଚିବା ବେଳକୁ କେବଳ ତାଙ୍କର ମାମୁ ଉପସ୍ଥିତ ଥିଲେ। ବହୁତ ବ୍ୟସ୍ତ ଓ ଦୁଃଖିତ ହେଲେ। କହିଲେ, ବଡ଼ ଅସୁବିଧା ହୋଇଗଲା। ସେମାନେ ସପରିବାର ଏକ ବିବାହ ଉତ୍ସବରେ ଯୋଗ ଦେବାକୁ ଭୁବନେଶ୍ୱର ଚାଲି ଯାଇଛନ୍ତି। ମୁଁ ଭାବଇନାଙ୍କୁ (ଝିଅର ବାପା) ଫୋନ୍ କରି ଦେଉଛି। ଆପଣମାନେ କଟକ ଯିବା ବାଟରେ ଯଦି ଭୁବନେଶ୍ୱରରେ ଝିଅକୁ ଦେଖି କରି ଯାଆନ୍ତି ତେବେ ବହୁତ ଭଲ ହୁଅନ୍ତା। ତାଙ୍କ ଅନୁରୋଧ ରକ୍ଷା କରିବାକୁ କହି କିଞ୍ଚିତ ଜଳଯୋଗ ପରେ ବାହୁଡ଼ା ଯାତ୍ରା ଆରମ୍ଭ କଲି।

**ଅଶୁଭ ଶକୁନ**

ଘରେ ନ ପଶୁଣୁ ଚାଳ ବାଜିଲା ପରି ଝିଅ ଘରେ କେହି ନ ଥିବା ଆମକୁ ଗୋଟିଏ ଅଶୁଭ ଶକୁନ ଭଳି ଲାଗିଲା। ଟ୍ରେନ୍‌ରେ ଗୁମ୍‌ସୁମ ପରିବେଶକୁ ହାଲୁକା କରିବାକୁ ଯାଇ ପୀତାନନା ଗୁଣୁ ଗୁଣୁହୋଇ କ'ଣ ଗୋଟିଏ ଗାଇବାକୁ ଲାଗିଲେ। ପଦନନା ତାଙ୍କୁ କହିଲେ ଟିକେ ବଡ଼ପାଟିରେ ଗାଇଲେ ସମସ୍ତେ ଶୁଣନ୍ତେ। ସେ କହିଲେ ହଉ ଯଦି ମନ କରୁଛ ତେବେ ଶୁଣ। କିନ୍ତୁ ଏ ଗୀତ ଆମ ଦୁହିଁଙ୍କ ପାଇଁ ନୁହେଁ। ଏଇଟା ଥାର୍ଡ ପର୍ସନ ପାଇଁ ପ୍ରଯୁଜ୍ୟ। ଏଥିରେ ମୁଁ ଚୁପ୍ ନ ରହି କହିଲି, ନନା ସେଇଟା ନିଶ୍ଚୟ ଆପଣଙ୍କର ମନ ପସନ୍ଦର ଗୀତ ହୋଇଥିବ। ଅନ୍ୟଥା ମୋତେ କାହିଁକି ସେଥିରେ ଯୋଡୁଛନ୍ତି। ସମସ୍ତଙ୍କୁ ଚୁପ୍ ରହିବାର ଇସାରାଦେଇ ସେ ଧୀରେ ଗୀତ ଆରମ୍ଭ କଲେ – "ଆଜ ଦେଖିଲିରେ ନବୀନ ବୟସୀ ବାଳା, ପାଇଥାନ୍ତି ଯେବେ ଚନ୍ଦ୍ରବଦନୀ କି କରିଥାନ୍ତି ଗଳାମାଳା..." ମୁଁ କହିଲି ହଉ ଏଥର ବନ୍ଦ କରନ୍ତୁ। ଝିଅ ନ ଦେଖି ମଧ୍ୟ ଏତେ ଖୁସି ହୋଇ ଏଭଳି ଗୀତ ଗାଇ ପାରୁଛନ୍ତି, ଆପଣଙ୍କୁ ମାନିବାକୁ ପଡ଼ିବ। ସେ କହିଲେ ଆରେ ବୋକା, ତୋତେ ଖୁସି କରିବାକୁ ଯାଇ ମୁଁ ଗାଇଲି। ଝିଅ ନ ଦେଖି ଆମ ଅପେକ୍ଷା ତୋର ନିଶ୍ଚୟ ବେଶି ମନଦୁଃଖ ହୋଇଥିବ। ତୁ ମୁହଁ ଖୋଲି ନ କହିଲେ ଆମେ କ'ଣ କିଛି ବୁଝିପାରୁ ନାହୁଁ?



ରାତି ନଅଟା ପ୍ରାୟ। ଭୁବନେଶ୍ୱର ପହଞ୍ଚି ଆଉ ଝିଅ ଦେଖିବା ମୁଡ୍‌ରେ ମୁଁ ନ ଥିଲି। ସେ ଦୁହେଁ କହିଲେ, ଆମେ ଦୂର ସ୍ଥାନରେ ଚାକିରି କରୁ। ତୋତେ ସାଙ୍ଗରେ ଧରି ଆଉ ଦିନେ ଆସିବା ସମ୍ଭବ ହୋଇ ନ ପାରେ। ଚାଲ ଆଜି ଝିଅ ଦେଖା କାମଟା ସାରି ଦେବା। ମୋର ଅନ୍ୟ ବାଟ ନ ଥିଲା। ଭଦ୍ରଲୋକଙ୍କ ଘରେ ପହଞ୍ଚିଲୁ। ବହୁତ ଆଦର ସମ୍ମାନ କରି ଘରେ ନ ଥିବାରୁ ଦୁଃଖ ପ୍ରକାଶ କଲେ। ଖାଇବାକୁ ଯୋଗାଡ଼ କରୁଥିଲେ, ମାତ୍ର ଆମେ ମନା କଲୁ। ଥଣ୍ଡା ପାନୀୟର ବ୍ୟବସ୍ଥା ପରେ ଝିଅକୁ ଆଣି ପରିଚୟ କରାଇଲେ।

**ପସନ୍ଦ ହେଲାନାହିଁ**

ତା'ପରେ ସମସ୍ତଙ୍କ ସହିତ କିଛି ସମୟ ବାହାରେ ବସି ବିଦାୟ ନେଲୁ। ଜଣେ ସମ୍ପର୍କୀୟଙ୍କ ଘରେ ରାତ୍ରିଯାପନ କଲୁ। ଶୋଇବା ପୂର୍ବରୁ ପୀତାନନା ମୋତେ ପଚାରିଲେ, ତୋତେ ଝିଅ କେମିତି ଲାଗିଲା? ମୁଁ କହିଲି, "ଆଗେ ଆପଣମାନେ ମତାମତ ଦିଅନ୍ତୁ। ମୋର ତ ଭିଟୋ ପାୱାର ରହିଛି, ମୁଁ ଶେଷରେ କହିବି।" ପଦନନା କହିଲେ, ମୋର ଆଦୌ ପସନ୍ଦ ହେଲା ନାହିଁ। ପୀତାନନା କହିଲେ, "ଆରେ ତୋ ଭାଇ ଭାଉଜଙ୍କ ଆଖିକି କେମିତି ରୁଚିଲା ମୁଁ ବୁଝିପାରୁ ନାହିଁ। ଆରେ ଝିଅ ପଛକେ କାଣୀ, ନାଁ କଟକିଆଣୀ। ଯିଏ ଦେଖିବ ସିଏ କହିବ ଧନ ଲୋଭରେ ବାହା କରିଛନ୍ତି।" ତା'ପରେ ମୁଁ କହିଲି, "ମୋର ମଧ୍ୟ ସେଇ ମତ।" ସେତିକି ବେଳେ ପଦ ନନା, ପୀତାନନାଙ୍କୁ ଚିଡ଼ାଇବାକୁ ଯାଇ କହିଲେ ଝିଅ ନ ଦେଖି କେଡ଼େ ସୁନ୍ଦର ଗୀତଟିଏ ଗାଇଲେ, ଏବେ ଦେଖିବା ପରେ ପଦେ ଅଧେ ହେଉ। ଉତ୍ତରରେ ସେ କହିଲେ, "ବାଇଆ ହେଲୁକି କୁମରମଣି, କାଠର ଘୋଡ଼ା କି ପିଇବ ପାଣି। ଶୋ ଫ୍ଲପ୍ ହେବା ପରେ ରୋମାଣ୍ଟିକ ଗୀତ ଶୁଣିବାକୁ ମନ। ଆରେ ବଳଦେବ ରଥଙ୍କ ଚମ୍ପୂ ଭୁଲି ଯାଇଚୁ ନା କ'ଣ? "କି ହେଲାରେ କହିତ ନୁହଇ ଭାରତୀରେ।"

ଝିଅ ଘରକୁ ଆମର ମତାମତ ଜଣାଇବାକୁ ଥିବାରୁ ଭାଇ ଟିକେ ଅସୁବିଧାରେ ପଡ଼ିଗଲେ। କାରଣ ଯଦି ପସନ୍ଦ ନ

ଥିଲା ତେବେ ପ୍ରଥମ ଦେଖାରେ ସବୁ ସରିଥାନ୍ତା। କିନ୍ତୁ ସେମାନଙ୍କ ଆଚାର ବ୍ୟବହାରରେ ଭାଇଭାଉଜ ଏତେ ଦୂର ପ୍ରଭାବିତ ହୋଇଥିଲେ ଯେ ମୋ ପର୍ଯ୍ୟନ୍ତ କଥା ରଖିଲେ। ଶେଷରେ ଚିନ୍ତା କରି କହିଲେ ବାପା ମାଆ ଜାତକରେ ବିଶ୍ୱାସ କରନ୍ତି। ସେମାନେ ଦୁହିଁଙ୍କର ନାଁ ରାଶି ମିଳାଇ ଥିଲେ, ଭଲ ମେଳକ ହେଉ ନାହିଁ। ଝିଅର ବାପା କହିଲେ ଆମେ ମିଳାଇଥିଲୁ। ଜ୍ୟୋତିଷ ରାଜଯୋଟକ ପଡୁଛି ବୋଲି କହିଲେ। ତେବେ ଦିନେ ଦୁଇଦିନ ମଧ୍ୟରେ ବଡ଼ପୁଅ ହାତରେ ଝିଅର ଜାତକ ପଠାଉଛି। ଆପଣ ଦୁହିଁଙ୍କର ଜାତକ ମିଳାଇବା ପରେ ଯାହା କହିବେ। ଏକଥା ମୁଁ ଜାଣି ନ ଥିଲି। ଭାବିଥିଲି ଟେନ୍‌ସନ୍ ଖତମ୍। ତା'ପର ଦିନ ମୁଁ ଗାଁକୁ ଫେରିଲି। ଘରେ ସମସ୍ତେ ମୋତେ ଉତ୍କଣ୍ଠାର ସହିତ ଅପେକ୍ଷା କରିଥିଲେ। ସବୁକଥା ଶୁଣି ସେମାନେ ଚୁପ୍ ରହିଲେ।

### ରୂପ କେତେଦିନ

ଦିନକ ପରେ ହଠାତ୍ ଭାଉଜ ଏକୁଟିଆ କଟକରୁ ଆସି ଘରେ ହାଜର। କଥା କ'ଣ? ସବୁ କଥା ସେ ଶୁଣାଇବା ପରେ କହିଲେ, ଝିଅ ଟିକେ ପସନ୍ଦ ହେଉ ନାହିଁ ସତ, ନ ହେଲେ ଆଉ ସବୁ ଦିଗରୁ ଭଲ। ଆମ ବାପାମାଆ ମରହଟ୍ଟିଆ ଚିନ୍ତାଧାରାର ଲୋକ। କହିଲେ, ରୂପ କେତେ ଦିନ ରହେ? ଭଲ ଗୁଣର ମଣିଷ ହେଲେ ସବୁଦିନ ପାଇଁ ଭଲରେ ରହିବ। ସେମାନେ ଭଲ ମଣିଷ, ପୁଣି ଭଲ ଦେବା ନେବା କରିବେ ଆଉ ଅଧିକ କ'ଣ ଦରକାର? ସେମାନଙ୍କ କଥା ଶୁଣି ମୋ ମୁଣ୍ଡ କିଛି କାମ କଲା ନାହିଁ। ନିଜକୁ ବହୁତ ଅସହାୟ ମଣିଲି। କାରଣ ମୋ ପାଖରେ ପଦନନା କି ପୀତାନନା କେହି ନ ଥିଲେ ମୋତେ ସମର୍ଥନ କରିବାକୁ। ମନେ ମନେ ଭାବିଲି ଈଶ୍ୱରଙ୍କ ଇଚ୍ଛା କ'ଣ ଏଇଆ? ଝିଅ କାହାର ମନ ପସନ୍ଦ ହେଉ ନ ଥିବା ସତ୍ତ୍ୱେ ପ୍ରସ୍ତାବ କିଛି ବାଧା ବନ୍ଧନ ନ ମାନି ତା' ବାଟରେ ଆଗେଇ ଚାଲିଛି। ମୋ ତରଫରୁ ସିଧା ମନା କରିବା ପରେ ମଧ୍ୟ ଭାଇ ଭାଉଜଙ୍କ ମୁଣ୍ଡରେ ପ୍ରସ୍ତାବର ଭୂତ ଓହ୍ଲାଇବା ନାଁ ଧରୁନାହିଁ। ଭାବୁଥାଏ ଆଦୌ ଭଲ ପାଉ ନ ଥିବା ମଣିଷଟିକୁ ନେଇ କିପରି ଜୀବନସାଥୀ କରିହେବ? କେମିତି ମିଛ ନାଟକ କରି କହିବି ମୁଁ ତୁମକୁ ବହୁତ ଭଲ ପାଏ? ହାୟ ତାହାର ବା ଦୋଷ କଅଣ? ବିନାଶ୍ରୟେ ନ ବର୍ତ୍ତନ୍ତି କବିତା, ବନିତା, ଲତା। ସବୁ ଦୋଷ ମୋ ଭାଗ୍ୟର। ଯାହା କହନ୍ତି "ପୂର୍ବାର୍ଜିତ ଯତ୍ ଧନଂ, ପୂର୍ବାର୍ଜିତ ସା ବିଦ୍ୟା, ପୂର୍ବାର୍ଜିତ ସା କନ୍ୟା ଅଗ୍ରେ ଧାବତି, ଧାବତି।" ମୋର ପୂର୍ବ ଜନ୍ମର କର୍ମ ଫଳରୁ ସତେ କଅଣ ଏଇ ଝିଅଟି ମିଳିବାକୁ ଯାଉଛି? ଦୁନିଆ ଯାକର ନାନା ଦୁଶ୍ଚିନ୍ତା ମୋ ଉପରେ ବୋଝ ହୋଇ ମାଡ଼ି ବସିଲେ। ଅକ୍ଟୋପସ୍‌ର ଦୃଢ଼ ବନ୍ଧନରେ ମୋର ହଲଚଲ ହେବାର ଜୁ ନାହିଁ। ହାୟରେ ଫଟା କପାଳ! "କ'ଣ କରିବି?" "ନମଃ ଶିବାୟ" ଜପିବି? ଠାକୁରଙ୍କୁ ଡାକି ଲାଭ କ'ଣ? ସେ ପରା "କରି କରାଉ ଥାଏ ମୁହିଁ, ମୋ ବିନୁ ଅନ୍ୟ ଗତି ନାହିଁ।" ଏହା ଯଦି ତାଙ୍କର ଇଚ୍ଛା ସେ ମୋ କଥା ଶୁଣିବେ କାହିଁକି? ଆଣିବ ଯାହାର କପାଳେ ଲେଖା, ଶିବ କାହୁଁ ତାକୁ ହୋଇବେ ଦେଖା।

**ଈଶ୍ୱରଙ୍କ ଇଚ୍ଛା କ'ଣ ଏଇଆ? ଝିଅ କାହାର ମନ ପସନ୍ଦ ହେଉ ନ ଥିବା ସତ୍ତ୍ୱେ ପ୍ରସ୍ତାବ କିଛି ବାଧା ବନ୍ଧନ ନ ମାନି ତା' ବାଟରେ ଆଗେଇ ଚାଲିଛି।**

### ନକଲି ଜାତକ

ତା'ପରେ ଆମ ଗାଁରେ ଥିବା ଜଣେ ଲୋକ ଜ୍ୟୋତିଷୀଙ୍କୁ ଡକାଗଲା। ବୁଡ଼ିଯାଉଥିବା ଲୋକ କୁଟା ଖିଅକୁ ଆଶ୍ରୟ କରିବା ପରି ମୋର ଶେଷ ଆଶା ଭରସାର ପାତ୍ର ଥିଲେ ସେଇ ଜ୍ୟୋତିଷୀ। ପ୍ରଥମେ ସେ ଝିଅର ଜାତକ ଗଣନା କରି ଯାହା ଯାହା କହିଲେ ସେଥିରେ ସମସ୍ତଙ୍କର ହଲକ ଶୁଖିଗଲା। ସେ କହିଲେ ଜାତକ କହୁଛି ଝିଅ ଗୋରା, ବହୁତ ସୁନ୍ଦର ଆଉ ଉଚ୍ଚଶିକ୍ଷିତା ହୋଇଥିବ ନିଶ୍ଚୟ। ତା'ପରେ ଜାତକରୁ ପିତାମାତା, ଭାଇ, ଭଉଣୀଙ୍କ ବିଷୟରେ ଯାହା କହିଲେ ସବୁ ବିପରୀତ ଲାଗିଲା। ଶେଷରେ ଜନ୍ମ ସମୟକୁ ନେଇ ଗ୍ରହମାନେ ଯିଏ ଯେଉଁଠି ରହିବା କଥା ସବୁ ମନଇଚ୍ଛା ଏଣେତେଣେ ଲେଖି ଦିଆଯାଇଛି। ମୋଟାମୋଟି ସେଇଟା ଗୋଟିଏ ନକଲି ବା ଜାଲ୍ ଜାତକ ବୋଲି ସେ ଜାଣିପାରିଲେ। ତଥାପି ଭୁଲ୍ ଜାତକ ଅନୁସାରେ ମଧ୍ୟ ଭଲ ବିବାହ ମେଳକ ପଡ଼ିଲା ନାହିଁ। ତେଣୁ ସେଠାରେ ବିବାହ କରିବା ଶାସ୍ତ୍ର ସମ୍ମତ ନୁହେଁ ବୋଲି କହି ଚାଲିଗଲେ।

ଜ୍ୟୋତିଷୀଙ୍କ କଥା ଶୁଣିବା ପରେ ମୋ ଦେହରୁ ଅସରାଏ ଝାଳ ବୋହିଗଲା। ଟାଏଁ ଟାଏଁ ହୋଇ, ବିନ୍ଧୁଥିବା ମୁଣ୍ଡଟା ହଠାତ୍ ଶାନ୍ତ ହୋଇଗଲା। ମାଆ କହିଲେ, ଯୋଉ ଘରକୁ ଯୋଉ ରୁଅ ବଣରେ ବଢ଼ିଛି, ଯୋଉ ପୁଅକୁ ଯୋଉ ଝିଅ ବିଧାତା ଖଞ୍ଜିଛି। ସେଇ ଝିଅ ତ ଆମ ହାଣ୍ଡିରେ ଚାଉଳ ପକାଇ ନାହିଁ ସେ ଆସିବ କେମିତି ? ଭାଉଜ ମଧ୍ୟ କହିଲେ, ଆରେ କିଏ ଜାଣିଥିଲା ସେମାନେ ଆମର ଏତେ ବିଶ୍ୱାସରେ ବିଷ ଦେବେ ବୋଲି ? ଆମେ କହୁଥିଲୁ ଆପଣମାନେ ହଁ କହିଲେ ସାତ ଦିନ ମଧ୍ୟରେ ବାହାଘର କରିପାରିବୁ। ଆମେ ପୂରା ପ୍ରସ୍ତୁତ। ଶେଷକୁ ବାପା କହିଲେ ଧନ ସମ୍ପତ୍ତି କ'ଣ ହେବ, ଭଲ ଝିଅଟିଏ ଦେଖ। ଏଥର ଗ୍ରୀକ୍ ପୁରାଣର ହିରୋ ଆଟ୍‌ଲାସ ପୃଥିବୀକୁ ଧାରଣ କରିଥିବା ଭଳି ମାନସିକ ଦୁଃଶ୍ଚିନ୍ତାର ପାହାଡ଼ କେତେବେଳେ ମୋ କାନ୍ଧରୁ ଅପସରିଯାଇଛି ଜାଣି ପାରିଲି ନାହିଁ। ଯାହାହେଉ ଈଶ୍ୱରଙ୍କୁ ଅଶେଷ ଧନ୍ୟବାଦ; ମୁଁ ବାହା ହେବାରୁ ବର୍ତ୍ତିଗଲି।

**ଭାଉଜ କହିଲେ, ଆରେ କିଏ ଜାଣିଥିଲା ସେମାନେ ଆମର ଏତେ ବିଶ୍ୱାସରେ ବିଷ ଦେବେ ବୋଲି ?**

□□

ଲେଖକଙ୍କ ଇ-ମେଲ୍ ଠିକଣା:
bal.bhabagrahi@gmail.com

## 'ସାହିତ୍ୟ ଚର୍ଚ୍ଚା'କୁ ଲେଖା ପଠାଇବାର ନିୟମାବଳୀ

୧. 'ସାହିତ୍ୟ ଚର୍ଚ୍ଚା' ଏକ ପାରିବାରିକ, ସାଂସ୍କୃତିକ, ଆଧ୍ୟାତ୍ମିକ, ଅବା ଫିଚର-ଧର୍ମୀ ପତ୍ରିକା ନୁହେଁ, ବରଂ ଏକ ନିରୁତା ସାହିତ୍ୟ ପତ୍ରିକା। ଲେଖକମାନେ ନିଜର ଲେଖା ପଠାଇବା ବେଳେ ଏହା ଦୃଷ୍ଟିରେ ରଖିବା ପାଇଁ ଅନୁରୋଧ।

୨. ପ୍ରବନ୍ଧ, ସମାଲୋଚନା, ଗଳ୍ପ, ରମ୍ୟରଚନା, ବ୍ୟଙ୍ଗ, କବିତା, ଅନୁବାଦ ଓ ଶିଶୁଗଳ୍ପ ଆଦି ଯେକୌଣସି ବିଭାଗର ଲେଖା ପଠାଇ ପାରନ୍ତି। ଆମେ ଗଦ୍ୟ ରଚନାଗୁଡ଼ିକୁ ଅଧିକ ପ୍ରାଧାନ୍ୟ ଦେଉ।

୩. ପତ୍ରିକାରେ କେବଳ ଭାଷା ଓ ସାହିତ୍ୟ ଉପରେ ଆଧାରିତ ପ୍ରବନ୍ଧମାନ ପ୍ରକାଶିତ ହୁଏ। ଅବଶ୍ୟ କେବଳ ରଥଯାତ୍ରା ଓ ଦଶହରା ଅବସରରେ ପ୍ରକାଶିତ ସଂଖ୍ୟାରେ ଏହାର କିଛି ବ୍ୟତିକ୍ରମ ହୋଇଥାଏ।

୪. ପତ୍ରିକା ପାଇଁ କୌଣସି ପ୍ରବନ୍ଧ ଲେଖିବା ଆରମ୍ଭ କରିବା ପୂର୍ବରୁ ଦୟାକରି ଆମକୁ ତାହାର ବିଷୟ ସମ୍ପର୍କରେ ପୂର୍ବରୁ ଇ-ମେଲ୍ କିମ୍ବା ହ୍ୱାଟ୍‌ସଆପ୍ ଯୋଗେ ଜଣାନ୍ତୁ। ଆବଶ୍ୟକ ହେଲେ ଏ ବିଷୟରେ ଫୋନ୍‌ରେ ମଧ୍ୟ ଆଲୋଚନା କରିପାରନ୍ତି।

୫. ଲେଖାଗୁଡ଼ିକୁ ଟାଇପ୍ କରି ଇ-ମେଲ୍ ଯୋଗେ info@sahityacharcha.com ଠିକଣାରେ କିମ୍ବା ଆମର ହ୍ୱାଟସଆପ୍ ନମ୍ବର 9368772506 କୁ ପଠାଇବାକୁ ଅନୁରୋଧ। ଆବଶ୍ୟକ ସ୍ଥଳେ ସ୍ୱହସ୍ତଲିଖିତ ରଚନାର ସ୍ପଷ୍ଟ ଛବି ଉଠାଇ ମଧ୍ୟ ପଠାଇପାରନ୍ତି।

୬. ପୂର୍ବ ପ୍ରକାଶିତ କୌଣସି ଲେଖା ନ ପଠାଇବାକୁ ଅନୁରୋଧ। ଏପରିକି ଫେସ୍‌ବୁକ୍ ଇତ୍ୟାଦିରେ ପ୍ରକାଶିତ ଲେଖା ମଧ୍ୟ ପଠାନ୍ତୁ ନାହିଁ।

୭. କବି ଓ ଲେଖକମାନଙ୍କୁ ଅନୁରୋଧ, ପୂର୍ବରୁ ଆମର ପତ୍ରିକାଟି କେବେ ଥରଟିଏ ହେଲେ ପଢ଼ିନଥିଲେ, ଦୟାକରି କୌଣସି ଲେଖା ପଠାନ୍ତୁ ନାହିଁ।

୮. ଲେଖା ସହିତ ଲେଖକ ବା ଲେଖିକାଙ୍କର ଏକ ଫଟୋ, ମୋବାଇଲ୍ ନମ୍ବର ଏବଂ ଇ-ମେଲ୍ ଠିକଣା ରହିଥିବା ଆବଶ୍ୟକ।

୯. ଅତି ଦୀର୍ଘ ଲେଖା ନ ପଠାଇବାକୁ ଅନୁରୋଧ।

୧୦. ଲେଖକମାନଙ୍କ ପାଖକୁ ମାନଦେୟ ସ୍ୱରୂପ ଛଅ ମାସ ପାଇଁ ପତ୍ରିକା ପଠାଇବାର ବ୍ୟବସ୍ଥା ଅଛି। ମାତ୍ର ସାହିତ୍ୟ ଚର୍ଚ୍ଚା ପରିବାରର ସଦସ୍ୟମାନଙ୍କୁ ଏହି ମାନଦେୟ ପ୍ରେରିତ ହୁଏନାହିଁ।

୧୧. ଚୟନ କରାଯାଇଥିବା ଲେଖାର ପ୍ରକାଶନ ପାଇଁ ଅନ୍ତତଃ ଦୁଇମାସ ଅପେକ୍ଷା କରିବାକୁ ନିବେଦନ।

୧୨. ଅପ୍ରକାଶିତ ଲେଖାର କାରଣ ଦର୍ଶାଇବା ପାଇଁ ସମ୍ପାଦନାମଣ୍ଡଳୀ ବାଧ୍ୟ ନୁହନ୍ତି।

୧୩. ପ୍ରକାଶନ ପୂର୍ବରୁ ଲେଖାଗୁଡ଼ିକୁ ଆବଶ୍ୟକ ମୁତାବକ ସମ୍ପାଦନା, ସଂଶୋଧନ ବା ପୁନର୍ଲିଖନ କରିବାର ଅଧିକାର ସମ୍ପାଦନା ମଣ୍ଡଳୀର ରହିଛି।


ପ୍ରବନ୍ଧ

# ଓଡ଼ିଆ ବହି : ଚିତ୍ର ସମ୍ପାଦନା ଓ ଚିତ୍ରଭାଷା



ମାନସ ରଂଜନ ମହାପାତ୍ର

ପାଠ ସମ୍ପାଦନା ଓ କଳା ସମ୍ପାଦନା ଦୁଇଟି ଅଲଗା ଅଲଗା କଥା। ତେଣୁ ଆଜିକାଲି ବହିର ଚିତ୍ରାଙ୍କନ ବା ଚିତ୍ରାୟନ କଳା କହିଲେ ଅନେକ କଳାଧଳା ବା ରଙ୍ଗିନ ଚିତ୍ରକୁ ବୁଝନ୍ତି। ଡିଜାଇନ୍, ଲାଇଟ୍ ଡ୍ରଇଂ ବା ଟାଇପୋଗ୍ରାଫିକୁ ଅନେକ ଚିତ୍ରାୟନ ନା ଅଳଙ୍କରଣ ବୋଲି ବୁଝନ୍ତି ନାହିଁ। ଓଡ଼ିଆ ବହିର ଏଇ ଦିଗ ସମ୍ପର୍କରେ ଆମେ ଏବେ ଆଲୋଚନା କରିବା। ପ୍ରଥମରୁ ଆମକୁ ପଢ଼ିବାର ଆବଶ୍ୟକତା ଅଛି ଯେ ଓଡ଼ିଶାରେ ଚିତ୍ର ସମ୍ପାଦକ ବୋଲି କେହି ନାହାନ୍ତି। ସମାନ୍ତରାଳ ଆନନ୍ଦ ବା ଅତନୁ ରାୟଙ୍କ ପରି ଚିତ୍ର ସମ୍ପାଦକ ବା ଚିତ୍ରଭାଷା ବୁଝୁଥିବା ଅଭିଜ୍ଞ ସୃଜନଶୀଳ ଶିଳ୍ପୀ ଏବେ କେବଳ ଓଡ଼ିଶା ନୁହେଁ, ଭାରତରେ ମଧ୍ୟ ବିରଳ ହୋଇଗଲେଣି। ଅନେକେ ପାଠ ସମ୍ପାଦନାକୁ ଚିତ୍ରଭାଷା ସମ୍ପାଦନା ଧରିଛନ୍ତି, ଯଦିଓ ଏ ଦୁଇଟି ଅଲଗା ଅଲଗା କାମ।




## ଚିତ୍ରର ଭାଷା

ଚିତ୍ରର ଏକ ଭାଷା ଅଛି। ଭଲ ଚିତ୍ର, ରେଖାଚିତ୍ର, ଚିତ୍ରକଥା ବା ଡିଜାଇନ ଦେଖିଲେ ମନ ଭିତରେ ଏକ ବିଶେଷ ପ୍ରତ୍ୟୟ ସୃଷ୍ଟି ହୁଏ। ଚିତ୍ରଟି କଥା କହେ। ଗୀତ ଭଳି। ଭଲ ଚିତ୍ରର ଭାଷାକୁ ବୁଝି ନ ପାରିଲେ ବହି ପଢ଼ିବା ନିରର୍ଥକ। କଳା ସାହିତ୍ୟକୁ ପୁଷ୍ଟ କରେ, ସମୃଦ୍ଧ କରେ। ଉତ୍ତମ ଚିତ୍ରାୟନ ବା ଅଳଙ୍କରଣ ବହିର ସ୍ତରକୁ ଉନ୍ନୀତ କରେ। ଓମାର ଖୈୟାମଙ୍କ 'ରୁବାଇୟାତ୍' ବହିର ଚିତ୍ର ଏ ଦିଗରେ ଉଲ୍ଲେଖଯୋଗ୍ୟ। ସେଇ ବହିରୁ ଜଣାପଡ଼େ, ଚିତ୍ର ବି ପାଠ ବା ବହିକୁ ଅମର କରିପାରେ।

ଆମର ବି ଏକଦା ଚିତ୍ରକାବ୍ୟର ପରମ୍ପରା ଥିଲା। ଏବେ ମୁଦ୍ରଣର ଅକଳ୍ପନୀୟ ବିକାଶ କଳାର କମନୀୟତାକୁ ହତ୍ୟା କରିଛି।

ସବୁଠାରୁ ବଡ଼ ହେଉଛି ସମ୍ବାଦ ବା କମ୍ୟୁନିକେଶନ, ଯଦି କଳାରୁ ପାଠକ କିଛି ବାର୍ତ୍ତା ନ ପାଏ, ତେବେ କଳାଟି ନିରର୍ଥକ। ଇଟାଲୀ ଓ ଫ୍ରାନ୍ସରେ ବିଭିନ୍ନ ଚିତ୍ରଭାଷା ମ୍ୟୁଜିୟମ ଅଛି। ବହୁ ଆନ୍ଦୋଳନ ବି କଳାର ସଂପ୍ରେଷଣୀୟତାକୁ ସୁଜ୍ଞାନୀ ଗ୍ରାହକମାନଙ୍କ ହାତରେ ପହଞ୍ଚାଇଦେବା ପାଇଁ ହୋଇଛି। ରାଇନ୍ ନଦୀ କୂଳରେ ଅନେକ ମ୍ୟୁଜିୟମ୍ ଏଇ ଶିଳ୍ପୀମାନଙ୍କ କୃତିକୁ ନେଇ ଗଢ଼ି ଉଠିଛି। ଆମେ ସେଇ କୃତିରୁ ଜୀବନ ବଞ୍ଚିବାର ନୂଆ ବାଟ ପାଇବା ପାଇଁ ପତ୍ରପତ୍ରିକା ସବୁ ଏଇ ଶିଳ୍ପୀମାନଙ୍କ ଶିଳ୍ପ ବା କଳାକୁ ନେଇ ଅଳଙ୍କୃତ ହୋଇଛନ୍ତି। ରେନାସାଁ ବା ନବଜାଗରଣର ପରବର୍ତ୍ତୀ କାଳରେ ଏଇ ଚିତ୍ରକଳାର ଭାଷା ବିଶ୍ୱ ସାହିତ୍ୟକୁ ପରିପୁଷ୍ଟ କରିଛି।

ଚିତ୍ର ସମ୍ପାଦନା ପାଠ ସମ୍ପାଦନାଠାରୁ ଅଲଗା ଓ ଏହା ଉଭୟ ପାଠ ଓ ଚିତ୍ର ଅଧ୍ୟୟନର ନିପୁଣତା ସମ୍ପାଦକଠାରୁ ଆଶା କରେ। ଭାରତର ମନ୍ଦିର ଗାତ୍ର ବା ଗୁମ୍ଫାମାନଙ୍କରେ ସ୍ଥାପତ୍ୟର ଯେଉଁ କୌଶଳ ପରିଲକ୍ଷିତ ହୁଏ, ତାହାର ବି ଚିତ୍ରଭାଷା ପର୍ଯ୍ୟାୟର।

ବହିର ପ୍ରଚ୍ଛଦପଟ କିଛି କଥା କହେ କି ?

କଳା ଇତିହାସବିତ୍ ଚିତ୍ରକର ଡକ୍ଟର ଦିଲୀପ କୁମାର ତ୍ରିପାଠୀଙ୍କ ମତରେ 'ଚିତ୍ରର ଭାଷା ହିଁ ଚିତ୍ରଭାଷା, ଯହିଁରେ ମିଳିତ ହୋଇଥାଏ ମାନସିକତା, ମନନଶୀଳତା। ଓଡ଼ିଶାର କଳାହାଣ୍ଡି ଜିଲ୍ଲାର ଗୁଡ଼ହାଣ୍ଡି, ମାଣିକମଡା, ଓଷାକୋଠି ଆଦି ଚିତ୍ରଭାଷା ଦ୍ୱାରା ଏକଦା ମଣିଷ ଭାବର ଆଦାନ ପ୍ରଦାନ କରୁଥିଲା। ଶିଶୁ ହିଁ ଚିତ୍ରକର ଓ ତାର ଚିତ୍ର ଶିକ୍ଷା ଖଡ଼ିଛୁଆଁରୁ ଆରମ୍ଭ ହୋଇଥାଏ।'

ଚିତ୍ରଶିଳ୍ପୀ ଓ ଚିତ୍ର ବିଶେଷଜ୍ଞ ବଳଦେବ ମହାରଥୀ କହନ୍ତି, 'ରାଗ ସୃଷ୍ଟି ପୂର୍ବରୁ ଆଦିମ ମଣିଷ ପଶୁପକ୍ଷୀମାନଙ୍କର ଶବ୍ଦକୁ ଅନୁକରଣ ପୂର୍ବକ ଶବ୍ଦ ଓ ଇଙ୍ଗିତ ଦ୍ୱାରା ଭାବର ଆଦାନ ପ୍ରଦାନ କରୁଥିଲା। ପଥର ଚଟାଣ ଓ କାନ୍ଥ ମାନଙ୍କୁ ଛୋଟ ଛୋଟ ପଥର ପକାଇ ବିଭିନ୍ନ ଚିତ୍ର ସୃଷ୍ଟି କରୁକରୁ ସେସବୁ ଏକ ଅଦ୍ଭୁତ ଚିତ୍ରରୂପ ପାଲଟିଗଲା। ୧୮୯୫ରେ ପ୍ରଥମ ଓଡ଼ିଆ ପ୍ରକାଶନ 'ଜ୍ଞାନ ରୂପ' ଖ୍ରୀଷ୍ଟିଆନ ମିଶନାରୀମାନଙ୍କ ଦ୍ୱାରା ହୋଇଥିଲା ଯେଉଁଥିରେ ଚିତ୍ରଭାଷାର ଆଭାସ ମିଳେ। ଚିତ୍ରର ଭାଷା ହିଁ ନିଜେ ଚିତ୍ର। ତେବେ ଓଡିଶାରେ ପ୍ରକାଶନ ସଂସ୍ଥା ସହ ଚିତ୍ରକର ବା ଭିଜୁଆଲାଇଜର ଅଥବା ଡିଜାଇନର ଥାଆନ୍ତି, ଆର୍ଟ ଏଡ଼ିଟର ବା ଚିତ୍ର ସମ୍ପାଦକ କେହି ନାହାନ୍ତି।'



ଚିତ୍ରଶିଳ୍ପୀ ଓ ଲେଖକ ସଞ୍ଜୟ ଭଞ୍ଜଙ୍କ ମତରେ, 'କଳା ହିଁ ସାହିତ୍ୟ ସୃଷ୍ଟିର ମୂଳାଧାର। ଓଡ଼ିଶାରେ ଏକମାତ୍ର ଚିତ୍ର ସମ୍ପାଦକ ଡକ୍ଟର ଦିନନାଥ ପାଠୀ ଥିଲେ। ଡିଜିଟାଲ ମାଧ୍ୟମରେ ସୃଜନଶୀଳତାର ପରିସୀମା ଶିଳ୍ପୀ ମାନଙ୍କ ପାଇଁ ବଢ଼ି ଯାଇଛି। ଡିଜିଟାଲ ମୁଦ୍ରଣ, ୩ଡି ଟେକନୋଲୋଜି ନୂଆ ମାଧ୍ୟମ। ମାତ୍ର ତକନିକୀ ଉପରେ ଅଧିକ ନିର୍ଭରଶୀଳତା ଶିଳ୍ପୀର କଳାକୁ ବ୍ୟାହତ କରେ।'

ଚିତ୍ରଶିଳ୍ପୀ ରମାକାନ୍ତ ସାମନ୍ତରାୟ ଆଉ ପାଦେ ଆଗେଇ ଯାଇ ମତ ଦିଅନ୍ତି ଯେ, 'ଚିତ୍ରଭାଷା ହିଁ ଜୀବନର ଆଧାର। ଆମେ କହୁଥିବା ଭାଷାଠାରୁ ଚିତ୍ରଭାଷା ଭିନ୍ନ, ଯେଉଁଠି ଶବ୍ଦ ବିନା ଦୃଶ୍ୟ, ପ୍ରତୀକ ଏବଂ ଭିଜୁଆଲ ରିପ୍ରେଜେଂଟେସନ ଅକ୍ଷର ସାଙ୍ଗରେ ଅବା ଅକ୍ଷର ବିନା ବକ୍ତବ୍ୟକୁ ବ୍ୟକ୍ତ କରିପାରେ । ହଜାର ହଜାର ବର୍ଷ ତଳୁ ଯେତେବେଳେ ମଣିଷ କହିବା ଲେଖିବା ଜାଣିନଥିଲା ସେତେବେଳୁ ସେ ଚିତ୍ର ମାଧ୍ୟମରେ ହିଁ ତାର କହିବା କଥାକୁ ପ୍ରକାଶ କରିଥିଲା। ଆଜିବି ଆମ ଚାରିପାଖରେ ବିଭିନ୍ନ ସଂକେତ ଓ ଇମୋଜିର ପ୍ରାବଲ୍ୟ। ଆମ ଦୈନନ୍ଦିନ ଜୀବନରେ ଆମେ ଆମ ଅଜାଣତରେ କଥିତ ଓ ଲିଖିତ ଭାଷା ଛଡା ଚିତ୍ରଭାଷା ବ୍ୟବହାର କରିଥାଉ।'

ଚିତ୍ର କଳାରେ ଚିତ୍ରଭାଷା ହିଁ କଳାକାର କେଉଁ କେଉଁ ଭିଜୁଆଲ ଇଲିମେଂଟ ବ୍ୟବହାର କରୁଛି ତାକୁ ଦର୍ଶାଇଥାଏ। ସରଳରେ କହିଲେ ଯେଉଁ ରଙ୍ଗ, ଦୃଶ୍ୟ ତତ୍ତ୍ୱ, ଆକାର, ଚିତ୍ରର ସଂରଚନା, ଶୈଳୀ, ଚିତ୍ରରେ ବ୍ୟବହୃତ ପ୍ରତୀକ ଓ ସଂକେତ ଆଦି ବ୍ୟବହାର କରି କଳାକାର ତାର କାହାଣୀ କିମ୍ବା ଦର୍ଶନକୁ ବଖାଣେ ତାହାହିଁ ତାର ଚିତ୍ରଭାଷା।

## ପ୍ରଚ୍ଛଦପଟର ଚିତ୍ରଭାଷା

ବହିର ବିଷୟବସ୍ତୁ ଓ କାବ୍ୟ ପ୍ରଚ୍ଛଦପଟର ଚିତ୍ରଭାଷାରୁ ଜଣାପଡ଼େ। ଚିତ୍ର ହିଁ ସଂକେତ ବା ପ୍ରତୀକ। ର୍ୟାଂବୋ ଏହାକୁ ଭିଜୁଆଲ ଅକ୍ଷିଜିମ୍ ଓ ରାଡିକାଲ ହ୍ୟୁମାନିଷ୍ଟମାନେ ଭିଜୁଆଲ ଲାଙ୍ଗୁଏଜ୍ କହୁଥିଲା ବେଳେ ଶିଳ୍ପୀ ଡ. ଦିନନାଥ ପାଠୀ ଏହାକୁ ଚିତ୍ରଭାଷା ବା ଚିତ୍ରାକ୍ଷର ନାମ ନେଇଛନ୍ତି। ଅତନୁ ରାୟଙ୍କ ମତରେ ବହିର ଅକ୍ଷରସଜ୍ଜାଟି ଚିତ୍ରଭାଷାର ପରିଚୟ।

ଆଗରୁ କହି ରଖିଛି, ପାଠ୍ୟ ସମ୍ପାଦନାକୁ ଅନେକ ଚିତ୍ର ସମ୍ପାଦନା ବୋଲି ଧରି ନେଇଛନ୍ତି। ଚିତ୍ର ସମ୍ପାଦନା ପାଇଁ ଜଣେ ଚିତ୍ରକର ହେବା ଦରକାର ନୁହେଁ, ମାତ୍ର ଚିତ୍ର ଆଲୋଚକ ହେବା ଜରୁରୀ। କଳା ଧଳା ବା ହାତ ଅଙ୍କା ଚିତ୍ରରେ ଆମେ ଯେଉଁ ଭାଷା ପାଉଥିଲେ କମ୍ପ୍ୟୁଟର ଓ

ଫଟୋକପି ତାହା ନଷ୍ଟ କରିଦେଇଛନ୍ତି। ଏବର ସମ୍ପାଦନକମାନଙ୍କୁ ଅଧିକାଂଶ ଲିପି ବା ଟାଇପୋଗ୍ରାଫିର ପ୍ରକାର ଭେଦ ଓ ପଏଣ୍ଟ ସାଇଜ୍ ଜଣା ନାହିଁ। ଏହାର ଆବଶ୍ୟକତା ବୁଝିଲେ ହିଁ ଧୀରେ ଧୀରେ ଡିଜାଇନ୍ ଓ ଚିତ୍ରଭାଷା ବୁଝିହେବ।

ବହିରେ ରେଖାଚିତ୍ର କାହିଁକି ଦିଆଯାଏ ?

ଏ ନେଇ ଅନେକ ମତ ରହିଛି। କେତେକ ଭାବନ୍ତି, ବିଷୟକୁ ବିଶେଷ ଭାବେ ପାଠକଙ୍କୁ ବୁଝେଇଦେବା ପାଇଁ ରେଖାଚିତ୍ର ବ୍ୟବହାର କରାଯାଏ। ବର୍ଗବନ୍ଧନୀରେ ପାଠ ରହିଲେ ବି ଗୁରୁତ୍ୱପୂର୍ଣ୍ଣ ଅଂଶ ବୁଝୁବୁଝୁ ପାଠ ପ୍ରାଞ୍ଜଳ ହୋଇଯାଏ। ଆଉ ଅନେକ ଏହା ବି ଭାବନ୍ତି ଯେ ରେଖା ଚିତ୍ର ଏକ ଅହଂକାର। ଉଭୟ ମତବାଦର ନିଜ ନିଜ ଗୁରୁତ୍ୱ ରହିଛି। ହାତୀଙ୍କୁ ବୁଝିବା ପାଇଁ ଶୁଣ୍ଢ, ଗୋଡ, ଲାଞ୍ଜ ବା ଥୋଡ଼ ବୁଝିବା ଜରୁରି, ତେବେ ହିଁ ହାତୀକୁ ବୁଝିହେବ।

ଗୌଡ଼ୀୟ ବୈଷ୍ଣବମାନେ କୃଷ୍ଣଙ୍କୁ ବୁଝିବା ପାଇଁ ରାଧା, ସଖୀ ଓ ଯମୁନା ତଟକୁ ସମାନ ଗୁରୁତ୍ୱ ଦେଇଛନ୍ତି। ଉତ୍କଳୀୟ ବୈଷ୍ଣବମାନେ କୃଷ୍ଣଙ୍କୁ ଭଗବାନ ମାନିନେଇଛନ୍ତି।

| ଚିତ୍ର | ଭାଷା |
|---|---|
| \| | \| |
| ପ୍ରତୀକ | ସଂବାଦ |
| \| | \| |
| ପ୍ରଚ୍ଛଦ ପଟ୍ଟ ରେଖାଚିତ୍ର (ଲାଇନ୍ ଡ୍ରଇଂ, ପେଣ୍ଟିଂ, ଗ୍ରାଫିକ୍ସ ସ୍ଥାପତ୍ୟ, ଭାସ୍କର୍ଯ୍ୟ) | ଭାବ ବାର୍ତ୍ତା / ଫିଲ୍ମ |

କୃଷ୍ଣଙ୍କୁ ଅଧିକ ପ୍ରାଞ୍ଜଳ କରିଛି ବଂଶୀ ଓ ମୟୂର ପୁଚ୍ଛ। ଏହା ହିଁ କୃଷ୍ଣଙ୍କ ରୂପର ଚିତ୍ରଭାଷା।

**ପାଶ୍ଚାତ୍ୟ ସୌନ୍ଦର୍ଯ୍ୟତତ୍ତ୍ୱ**

ଏକଦା ତାଳପତ୍ରରେ ପୁସ୍ତକ ବା ଏବର ବହିର ପାଣ୍ଡୁଲିପି ପୁସ୍ତକ ହେଉଥିଲା। ତହିଁରେ ଚିତ୍ର ଆଙ୍କିବା କଷ୍ଟସାଧ୍ୟ ଥିଲା। ସେପାଇଁ ରଙ୍ଗ ତିଆରି ହେଲା ପତ୍ରରୁ ବା ମାଟିରୁ ତେଲ ମିଶାଇ, ସମୟକ୍ରମେ ତିଆରି ହେଲା ଚିତ୍ରପୋଥି ବା ପଟ୍ଟଚିତ୍ର। ଏହା ହିଁ ଚିତ୍ରଭାଷାର ପରମ୍ପରା, ଆମ ସାହିତ୍ୟର ଇତିହାସ। ପ୍ରକୃତି ହିଁ ସକଳ ସାହିତ୍ୟର ଉତ୍ସ।

ୟୁରୋପୀୟ ବା ପାଶ୍ଚାତ୍ୟର ସୌନ୍ଦର୍ଯ୍ୟତତ୍ତ୍ୱ ଦେହବାଦୀ ବୋଲି ଅନେକ ଭାବନ୍ତି। ଆମ ସୌନ୍ଦର୍ଯ୍ୟତତ୍ତ୍ୱଟି ସମପରିମାଣରେ ଦେହବାଦୀ, ସୁଫି ମତବାଦ ଅନୁସାରେ ଦେହ ହିଁ ଆତ୍ମାରେ ପହଞ୍ଚିବାର ବାଟ, ବୈଷ୍ଣବ ମତବାଦଟି ଏହାକୁ ଅସ୍ୱୀକାର କରି ନାହିଁ। ଚିତ୍ର ହିଁ ସଂକେତ ବା ପ୍ରତୀକ ଭାବେ ସାହିତ୍ୟକୁ ବୁଝେଇ ଦେଇଛି। ଦର୍ଶନ ଅଲଗା ହେଇପାରେ, ଲକ୍ଷ୍ୟ ଗୋଟିଏ।

ବହିର ବନ୍ଧେଇର ପ୍ରକାର ବିଷୟରେ ଆମେ ଏହି ପତ୍ରିକାରେ ପୂର୍ବରୁ ଆଲୋଚନା କରିଛେ। କନା ବନ୍ଧେଇ ଓ ପ୍ରଚ୍ଛଦର ରଙ୍ଗ ବିଷୟରେ ରାଇର୍ଟସ ଓ୍ୱାର୍କସପ୍ ପ୍ରକାଶନ ସମ୍ପର୍କରେ ବି ଆଲୋଚନା କରିଛେ। ପେପରବ୍ୟାକ୍ ବହିରେ କନା ବନ୍ଧେଇ ଭଲ ହେଇପାରେ ନାହିଁ। କନା ବନ୍ଧେଇ ଚିତ୍ରଭାଷାରୁ, ସଫଳଭାବେ ରଙ୍ଗ ମାଧ୍ୟମରେ ବୁଝେଇ ଦେଇପାରେ। ତେବେ, ଭଲ ଲାମିନେସନ ହେଲେ ଚିତ୍ର ସୁନ୍ଦରଭାବେ ବ୍ୟକ୍ତ ହୋଇପାରେ।

କାର୍ଟୁନ ମାଧ୍ୟମରେ ପାଠକୁ ବୁଝାଇବା ସହଜ। ଏହା ମାଧ୍ୟମରେ ବିଦ୍ରୂପ, ସମାଲୋଚନା ବା କଥାକୁ ପ୍ରାଞ୍ଜଳ ଭାବେ ବୁଝାଇହୁଏ। ତେବେ ଏହା ତୀକ୍ଷ୍ଣ ହେବା ଜରୁରୀ। ଶବ୍ଦ ତ ବ୍ୟଙ୍ଗ - ଚିତ୍ରଭାଷା ବିସ୍ତୃତ ପାଠଠାରୁ ଅଧିକ ପ୍ରଭାବଶାଳୀ।

**ଚିତ୍ର ଭାଷା**

ଆମେ ପୂର୍ବରୁ ଆଲୋଚନା କରିଛେ ଯେ ପୃଥିବୀର ବିଭିନ୍ନ ସ୍ଥାନରେ ଥିବା ପର୍ବତ ଗୁମ୍ଫାମାନଙ୍କରେ ଥିବା ଚିତ୍ର ଓ ଆନିମେସନ୍ ମଧ୍ୟରେ ଚିତ୍ରଭାଷାର ବିସ୍ତୃତି। ମଣିଷ ପ୍ରଥମେ ଭାଷା ସହିତ ପରିଚିତ ନ ଥିଲା। ଚିତ୍ର ହିଁ ଥିଲା ତା'ର ଭାବ ବିନିମୟର ମାଧ୍ୟମ। ବର୍ତ୍ତମାନ ଯେଉଁ ଚଳଚ୍ଚିତ୍ର ପ୍ରସ୍ତୁତ ହେଉଛି, ତହିଁରେ ଅଭିନୟର ମୁଖ୍ୟ ମାଧ୍ୟମ ହେଉଛି ଦୃଶ୍ୟକଳା।

ପୋଥି କିପରି ମନ୍ଦିରରେ ପହଞ୍ଚି ନୃତ୍ୟ, ନାଟକର ରସ ହୋଇଗଲା, ତା'କୁ ନେଇ ଅନେକ କାହାଣୀ ରହିଛି। ଅଧିକାଂଶ କାହାଣୀ ମିଳେ ଲୋକ ସାହିତ୍ୟରୁ, ତହିଁର ଏକ ବୃହତ୍ ଭାଗ ଏବେ ବି ମୁଦ୍ରିତ ହୋଇପାରିନାହିଁ।

ପ୍ରତ୍ୟେକ ମନ୍ଦିରରେ ନୃତ୍ୟର ଏକ ନିୟମାବଳୀ ରହିଛି। ଏହା ପ୍ରଥମେ ସ୍ମୃତିରେ ଥିଲା। ଶ୍ରୀଜଗନ୍ନାଥ ମନ୍ଦିରରେ ହୋଇଥିବା/ପ୍ରଦର୍ଶନ ଆରମ୍ଭ ହୋଇଥିବା ଓଡ଼ିଶୀ ନୃତ୍ୟର ନିୟମାବଳୀ 'ଅଭିନୟ ଚନ୍ଦ୍ରିକା'ରେ ଥିଲା। କାଳେ ତାହା ଅନ୍ୟ ରାଜ୍ୟକୁ ଚାଲିଯିବ, ତେଣୁ ତତ୍କାଳୀନ ରାଜା ଲେଖକଙ୍କୁ ମୃତ୍ୟୁଦଣ୍ଡ ଦେଇଥିଲେ ବୋଲି କୁହାଯାଏ। ତେବେ କଳା ତ ଲୁଚି ରହିପାରେ ନାହିଁ। ଧୀରେ ଧୀରେ ଏହା ନାଟକକୁ ଆସିଲା। କାଳକ୍ରମେ ଚଳଚ୍ଚିତ୍ରର ରୂପ ନେଲା। ସବୁର କେନ୍ଦ୍ର ଥିଲା ଅଭିନୟର ଅଙ୍ଗଭଙ୍ଗୀ ଓ ଦୃଶ୍ୟ-ଚିତ୍ର। ଏହା ହିଁ ଆନିମେସନ ଫିଲ୍ମର ଇତିହାସ।

### ଶହେବର୍ଷର ଇତିହାସ

ଓଡ଼ିଆ ବହିର ପ୍ରଚ୍ଛଦରେ ଭଲ ଚିତ୍ର ବା ପେଣ୍ଟିଂ ବ୍ୟବହାରର ଇତିହାସ ଶହେ ବର୍ଷ ବି ପୁରୁଣା ନୁହେଁ। ଅଜିତ କେଶରୀ ରାୟ ପ୍ରଥମେ ପେଣ୍ଟିଂକୁ ବହିର ପ୍ରଚ୍ଛଦରେ ବ୍ୟବହାର କରିବା ଆରମ୍ଭ କଲେ ବୋଲି କୁହାଯାଏ। ଅନେକେ ଏ ଶ୍ରେୟ ଅସୀତ ମୁଖାର୍ଜୀଙ୍କୁ ବି ଦିଅନ୍ତି। ଉଭୟଙ୍କ ସମକାଳୀନ ଚିତ୍ରକର ତଥା ଚିତ୍ର ସମାଲୋଚକ ଥିଲେ ଦିନନାଥ ପାଠୀ। ଦିନନାଥ ପାଠୀଙ୍କ ଅନୁଗତ ଛନ୍ଦାଚରଣ ଆଚାର୍ଯ୍ୟ, ସଂଜୟ ଭଟ୍ଟ ଓ ସ୍ଥାପତ୍ୟରେ କବିତା ମହାନ୍ତି ଏହି ପରମ୍ପରାକୁ ଆଗକୁ ବଢ଼ାଇଲେ। ବଳଦେବ ମହାରଥା ମଧ୍ୟ ଥିଲେ ଏହି ତରୁଣ ଶିଳ୍ପୀମାନଙ୍କ ଅଗ୍ରଜ। ସେ ଥିଲେ ଦୀନନାଥ ପାଠୀଙ୍କ ସହକର୍ମୀ।

ବହିର ଶୀର୍ଷକ ବା ନାମ ମଧ୍ୟ ଚିତ୍ରର ଅନ୍ତର୍ଭୁକ୍ତ। ଏକଦା ସମଗ୍ର ବହି କ୍ୟାଲିଗ୍ରାଫି ବା ହସ୍ତାକ୍ଷରରେ ଲେଖାଯାଉଥିଲା। ସୁନ୍ଦର ଅକ୍ଷର ଭିଜୁଆଲ କମ୍ୟୁନିକେସନର ଅଂଶ ବା ପ୍ରକାଶ। ଓଡ଼ିଶାରେ ସେ ପିଢ଼ିର ଶିଳ୍ପୀ ଏକମାତ୍ର ବଳଦେବ ମହାରଥା ଏବେ ଜୀବିତ ଓ ସକ୍ରିୟ।

ଅନେକ କଥା ଆଲୋଚନା କଲେଣି। ସମ୍ପାଦନାର ଦିଗ୍‌ବଳୟ ଅସୀମ। ଚିତ୍ର ସମ୍ପାଦନା ବିଷୟରେ ଏ ଯାଏଁ ଓଡ଼ିଶାରେ ବେଶି କିଛି ଲେଖାଯାଇନାହିଁ। ଏହି ପ୍ରବନ୍ଧଟି ସେ ଦିଗରେ ପ୍ରାରମ୍ଭିକ ପ୍ରୟାସ କହିଲେ ଅତ୍ୟୁକ୍ତି ହେବ ନାହିଁ। ନାଟକର ମଞ୍ଚସଜ୍ଜା ଦର୍ଶକମାନଙ୍କୁ ବୁଝାଇବା ଯେତିକି କଷ୍ଟକର, ଚିତ୍ର ସମ୍ପାଦନା ଅନୁରାଗୀ ପାଠକଙ୍କୁ ବୁଝାଇବା ବି ସେତିକି କଷ୍ଟକର। ପ୍ରଥମ ପ୍ରୟାସ ସଫଳ ହୋଇପାରେ। ମାତ୍ର ପ୍ରୟାସ ଜାରି ରହିବ।

### କଳାର ଉଦ୍ଦେଶ୍ୟ

କଳାର ମୁଖ୍ୟ ଉଦ୍ଦେଶ୍ୟ ସମ୍ବାଦ ବା କମ୍ୟୁନିକେସନ୍। ଦୃଶ୍ୟ କଳା ଏଥିପାଇଁ ଅଧିକ ପ୍ରଭାବଶାଳୀ। ଶିଳ୍ପୀ ବଳଦେବ ମହାରଥାଙ୍କ ମତେରେ ଆଦିମ ମଣିଷ ରାଗ ସୃଷ୍ଟି ପୂର୍ବରୁ ବିଭିନ୍ନ ପଶୁପକ୍ଷୀଙ୍କର ଶବ୍ଦକୁ ଅନୁକରଣ ପୂର୍ବକ ଶବ୍ଦ ଇଙ୍ଗିତ ଦ୍ୱାରା ଭାବର ଆଦାନ ପ୍ରଦାନ କରୁଥିଲା। ତାଙ୍କ ଶିଷ୍ୟ ସଂଜୟ ଭଟ୍ଟ ଏହି ଇଙ୍ଗିତରୁ ଚିତ୍ରଭାଷାର ସୃଷ୍ଟି ବୋଲି ମନେ କରନ୍ତି। ରଙ୍ଗ ବ୍ୟବହାର, ଫର୍ମ, ଟେକ୍ସ୍‌ଚର ଏବଂ ଏହାର ମିଶ୍ରିତ ପ୍ରୟୋଗ ଫଳରେ ଚିତ୍ର ଏହାର ଦର୍ଶକମାନଙ୍କୁ ଯେଉଁ ଭାଷାର ପ୍ରତ୍ୟୟ ଦେଇଥାଏ, ତାହା ହିଁ ଚିତ୍ରଭାଷା ବୋଲି ସେ ମନେ କରନ୍ତି। ତାଙ୍କ ମତରେ ବହିର ମଲାଟରେ ଯେଉଁ ଓଡ଼ିଆ / ଓଡ଼ିଶାରେ ଜନ୍ମିତ ଓ ବିକଶିତ ଶିଳ୍ପୀଙ୍କ ଚିତ୍ର ମୁଦ୍ରଣ ମାଧ୍ୟମରେ ଆଧୁନିକ କାଳରେ ପାଠକଙ୍କ ଦୃଷ୍ଟିକୁ ଆସିଲା ସେ ହେଉଛନ୍ତି ଚିତ୍ରଶିଳ୍ପୀ ଗୋପାଳ ଘୋଷ। ସେ ଥିଲେ ଶିଳ୍ପୀ ଅଜିତ କେଶରୀ ରାୟଙ୍କ ସମସାମୟିକ। ଅଜିତ କେଶରୀ ରାୟ ଶାନ୍ତି ନିକେତନରେ ଚିତ୍ରକଳା ପଢ଼ିଥିଲାବେଳେ ଗୋପାଳ ଘୋଷ ଗଭର୍ଣ୍ଣମେଣ୍ଟ କଲେଜ ଅଫ୍ ଆର୍ଟ, କଲିକତାରେ ଚିତ୍ରକଳା ପଢ଼ିଥିଲେ।

ତେବେ ସମସ୍ତେ ସହମତ ଯେ ଓଡ଼ିଶାରେ କେହି ଚିତ୍ର ସମ୍ପାଦକ ନାହାନ୍ତି। ଶିଳ୍ପୀ ଦିନନାଥ ପାଠୀ ପ୍ରଥମେ ଚିତ୍ରଭାଷା ସମ୍ପର୍କରେ ଆଲୋଚନା କରିଥିଲେ। କଳାର ପରିସୀମା ପ୍ରଯୁକ୍ତିର ବିକାଶ ଫଳରେ ବ୍ୟାପ୍ତ ହୋଇଛି ସତ, ମାତ୍ର ପ୍ରଯୁକ୍ତି ଉପରେ ଅଧିକ ନିର୍ଭରଶୀଳ ହେଲେ କଳାର କମନୀୟତା ନଷ୍ଟ ହେବ ବୋଲି ସମସ୍ତେ ମନେ କରନ୍ତି। କଳା ସମ୍ପାଦକଙ୍କୁ ଏ ଦିଗରେ ଅଧିକ ଯତ୍ନଶୀଳ ହେବା ଆବଶ୍ୟକ। ତେବେ ଯାଇ ମୁଦ୍ରିତ ଭାଷା ଓ ଚିତ୍ରଭାଷା ସୁସଂହତ ଭାବରେ ପାଠକ ପାଖରେ ବହି ମାଧ୍ୟମରେ ପହଞ୍ଚି ପାରିବେ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
mrmahapatra@gmail.com

**ସମ୍ପାଦନାର ଦିଗ୍‌ବଳୟ ଅସୀମ। ଚିତ୍ର ସମ୍ପାଦନା ବିଷୟରେ ଏ ଯାଏଁ ଓଡ଼ିଶାରେ ବେଶି କିଛି ଲେଖାଯାଇନାହିଁ।**

ଧାରାବାହିକ ବ୍ୟଙ୍ଗ

# ବଡ଼ାପା ମେଲଣ



ଡ. ଅଜୟ କୁମାର ମିଶ୍ର

ପାଣିପାଗୁଆମାନେ ମେଘ ଖଣ୍ଡେ ନ ଦେଖୁଣୁ, ଅତିରୁ ଅତିପ୍ରବଳ ଅତିଅତିଅତିପ୍ରବଳ ବର୍ଷା ହେବାର ଘୋଷଣା କରିଦିଅନ୍ତି। ସେମାନେ ଧର ନ କହୁଣୁ ଅତି ଆତୁରିଆ କେତେକ ଉତ୍କଟତରକା ଘନଟାଉକା କର୍ମଚାରୀ ବାନ୍ଧିବା ଆରମ୍ଭ କରିଦିଅନ୍ତି। ଏମନ୍ତ ରାଜ୍ୟରେ ଘଣ୍ଟୁ ଭଳି ଶୁଦ୍ଧ ପୁରୁଷର ଜନ୍ମ। ପିମ୍ପୁଡି ହୁଏତ ଗୁଡ଼ବଣାର ସନ୍ଧାନ କରିବାକୁ ଡେରି କରିପାରେ; ମାତ୍ର ଘଣ୍ଟୁ କେବେ ବି ଟିପେ ପରିମାଣରେ ଊଣା କରିବାର ପ୍ରମାଣ ଏ ପର୍ଯ୍ୟନ୍ତ ମିଳିନାହିଁ। ପାଣିପାଗୁଆମାନେ ହେଇ ବାତ୍ୟା ଆସିପାରେ କଥା କହୁ ନ କହୁଣୁ, ବିପର୍ଯ୍ୟୟ ଦମନ ପାଇଁ ଘମାଘୋଟ ସଜବାଜ ଚାଲେ, ଖବରକାଗଜିଆ, ଟି.ଭି.ବାଲାଏ ଏ ସଜବାଜକୁ ଆଉ ଟିକେ ଗାଢ଼ା କରି ଛାପନ୍ତି ଆଉ ଦେଖାନ୍ତି। ତହୁଁ ବଳି ୟୁଟୁବିୟାଙ୍କ କାରସାଦି। କୁଆ ନ ଉଡୁଣୁ, ଛୁଆ ପକେଇଲା ବୋଲି ପ୍ରଚାର କରିଦିଅନ୍ତି। ଗାଏମୋଟ ଫଳ ଶ୍ରୁତି- ଗର୍ଜନ ବଉଦ ଭାଗ ଦୁଇ ପାଆ, ବର୍ଷା ବିନ୍ଦୁ ନାସ୍ତି। ଓଡ଼ିଶାମୁହାଁ ବାତ୍ୟାଟା ଧେଡିଆ ଓଡ଼ିଆଙ୍କୁ ଦୟା କଲା, ଯାହା ଆଉଥିଲା, ନ ଆସି ଓଡ଼ିଶାକୁ ଏଡ଼େଇ ପଡ଼ିଶା ରାଇଜ ଆଡ଼େ କୁଆଡ଼େ ରାତାରାତି ଫେରାର ହେଇଗଲା।




## ନୂଆ ଫନ୍ଦି

ଖବରକାଗଜିଆ, ଟି.ଭି. ଆଉ ୟୁଟ୍ୟୁବିୟାଙ୍କ ଏମନ୍ତ କାରନାମାକୁ ଘଣ୍ଟୁ ଖୋଳତାଡ଼ କରି ଜାଇଁଲା ଯେ, ଏ ଗୋଟା, ନୂଆ ଫନ୍ଦି। ବେପାରୀ-ଟେପାରିଏ ସାମାନ୍ୟ ଥୋପ ପକେଇ ପାଣିପାଗୁଆଙ୍କୁ ଧରନ୍ତି, ଆଉ କାଗଜିଆମାନଙ୍କୁ ବି କାଣିଚେ ତୋଷ କରାଇ ଏମନ୍ତ ଉପରଠାଉରିଆ ଖବରମାନ ଛପାଇ, ନିଜ ଜିନିଷ ନିଜେ ଲୁଚାଇ ଦର ବଢ଼ାନ୍ତି। ନିହାତି ଦରକାରୀ ଜିନିଷକୁ ଆକାଶଛୁଆଁ କରାନ୍ତି, ଆମ ଖାଉଟିଏ କିଛି ନ ବୁଝି ନ ଶୁଝି, ଚଢ଼ା ଦରରେ ଜିନିଷ କିଣି, ମାଇପ ଆଗରେ ପାଇକପଣ ଷୋଳଅଣା ସାବ୍ୟସ୍ତ କରାନ୍ତି। ଅଘଟ ଘଟଣା ଜାଣି ଘଣ୍ଟୁ ବଜାରକୁ ବାରେ, ଶୁଂଘି ଶୁଂଘି ଅନେକ କଥା ଜାଣିପାରେ, କେଉଁ କଦରରେ କ'ଣ କଲେ ଆଗକୁ ମାଆ ଲକ୍ଷ୍ମୀଙ୍କୁ ପାକିଟସ୍ଥ କରିପାରିବ, ସେ ଯୋଜନା କରେ ଓ ସରକାରୀ ଯୋଜନାକୁ ଟପି ଯାଇ, ନିଜ ଯୋଜନାକୁ ଝପଟାଇ ଉଡ଼ାଇ କ'ଣ କ'ଣ କରେ।

ଖବରକାଗଜରୁ ଘଣ୍ଟୁ ଜାଇଁଲା ଅନେକ ଥାନରେ ପୂଜା ପାଇଁ ମାଟି ଉଠାଣ ଆରମ୍ଭ ହେଇଚି। ଆଗରୁ ମାଟି ଉଠାଣ ହେଉ ନ ଥିଲା ନା' କ'ଣ? ଏବେ ପୂଜା ସାମଗ୍ରୀର ଚିଠାରେ ହୁଏତ କିଛି ଛାଡ଼ମାଡ଼ ହେଇ ଅଡୁଆତଡୁଆ ହେଇପାରେ, ମାତ୍ର ପହିଲେ କ୍ୟାମେରିଆଙ୍କୁ ନିମନ୍ତ୍ରଣ ଚାଲେ। କରମକାଣ୍ଡିଆଙ୍କ କାଣ୍ଡୁଆ ଚିଠାରେ ଆଗରୁ ଚିଠାକାଗଜର ଉପରେ ଲେଖା ଥିଲା- 'ଶ୍ରୀ ମହାପ୍ରସାଦ' - ମାତ୍ର ଏବେ ଲେଖାଯାଉଚି ଶ୍ରୀ କ୍ୟାମେରା। ସବୁ ଦୃଶ୍ୟକୁ ନ ଆଣି ପାରିଲେ, କମିଟି ଆଗରେ ବଡ଼ପଣ ଲଘୁ ପଡ଼ିଯିବ, ମଉଳା ଆଉ ଫିକା ପଡିବ ନନା ଗୋସେଇଁଙ୍କ ଆଟୋପ। ପୁଣି ଏଇଠି ଛତା ଯୋତା ହଉଚି, ନନା ଗୋସେଇଁ ବଡ଼ ପାଟିଆରେ ଧାଉଁ ଧାଉଁ କରି ମନ୍ତରମାନ ଓଗାଳୁଛନ୍ତି। ଯେ ଯେତେ ଘୋ, ଘା କଲା, ପୂଜା ବଜାରରେ ତା' ଭାଉ ପୁଣି ଅମୂଲ ମୂଲ। ଯେମିତି ମନ୍ତ୍ରପଢ଼ା ହେବା ବେଳକୁ ଆମ ମୁନି ଋଷିଏ ଲାଉଡ୍‌ସ୍ପିକର କଥା ଜାଣିପକେଇ ଥେଲେ।

## ଘଣ୍ଟୁଆର ତଦନ୍ତ

ଏମିତି ଆଟୋପ ଚିତ୍ର ଦେଖି ସାରିବା ପରେ ଘଣ୍ଟୁ ମଧ କେଇ ଜାଗା ସରଜମିନ୍ ତଦନ୍ତ କଲା, ଥାଇ ଅଥାଇ ନାନା

ମଣ୍ଡପକୁ ଘେରା ମାରି ଅନ୍ଦାଜ ଲଗେଇ ଅନେକ ଅନୁଭୂତିର ସୋରିଷକୁ ପାରା ଖୁମ୍ପା ଦେଇ ଖୁମ୍ପି ପକେଇଲା। ସହରୀ ଦୁର୍ଗା ନାଗରୀ, ତେଣୁ ତାଙ୍କ ପାଇଁ ଆଟୋପ ବେଶି। ଗାଁ ଦୁର୍ଗା ନାକ କାନ୍ଦୁରୀ, ଏଠି ସାଜ ଅଳପ, ପୂଜା ବେଶି। ସହରରେ ପୂଜାଠଉଁ ସାଜେଣି ବହକା। ସବୁରି ମୂଳରେ ଖାଲି ଚାନ୍ଦା।

ୟା’ ପରେ ଘଣ୍ଟୁର ହାଇପାୱାରିଆ ଟେଲିସ୍କୋପିକ୍ ଚାହାଣି ପଇଲା ସବୁ କମିଟିର ମୁରବି ନାମକ ନିରୀହ ପ୍ରାଣୀମାନଙ୍କ ଉପରେ। ବୁଢ଼ା ଜରଦ୍‌ଗବକୁ ଶାଗୁଣାମାନେ ଛୁଆ ଜଗାଇ ଦେଇ ଆହାର ଯୋଗାଡ଼ ପାଇଁ ଯିବା ଥିଲା ସେ ଦିନର ଗପ। ସେଇ ଢଙ୍ଗରେ ଠିକଣା ଜାଗାରେ ନିରୀହ ବୟସ୍କ ଲୋକଙ୍କୁ ଗୋରୁମୁଣ୍ଡ ଭଳିଆ ଆପନା କରି, ଚାନ୍ଦା-କପା ଅମଳ ପ୍ରଥାଟି ଗାଁଆରୁ ସହର, ସବୁଆଡ଼େ ଅଛି। ଏଇମାନେ ହେଲେ ବଡ଼ ବାପା, ଲୋକଙ୍କ ଡକରାରେ ବଡ଼ାପାମାନେ ସବୁ ଦେଖିବେ, ସବୁ କିଛି ଶୁଣିବେ, ଅଳ୍ପ କିଛି ଜାଣିବେ, କେଉଁଥିରେ ମୁଣ୍ଡ ନ ଖେଳାଇ, ସବୁ କଥାରେ ମୁଣ୍ଡ ଟୁଙ୍ଗାରି ସହମତି ଜଣାଇ ପାରୁଥିବେ। କେହି କେହି କମ୍ପ୍ଲେନିଆଁ କିଛି ଗୋଳ ଗୁଆଳ କଲେ, ମୁଖ୍ୟ ବୋଲାଉଥିବା ରାହୁଆ, କେତୁଆଙ୍କ ଆଡ଼କୁ ଘଟଣାଟା ପେଲି ଦେଉଥିବେ - ତେବେ ଯାଇ ବଡ଼ାପା ହେବାକୁ ଯୋଗ୍ୟ।

**ସେ ଟୋକାଟାକେଲିଆଙ୍କୁ ଫାଙ୍କିଲେ ସେମାନେ କଟାଳ କଲେ, ଘର ଆଗରେ ଠିଆ ଇଜ୍ଜତ ନିଲାମ କରିଦେବେ।**

### ଅଚଳ ଦୋ’ଅଣି

କୋଠ ପରିବାରରେ ପିଲାମାନଙ୍କ ବଡ଼ତିରେ ଯେଉଁ ବାପା କ୍ରମେ ଅଚଳ ଦୋ’ଅଣି ଭଳି ଅଖୋଜା, ଅଲୋଡ଼ା, ଅଣଦେଖା ରହିଯାଆନ୍ତି, ସେମାନେ ସାଇମୂଳିଆ ଉଚ୍ଛବରେ ବଡ଼ାପା ହେବାର ପ୍ରଥମ ଯୋଗ୍ୟତା ରଖନ୍ତି। ସେମାନଙ୍କୁ ଥାପି ଚାନ୍ଦାବାଲଏ ଚାନ୍ଦାଆଦାୟ ପାଇଁ ଯାଆନ୍ତି, ଖଜଣା ଜଳକର ଓ ଆଉ ଆଉ ଟିକସ ଆଦାୟକାରୀମାନେ ହୁଏତ ଲୋକଙ୍କ ଅବସ୍ଥା ବୁଝି, ଜାଣି ମଣିଷପଣିଆଁ ଦେଖାନ୍ତି। ମାତ୍ର ଦଳବଳ ଭାବରେ ଖାତା, ରସିଦ୍ ବହି ଧରି ଛାମୁଆଁ ରାହୁଆମାନେ, ଦୁଆର ଦୁଆର ବୁଲି, ନିଜ ଇଚ୍ଛାମାଫିକ ରସିଦ୍ କାଟି ପକାନ୍ତି। ଏସବୁ ତାଙ୍କର ହସ୍ତମୁଦି ମାହାଲ। ଗତବର୍ଷର ଚାନ୍ଦା ପରିମାଣଠାରୁ ଏ ବର୍ଷ ଟିକେ ଫାଜଲ, ପ୍ରଶ୍ନ କଲେ ଉତ୍ତର ମିଳେ - ‘ହଇଯେ ଶୋଇଚ ନା’ ସପନ ଦେଖୁଚ, ବଢ଼ନ୍ତା ବଜାର ଦରକୁ କ’ଣ ଦେଖିପାରୁନାହଁ। ଏ ବର୍ଷ ଅତି ଜାକଜମକରେ ହେବା ଥୟ। ବଜେଟ୍ ବଢ଼ିଚି, ଆପଣମାନେ ସହଯୋଗ କରିବେନା? ଚାନ୍ଦାଦାତା ଏମିତି ଆଠଦଶ ଫାଉଆଙ୍କ କଥାରେ ଏକଲା କ’ଣ ଜବାବ ଦେବେ, ବିଚରା ସାଙ୍କୋଡି ଯାଇ ଅତି କଷ୍ଟରେ ଚାନ୍ଦା ଦିଅନ୍ତି। କେହି କେହି ବଡ଼ାପାଙ୍କୁ ଫେରାଦ ହେଲେ, ବଡ଼ାପା ଉତ୍ତରନ୍ତି - ଆଜିକାଲି ଯୁଗ ଯାହା ହେଲାଣି, ହାତେ ମାପି ଆଙ୍ଗୁଳେ ଚାଲିବା ଦରକାର। ହଉ ବର୍ଷକେ ଥରେ ତ, ସେ ଟୋକାଟାକେଲିଆଁଙ୍କୁ ଫାଙ୍କିଲେ ସେମାନେ କଟାଳ କଲେ, ଘର ଆଗରେ ଠିଆ ଇଜ୍ଜତ ନିଲାମ କରିଦେବେ।

ବଡ଼ାପାଙ୍କୁ ସବୁ ବାଧେ, ଅଥଚ ଯେହେତୁ ସେ ‘ବଡ଼ାପା’ ପୋଷ୍ଟ୍ ଅଛନ୍ତି, ସେ କାନ ଥାଇ କାଲା, ଆଖି ଥାଇ କାଟରାଟିଆ, ତୁଣ୍ଡ ଥାଇ ସେ ମୂକ। କାରଣ ସେ ସବୁରି ଆଗରେ ବଡ଼ାପା, କିଛି କହିବା ମାତ୍ରେ ତାଙ୍କ ବଡ଼ାପା ପଦ ରଦ୍ଦ ହେଇଯିବ। ଆଉ କିଏ କିଏ ସେ ପଦବୀରେ ରହିବେ। ବଡ଼ାପା, ଦେବୀ ଘରଠୁ ଅଳ୍ପ ଦୂରରେ ଥିବା ଛାତ ତଳେ ଚଉକିରେ ଥୁଆ ହୁଅନ୍ତି, ତାଙ୍କ ପାଇଁ ଅଥାୟୀ ଟହଲିଆଟି ମଧ୍ୟେ ମଧ୍ୟେ ଚା’, ପାନାଦି ବ୍ୟବସ୍ଥା କରନ୍ତି। ପୂଜା ଦିନଗୁଡ଼ିକରେ ଏସବୁ ସହିତ ତାଙ୍କୁ ନୂଆ ଲୁଗା, ଗାମୁଛା ମିଳେ, ମଲ୍ଲୀହାର ମିଳେ, ଚା, ପାନ ସହିତ ଜଳଖିଆ ଓ ପ୍ରସାଦ ମଧ୍ୟ ମିଳେ। ସେତିକିରେ ସେ ସନ୍ତୁଷ୍ଟ ହେବାକୁ ବାଧ୍ୟ। ଖାତା ତନଖି ବଡ଼ାପାଙ୍କ ପାଇଁ ହୋଇଥିବା ଏଇ ଖର୍ଚ୍ଚାଟା ମଧ୍ୟ ହିସାବରେ ଯୋଡ଼ାଯାଇଥାଏ। ଦରଶନୀ ଧଣ୍ଡିଆ ଏମାନେ, ନା ଢୋକି ପାରୁଥିବେ, ନାଁ କହିପାରୁଥିବେ। ତାଙ୍କ ନାମରେ ଏଣୁତେଣୁ କରିଗୁଡ଼ାଏ ଖର୍ଚ୍ଚା ହିସାବ କରାଯାଏ, ଜାଣି ବି ନିରବ ରହନ୍ତି ସେ।

ଗାଆଁର ହୋମ, ଯଜ୍ଞ, ଆଠପହର, ବାଳଭୋଗ, ଆଉ ଆଉ ପର୍ବପର୍ବାଣିରେ ବଡ଼ାପା କେବଳ ଗୋରୁମୁଣ୍ଡ। ବଡ଼ାପା ବଅସରେ ଅଧିକ, ଜେଜେଙ୍କ ତଳକୁ ଘରର ବରିଷ୍ଠ ସେ। ଚମ ଧୁଡୁଧୁଡୁ ହେଉଥିବ, ମୁଣ୍ଡ ଚୁଟିମୁକ୍ତ ହେଇଥିବ। ଚାନ୍ଦା

ପାଇଁ ଏମିତି ଚନ୍ଦା ଲୋକଟି ଆଖରେଇ ଖପ୍ପା ହେବା ଦରକାର। ଏଇ ଭୂମିକାଟି ପାଇଁ, ଲୋକ ବଛା ବଛି କରିବାରେ ସାବଧାନ ହେବା ଜରୁରି। ଘଣ୍ଟୁ ଗାଁ ବଡ଼ାପାମାନଙ୍କୁ ଖୋଜି ଲୋଡ଼ି ଗୋଟେ ଛୋଟକାଟିଆ ମେଲଣ କରିଥିଲା । ଅବଶ୍ୟ ଏ ବାବଦରେ ଖର୍ଚ୍ଚାଟା ମୂଳେ ମୂଳେ ତୁଟିବା ବାଦ ଅଳ୍ପ କିଛି ଲାଭ ହୋଇଥିଲା। ଏ ବର୍ଷ ଦୁର୍ଗାପୂଜା ଆଗରୁ ଘଣ୍ଟୁ ନୂଆ ଯୋଜନାଟିଏ କରି, ସହରର ପୂଜାଥାନମାନଙ୍କୁ ଯାଇ ମୁଣ୍ଡଓ୍ୱାରି ବଡ଼ାପାମାନଙ୍କ ଠିକଣା ପତ୍ତା ଲୋଡି ଟିପା କରେଇଲା।

**କାନରେ ବାଜିବା ଥୟ**

ସହର ପୂଜାରେ କାନ ଅତଡ଼ିଆ ଡିଜେ ବାଜିବା, ଗୋସେଇଁମାନଙ୍କ ମନ୍ତ୍ରଗୁଡ଼ିକ ବଡ଼ପାଟିଆରେ ଆଉ ଜୋରରେ ଠାକୁରାଣୀଙ୍କ କାନରେ ମାଡ଼ ହେବା ଥୟ। ପୂଜାରୀତିରେ ସବୁ ମଣ୍ଡପର ଅଲଗା ଅଲଗା ଭିଆଣ। ନନାମାନଙ୍କ ଟାଇମ୍ ଅନୁଯାୟୀ କର୍ମକାଣ୍ଡ ଚାଲେ, ସନ୍ଧି ସନ୍ନିପାତ, ବଳି, ପୁଷ୍ପାଞ୍ଜଳି - ଇତ୍ୟାଦି ସେଇ ମାଫିକ୍ କରାଯାଏ। ଘଣ୍ଟୁଆ, କାହାଳିଆ, ଢୋଲିଆ, ଢୋଲକିଆମାନେ ସେଇ ଅନୁଯାୟୀ ତୟାର୍। ଘଣ୍ଟୁ ଆଗରୁ ଯାଇ ସବୁ ମଣ୍ଡପର ରାହୁଆ, କେତୁଆ, ଚଣ୍ଡା, ଦଣ୍ଡା, କୋଦଣ୍ଡା, ଭୁର୍କୁଣ୍ଡା, ରକ୍ତମୁଖା, ଉଲୁପା, ସୁଲୁପା, ଘୋରା, ଅଘୋରା, ଉତ୍ପାତିଆ, ସୋମରସିଆମାନଙ୍କୁ ଭେଟି ତାଙ୍କ ବଡ଼ାପାଙ୍କୁ ସମ୍ବର୍ଦ୍ଧନା କରିବା ପ୍ରସଙ୍ଗ ଜଣାଇ ସାରିଥାନ୍ତି। ସମ୍ବର୍ଦ୍ଧନା ପାଇଁ ବଡ଼ାପାଙ୍କୁ କେତେବେଳେ, କେଉଁଠି ନେଇ ଦାଖଲ କରିବାକୁ ହେବ, ତାହା ବି ଜଣେଇ ସାରିଥାନ୍ତି।



ଦୁର୍ଗାପୂଜାର ପ୍ରଥମ ଦୁଇ ଦିନ ଚାଲିଗଲା, ମଣ୍ଡପଗୁଡ଼ିକରେ ଘୋଓଘାଆ ବାଜା, ଶବ୍ଦ ବଡ଼ପାଟିଆରେ ଭଜନ ନାମରେ ଏଣୁତେଣୁ ଗୀତ। ସବୁ ଭିତରେ ମଣ୍ଡପ ବଡ଼ାପାମାନେ ତାଙ୍କ ଅଧିକାର ପାଇଁ ଥିବା ଚୌକିରେ ଚୌକ୍ୟାସୀନ ହେଲେ। ଘଣ୍ଟୁର ଲୋକେ ତାଙ୍କୁ ଓଳଗି ପକାଇ ଭକ୍ତିଟା ଫୁଟିଆରା ମାର୍ଗରେ ଜମେଇ ଦେଲେ। ନିଧାର୍ଯ୍ୟ ଥାନମାନଙ୍କରେ ପହଞ୍ଚି ସମ୍ବର୍ଦ୍ଧନା ଆଣିବାକୁ ବଡ଼ାପାମାନଙ୍କୁ ନିମନ୍ତ୍ରଣ ବି କଲେ। ଏସବୁ ଦେଖି ବଡ଼ାପାଏ ମନେ ମନେ ତାରିଫ୍ ହେଲେ । ଭାବି ଗଲେ, ଯାହା ହଉ ଏତେ ଦିନେ କିଏ ତ ହେଲେ ଆମକୁ ଲୋଡୁଛି। ପାଣ୍ଡୁବଡ଼ାପାଙ୍କୁ ଘଣ୍ଟୁର ଚାମଚାଏ କହିଲେ, ଆମ ମେଲଣରେ ନଖିଆବଡ଼ାପାଙ୍କୁ ଏକ ନମ୍ବର ସମ୍ବର୍ଦ୍ଧନା ଦିଆ ହେବ। ପଞ୍ଚୁ ବଡ଼ାପା ତ ପେସାଲ୍ ସମ୍ବର୍ଦ୍ଧନା ପାଇବା ଥୟ। ଏ ସବୁ ଶୁଣୁଣୁ ପାଣ୍ଡୁବଡ଼ାପା- ଏହାର କାରଣ ପଚାରନ୍ତେ, ଘଣ୍ଟୁର ସମାନ ଡାହାଣହାତ ଥିବା ଚେଲା ନଟିଆ କହିଲା, ପ୍ରଥମେ ତ ଭିତିରିଆ ଧନ୍ଦା ବୁଝିନ, ବୁଝିବାକୁ ବି ଚେଷ୍ଟା କରିନ। କଥାରେ ଅଛି "ଦେଲା ପୁଅ ଗେହ୍ଲା"- ପଞ୍ଚୁବଡ଼ାପା ପରା ଆମ ସଂସ୍ଥାକୁ ଆଗରୁ ଏଥିପାଇଁ ଆଠ ହଜାର ଟଙ୍କା ଦେଇଛନ୍ତି। ଆରସାଇ କଣ୍ଡୁରିବଡ଼ାପାଙ୍କ ପାଇଁ ତାଙ୍କ କିଳାବ ସାତ ହଜାର ବି ଦେଇଥିଲେ, ତେଣୁ ଗତ ସନ ତାଙ୍କୁ ବି ପେସାଲ ସମ୍ବର୍ଦ୍ଧନା ଦିଆ ହେଇଥିଲା। ଏସନ ସେଇ ପେସାଲ କାମ ପାଇଁ ନଖିଆବଡ଼ାପା, ଟିମାବଡ଼ାପା, ବାନାବଡ଼ାପା - ଏମାନଙ୍କ ଭିତରେ ଟାକତରକ ଲାଗିଛି। ଆମେ ଯାହାଠୁଁ ଅଧିକା ପାଇବୁ, ତାଙ୍କୁ ଆମେ ପେସାଲ, ଏକ ନମ୍ବର, ଦୁଇନମ୍ବର, ତିନିନମ୍ବର କିଛି ନ ହେଲେ ମାଳେଇ ମାଳ, ଗାମୁଛା, ପ୍ରମାଣପତ୍ରମାନ ଦିଆ କରେଇବୁ। ତେଣିକି କେଉଁଟାକୁ ତମ ଆଶା, ସେଇ ଅନୁଯାୟୀ କାମ କରିବ। ଆମେ ଆଉଚୁ ବଡ଼ାପା, ନମସ୍କାଆରେ।"

ଘଣ୍ଟୁ ଚାମେଚାଏ ଏଇ ବାର୍ତ୍ତାକୁ ଆଖପାଖର ବଡ଼ାପାମାନଙ୍କ କାନରେ ଗୁରୁମନ୍ତ୍ର ଫୁଙ୍କିବା ଭଳିଆ ଫୁଙ୍କି ଦେଇଗଲେ। ପାଣ୍ଡୁବଡ଼ାପାଙ୍କ ମନ ଘାଣ୍ଟି ଚକଟି ହେଲା। ଭାବିଲେ ଏସନ ସେ ପେଶାଲ ସମ୍ବର୍ଦ୍ଧନା ଆଣିବେ ଇ ଆଣିବେ। ସଞ୍ଜବେଳକୁ ଦେବୀଯାତରା ଗହଳି, ବୁଲାବୁଲିକାରୀ ଦେଖଣାହାରୀଏ ଏ ମଣ୍ଡପରୁ ସେ ମଣ୍ଡପ ପଇଁତରା ମାରୁଛନ୍ତି, କେଉଁଠି କେଉଁଠି ଗାଡ଼ି ଉପରୁ ଗୋଟେଗୋଟେ ଠିଆରିଆ ଦଣ୍ଡବତ ଫିଙ୍ଗୁଛନ୍ତି। ପାଣ୍ଡୁବଡ଼ାପା ତାଙ୍କ ଥାନରେ ବଇଚନ୍ତି, ମୁଣ୍ଡ ଚକର କାଟୁଚି।

ସମ୍ଭାଳି ନ ପାରି, ମଣ୍ଡପର ରାହୁଆ, କେତୁଆ, ହଳପା, ବତିପେଲାଙ୍କୁ ପାଖକୁ ଡକେଇ ନିଜ ମନ କଥା ବଖାଣିଲେ। ରାହୁଆ କହିଲା ବ୍ୟସ୍ତ ନାଇଁ, ଆମେ ତମ ଖବର ବୁଝିବା। କେସିଅର୍ ସାଜିଥିବା ହଳପା କହିଲା - ଏଥର ବଜେଟ୍ ଟାଇଟ୍, ଖୁବ୍ ହେଲେ ତମକୁ ଟଙ୍କା ଦି' ହଜାରେ ଦେଇ ହେବ, ଆଉ ନୁହେଁ। ଛାତିରେ କଣ୍ଟା ଲାଗିଗଲା ଯମିତି। ପାଣୁ ବଡ଼ାପା ଏମାନଙ୍କ ଫିକର ଜାଣନ୍ତି। ଯେମିତି ହେଉ ଅନ୍ତତଃ ପାଞ୍ଚ ହଜାର ଯୋଗାଡ଼ କରି ପେସାଲ ନା ଏକ ନମ୍ବର ନ ହେଉ, ତା'ପର ନମ୍ବର ସମ୍ବର୍ଦ୍ଧନାଟା ହାତେଇବାକୁ ହେବ। ଏଇ ମସୁଧା କରି କରି ସେ ବସିବା ଥାନରୁ ମିଛରେ ତଳେ ପଡ଼ିଗଲେ।

### ଟାଉକାର ଭୋ'ଭୋ' ରଡ଼ି

ଏଣେ ଗହଳି ଭିତରେ ତାଙ୍କ ନିର୍ଦ୍ଦେଶନାରେ ଟାଉକା ରଥିଆ ଡକାମାରି ଭୋ ଭୋ ରଡ଼ି ଦେଲା। ଧାଇଁଲେ ଇଚ୍ଛାସେବକ ଗେରୁଆମାନେ, କିଏ କେମିତି ପାଣି ଢାଳି ସାଷ୍ଟାମ କରିବା ବ୍ୟବସ୍ଥା କଲେ। ଟାଉକା ରଥିଆ ତ ଘଣ୍ଟୁର ଡାଇରେକ୍ଟ ଛାତ୍ର। କହିଲା ଭାଇମାନେ, ଦାଦାମାନେ, ତମେ ପୂଜା ଗହଳି ସମ୍ଭାଳ, ମୁଁ ବଡ଼ାପାଙ୍କ ଚିକିତ୍ସା ପାଇଁ ବଡ଼ ମେଡିକାଲ ଧାଉଁଚି। କାହା ପାଖରେ କ'ଣ ଅଛି ଦିଅ, ମାଗଣାରେ ତାଙ୍କ ଚିକିତ୍ସା ହବ କେମିତି। ହରବରରେ କେଇଟା ଗାନ୍ଧି ମୁଣ୍ଡିଆ ହାତେଇ ଗୋଟେ ଟେମ୍ପୋରେ ବଡ଼ାପାଙ୍କୁ ଥୋଇ ଟାଉକା ରଥିଆ ଉଭାନ। ଅବଶ୍ୟ ଟେମ୍ପୋଟି ସିଧା ମେଡିକାଲ୍ ନ ଯାଇ ସିଧା ବଡ଼ାପାଙ୍କ ଘରମୁହାଁ ହେଲା, ଟାଉକାକୁ ଚା'ପାଣି ଦେଇ ବଡ଼ାପା ଘରେ ଥୟ ହେଲେ।

**ନିଆଁରେ ପାଣି ପଡ଼ିବା ଭଳିଆ, ବଡ଼ାପାମାନଙ୍କ ଉତ୍ସାହଟା ଦପ୍ ଦପ୍ ହଉ ନ ହଉଣୁ ଧୂଆଁ ହେଇ କୁହୁଳୁଥିଲା।**

କେତେ କେତେ ଥାନରେ ବଡ଼ାପାମାନେ ଅଘୋଷିତ ଷ୍ଟ୍ରାଇକ୍ କଲେ। ମଣ୍ଡପ ପାଖ ମାଡ଼ିଲେନି, ତାଙ୍କୁ ଦେଖେଇ, ଯାହା ସ୍ୱଟ୍‌ରେ ଆଦାୟ ହେଇଥାନ୍ତା, ତାହା ବି ଗଲା। ଘଣ୍ଟୁ ଚେଲାର ମନ୍ତ୍ର ଫୁଙ୍କାଣ ପରଠାରୁ ସେମାନଙ୍କ ଭିତରେ କେମିତି କେମିତି ବଇରାଗିଆ ଭାବ। ଏମିତିକି ଗୁନାବଡ଼ାପା ପିଲାମାନଙ୍କୁ ଶେଷରେ ମୁହଁ ଖୋଲି କହିଲେ - ତମ କମିଟିରେ ମତେ 'ବଡ଼ାପା' କରି ଥାପିଚ। ଆରମ୍ଭ ଦିନରୁ, ମାଟି ଉଠା, ମୂର୍ତ୍ତି ଅନୁକୂଳ, ଖଡ଼ିଦିଆ, ରଙ୍ଗଦିଆ - ସବୁ କାମରେ ମୁଁ ପୁଷ୍ପାଞ୍ଜଳି ଦଉଚି। ପୂଜା ଚାରିଦିନ ଠିଆ ନିକିମା, ସକାଳୁ ରାତିଯାଏ ଏଠି ପହରା ଦଉଚି। ଡେଲି ମଜୁରି ହିସାବରେ ଦେଲେ ବି ମୋ ପାଉଣା କୋଡ଼ିଏ ହଜାରରୁ କମ୍ ହବନି। ମତେ ଯେମିତି ହେଲେ ଏସନ ତା'ର ଅଧା ଦେଇଦିଅ, ଆରସନକୁ କିଛି ମାଗିବିନି। ବଡ଼ବାପା ଖର୍ଚ୍ଚା ପାଇଁ ତ ତମର ବଜେଟ୍ ରଖିଚ ନା। ଦଳପତି, ଯୂଥପତି, ଥାଟପତିମାନଙ୍କ ଅକଲ ଗୁଡ୍ଡୁମ୍, କୌଣସି ପ୍ରକାରେ ଗୁନାବଡ଼ାପାଙ୍କୁ କିଛି ତ ଦେବାକୁ ହେବ।

ବଡ଼ ପଡ଼ିଆଟା ସାଜସଜା ହେଇଚି - ଗୋଟାଏ କଡ଼ରେ ପେଣ୍ଡାଲ ବନ୍ଧା ହେଇ ଫ୍ଲେକ୍ସରେ ଲେଖା ଦେଇଚି "ଶାରଦୀୟ ବଡ଼ାପା ମେଲଣ।" ପ୍ରାୟ ନିଜ ନିଜ ଥାଟପଟୁଆର ଧରି ଚାଳିଶରୁ ଅଧିକ ବଡ଼ାପା ବିଭିନ୍ନ ବେଶରେ ମଞ୍ଚ ଆଗରେ ଥିବା ପ୍ଲାଷ୍ଟିକ୍ ଚୌକିରେ ଥୁଆ ହେଲେଣି। ଟିକେ ପରେ ସମ୍ବର୍ଦ୍ଧନା ହେବ ବୋଲି ଘୋଷଣା ଚାଲିଛି। ସମବେତ ବଡ଼ାପାମାନଙ୍କ ମନ, ସମ୍ଭାବ୍ୟ ସମ୍ବର୍ଦ୍ଧନା ପାଇଁ ଉଲୁଛୁଆ। ପାଖ ବଡ଼ାପାଙ୍କୁ ଗୁନାବଡ଼ାପା ପଚାରିଲେ - "ହଇହେ ! ପେସାଲଟା ପାଇଚ ପରା, କେତେ ଦେଇଚ? ହସିଲେ ପାଖ ବଡ଼ାପା। ଘଣ୍ଟାକ ଯାଏ ହୋହଲ୍ଲା ପରେ ଘୋଷଣା ହେଲା "ଜିଲ୍ଲାପାଳ ମନ୍ତ୍ରୀଙ୍କ ଡକରାରେ ତାଙ୍କୁ ଦେଖା କରି ଆଉ ମାତ୍ର ତିନିଘଣ୍ଟା ପରେ ଆସିଲେ ସମ୍ବର୍ଦ୍ଧନା ପର୍ବ ଆରମ୍ଭ ହେବ।"

ନିଆଁରେ ପାଣି ପଡ଼ିବା ଭଳିଆ, ବଡ଼ାପାମାନଙ୍କ ଉତ୍ସାହଟା ଦପ୍ ଦପ୍ ହଉ ନ ହଉଣୁ ଧୂଆଁ ହେଇ କୁହୁଳୁଥିଲା। ଘଣ୍ଟୁଙ୍କୁ ଦେଖା କରିବାକୁ ଧାଇଁଥିଲେ ତା'ର ଚାମେଣ୍ଡିଆମାନେ।

ଲୋକହସାରୁ ନିସ୍ତାର ପାଇବା ପାଇଁ ବିଚରା ମେଲଣିଆଁ ବଡ଼ାପାମାନେ, ହାତରୁ ଗାମୁଛା କିଣି ନିଜ ବେକରେ ପକେଇ ମେଲଣ ପଡ଼ିଆରୁ ଘରକୁ ଫେରିବାକୁ ଟେମ୍ପୋ ଡାକୁଥିଲେ।

ଘଣ୍ଟୁଙ୍କ ସହ ଯୋଗାଯୋଗ କରିବା ବେଳକୁ ତାଙ୍କ ଫୋନ୍ ଅପହଞ୍ଚ ଥିଲା।

□□

ଲେଖକଙ୍କ ଇ-ମେଲ୍ ଠିକଣା:
mishrasala.ctc@gmail.com

ଗଳ୍ପ

# ମୋ ଟିକି ଚଢ଼େଇ



ରବି ସ୍ୱାଇଁ

ସାଢ଼େ ପାଞ୍ଚଟାରେ ଆମ ଅଫିସ ବନ୍ଦ ହୁଏ କହିଲେ ଠିକ୍ ହେବ ନାହିଁ। ଅଫିସ ତ ଅନେକ ରାତି ପର୍ଯ୍ୟନ୍ତ କାମ କରେ। ମୋର ଦିନକ କାମ ସେତିକିରେ ସରିଯାଏ। ତା'ପରେ ମୁଁ ଗୋଟିଏ ଭଲ କ୍ୟାଣ୍ଟିନ୍‌କୁ ଯାଇ ଦୁଇଟି ସମୋସା ଓ କଫି କପେ ବରାଦ କରେ। ଆରାମରେ ସେତକ ଖାଇ ଟିକିଏ ଦୂରରେ ଥିବା ପାର୍କ ଆଡ଼କୁ ଯାଏ।

ସନ୍ଧ୍ୟା ପୂର୍ବରୁ ପାର୍କ ଯେପରି ଆନନ୍ଦ ଉଲ୍ଲାସରେ ଉଚ୍ଛୁଳି ଉଠେ। ନାନା ରଙ୍ଗର ଫୁଲପତ୍ରମାନଙ୍କ ସହ ନାନା ରଙ୍ଗର ପୋଷାକରେ ପୁଅ ଝିଅ, ଯୁବକଯୁବତୀ, ବୁଢ଼ାବୁଢ଼ୀ, ପିଲାମାନେ ଦୌଡ଼ା ଦୌଡ଼ି ହଉଥାଆନ୍ତି। ଯୁବକ ଯୁବତୀମାନେ ସିମେଣ୍ଟ ବେଞ୍ଚ ଉପରେ ବସି ମୁହଁକୁ ମୁହଁ ଯୋଡ଼ି ଗପସପରେ ହଜିଯାଇଥାନ୍ତି। ବୁଢ଼ାବୁଢ଼ୀମାନେ ନିଜର ବୟସ କମାଇବା ପାଇଁ ପାଦଚଲା ରାସ୍ତାରେ ପ୍ରତିଯୋଗିତା କରୁଥାନ୍ତି। ସମସ୍ତଙ୍କ ମୁହଁରେ ହସ। ବଡ଼ ହସଟାଏ ରଙ୍ଗିନ କରିଦେଇଥାଏ ପଶ୍ଚିମ ଆକାଶକୁ।

ପ୍ରଥମେ ମୁଁ ପାର୍କର ଚାରିପଟରେ ଦି ରାଉଣ୍ଡ ଚାଲେ। ତା'ପରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଘାସର ଗାଲିଚା ଉପରେ ଆରାମରେ ବସିପଡ଼େ। ପାର୍କର ମଝିରେ ଥିବା ଗୋଲାପ ଉଦ୍ୟାନର ପାଖାପାଖି ଟିକିଏ ଦୂରରେ କୃତ୍ରିମ ଝରଣାର ଝିରିଝିରି ଶବ୍ଦ। ଆର ପଟରେ କୁନି ପିଲାମାନଙ୍କର ଖେଳ ଓ ପାଟିଗୋଳ। ସେଦିନ ଦି ରାଉଣ୍ଡ ମାରିସାରି ମୋ ଜାଗାକୁ ଆସି ଦେଖେତ ଜଣେ ସ୍ତ୍ରୀଲୋକ ଗୋଲାପ ଫୁଲମାନଙ୍କୁ ଅନେଇ ବସିଛନ୍ତି। ତାଙ୍କ ପାଖରେ ପ୍ରାୟ ଚାରି ବର୍ଷର ପୁଅଟିଏ ଖେଳୁଚି। ଠିକ୍ ଅଛି, ସୌଜନ୍ୟ ଦୂରତା ରକ୍ଷା କରି ମୁଁ ଅନ୍ୟ ଏକ ଜାଗାରେ ବସି ପଡ଼ିଲି।

ଅଳ୍ପ କିଛି ସମୟ ଯାଇଛି କି ନାଇଁ ସେ ଛୁଆଟି ଚିତ୍କାର କରି ଉଠିଲା – ମମି ମମି, ମୋ ଟିକି ଚଢ଼େଇ –

ମୋ ଟିକି ଚଢ଼େଇ...

କ'ଣ ହେଲା ? କ'ଣ ହେଲା ?

ମୋ ଟିକି ଚଢ଼େଇ ପଡ଼ିଗଲା। ମତେ ଆଣି ଦିଅ।

କୋଉ ଚଢ଼େଇ।

ମୋ ଟିକି ଚଢ଼େଇ। ଏଇଠି ଗଳି ପଡ଼ିଲା।

କୋଉଠି କାଇଁ ?

ଗଛ ଭିତରେ। ମତେ ଆଣି ଦିଅ।



ଗୋଲାପ ଗଛରେ କେତେ କଣ୍ଟା ଅଛି ଜାଣିଚୁ ?

ମୁଁ କିଛି ଜାଣିନି। ମତେ ମୋ ଟିକି ଚଢ଼େଇ ଦିଅ।

ଓହୋ – କି ଜିଦିଆ ପିଲା।

ନାଇଁ ମତେ ଦିଅ... ସେ ଗୋଡ଼ କଚାଡ଼ି କାନ୍ଦିବାକୁ ଲାଗିଲା

ମୁଁ ବାଧ୍ୟ ହେଇ ତା ପାଖକୁ ଗଲି।

କାନ୍ଦ ବନ୍ଦ କର, ପ୍ଲିଜ୍। ତମେ ପରା ସୁନାପୁଅ। ମତେ କୁହ ତ ସେ ଚଢ଼େଇ କୋଉଠି ଖସି ପଡ଼ିଲା ? ମୁଁ ଆଣିବାକୁ ଚେଷ୍ଟା କରିବି।

ସେ ଏମିତି ତା' ଆଙ୍ଗୁଠି ଦେଖେଇ ଦେଲା ଯେମିତି ସାରା ଗୋଲାପ ବଗିଚାରେ ଚଢ଼େଇଟି ଖସି ପଡ଼ିଚି।

ତଥାପି ମୁଁ ଚେଷ୍ଟା କଲି। ମୋବାଇଲ ଟର୍ଚ୍ଚ ଅନ୍ କରି ବୁଲିବୁଲି ଗଛ ତଳକୁ ଦେଖିଲି। ଚଢ଼େଇଟି ତଳେ କୋଉଠି ପଡ଼ିଥିବାର ଦେଖା ଗଲାନି। ତେବେ ଡାଳ ଭିତରେ କୋଉଠି ହୁଏତ ଲାଖି ଯାଇଥିବ। ଡାଳଗୁଡ଼ିକ ଏମିତି ଘଞ୍ଚ ଓ ଛନ୍ଦାଛନ୍ଦି ହୋଇ ରହିଛନ୍ତି ଯେ ଖୋଜିବା ଅସମ୍ଭବ।

ଛୁଆଟା ବିକଳ ହେଇ ପଚାରୁଥାଏ – ଅଙ୍କଲ, ମୋ ଟିକି ଚଢ଼େଇ ମିଳିଲା କି ?

ଖୋଜୁଚି ପରା। ମିଳିଲା କ୍ଷଣି ନେଇ ଆସିବି।

ତା' ମମି ବିରକ୍ତ ହେଉଥାନ୍ତି। କି ଜିଦିଆ ପିଲା। ଆପଣଙ୍କ ହାତ କଣ୍ଟାରେ ଫୁଟି ରକ୍ତ ବୋହିଲାଣି। ପ୍ଲିଜ୍ ଆପଣ ଖୋଜିବା ବନ୍ଦ କରନ୍ତୁ। ମୁଁ ତାକୁ ନେଇ ଯାଉଚି।

ମୁଁ ଜମା ଯିବିନି। ମୁଁ ଏଇଠି ରହିବି। ମୋ ଟିକି ଚଢ଼େଇ।

ମୁଁ ଖୋଜିଲା ବେଳେ ଟର୍ଚ୍ଚ ଲାଇଟ ଗୋଟିଏ ଜାଗାରେ ଅଟକିଗଲା। ଟିକି ଚଢ଼େଇଟି ବିନା ହଲ୍‌ଚଲ୍‌ରେ ଡାଳପତ୍ର ଭିତରେ ଅଟକି ରହିଥିଲା। ମୁଁ ଆସ୍ତେ କରି ତାକୁ ଧରି ବାହାରକୁ ଆଣିଲି। ସେ କେବଳ ଥଣ୍ଟ ଆଁ କରୁଥାଏ। ହେଲେ ତା' ପାଟିରୁ କିଛି ଶବ୍ଦ ବାହାରୁ ନ ଥାଏ।

ତା'କୁ ଦେଖୁ ଦେଖୁ ପିଲାଟା ଖୁସି ହେଇଗଲା। ଥ୍ୟାଙ୍କ୍ ୟୁ ଅଙ୍କଲ ଥ୍ୟାଙ୍କ୍ ୟୁ। ମୋ ଟିକି ଚଢ଼େଇ ମତେ ଦିଅ।

ରହ ରହ ମୁଁ ଆଗ ଦେଖେ ତା'ର କ'ଣ ହେଇଚି।

ନାଇଁ ଅଙ୍କଲ୍ ମତେ ଦିଅ। ମୁଁ ଦେଖିବି।

ତା' ମମି ପାଟି କଲେ – ଅଙ୍କଲ ତାକୁ ଆଣିଲେ। ଚଢ଼େଇ ତ ତାଙ୍କର। ତତେ କାଇଁକି ଦେବେ? ଚାଲ ଘରକୁ ଯିବା।

ନାଇଁ ନାଇଁ ମୁଁ ତାକୁ ପ୍ରଥମେ ଦେଖିଥିଲି। ଟିକି ଚଢ଼େଇ ମୋର। ମତେ ଦେଇଦିଅ ଅଙ୍କଲ୍, ପ୍ଲିଜ୍।

ହେଇ ନିଅ। ତା' ଦେହ ଚିରି ହେଇ ଯାଇଥିବ। ଯତ୍ନର ସହିତ ତାକୁ ଧର। ମୁଁ ଦେଖୁଚି ମାଳୀ ପାଖରେ କିଛି ଫାଷ୍ଟଏଡ୍ ଅଛି କି ନାହିଁ।

ତାକୁ ଚଢ଼େଇଟି ଦେଉ ଦେଉ ସେ ଆନନ୍ଦରେ ଦି' ପାପୁଲି ଭିତରେ ଧରି ଗାଲରେ ଲଗେଇଲା। ମୁଁ ମାଳୀ ଘର ଆଡ଼କୁ ଚାଲିଲି। ମୁଁ ଜାଣିଥିଲି ଯେ ପିଲାମାନେ ଦୋଳି ଇତ୍ୟାଦି ଖେଳୁଥିବାରୁ ତା' ପାଖରେ ଫାଷ୍ଟଏଡ୍ ବାକ୍ସଟିଏ ଥିବ। ମାଳୀକୁ ଚଢ଼େଇ କଥା କହିବାରୁ ସେ ଫାଷ୍ଟଏଡ଼ ବାକ୍ସ ଧରି ମୋ ସହ ଆସିଲା।

ମମି କହିଲେ – ଲିଙ୍କନ୍, ଅଙ୍କଲଙ୍କୁ ଚଢ଼େଇ ଦେ। ସେ ମେଡିସିନ୍ ଲଗେଇ ଦେବେ।

ଅନିଚ୍ଛା ସତ୍ତ୍ୱେ ସେ ତା' ଚଢ଼େଇକି ମୋ ହାତ ଉପରେ ଆସ୍ତେ କରି ଥୋଇଦେଲା। ସେତେବେଳକୁ ଚଢ଼େଇଟି ନିସ୍ତେଜ ହେଇଯାଇଥାଏ।

ମାଳୀ ପଚାରିଲା – ସାର୍ ଏ ଚଢ଼େଇଟି ଉପରୁ ଖସି ପଡ଼ିଲା ନା?

ଲିଙ୍କନ କହିଲା – ନା' – ନା ଗୋଲାପ ବୁଦା ଉପରକୁ ଡେଇଁ ପଡ଼ିଲା।

ସାର୍ ! ଏବେ ଛୋଟ ଚଢ଼େଇ ସବୁ ଉଡୁ ଉଡୁ ବେହୋସ ହେଇ ପଡ଼ିଯାଉଚନ୍ତି। ତଳେ ପଡ଼ି ମରିଯାଉଚନ୍ତି। ଏ ଚଢ଼େଇଟି ଗଛ ଉପରେ ପଡ଼ିଥିବାରୁ ଏ ପର୍ଯ୍ୟନ୍ତ ବଞ୍ଚିଚି।

ସେ ତା'ର ଡେଣା ଟେକି ଏପଟ ସେପଟ କରି ଦେଖିଲା। ଖଣ୍ଡିଆ ହେଇଥିବା ଜାଗାରେ ଡେଟଲ ଭିଜା ତୁଳା ମାରୁ ମାରୁ ଚଢ଼େଇଟି ଟିକିଏ थରି ଉଠିଲା। ତା'ପରେ ଘା' ଜାଗାରେ ଅଏଣ୍ଟମେଣ୍ଟ ଟିକିଏ ଲଗେଇ ଦେଲା।

ଜାଣିଲେ ସାର୍, ଏ ଛୋଟ ଚଢ଼େଇ ସବୁ ଲୋପ ପାଇଯିବେ। ବାୟୁମଣ୍ଡଳ ବିଷାକ୍ତ ହେଇଗଲାଣି। ତାଙ୍କ ପରେ ଆମେ ପାଲି ଯେ ନ ପଡ଼ିବ କିଏ କହିବ?

**ଏ ଛୋଟ ଚଢ଼େଇ ସବୁ ଲୋପ ପାଇଯିବେ। ବାୟୁମଣ୍ଡଳ ବିଷାକ୍ତ ହେଇଗଲାଣି। ତାଙ୍କ ପରେ ଆମେ ପାଲି ଯେ ନ ପଡ଼ିବ କିଏ କହିବ?**

ଲିଙ୍କନ ତା' କଥା ଶୁଣୁଥିଲା। ବୁଝିପାରୁ ନ ଥିଲା।

ଅଙ୍କଲ ମୋ ଟିକି ଚଢ଼େଇ ମତେ ଦେଇଦିଅ, ପ୍ଲିଜ୍।

ମୁଁ ଆସ୍ତେ କରି ତା' ଦି' ପାପୁଲିର କୋଳରେ ଥୋଇ ଦେଲି। ଚଢ଼େଇଟି ଲିଙ୍କନ୍ ହାତରେ ଶୋଇ ପଡ଼ିଲା।

ମମି, ମୋ ଟିକି ଚଢ଼େଇ କି ଘରକୁ ନେଇଯିବ।

ମତେ ଦେଲୁ ତାକୁ। ସେ କ'ଣ ବେକ ମୋଡ଼ି ଦେଲାଣି।

ନାଇଁ ସେ ଶୋଇଚି। ତାକୁ ଉଠାନା।

ନାଇଁରେ ସେ ତ....

ଲିଙ୍କନ୍ ତାକୁ ନିଜ ଛାତିରେ ଜାକି ଧରିଲା। ନା ମମି ସେ ଶୋଇଚି। ତାକୁ ଉଠାଅନା, ତୁ ଦେ ମତେ ମୁଁ ଦେଖେ ସେ ବଞ୍ଚିଚି କି ନାଇଁ।

ଲିଙ୍କନ୍ ଭୟ କରିଗଲା ଓ ମମି ହାତକୁ ବଢ଼େଇ ଦେଲା। ମମି ସାଙ୍ଗେ ସାଙ୍ଗେ ତା'ର କାନ ଫୁଙ୍କିବାକୁ ଲାଗିଲେ। ନା –

ମୁଁ ଲିଙ୍କନର ମୁହଁକୁ ଅନେଇଥିଲି। ତା' ମୁହଁରେ ଅନ୍ଧାର ଜମି ଆସୁଥିଲା।

ଅଭିଜ୍ଞ ମାଳୀ କହିଲା – ଛୋଟ ଚଢ଼େଇଟି ଗଭୀର ନିଦରେ ଶୋଇ ପଡ଼ିଛି। ସେ ଏଇନେ ଉଠିବ ନାହିଁ। ବହୁତ ସମୟ

ଶୋଇବ।

ମୁଁ ତାକୁ ନେଇଯିବି। ମୋ ବେଡ୍‌ରେ ଶୋଇଦେବି।

ନାଇଁ ବାବୁ, ସେ କ'ଣ ତମ ଶେଯରେ ଶୋଇ ପାରିବ? ତା' ପାଇଁ ଅଲଗା ଶେଯ ତିଆରି ହବ। ସେ ଏଇଠି ଏଇ ପାର୍କ ଭିତରେ ଶୋଇବ। ତମେ କାଲି ଆସିଲେ ମୁଁ ଦେଖେଇ ଦେବି ସେ କୋଉଠି ଶୋଇଚି। ତମେ ଏବେ ଘରକୁ ଯାଅ।

ମମି ଯେମିତି ଏଇ କଥାକୁ ଅପେକ୍ଷା କରି ରହିଥିଲେ। କହିଲେ - ଚାଲ ଡେରି ହେଇଗଲାଣି। ଡାଡି ଆସିଯିବେ। କାଲି ଆସି ଦେଖିବା।

> **ଗୋଟିଏ ଭଲ ଜାଗା ଦେଖାଅ। ଯୋଉଠି ଏ ଚଢ଼େଇକୁ ସମାଧି ଦବା।**

ସେ ଏକ ପ୍ରକାର ଲିଙ୍କନର ହାତକୁ ଟାଣି ଟାଣି ନେଇଗଲେ। ଲିଙ୍କନର କାନ୍ଦ କାନ୍ଦ ମୁହଁ ପଛକୁ ହିଁ ଚାହିଁ ରହିଥିଲା।

ସେମାନେ ଚାଲିଗଲା ପରେ ମୁଁ ମାଳୀକି କହିଲି - ଗୋଟିଏ ଭଲ ଜାଗା ଦେଖାଅ। ଯୋଉଠି ଏ ଚଢ଼େଇକୁ ସମାଧି ଦବା।

ପିଲା ଖେଳୁଥିବା ସ୍ଥାନଠାରୁ ଟିକିଏ ଦୂରରେ ଏକ ନିରାପଦ ସ୍ଥାନ ସେ ମୋତେ ଦେଖେଇଲା। ଏଇଠି ମାଟିତଳେ ସେ ସବୁଦିନ ପାଇଁ ଶୋଇଯିବ। ଆପଣ ଏଇଠି ଅପେକ୍ଷା କରନ୍ତୁ ମୁଁ ଘରୁ ଖୁରୁପିଟିଏ ନେଇ ଆସିଛି।

ମୁଁ ସେଇଠି ଚଢ଼େଇକୁ ଚାହିଁ ଅପେକ୍ଷା କଲି। ସେ ଖୁରୁପି ଆଣି ଛୋଟ ଗାତଟିଏ ଖୋଳିଲା। ତା' ଭିତରେ ଲିଙ୍କନ୍‌ର ଟିକି ଚଢ଼େଇକୁ ଶୋଇ ଦେଇ ମୁଁ ମୁଠାଏ ମାଟି ତା' ଉପରେ ପକେଇ ଦେଲି। ମାଳୀ ତାକୁ ଭଲ ଭାବରେ ପୋତିଦେଇ ମାଟିରେ ଛୋଟ ସମାଧିଟିଏ କରିଦେଲା। ସମାଧି ଉପରେ ତୁଳସୀ ପୁଆଟିଏ ରୋପିଦେଇ ପାଣି ଦେଇଦେଲା।

ସାର୍ ଟିକିଏ ଅପେକ୍ଷା କରନ୍ତୁ। ସେ ଗୋଲାପ ବଗିଚା ପାଖକୁ ଯାଇ ଲାଲ୍ ଗୋଲାପଟି ଆଣି ମତେ କହିଲା - ସମାଧି ଉପରେ ରଖି ଦିଅନ୍ତୁ।

ଗୋଲାପଟି ଚଢ଼େଇର ସମାଧି ଉପରେ ରଖିଲା ବେଳେ ମୋର ଲିଙ୍କନର ମୁହଁ ମନ ପଡ଼ିଗଲା। ମୁଁ ଦେଖି ପାରିଲି ଟିକି ଚଢ଼େଇ ପାଇଁ ତା' ଆଖିରେ ଦି'ବୁନ୍ଦା ଲୁହ ଟଳମଳ ହଉଚି।

□□

ଲେଖକଙ୍କ ଇ-ମେଲ୍ ଠିକଣା:
rswainpdp@gmail.com

**ବର୍ତ୍ତମାନ 'ଗୁଗୁଲ୍ ପ୍ଲେ-ବୁକ୍ସ'ରେ ପଢ଼ନ୍ତୁ 'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ଇ-ବୁକ୍ ସଂସ୍କରଣ, ସୁଲଭ ମୂଲ୍ୟରେ।**

***It's Easy !***

1. **Download 'Google Play Books' from Play Store.**
2. **Register by using your Gmail ID and password.**
3. **In the Search box please type 'Sahitya Charcha'. Select the issue you wish to read.**
4. **Pay Rs.23.60 by using Google pay, UPI or any other payment mode.**
5. **Download the 'Sahitya Charcha' Magazine into your device.**

ପ୍ରତି ସଂଖ୍ୟାର ମୂଲ୍ୟ-
**ଟ.୨୩.୬୦**
(ତେଇଶି ଟଙ୍କା ଏବଂ ଷାଠିଏ ପଇସା ମାତ୍ର)

Google Play Books

ପ୍ରବନ୍ଧ




# ଆମ ସାହିତ୍ୟରେ ମହାକାବ୍ୟିକତା

ପ୍ରଫେସର ଆଦିକନ୍ଦ ସାହୁ

ଗଦ୍ୟ ହେଉ ବା ପଦ୍ୟ, କ୍ଷୁଦ୍ର ହେଉ ବା ବୃହତ୍, ଅନେକ ନ ହେଲେ ବି କେତେକ ସାହିତ୍ୟ କୃତିରେ ମହାକାବ୍ୟିକ ଗରିମା ରହିଥାଏ। ଆମ ଓଡ଼ିଆ ସାହିତ୍ୟରେ ଏହି ଗରିମାମୟ ମହାକାବ୍ୟିକ କୃତିର ସଂଖ୍ୟା କେତେ କମ୍ ନା ବେଶି, ତାହା ଏଠାରେ ବିଚାର୍ଯ୍ୟ।

ଭାଷା ଭୂଗୋଳ ସଂସ୍କୃତି ସୁଦୀର୍ଘ ପ୍ରତ୍ନତାତ୍ତ୍ୱିକତା ଆଉ ବୀରତ୍ୱ ବ୍ୟଞ୍ଜିତ ଗୌରବୋଜ୍ଜ୍ୱଳ ଇତିହାସ ଏମିତି ମହାକାବ୍ୟିକ ରଚନା ସୃଷ୍ଟିର ପୃଷ୍ଠକାରଣ ହୋଇଥାଏ।

ଗ୍ରୀକ୍ ଜାତିର ସାହିତ୍ୟ ଭଳି ଆମ ଭାରତୀୟ ସାହିତ୍ୟ। ତନ୍ମଧ୍ୟରୁ ଆହୁରି ଧ୍ରୁପଦୀ ଶ୍ରେଣୀର ସାହିତ୍ୟ ହେଉଛି ଆମ ଓଡ଼ିଆ ସାହିତ୍ୟ। ଛବିଳ ଉତ୍କଳ ତ ବର୍ଣ୍ଣାଢ଼୍ୟ ସ୍ୱର୍ଗସମ। ତା'ର ବର୍ଣ୍ଣାଳୀ ପ୍ରକୃତି ତ ଅନନ୍ୟ। ବହୁ ମହାମନା ସାରସ୍ୱତ ପୁରୁଷ ଜନ୍ମିତ ଏହି ବର୍ଣ୍ଣାଢ଼୍ୟ ଭୂଗୋଳରେ।




ସାରଳା ଦାସଙ୍କ ବିଶାଳ ମହାକାବ୍ୟ ମହାଭାରତର ସାରା ଜଗତରେ ତୁଳନା ନାହିଁ। କେତେ ନୃତାତ୍ତ୍ୱିକ ଆଉ ମାନବ ଚରିତ୍ର ଚିତ୍ରଣରେ କେତେ ବୈଚିତ୍ର୍ୟ ମଣ୍ଡିତ ସେ ମହାକାବ୍ୟଟି। ସବୁ ଦୃଷ୍ଟିରୁ ଏହା ସଂସ୍କୃତ ମହାଭାରତଠାରୁ ଭିନ୍ନ। ସେହିପରି ଦାଣ୍ଡି ରାମାୟଣ ମହାକବି ବଳରାମ ଦାସଙ୍କର।

ଜଗନ୍ନାଥ ଦାସଙ୍କ ନବାକ୍ଷରୀ ଭାଗବତ ତ ସମଗ୍ର ସାରସ୍ୱତ ଜଗତରେ ବିରାଟ ବିସ୍ମୟ।

## ମହାକାବ୍ୟିକତା ଉପାଦାନ

ଓଡ଼ିଆ ସାହିତ୍ୟରେ କିଛି କ୍ଷୁଦ୍ର କବିତା ଓ କ୍ଷୁଦ୍ରଗଳ୍ପ ରହିଛି ଯାହା ଭିତରେ ମହାକାବ୍ୟିକ ଉପାଦାନ (ଏଲିମେଣ୍ଟ୍ସ ଅଫ୍ ଏପିକ୍) ଭରି ରହିଛି। ମହାକାବ୍ୟର ସଂଜ୍ଞା ଦୃଷ୍ଟିରୁ ହୁଏତ ଆମେ ଗୋଟେ ସାହିତ୍ୟ କୃତିକୁ ମହାକାବ୍ୟ ବୋଲି କହି ପାରିବାନି; ହେଲେ ମହାକାବ୍ୟର ଗୁଣବତ୍ତା ଦୃଷ୍ଟିରୁ ସେ ମହାକାବ୍ୟିକ ସ୍ପର୍ଶକୁ ଇତସ୍ତତଃ ଭାବେ ଅନେକ ଗଳ୍ପ କବିତାରେ ଲକ୍ଷ୍ୟ କରି ପାରିବା।

କବିବର ରାଧାନାଥଙ୍କ 'ମହାଯାତ୍ରା'କୁ ଗୋଟେ ପ୍ରସିଦ୍ଧ ମହାକାବ୍ୟ ରୂପେ ଗ୍ରହଣ କରାଯାଉଛି। ମହାକାବ୍ୟର କେନ୍‌ଭାସ୍ ସୁବିସ୍ତୀର୍ଣ୍ଣ ଓ ତାହା ମହାଭାରତର ବିଷୟ ପ୍ରସ୍ଥକୁ ନେଇ ରଚିତ। ସେ ଦୃଷ୍ଟିରୁ ପ୍ରକୃତି କବି ଗଙ୍ଗାଧର ମେହେରଙ୍କ ହୁଏତ ମହାଯାତ୍ରା ପରି ମହାକାବ୍ୟ ନାହିଁ। ତାଙ୍କ 'ତପସ୍ୱିନୀ'ରେ କିନ୍ତୁ ମହାକାବ୍ୟର ଉପାଦାନ ଥିଲା। ଗଙ୍ଗାଧରଙ୍କ କବି ଆତ୍ମାକୁ ନାନାମତେ ଉର୍ଜ୍ଜସ୍ୱଳ କରିଥିଲା।

ଗୋଟେ ଉଚ୍ଚମାନର ସଙ୍ଗୀତମୟତା ମଧ୍ୟ ମହାକାବ୍ୟର ପ୍ରଭାବ ସୃଷ୍ଟି କରିପାରେ। ଗ୍ରୀକ୍ ଟ୍ରାଜେଡି ସବୁ ମଣିଷ ଜୀବନର ପ୍ରେମ କରୁଣାକୁ ଲେଖି ମହାକାବ୍ୟର ଆବେଦନ ସୃଷ୍ଟି କରିଛି। ରାଧାନାଥ, ଗଙ୍ଗାଧର ଥିଲେ ଗ୍ରୀକ୍ କବିଙ୍କ ଭଳି ନିମଜ୍ଜିତ ଆତ୍ମାର ଶିଳ୍ପୀ।

ଅମୃତମୟ ଭକ୍ତି ଓ ମଧୁମୟ ଏହି ତିନୋଟି କବିତା କଳେବରରେ କ୍ଷୁଦ୍ର ହେଲେ ହେଁ ଆତ୍ମିକ ଭାବ ଆବେଦନ ଦୃଷ୍ଟିରୁ ସାମଗାନ ଭଳି ସମସ୍ତଙ୍କୁ ଅଭିମନ୍ତ୍ରିତ କରିଦିଏ। ସେହିପରି ଭୀମ ଭୋଇଙ୍କ ସ୍ତୁତି ଚିନ୍ତାମଣିର ପଦପଙ୍‌କ୍ତି।

## ଆତ୍ମିକ ଓ ଆଙ୍ଗିକ ଦିଗ

ମହାକାବ୍ୟିକତାର ଗୁଣ ଅଧିକାଂଶରେ ଆତ୍ମିକ। ତଦ୍‌ନୁଯାୟୀ ଆଙ୍ଗିକ ଗତିଶୀଳ ହୁଏ। ଗଙ୍ଗାଧରଙ୍କ କାବ୍ୟ କବିତା ସବୁ କୋମଳ ସାହିତ୍ୟିକ ମହାକାବ୍ୟ (ଟେଣ୍ଡର ଲିଟରେଚର ଏପିକ୍) ଭଳି ଲାଗେ ଯେଉଁଥିରେ ମାନବୀୟ ସମ୍ବେଦନା ଓ ସୌନ୍ଦର୍ଯ୍ୟ ଦୃଷ୍ଟି ସର୍ଜନଶୀଳତାର ତୁଙ୍ଗିମା (ହାଇ ଡିଗ୍ରୀ ଅଫ୍ କ୍ରିଏଟିଭିଟି)ର ଆବେଦନ ଆଣିଦିଏ।

ଗଙ୍ଗାଧରଙ୍କ 'ବିଶ୍ୱ ଦେଖ ମଧୁମୟରେ ଜୀବନ ବିଶ୍ୱଦେଖ

ମଧୁମୟ' କିମ୍ବା 'ବିଶ୍ୱ ଜୀବନ ହେ ତୁମ୍ଭଙ୍କୁ କରୁଣା ସିନ୍ଧୁ' ଆଦି କବିତା କେତେ ଅମୃତମୟ କେତେ ମଧୁମୟ; ଯାହା ହୁଏତ ଦୁଃଖହରଣ କରି ନେବ। ପୁରାଣ, ମହାପୁରାଣ, ରାମାୟଣ, ମହାଭାରତ ଭଳି ମହିମ୍ନ ମହାକାବ୍ୟର ଭାବାତ୍ମାକୁ ଆମେ ଆଉ ଥରେ, ଆଉ ଥରେ ଗଙ୍ଗାଧରଙ୍କ କାବ୍ୟ କବିତାରେ ଖୋଜିବା ପାଇଁ। ବେଦ ଉପନିଷଦର ମନ୍ତ୍ରକୁ ଯେପରି ଓଡ଼ିଆ ଭାଷାରେ ଆମେ ଗଙ୍ଗାଧରଙ୍କ ସାହିତ୍ୟରେ ଆଉ ଥରେ ପଢ଼ୁଁ।

ବହୁ ବିଦ୍ୟାର ଗ୍ରନ୍ଥନ ମହାକାବ୍ୟରେ ସୂଚିତ ହୋଇଥାଏ। ଏଜରା ପାଉଣ୍ଡ ତାଙ୍କ 'ଏବିସି ଅଫ୍ ରିଡିଂ'। ଗ୍ରନ୍ଥରେ କହିଛନ୍ତି 'ଆନ୍ ଏପିକ୍ ଇଜ୍ ଏ ପୋଏମ୍ ଇନ୍‌କ୍ଲୁଡିଙ୍ଗ ହିଷ୍ଟ୍ରି' ମହାକାବ୍ୟିକ ରଚନାର ପୃଷ୍ଠଭୂମି ଯେପରି ବିଶାଳ ସେହିପରି ବୀରତ୍ୱ ବ୍ୟଞ୍ଜିତ ତା'ର ବିଷୟ ପ୍ରସ୍ଥ।

ମଧ୍ୟଯୁଗୀୟ ବୀର ପୂଜାର ଆଦର୍ଶ ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ମହାକାବ୍ୟିକ ରଚନାରେ ପରିଲକ୍ଷିତ। ହିରୋଇକ୍ ପୋଏମ୍ ଏବଂ ଏପିକ୍ ମଧ୍ୟରେ ପାର୍ଥକ୍ୟ ଦେଖାଇବା ଭାରି କଷ୍ଟସାଧ ବୋଲି ଅନେକ ସମାଲୋଚକ ମନେ କରନ୍ତି।

**ହିରୋଇକ୍ ପୋଏମ୍ ଏବଂ ଏପିକ୍ ମଧ୍ୟରେ ପାର୍ଥକ୍ୟ ଦେଖାଇବା ଭାରି କଷ୍ଟସାଧ ବୋଲି ଅନେକ ସମାଲୋଚକ ମନେ କରନ୍ତି।**

ଓଡ଼ିଆରେ ରଚିତ ସଂଖ୍ୟାଧିକ କୃଷ୍ଣକାବ୍ୟ ଓ ରୋମକାବ୍ୟର ବିଷୟ ତର୍କଣାରେ ବୀରପୂଜାର ଯେଉଁ ପ୍ରସାରିତ ବର୍ଣ୍ଣନା ରହିଛି, ସେଥିରେ ଏପିକର ଆତ୍ମିକ ଅଭିବ୍ୟକ୍ତି ସଂଘଟିତ ହୋଇଛି।

ମୃଗୁଣୀ ସ୍ତୁତି, ବଉଳା ଗାଈ ଗୀତ, ତଅପୋଇ କଥା ଆଦି ମଧୁର ସାଙ୍ଗୀତିକ ରଚନା ରହିଚି, ଯାହାକୁ ଆମେ ହୁଏତ ଫୋକ୍ ଏପିକ୍‌ର ଗୁଣ ଗ୍ରହଣ କରିଛି ବୋଲି କହିପାରିବା। ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣ ସେହି ବର୍ଗର ରଚନା। କୋଟି ଜନପ୍ରାଣକୁ ଯାହା ଆବିଷ୍ଟ କରିଦିଏ, ତାହା ଧ୍ରୁପଦୀ ସାହିତ୍ୟ ବା ମହାକାବ୍ୟର ଗୁଣ।

କାନ୍ତକବି ଲକ୍ଷ୍ମୀକାନ୍ତଙ୍କ 'ସବୁଥିରୁ ବଞ୍ଚିତ କରି କେଉଁ ଯଶବାନା ଉଡ଼ାଇବ ହେ', ସବୁଜ କବି ବୈକୁଣ୍ଠ ନାଥ ପଟ୍ଟନାୟକଙ୍କ 'ଜୀବନ ପାତ୍ର ମୋ ଭରିଛ କେତେ ମତେ ନ ଦେଲେ ବୋଲି କିଛି କହିବି ଦିଏ ଆଉ' ଆଦି କବିତାର ପଦପଙ୍କ୍ତି ମହାକାବ୍ୟିକ ଗୁଣ ବିମଣ୍ଡିତ।

ଏହି ସବୁ ରଚନା ପଢ଼ିଲେ ପାଠକ କେମିତି ଭାରି ବିଭୋର ହୋଇଯାଏ। ପାଠକ ଭାବାବିଷ୍ଟ ହୋଇପଡ଼େ।

**ମହାକାବ୍ୟିକ ଆବେଦନ**

ଏ ସନ୍ଦର୍ଭରେ ସମ୍ପୂର୍ଣ୍ଣ ଭାବଦୃଷ୍ଟିରୁ ଯେତେ ମହାକାବ୍ୟିକ ଆବେଦନକୁ ଚିହ୍ନଟ କରାଯାଇଛି, ସେତେ ଆଙ୍ଗିକ ଦୃଷ୍ଟିରୁ ନୁହେଁ।

ମହାକାବ୍ୟିକ ଆବେଦନ ଦୃଷ୍ଟିରୁ ଗୋପୀନାଥ ମହାନ୍ତିଙ୍କ ଅମୃତର ସନ୍ତାନ, ପରଜା, ମାଟିମଟାଳ ତ ସର୍ବୋତ୍ତମ। ବ୍ୟର୍ଥତା ପୀଡ଼ିତ ମଣିଷମାନଙ୍କୁ ଆଶା ଆନନ୍ଦର ଦିଗ୍‌ବଳୟ ଆଡ଼କୁ ନେଇଯିବାର ଉଚ୍ଚତର ପ୍ରସ୍ତାବନା ଏହି ଉପାଖ୍ୟାନମାନଙ୍କରେ ରହିଛି।

ସେମିତି କାହ୍ନୁ ଚରଣଙ୍କ ଶାସ୍ତି, ସୁରେନ୍ଦ୍ର ମହାନ୍ତିଙ୍କ ନେତିନେତି, ହଂସଗୀତି, ଅନ୍ଧଦିଗନ୍ତ ଉପନ୍ୟାସ, ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ନରକିନ୍ନର, ଦକ୍ଷିଣାବର୍ତ୍ତ, ଶକୁନ୍ତଳା ଉପନ୍ୟାସ ନାନା ଦୃଷ୍ଟିରୁ ପାଠକ ହୃଦୟକୁ ବିମଥିତ କରିଦିଏ।


ସଫଳ କଳାତ୍ମକତା ଦୃଷ୍ଟିରୁ ଗୋବିନ୍ଦ ଦାସଙ୍କ 'ଅମାବାସ୍ୟାର ଚନ୍ଦ୍ର' ପାଠକକୁ ଆଲୋକ ଅନ୍ଧାରର ଦିଗନ୍ତ ଆଡ଼କୁ ନେଇଯାଏ। ଭଲମନ୍ଦ ପାପପୁଣ୍ୟର ଭେଦ ବାରିବା ପାଇଁ କୌଣସି ତରାଜୁ ପାଏନି।

ସେମିତି ଓଡ଼ିଆ ଭାଷାରେ ଅନେକ ସଫଳ ଗଳ୍ପ ରହିଛି, ଯାହାର ଉଚ୍ଚମାନତା ପାଠକକୁ ଭାବାବିଷ୍ଟ କରିଦିଏ। ଫକୀର ମୋହନଙ୍କ 'ରାଣ୍ଡି ପୁଅ ଅନନ୍ତା' ପାଠକର ରସଚେତନାକୁ ନିବିଡ଼ ଭାବେ ସିକ୍ତ କରିଦେବାର ଗୋଟେ ପ୍ରଥମ ଶ୍ରେଣୀର ଗଳ୍ପ।

ସୁରେନ୍ଦ୍ର ମହାନ୍ତିଙ୍କ 'ମରାଳର ମୃତ୍ୟୁ,' କିଶୋରୀ ଚରଣଙ୍କ 'ଠାକୁର ଘର,' ମନୋଜ ଦାସଙ୍କ 'ଲକ୍ଷ୍ମୀର ଅଭିସାର,' ରାମଚନ୍ଦ୍ର ବେହେରାଙ୍କ 'ଗୋପପୁର' ଆଦି ଗଳ୍ପ ମହାକାବ୍ୟିକ ଗୁଣ ଓ ଲକ୍ଷଣରେ ସର୍ବୋତ୍କୃଷ୍ଟ ଗଳ୍ପ। କାନ୍ତକବିଙ୍କ 'ବୁଢ଼ା ଶଙ୍ଖାରୀ', ପ୍ରାଣବନ୍ଧୁ କରଙ୍କ 'ସୁଅମୁହଁରେ ପତର', ରାଜ କିଶୋର ରାୟଙ୍କ 'ଦଶହରା ଭେଟି' ଆଦି ଗଳ୍ପ କାରୁଣ୍ୟ ବ୍ୟଞ୍ଜିତ ଉଚ୍ଚମାନର ଗଳ୍ପ।

ଅଧିକ ମନଗହୀରକୁ ରୂପାୟିତ କରିବା ଆଜିର ଗାଳ୍ପିକକୁ ବେଶି ଉତ୍ସାହିତ କରୁଛି । ଜୀବନମୟତା ଯେଉଁ ସାହିତ୍ୟ କୃତିରେ ଅଧିକ ପ୍ରକଟିତ ତା'ର ଆବେଦନ ପାଠକକୁ ବିଗଳିତ କରିଦିଏ । ତରୁଣକାନ୍ତି ମିଶ୍ରଙ୍କ ରଜନୀଗନ୍ଧା ଗଳ୍ପ ସଂକଳନର ପ୍ରାୟ ପ୍ରତିଟି ଗଳ୍ପ ଉଚ୍ଚମାନର । ଜୀବନ ଅତଳର କଥାକୁ ଚିତ୍ରଣ କରିବାରେ ସେ ବେଶ ଧୂରୀଣ ।

ଜଗଦୀଶ ମହାନ୍ତି, କ୍ଷୀରୋଦ ଦାସ, କହ୍ନେଇ ଲାଲ, ଗୌରହରି ଦାସ, ଦେବବ୍ରତ ମଦନ ରାୟଙ୍କ ଗଳ୍ପ ସବୁର କ୍ରିଏଟିଭ ହାଇଟ୍ ଉଚ୍ଚମାନର । ଭାରି ଜୀବନନିଷ୍ଠ ଆଉ ଜୀବନ୍ତ ଲାଗେ । ଏମାନଙ୍କ ସୃଷ୍ଟିଶୀଳ ତୁଙ୍ଗିମା ତାଙ୍କ ଭାଷାଶୈଳୀରୁ ବାରି ହୋଇପଡ଼େ । ସେମାନଙ୍କ ଗଳ୍ପ ସବୁ ଭାରି ତୀକ୍ଷ୍ଣ ଓ ମାର୍ମିକ । ଅଧିକ ନିଷ୍ଠା, ଅଧିକ ଅଙ୍ଗୀକାରବଦ୍ଧତା ଅଧିକ ପ୍ରତିଶ୍ରୁତିର ଏ ଗଳ୍ପ ସବୁ ।




ଭୁବନେଶ୍ୱର ବେହେରା, ଚନ୍ଦ୍ରଶେଖର ରଥ, ବସନ୍ତ କୁମାର ଶତପଥୀଙ୍କ ଗଳ୍ପରେ ଆମେ ଅଧିକ ଲେଖକୀୟ ନିଷ୍ଠା ଓ ଆତ୍ମୀୟତା ଦେଖୁଁ । ଏହିମାନଙ୍କ ଗଳ୍ପର ଯାବତୀୟ ଉଚ୍ଚମାନ୍ୟତାକୁ ହୁଏତ ଆମେ ଏପିକ ତୁଙ୍ଗିମା ବୋଲି ଅଭିହିତ କରିପାରିବା ।

ଆମ ଓଡ଼ିଆ ସାହିତ୍ୟର ସବୁ ସାହିତ୍ୟ ବିଭାବ ସମୟକ୍ରମେ ବିବର୍ଦ୍ଧିତ ହୋଇଛି । ବଡ଼ ହେଉ ବା ସାନ, ଯେଉଁ ସାହିତ୍ୟକୃତିର ଉଚ୍ଚତମ ସମ୍ଭାବନା ଅଛି ଆଉ ଯେଉଁ କଳାକୃତି ଉଚ୍ଚତର ପ୍ରଜ୍ଞା ପାଖରେ ପାଠକର ରସଚେତନା ଓ ସକଳ ଜିଜ୍ଞାସାକୁ ପହଞ୍ଚାଇଦିଏ, ତାହା ହିଁ ଚିରନ୍ତନ କାଳଜୟୀ ସାହିତ୍ୟ । ସେପାଇଁ କୁହାଯାଇଛି- ୱିଜ୍‌ଡମ୍ ଲିଙ୍ଗରସ୍ । ସେଇ ପ୍ରଜ୍ଞାଶୀଳତା ଚିରକାଳ ପାଠକର ଚିରବୃତ୍ତିକୁ ଆବୋରି ବସିଥାଏ ।

ସୌଭାଗ୍ୟ କୁମାର ମିଶ୍ରଙ୍କ 'ଅନ୍ଧ ମହୁମାଛି' ଆମ ଇପ୍‌ସିତ ବର୍ଗର କାବ୍ୟକୃତି । ତା'ର ପ୍ରସ୍ତାବନା ଉପନିଷଦୀୟ । କବିର ବିଭୋଗର ପ୍ରାଣ ଅନ୍ଧ ମହୁମାଛିର ଭାବ ଚେତନାକୁ ତା ଆମବାର ଅଂଶ କରିନିଏ ।

**ଭାବଚେତନାର ଏପିକ୍**

ଗଦ୍ୟ ପଦ୍ୟ ସାନବଡ଼ ଅନେକ ରଚନାରେ ଭାବଚେତନାର ଏପିକମାନ ପରିଲକ୍ଷିତ । ପାଠକକୁ ମୁଗ୍ଧ କରେ ସେମିତି କବି ରମାକାନ୍ତ ରଥଙ୍କ 'ଶ୍ରୀରାଧା' । ଶ୍ରୀରାଧା ଚିରକାଳର ନାରୀ ଓ ନାୟିକା । କବି ମନର ବୈଦଗ୍ଧ ନାନା ଭାବରେ ନାନା ସଙ୍କେତରେ ଫୁଟି ଉଠିଛି ଶ୍ରୀରାଧାରେ । ତାଙ୍କ ଅନେକ କବିତାରେ ଆମେ ଏହି ଏପିକମାନଙ୍କୁ ଲକ୍ଷ୍ୟ କରୁ । କବି ସୀତାକାନ୍ତ, ଗୁରୁ ମହାନ୍ତି, ରାଜେନ୍ଦ୍ର କିଶୋରଙ୍କ କବିତାରେ ପ୍ରତୀକିତ ଭାବଚେତନାର ତୁଙ୍ଗିମା ରହିଛି ।

ସଚ୍ଚି ରାଉତରାୟଙ୍କ ପାଣ୍ଡୁଲିପିରେ ସ୍ଥାନିତ ଅସମାପିକା, କୋଣାର୍କ, ସେମିତି ଅତୁଳନୀୟ ବାଜି ରାଉତ ଏହି ଏପିକ ମାନର । ମାୟାଧର ମାନସିଂହଙ୍କ ମହାନଦୀରେ ଜ୍ୟୋତ୍ସ୍ନା ବିହାର ଏପିକ ମାନର ହେବନି ତ ଆଉ କ'ଣ ।

ଆମ ସାରସ୍ୱତ ଜଗତର କ୍ଷୁଦ୍ରମନାମାନେ ଏପରି ଗୌରବୋଜ୍ଜ୍ୱଳ କବିତା ସୃଷ୍ଟି କରିପାରିବେନି । ମାନସିଂହଙ୍କ 'ମହାନଦୀରେ ଜ୍ୟୋତ୍ସ୍ନା ବିହାର,' ସଚ୍ଚି ରାଉତରାୟଙ୍କ 'ବାଜି ରାଉତ' କବିତାରେ ଅଭିଲିପିତ ପ୍ରତିଟି ଶବ୍ଦ ମୁଖର ହୋଇଛି ମାନବାତ୍ମାର ଜୟଗାନ କରିବାରେ ।

ଏ ସବୁ କବିତା ଗୀତା ଭାଗବତର ମର୍ମବାଣୀଠାରୁ କୌଣସି ଗୁଣରେ ନ୍ୟୂନ ନୁହେଁ । କଳେବର ବିଶାଳତା ମହାକାବ୍ୟର ପ୍ରମାଣ ନୁହେଁ । ଏପିକର ଶାଶ୍ୱତ ମୂଲ୍ୟ ପ୍ରକଟିତ ହୋଇଥିବା କ୍ଷୁଦ୍ର କବିତା ସେହି ମାନର ହେବନି କାହିଁକି ? କବିତାର ପୋଷାକରେ ସତ୍ୟ ଆହୁରି ସୁନ୍ଦର ଭାବେ ଉଦ୍‌ଭାସିତ ହୋଇଛି ଏହିସବୁ କବିତାରେ ।

ଆମର ସକଳ ଜ୍ଞାନ ଅନୁଭବରେ ହିଁ ଆରମ୍ଭ ହୁଏ ।

ସାରଳାରୁ ସଚ୍ଚି ରାଉତରାୟଙ୍କ ଯାଏ ଆମର ଅଧିକାଂଶ ସାହିତ୍ୟକୃତିର ମୂଳଗୁଣ ହେଉଛି ନିଷ୍ଠତା (ସବ୍‌ଜେକ୍ଟିଭ୍‌ନେସ୍) । ଯେଉଁ ବିଷୟର ତର୍କଣୀ ହୋଇଥାଏ ପଛେ, ଯେଉଁଠି କବିମନ ମୁକୁଳିତ ହୋଇଥାଏ ତାହା ହିଁ ନିବିଡ଼ ଭାବେ ପାଠକ ଅନ୍ତରକୁ ସ୍ପର୍ଶ କରେ । ଜଣେ ବଡ଼ ସମାଲୋଚକ କହିଦେଲେ, ହୃଦୟସ୍ପର୍ଶୀ ପ୍ରତ୍ୟେକ କବିତା ଏକ ଏକ ବିଶୁଦ୍ଧ ଜଳ ବିନ୍ଦୁ ।

କଳେବରରେ କ୍ଷୁଦ୍ର ହେଲେ ହେଁ ତା'ର ମାର୍ମିକତାରେ ଆମେ କଳାର ରୂପକୁ ଆମ୍ଳାନ ଔଜଲ୍ୟ ଭିତରେ ଦେଖିବା ଉଚିତ ।

ଯେଉଁ କବି ବା ଲେଖକ ଯେତେ ଅଧିକରୁ ଅଧିକ ଅତୀତ ଗୌରବ ବ୍ୟାଖ୍ୟାନରେ ମୁଖର ହୁଅନ୍ତି, ସେମାନଙ୍କ ରଚନାରେ ମହାକାବ୍ୟିକ ଉପାଦାନ ସେତିକି ବେଶି ଥାଏ। ଅନେକ ଲୋକକଥା ଓ କିଂବଦନ୍ତୀ ଆମ କାବ୍ୟକବିତାରେ, ଆମ ଗଳ୍ପ ଉପନ୍ୟାସରେ ବର୍ଣ୍ଣିତ ହୋଇଛି। ବର୍ଣ୍ଣନାର ସେଇ ମୁଖରପଣ ହୁଏତ ଆମକୁ ଏପିକ ସାହିତ୍ୟର ସ୍ୱାଦ ଆଣି ଦିଏ।

ଲାଟିନ ଶବ୍ଦ 'ଏପିକ୍ସ'ରୁ ଏପିକ୍ ଶବ୍ଦ ସୃଷ୍ଟି ହୋଇଛି। ଏହି ଶବ୍ଦର ପ୍ରୟୋଗ ଦେଶ କାଳ ପାତ୍ର ନେଇ ଭିନ୍ନ ଭିନ୍ନ ହୋଇଛି। ଓଡ଼ିଆ ସାହିତ୍ୟରେ ଏହାର ପ୍ରୟୋଗ ବେଶ୍ ଅର୍ଥପୂର୍ଣ୍ଣ ଓ କଳାତ୍ମକ ହୋଇଛି। କ୍ଳାସିକ୍ଲେସ୍, ମାଜିଷ୍ଟିକ୍ ଶବ୍ଦର ସମାର୍ଥକ ଭାବେ ଏହି ଏପିକ ଶବ୍ଦର ବ୍ୟବହାର ହୋଇଛି ଆମ ଓଡ଼ିଆ ସାହିତ୍ୟରେ।

## ଲୋକକଥାରେ ମହାକାବ୍ୟିକତା

ବହୁ ଲୋକକଥା, କିଂବଦନ୍ତୀ ଓ ମିଥ୍ ବହୁଳ ଭାବେ ଆମ ସାହିତ୍ୟରେ ପରିଲକ୍ଷିତ। ଗାନ୍ଧୀ, ଗୋପବନ୍ଧୁ, ବୁଦ୍ଧଙ୍କ ବିଷୟରେ ବର୍ଣ୍ଣିତ ଗଳ୍ପ କବିତାରେ ଏହି ଏପିକ୍ ଚରିତ୍ର ବେଶ୍ ପ୍ରକଟିତ, ଯାହା ସେ ସମସ୍ତ କବିତାକୁ ଚିରନ୍ତନତାର ଗୁଣ ଆଣି ଦେଇଛି। ଧର୍ମପଦ, ବାଜି ରାଉତ, ବାଇମୁଣ୍ଡି, ଦାସିଆ ବାଉରି, ସୁଦାମ, ଶ୍ରୀୟା ଚଣ୍ଡାଲୁଣୀ, ମାଣିକ ଗଉଡୁଣୀ ଚରିତ୍ର ସବୁର ବର୍ଣ୍ଣନାରେ ଯେଉଁ କଳ୍ପନା ବିଳାସର ମାନ ପ୍ରକଟିତ, ତାହା ଏସବୁ କିଂବଦନ୍ତୀ ମୂଳକ ଚରିତ୍ରକୁ ସର୍ବକାଳୀନତାର ଗୁଣ ଆଣି ଦେଇଛି।

**ବହୁ ଲୋକକଥା, କିଂବଦନ୍ତୀ ଓ ମିଥ୍ ବହୁଳ ଭାବେ ଆମ ସାହିତ୍ୟରେ ପରିଲକ୍ଷିତ।**

ସେହିପରି କ୍ଷୀରଚୋରା ଗୋପୀନାଥ, ସାକ୍ଷୀ ଗୋପୀନାଥ, କାହାଣୀ ସବୁ ସୁଦୀର୍ଘ ହୋଇ ବର୍ଣ୍ଣିତ ହୋଇଛି ଓ କାବ୍ୟ କବିତାକୁ ଉନ୍ନୀତ ହୋଇଛି।

ରାବଣର ଆତ୍ମ ପ୍ରକାଶ, କଂସର ଧନୁଯାତ୍ରା, ପାଣ୍ଡବମାନଙ୍କର ସ୍ୱର୍ଗାରୋହଣ ପର୍ବର ବର୍ଣ୍ଣନା ପାଠକକୁ ବେଶ ହସାଏ ରସାଏ। ଏମିତି ରଚନାର ସ୍ୱାଦ ନିଶ୍ଚୟ ଅଲଗା ପ୍ରକାରର। ଯାହା ହୁଏତ ସତ୍ୟ ନୁହେଁ କି ବାସ୍ତବ ନୁହେଁ, ଅଥଚ ପାଠକ ହଜିଯାଇଥିବା ଗୌରବକୁ ଆଉ ଥରେ ତା' ସ୍ମୃତିକୁ ଆଣେ। ଇଂରାଜୀ ସାହିତ୍ୟରେ 'କମିଂ ଅଫ୍ ଆର୍ଥେକମ୍, ପାସିଙ୍ଗ ଅଫ୍ ଆର୍ଥେକମ୍,' 'ଡନକୁଆନ,' 'ଚାଇଲ୍ଡ ହାହୋଲ୍ଡ' ଆଦି ଦୀର୍ଘ କବିତା ଏହି ଶ୍ରେଣୀର ଏପିକଧର୍ମୀ। ଏମିତି କବିତାରେ ହିରୋଇକ୍ ଭର୍ସରେ ବ୍ୟବହାର କରାଯାଇଛି, ଯାହା ହୁଏତ ଅର୍ଥବୋଧକୁ ବହୁଗୁଣିତ କରିଛି। ରାଧାନାଥଙ୍କ ମହାଯାତ୍ରାରେ ଯେଉଁ ଅମିତ୍ରାକ୍ଷର ଛନ୍ଦ ବ୍ୟବହୃତ ତାହା ଯେ କୌଣସି ଗ୍ରାଣ୍ଡ ଷ୍ଟାଇଲର ଅନୁରୂପ।

ନନ୍ଦ କିଶୋର ବଳଙ୍କ କାଳ ବାରଣ, ପଣ୍ଡିତ ନୀଳକଣ୍ଠ ଦାସଙ୍କ କୋଣାର୍କ ଓ ମାୟାଦେବୀ ପରି ରଚନା, ଗୋପବନ୍ଧୁ ଦାସଙ୍କ କାରା କବିତା, ଗୋଦାବରୀଶ ମିଶ୍ରଙ୍କ କାଳିଜାଇ ସେମିତି ଦୀର୍ଘ କବିତା, ଯେଉଁଥିରେ ଆମେ ଏପିକ ପ୍ରଭାବକୁ ଲକ୍ଷ୍ୟ କରୁ।

ଗୋଦାବରୀଶଙ୍କ କାଳିଜାଇ ଆବାଳ ବୃଦ୍ଧ ବନିତା ସମସ୍ତଙ୍କ ମନୋରଞ୍ଜନ କରେ। ତାହା ଗୋଟେ ରୋମାଞ୍ଚକର ଜନଶ୍ରୁତିକୁ ନେଇ ରଚିତ।

ଏହି ମହାକାବ୍ୟିକ ଗୁଣ ବା ଉପାଦାନ ଦୃଷ୍ଟିରୁ ଫକୀର ମୋହନଙ୍କ 'ଆତ୍ମଜୀବନୀ,' ଗୋଦାବରୀଶ ମିଶ୍ରଙ୍କ 'ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ଆଉ ସେହିପରି କେତେକ ଆତ୍ମଜୀବନୀ ଉଚ୍ଚମାନର; ଏଇଥିପାଇଁ ଯେ ସେ ସବୁ ଆତ୍ମ ଜୀବନୀମାନଙ୍କରେ ଆପଣା ଜୀବନର ଅଭୁଲା ସ୍ମୃତି ସହିତ ଜାତୀୟ ଓ ପ୍ରାଦେଶିକ ଜୀବନର ବିରଳ ଘଟଣା ମାନ ବେଶ୍ ଚମତ୍କାର ଭାବେ ବର୍ଣ୍ଣିତ ହୋଇଛି।

ସେହିପରି ଓଡ଼ିଆ ସାହିତ୍ୟରେ କିଛି ଗୀତି କବିତା ରହିଛି ଯାହା ସାର୍ବଜନୀନ ତଥା ସର୍ବକାଳୀନ ରଚନାର ଗୁଣ ଗ୍ରହଣ କରିଛି।

ଉକ୍ତ ସନ୍ଦର୍ଭରେ କଳେବର ଦୃଷ୍ଟିରୁ କ୍ଷୁଦ୍ର ହେଲେ ହେଁ ଅନେକ ରଚନାର କଳାତ୍ମକ ତୁଙ୍ଗିମାକୁ ଆଧାର କରି ତା' ଭିତରେ ମହାକାବ୍ୟିକ ଗୁଣ ଓ ମହନୀୟତାର ସୂଚନା ଦିଆଯାଇଛି। ସୁଧୀ ପାଠକପାଠିକା ଏହି ସୂଚନା ବିଷୟରେ ନିଶ୍ଚୟ ଅବଗତ ହେବେ।

□□


ଲେଖକଙ୍କ ଇ-ମେଲ ଠିକଣା:
adikandas64@gmaill.com



କବିତା

# ଥରେ ମାତ୍ର ପଲକ ପଡ଼ିଲେ

**ସୁଶ୍ରୀ ସଂଗୀତା ମିଶ୍ର**



ମାନଚିତ୍ର ବଦଳିଯାଏ
ଥରେ ମାତ୍ର ପଲକ ପଡିଲେ
ଆଖି ଖୋଲିଲା ବେଳକୁ
ପରିଚିତ ପୃଥିବୀର ରକ୍ତାକ୍ତ ଇତିହାସ
ଲୋଟୁଥାଏ ତଳେ।

ବଦଳି ସାରିଥାଏ ପବନର ଗତି
ବୁଝି ହୁଏନି ଆଉ
ନୀରବତାର ଶବ୍ଦମୟ ଗୀତି।
ଓଲଟୁ ଥାଏ
ବ୍ୟତିବ୍ୟସ୍ତ ସ୍ମୃତିଙ୍କର ଅସ୍ତବ୍ୟସ୍ତ ପୃଷ୍ଠା
ବିସ୍ମୃତିର କବରରେ ରହି ରହି ମଥା ପିଟୁଥାଏ
ସାରା ଜୀବନର ସଞ୍ଚିତ ଶାନ୍ତି।

ଲୁହର ନିଆଁରେ
ସାରା ରାତି ଜଳୁଥାଏ ସମ୍ପର୍କ
ପାହାନ୍ତା ବେଳକୁ ଚଣ୍ଡାଶୋକ
ପାଲଟି ସାରିଥାଏ ଧର୍ମାଶୋକ।



ଶୁଖିଯାଏ ରକ୍ତ ନଦୀ
ପୁଣି ଥରେ ଜନ୍ମିଯାଏ
ପୁରୁଣା ଆସକ୍ତି।
ଜୀବନଠୁ ମୃତ୍ୟୁ ଯାଏ
ସବୁଠି ଖୋଦିତ ହୁଏ
ପ୍ରତିଶ୍ରୁତିର ଶିଳାଲିପି।

ବିଶ୍ୱାସର ଅତୃପ୍ତ ଆତ୍ମାଟିଏ
ଖାଲି ଯାହା, ଅଲକ୍ଷ୍ୟରେ
ଖୋଜୁଥାଏ ମଶାଣିରୁ ମୁକ୍ତି।

□□

କବୟିତ୍ରୀଙ୍କ ଇ-ମେଲ ଠିକଣା:
sushrim11@gmail.com

ଗଳ୍ପ

# ଦୁଇଟି ମିନିଗପ



ବିରଜା ମହାପାତ୍ର

## ଏବେ କହିଲ ପରା


ସ୍ମିତା ଦାଶର ଫୋନ ଥିଲା, 'ଏଇ ଜାଣିଛ ଆଜି ତମକୁ ସ୍ୱପ୍ନରେ ଦେଖିଲି ମ!'

'ଏଁ?', ମୁଁ କହିଲି।

ଭାବପ୍ରବଣ ହୋଇ ସ୍ମିତା ଦାଶ କହିଲା, 'ସେଇ ପାହାଡ଼ତଳି ଝରଣା କୂଳ, କଦମ୍ବ ମୂଳ, ବର ଓହଳ, ଖଜୁରୀ ତାଳ, ବାଇଆ ବସା, ଆଦିକୁ ନେଇ ବଢିଆ ସେଟିଙ୍ଗ। ତାରି ଭିତରେ ଗୋଟିଏ ତାଳ ବରଡ଼ାରେ ଦୋହଲୁଛି ବାୟାବସା। ସେଇ ବାୟାବସା ତଳେ ତୁମେ ନାୟକ ହୋଇ ମତେ ଅପେକ୍ଷା କରିଛ।'

'ଆଉ .. ତା ପରେ?', ମୁଁ ପଚାରିଲି।

'ନଖରାମୀ କରିବାକୁ ଇଚ୍ଛାହେଲା। ତୁମ ଅପେକ୍ଷାକୁ ଉପଭୋଗ କଲି ନିଜ ଇଚ୍ଛାରେ ଶକ୍ତ ଲଗାମ ଲଗେଇ?' କହିଲା ସ୍ମିତା ଦାଶ।



ମୁଁ କହିଲି, 'ରାଇଟ୍। ଆଇ ରିୟାଲି ଏଞ୍ଜଏଡ୍ ଦାଟ୍ ମୋମେଣ୍ଟ।'

'ମାନେ! କଣ ଟେଲିପାଥି ହେଇଗଲା?' ସେ ପଚାରିଲା।


ମୁଁ କହିଲି, 'ନାଇଁ'।

ସେ ପଚାରିଲା, 'ତେବେ ତମେ ଜାଣିଲ କିମିତି?'

ଉତ୍ତର ଥିଲା, 'ତମେ ଏବେ କହିଲ ପରା।'

## ରାତିର ସପନ

'ଭାଲେଣ୍ଟାଇନ ଡେ ଥିଲା। ଖୁବ ମଜା ଆସିଲା। ଆମେ ଉଭୟେ ଥିଲେ ଆମ ଘର କଡ଼ ପାର୍କ ଭିତରେ। ଲୋକ ନଥିଲେ। ଆମେ ଉଭୟ ଉଭୟଙ୍କ ଦେହକୁ ବେଳେବେଳେ ଛୁଇଁ ଦେଉଥିଲେ। ଶରୀରରେ ସୃଷ୍ଟି ହେଉଥିଲା ବେପଥୁ।। ସନ୍ଧ୍ୟା ଆକାଶକୁ କମ୍ବଳ ପରି ଟେକି ଆଣୁଥିଲା ବିଛେଇବାକୁ ଅନ୍ଧାର।



ପାର୍କ ଭିତରେ ପୁରୁଣା ଲଣ୍ଠନ ଆକୃତିର ଲ୍ୟାମ୍ପ ଭିତରେ ସନ୍ଧ୍ୟାର ବିଜୁଳି ଆଲୁଅ ଜଳୁଥିଲା।

ହଠାତ ଦଳେ ମାଡି ଆସିଲେ। ସେମାନଙ୍କ ମୁହଁରେ ଥିଲା ସ୍ଲୋଗାନ। ମଝିରେ ମଝିରେ ସେମାନଙ୍କ ପାଟିରୁ ବାକ୍ୟବାଣ ସବୁ ସୃଷ୍ଟି କରୁଥିଲା ଆତଙ୍କ।

ଜଣେ ବାଡ଼ି ଉଠେଇଲା ଆମକୁ ବାଡ଼େଇବାକୁ। ମୁଁ ତୁମକୁ ଛାତିରେ ଜାବୋଡି ଧରିଲି। ବୁଲି ପଡିଲି। ମାଡଟା ବାଜିଲା ଜୋରରେ ମୋରି ପିଠିରେ। ନିଦ ଭାଙ୍ଗିଗଲା। ଧେତ ତେରିକେ। ମାଡ଼ ଡରରେ ସ୍ୱପ୍ନଟା ବି ଭାଙ୍ଗିଗଲା। ତାପରେ ଆଉ ନିଦ ହେଇନି।' ଅସୀମ ଦାଶ ଏହା କହିଲା ସ୍ମିତା ଦାଶକୁ ଫୋନରେ।

ସ୍ମିତା ଦାଶ କହିଲା , " ମୁଁ ବି ଭାବୁଥିଲି ଫୋନ କରିବାକୁ ତମକୁ ଯେ।"

"କାହିଁକି?", ପଚାରିଲା ଅସୀମ ଦାଶ।

" ଭାବୁଥିଲି ପିଠି କଥା ପଚାରିବାକୁ ମ!"

□□

ଲେଖକଙ୍କ ଇ-ମେଲ୍ ଠିକଣା:
birajamahapatra@gmail.com



ଶିଶୁ ଗଳ୍ପ

# ଦୁଷ୍ଟାମିର ଫଳ

ରତ୍ନାକର ଦାସ

ପ୍ରାର୍ଥନା ହେବାକୁ ଆଉ ଅଳ୍ପ ସମୟ ଥାଏ । ପିଲାମାନେ ହସଖୁସିରେ ସ୍କୁଲ୍ ଯାଉଥାନ୍ତି । ଅଳ୍ପ କେଇଜଣ ନିଜ ନିଜ ସାଇକେଲ୍‌ରେ ଯାଉଥିବା ବେଳେ ଅଧିକାଂଶ ପିଲା ଚାଲି ଚାଲି ଯାଉଥା'ନ୍ତି । ଚାଲି ଚାଲି ଯାଉଥିବା ପିଲାଙ୍କ ଭିତରୁ ଗୋଟିଏ ପିଲା, ଯାହାର ନାଁ ପ୍ରଭାତ, ଦେଖିଲା ଯେ ମାଙ୍କଡ଼ଟା ପିଜୁଳି ଗଛରେ ବସି ଆରାମରେ ପିଜୁଳି ଖାଉଛି । ସିଏ ଅନ୍ୟମାନଙ୍କୁ କହିଲା, ରୁହ ରୁହ, ଆମେ ଟିକେ ଅଟକିଯିବା । ଏ ମାଙ୍କଡ଼ର ପିଜୁଳି ଖିଆ ମଜା ଦେଖିବା । ଅନ୍ୟମାନଙ୍କ ଭିତରୁ ଜଣେ କହିଲା, ଆମେ ସବୁ ଦୌଡ଼ିକି ପଳାଇବା ଆସ । ମାଙ୍କଡ଼ ଯଦି ଆମ ଆଡ଼କୁ ଡେଇଁବ, ଆମର ଅବସ୍ଥା କ'ଣ ହେବ ଜାଣିଛ ତ ?

ମାଙ୍କଡ଼ର ପିଜୁଳିଖିଆ ମଜା ଦେଖିବା ବୋଲି କହିଥିବା ପିଲାଟି ଥିଲା ଭାରି ଦୁଷ୍ଟ ପ୍ରକୃତିର । ସିଏ ସେତେବେଳକୁ ରାସ୍ତା କଡ଼ରେ ପଡ଼ିଥିବା ଗୋଟେ ଗେଟି ଧରି ମାଙ୍କଡ଼କୁ ଫିଙ୍ଗିସାରିଲାଣି । ଯୋଗକୁ ସେ ଗେଟିଟା ମାଙ୍କଡ଼ ଦେହରେ ବାଜିଗଲା ଯେ, ସିଏ ଦି' ତିନିଟା ଡିଆଁରେ ଆସି ରାସ୍ତା ଉପରେ ପହଞ୍ଚିଗଲା । ସେତେବେଳକୁ ଅନ୍ୟମାନେ ରାସ୍ତାରେ ଦୌଡୁଥାନ୍ତି ଭୟରେ । ଗେଟି ଫିଙ୍ଗିଥିବା ପିଲାଟି ପଛରେ ଥାଏ । ମାଙ୍କଡ଼ ଦେହରେ ଗେଟି ବାଜିଥିବାରୁ ସିଏ ଖୁବ୍ ରାଗି ଯାଇଥାଏ ଆଉ ସେ ପିଲାଟିକୁ ମଧ୍ୟ ଠିକ୍‌ରେ ଚିହ୍ନି ପାରିଥାଏ ।



ରାସ୍ତାରେ ଯିବା ଆସିବା କରୁଥିବା ଲୋକେ ଯେତେ ଚେଷ୍ଟା କଲେ ବି ସେ ପିଲାଟିକୁ ମାଙ୍କଡ଼ର ରାମ୍ପୁଡ଼ା କାମୁଡ଼ାରୁ ରକ୍ଷା କରିପାରି ନ ଥିଲେ। ତା'ର ସ୍କୁଲ-ବ୍ୟାଗ୍ ସେତେବେଳକୁ ରାସ୍ତାରେ ଫିଙ୍ଗିହେଇ ପଡ଼ିଗଲାଣି । ତା' ସାର୍ଟପ୍ୟାଣ୍ଟ ସବୁ ରକ୍ତ ସରସର । ସିଏ ଭେଁ ଭେଁ ହୋଇ ରଡ଼ି ଛାଡ଼ି କାନ୍ଦୁଥାଏ । ତା'ର ସାଙ୍ଗ ପିଲାମାନେ ସେତେବେଳକୁ ସ୍କୁଲ୍ ପାଖାପାଖି ହେଇଗଲେଣି । ରାସ୍ତାରେ ଜଣେ ମୋଟର ସାଇକେଲରେ ଯାଉଥିବା ଲୋକ ସେ ପିଲାଟି ପାଖକୁ ଆସି ତାକୁ ମୋଟର ସାଇକେଲରେ ବସାଇ ଡାକ୍ତରଖାନା ନେଇଗଲା । ସ୍କୁଲ୍‌ରେ ପ୍ରାର୍ଥନା ସରିଯିବା ପରେ କଥାଟା ଗୁରୁଜୀଙ୍କ ପାଖରେ ପହଞ୍ଚିଲା । ସିଏ ଅନ୍ୟ ଜଣେ ଗୁରୁଜୀଙ୍କୁ ସାଥିରେ ନେଇ ଡାକ୍ତରଖାନାକୁ ଗଲେ । ସେତେବେଳକୁ ତା'ର ବ୍ୟାଣ୍ଡେଜ ଚାଲିଥାଏ । ଗୁରୁଜୀଙ୍କୁ ଦେଖି ସେ ଜୋର୍‌ରେ କାନ୍ଦିବାରୁ ଗୁରୁଜୀ ତା' ଆଖିର ଲୁହକୁ ପୋଛିଦେଇ ତାକୁ ସାନ୍ତ୍ୱନା ଦେଲେ । ମୋଟର୍ ସାଇକେଲରେ ନେଇଥିବା ଲୋକଟିକୁ ଧନ୍ୟବାଦ ମଧ୍ୟ ଦେଲେ ।

ବ୍ୟାଣ୍ଡେଜ୍ ସରିଯିବା ପରେ ଗୋଟେ ଅଟୋରେ ତାକୁ ନେଇ ତାଙ୍କ ଘରେ ପହଞ୍ଚିଲେ । ସେତେବେଳକୁ ତା' ବାପା ଚାଷକାମ ପାଇଁ ବିଲକୁ ଯାଇଥାନ୍ତି । ମା' ଯେତେବେଳେ ଦେଖିଲେ ପୁଅର ଏ ଅବସ୍ଥା, ସିଏ ମଧ୍ୟ କାନ୍ଦିବାକୁ ଲାଗିଲେ । ଗୁରୁଜୀ ତାଙ୍କୁ ଏ ପିଲା ବିଷୟରେ ଅନ୍ୟ କିଛି ନ କହି କେବଳ ବୁଝାଇଲେ ଓ ତା'କୁ ନିୟମିତ ଔଷଧ ଓ ଚିକିତ୍ସା କରିବାକୁ ପରାମର୍ଶ ଦେଇ ସ୍କୁଲ୍‌କୁ ଫେରିଆସିଲେ ।

ଦୁଇ ସପ୍ତାହ ପରେ ସେ ସୁସ୍ଥ ହୋଇ ଠିକ୍‌ରେ ଖିଆପିଆ ଓ ଯିବା ଆସିବା କଲା । ତା'ର ବାପା ସ୍କୁଲ୍‌କୁ ଆସି ଗୁରୁଜୀଙ୍କ

ସହିତ ଏ ବିଷୟରେ କଥାବାର୍ତ୍ତା ହେଲେ । ଗୁରୁଜୀ ସେ ଦିନର ଘଟଣାକୁ ତା’ ସାଙ୍ଗରେ ଆସୁଥିବା ପିଲାଙ୍କୁ ଡାକି ଶୁଣାଇଦେବାରୁ ତା’ର ବାପାଙ୍କ ମନ ଫିକା ପଡ଼ିଗଲା । ସିଏ ଜାଣିପାରିଲେ ଯେ ସବୁ କିଛି ତାଙ୍କ ପୁଅର ଦୁଷ୍ଟାମି ପାଇଁ ହୋଇଛି ।




ସିଏ ଗୁରୁଜୀଙ୍କୁ ନମସ୍କାର କରି ଘରକୁ ଫେରିଗଲେ ଓ ତାଙ୍କ ଦୁଷ୍ଟ ପୁଅକୁ ସାବଧାନ କରାଇ କହିଲେ, ଭବିଷ୍ୟତରେ ଯଦି ଏଭଳି କିଛି ଘଟଣା ଘଟେ, ତେବେ ଗୁରୁଜୀ ତୋତେ ସ୍କୁଲ୍‌ରେ ପଢ଼ାଇବା ତ ଦୂରର କଥା, ତୋର ପ୍ରମାଣପତ୍ର (ସାର୍ଟିଫିକେଟ) ଦେଇ ସବୁଦିନ ପାଇଁ ବିଦା କରିଦେବେ ।

ବାପାଙ୍କ ପାଖରୁ ଏମିତି କଥା ଶୁଣି ପୁଅ ପ୍ରଭାତ ନିଜର ଭୁଲ୍ ବୁଝିପାରିଲା । ତହିଁ ଆରଦିନ ବାପାଙ୍କ ସାଙ୍ଗରେ ସ୍କୁଲ୍‌କୁ ଆସି ଗୁରୁଜୀଙ୍କୁ କ୍ଷମା ମାଗିଲା ନିଜ ଭୁଲ୍ ପାଇଁ । ମୋଟର ସାଇକେଲ୍‌ରେ ଡାକ୍ତରଖାନା ନେଇଥିବା ଲୋକଟି ପାଖକୁ ରବିବାର ଦିନ ଯାଇ କୃତଜ୍ଞତା ଜଣାଇଲା ।

ଏବେ ସେ ଦୁଷ୍ଟାମି ଛାଡ଼ି ପ୍ରତିଦିନ ସ୍କୁଲ ଯାଉଛି ଓ ଭଲ ପାଠ ପଢୁଛି ମଧ୍ୟ।

□□

ଲେଖକଙ୍କ ଇ-ମେଲ ଠିକଣା:
sahityarkdas@gmail.com




*ପ୍ରକାଶ ପାଇଲା*

**ଅନ୍ତରଙ୍ଗ ଆଳାପ**


**ପରିବର୍ଦ୍ଧିତ ସଂସ୍କରଣ**

**ସାହିତ୍ୟ ଚର୍ଚ୍ଚାର ବିଭିନ୍ନ ସଂଖ୍ୟାରେ ପ୍ରକାଶିତ**
**୩୨ ଜଣ ପ୍ରବୀଣ ସାହିତ୍ୟିକଙ୍କ ସହ ସାକ୍ଷାତକାର**

*ପ୍ରକାଶକ :*
ସାହିତ୍ୟ ଚର୍ଚ୍ଚା, ୧୯, ଆର୍ଯ୍ୟ ଭିଲେଜ୍, ଡୁମୁଡୁମା
ଫେଜ୍-୪, ଭୁବନେଶ୍ୱର-୭୫୧୦୧୯
ମୋବାଇଲ : ୯୩୭୮୭୭୨୫୦୬

**ମୂଲ୍ୟ : ଟ.୨୫୦/-**

**ବିଭିନ୍ନ ବହି ଦୋକାନ ତଥା amazonରେ ଉପଲବ୍ଧ।**




**ପୁସ୍ତକ ସମୀକ୍ଷା**

# ମିଛୋଇ ଜେଜୀ ଓ ଅନ୍ୟାନ୍ୟ କାହାଣୀ

**ଲେଖକ : ଘନଶ୍ୟାମ ପାଣିଗ୍ରାହୀ**

**ପ୍ରକାଶକ: ପେନ୍ ଇନ୍ ବୁକ୍ସ**

**ପୃଷ୍ଠା: ୧୩୮, ମୂଲ୍ୟ: ଟ. ୨୪୯/-**

ଘନଶ୍ୟାମ ପାଣିଗ୍ରାହୀଙ୍କ ଏହି ପ୍ରଥମ ଗଳ୍ପ ସଂକଳନ ତିନୋଟି ଦୃଷ୍ଟିରୁ ବିଶେଷ ଭାବରେ ଉଲ୍ଲେଖନୀୟ; ପ୍ରଥମତଃ ତା'ଙ୍କ ଗଳ୍ପଗୁଡିକରେ ନିହିତ କାହାଣୀ ଗଢ଼ଣର ଅନୁପମ କାରିଗରୀ; ଦ୍ୱିତୀୟତଃ ସେଗୁଡ଼ିକର ବର୍ଣ୍ଣନା ଶୈଳୀରେ ଉଚ୍ଚାଙ୍ଗ ଭାଷାବିନ୍ୟାସ ପରିହାର ପୂର୍ବକ ସରଳ ଓ କଥିତ ଭାଷାର ପ୍ରୟୋଗ ଓ ତୃତୀୟତଃ ଚରିତ୍ରଚିତ୍ରଣର ପୋଖତପଣିଆ।

ଦୃଷ୍ଟାନ୍ତ ସ୍ୱରୂପ 'ମିଛୋଇ ଜେଜୀ' ନାମକ ଶୀର୍ଷସ୍ଥ ଗଳ୍ପ (ଟାଇଟଲ୍ ଷ୍ଟୋରୀ)ଟିକୁ ନିଆଯାଇପାରେ। ଗଳ୍ପତତ୍ତ୍ୱ ଦୃଷ୍ଟିରୁ ଦେଖିଲେ ମିଛେଇ ଜେଜୀ ଏକ ସାର୍ଥକ ଗୋଲାକାର ଚରିତ୍ର (ରାଉଣ୍ଡ କାରାକ୍ଟର୍)। ସମଗ୍ର ଗଳ୍ପଟିର ଭାବବସ୍ତୁ ଓ କଥାବସ୍ତୁକୁ ଅକ୍ତିଆର କରିଥିବା ଜେଜୀ ଚରିତ୍ରଟି ପାଠକର ଆବେଗକୁ ନିବିଡ଼ ଭାବରେ ଛୁଇଁବା ସହ ପରିଶେଷରେ କାହାଣୀଟିକୁ ଏକ ସମ୍ବେଦନଶୀଳ ମୋଡ଼ ଦେବାରେ ମୁଖ୍ୟ ଭୂମିକା ନେଇଛି। ଗଳ୍ପଟିର ପରିସମାପ୍ତି ମର୍ମସ୍ପର୍ଶୀ। ଜେଜୀ ଯେ ଏକ ବନ୍ଦ କୋଠରୀରେ କେତେବେଳେ ଶବ ପାଲଟି ଯାଇଛନ୍ତି, ସେ କଥା ପାଠକଙ୍କୁ ସିଧା ସଳଖ ଜଣାଇ ଦିଆଯାଇନାହିଁ। ବରଂ ଏହା ସେମାନଙ୍କର କଳ୍ପନା ଶକ୍ତି ଓ ଅନ୍ତର୍ଦୃଷ୍ଟି ଉପରେ ଛାଡ଼ି ଦିଆଯାଇଛି।

ଗଳ୍ପଟିରେ ପ୍ରୟୋଗ କରାଯାଇଥିବା ଭାଷା ଓ ଆଙ୍ଗିକର ପ୍ରକୃତି ସମ୍ପର୍କରେ ସମ୍ୟକ ଧାରଣା ପାଇବା ଦେବା ପାଇଁ ସେଥିର କେତୋଟି ଧାଡ଼ି ଉଦ୍ଧୃତ କରାଯାଇପାରେ। ଯେମିତି ଠାଏଁ ଜେଜୀ ତାଙ୍କର ସାନ ନାତୁଣୀକୁ ନିଜ ସ୍ୱଭାବ ସୁଲଭ ଢ଼ଙ୍ଗରେ କହିଛନ୍ତି, 'ତୁ ମୋତେ ଯେତେ ବି ରାଗରେ ଗାଳିଦେ ପଛକେ, ମୁଁ କିନ୍ତୁ ମରିବିନି ଶୀଘ୍ର। ଯୋଉ ଦିନ ତୁ ବାହା ହେଇ ତୋ ବରଘରକୁ ଯିବୁ ସେଇ ନଗଦ ମରିବି ଯେ, ତୋହରି ଝିଅ ହେଇ ଜନମ ହେବି। ଏବେ ତୁ ମୋତେ ଶୁଆଇ ନଦେଇ ଜିଦ୍ ଧରି ପରୀ କାହାଣୀ ଶୁଣୁଛୁ; ସେତେବେଳେ ତୋ'ଠୁଁ ପରୀ କାହାଣୀ ଶୁଣିବି ମୁଁ।' ଏଠାରେ 'ନଗଦ' ଶବ୍ଦର ନିଆରା ପ୍ରୟୋଗ ପ୍ରତି ଦୃଷ୍ଟି ଦିଆଯାଇପାରେ।

ସେହିପରି, ସଂକଳନଟିର ପ୍ରଥମ ଗଳ୍ପ 'ନୀଳକଣ୍ଠ'ରେ ସବଳ ଚରିତ୍ର ଚିତ୍ରଣର ଆଉରେକ ନିଦର୍ଶନ ଦେଖିବାକୁ ମିଳେ। ନୀଳକଣ୍ଠ ହେଉଛନ୍ତି ବିଜ୍ଞାନ ଶାସ୍ତ୍ରରେ ପ୍ରବୀଣ ଜଣେ ଗୋଲ୍ଡମେଡାଲ୍‌ଧାରୀ। କିନ୍ତୁ ମନ ତାଙ୍କର ଆଧାତ୍ମିକ ଚେତନାରେ ଉବୁଟୁବୁ। ତେବେ ଯେତେ ହେଲେ ବି ସେ ଜଣେ ଯୁବପ୍ରାଣ ତ; ତେଣୁ ନୀରବରେ, ଅଜାଣତରେ ସେ ନିଜକୁ ପ୍ରେମ ଓ ପ୍ରଣୟ ରସର ବନ୍ଧନରୁ ମୁକ୍ତ କରିପାରି ନାହାନ୍ତି। ଏହାକୁ ନେଇ ଗଢ଼ି ହୋଇଛି ଗଳ୍ପଟିର ଭାବବିନ୍ୟାସ।


ପୁସ୍ତକଟିର ପ୍ରାରମ୍ଭରେ ନିଜର ଭୂମିକା ବଖାଣିବାକୁ ଯାଇ ଲେଖକ କହିଛନ୍ତି, 'ଗପ ହେଉ କି କବିତା, ଏ ସବୁ ଲେଖା ହୁଏନା, ଲେଖି ହେଇଯାଏ। ... ଭାବର ନଦୀ ଭାଷାର ସମୁଦ୍ରକୁ ଖୋଜିନିଏ ଆପଣା ଛାଏଁ।'

ପାଠକୀୟ ଅନୁରାଗ ଯେ କୌଣସି ପ୍ରକାଶିତ ପୁସ୍ତକର ଏକ ମହାର୍ଘ ବିଭବ। ଲେଖକ ଏହି ବିଭବକୁ ଯେ ଯଥାଯୋଗ୍ୟ ସମ୍ମାନ ଓ ଗୁରୁତ୍ୱ ଦିଅନ୍ତି ତାହାର ଇଙ୍ଗିତ ମିଳେ ଏହି ବହିରେ ସେ ସ୍ଥାନିତ କରିଥିବା ପ୍ରବୀଣ ସାହିତ୍ୟିକ ବୈଷ୍ଣବ ଚରଣ ମହାନ୍ତି ଦୀର୍ଘ ୨୪ ବର୍ଷ ତଳେ ତାଙ୍କ ପାଖକୁ ପଠାଇଥିବା ଏକ ପତ୍ରରୁ, ଯେଉଁଥିରେ ବୈଷ୍ଣବ ବାବୁ ଲେଖକଙ୍କ ଦ୍ୱାରା ରଚିତ ଗଳ୍ପଗୁଡ଼ିକର ଶୈଳୀ ଓ ପ୍ରକାଶଭଙ୍ଗୀ ଅନନ୍ୟ ବୋଲି ମୁକ୍ତ କଣ୍ଠରେ ସ୍ୱୀକାର କରିଛନ୍ତି। ସର୍ବୋପରି, ଏହା ଏକ ସାର୍ଥକ ସଂକଳନ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ।

*-ନିହାର ଶତପଥୀ*

# ସାହିତ୍ୟ ସମାଚାର

## ସ୍ୱନାମଧନ୍ୟ ସାହିତ୍ୟିକ ହରିହର ମିଶ୍ରଙ୍କ ମହାପ୍ରୟାଣ



ବିଶିଷ୍ଟ ସାହିତ୍ୟିକ ତଥା ଓଡ଼ିଶା ସାହିତ୍ୟ ଏକାଡ଼େମୀର ପୂର୍ବତନ ସଭାପତି ଡ. ହରିହର ମିଶ୍ର ସେପ୍ଟେମ୍ବର ୨୩ ତାରିଖ ସକାଳେ ପୁରୀଠାରେ ଥିବା ନିଜର ବାସ ଭବନରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା। ସେ ଓଡ଼ିଶାର ସାହିତ୍ୟିକ ମହଲରେ ହରି ଭାଇନା ଭାବରେ ସୁପରିଚିତ ଥିଲେ।

ଡ. ହରିହର ମିଶ୍ର ଏକାଧାରରେ ଜଣେ କବି, ଗାଳ୍ପିକ ଏବଂ ନାଟ୍ୟକାର। ସେ ଚାକିରୀ ଜୀବନରେ ବିଭିନ୍ନ କଲେଜରେ ଅଧାପକ ଭାବରେ କାର୍ଯ୍ୟ କରିଥିଲେ। ସେ ୨୦୧୬ ରୁ ୨୦୨୧ ପର୍ଯ୍ୟନ୍ତ ଦୀର୍ଘ ପାଞ୍ଚ ବର୍ଷ କାଳ 'ଓଡିଶା ସାହିତ୍ୟ ଏକାଡେମୀ'ର ସଭାପତି ପଦ ମଣ୍ଡନ କରିଥିଲେ। ତାଙ୍କ ଦ୍ୱାରା ରଚିତ ଅନେକ କବିତା, ଗଳ୍ପ ଓ ନାଟ୍ୟ ପୁସ୍ତକ ଓଡ଼ିଆ ସାହିତ୍ୟର ବାଣୀ ଭଣ୍ଡାରକୁ ସମୃଦ୍ଧ କରିଛି। ସେ ଶାରଳା ପୁରସ୍କାର, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ତଥା ବିଷୁବ ପୁରସ୍କାରରେ ମଧ୍ୟ ସମ୍ମାନିତ ହୋଇଛନ୍ତି। 'ନିନ୍ଦିତ ଗଜପତି' ତାଙ୍କ ଦ୍ୱାରା ରଚିତ ଏକ ବହୁଚର୍ଚ୍ଚିତ ନାଟକ। ସେ 'ସମାବେଶ' ପତ୍ରିକାର ସମ୍ପାଦକ ଭାବରେ କିଛି ବର୍ଷ ଧରି ଦାୟିତ୍ୱ ନିର୍ବାହ କରିଥିଲେ। ୧୯୭୦ ଦଶକରେ ଓଡ଼ିଆ ସାହିତ୍ୟରେ ପ୍ରଭାବ ବିସ୍ତାର କରିଥିବା ଅନାମ କାବ୍ୟ ଆନ୍ଦୋଳନ ସହିତ ମଧ୍ୟ ସେ ସଂଶ୍ଳିଷ୍ଟ ଥିଲେ।

ଡ. ହରିହର ମିଶ୍ରଙ୍କ ବିୟୋଗରେ ଓଡ଼ିଶାର ସାହିତ୍ୟିକ ମହଲରେ ଶୋକର ଛାୟା ଖେଳିଯାଇଛି।

## ଉତ୍କଳ ସାହିତ୍ୟ ସମାଜ ଦ୍ୱାରା ୨୮ଜଣ ସାରସ୍ୱତ ସାଧକ ସମ୍ମାନିତ



ଓଡ଼ିଶାର ଅଗ୍ରଣୀ ଓ ସର୍ବ ପୁରାତନ ସାହିତ୍ୟ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜର ୧୨୨ତମ ବାର୍ଷିକ ସମାବର୍ତ୍ତନ ଉତ୍ସବ ଓ ସାରସ୍ୱତ ସମ୍ମାନ ପ୍ରଦାନ ସମାରୋହ ସାରସ୍ୱତ ପୀଠ ଶତାବ୍ଦୀ ଭବନ, କଟକଠାରେ ୨୨ତାରିଖ ଦିନ ଅନୁଷ୍ଠିତ ହୋଇ ଯାଇଛି। ଅନୁଷ୍ଠାନ ପକ୍ଷରୁ ଏ ବର୍ଷ ୨୮ ଜଣ ବିଶିଷ୍ଟ ସାରସ୍ୱତ ସାଧକଙ୍କୁ ସମ୍ମାନିତ କରାଯାଇଛି। ଏହି ଅବସରରେ ଉତ୍କଳ ସାହିତ୍ୟ ସମାଜ ସର୍ବୋଚ୍ଚ ସମ୍ମାନ 'ଉତ୍କଳ ରତ୍ନ' ବିଶିଷ୍ଟ ସାରସ୍ୱତ ସାଧକ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କୁ ପ୍ରଦାନ କରାଯାଇଥିଲା। ଏହି ସମ୍ମାନ ଗ୍ରହଣକରି ଶ୍ରୀ ଆଚାର୍ଯ୍ୟ କହିଲେ ଯେ, ଆଧ୍ୟାତ୍ମିକତା ସହ ପ୍ରଯୁକ୍ତିବିଦ୍ୟା ସାହିତ୍ୟରେ ପ୍ରଯୁକ୍ତ ହେଲେ ସାହିତ୍ୟ ବିଶ୍ୱସ୍ତରୀୟ ହୋଇପାରିବ। ଏଥିପାଇଁ ମଧ୍ୟ ନୂତନ ଚିନ୍ତନ ଓ ନୂତନ ସୃଜନର ଆବଶ୍ୟକତା ରହିଛି।

ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମାନ୍ୟବର ବିଚାରପତି ଚିତ୍ତରଂଜନ ଦାଶ ଉତ୍ସବକୁ ଉଦ୍‌ଘାଟନ କରି କହିଲେ ଯେ, ସାଧକର ସାଧନା ଏକ ନିରନ୍ତର ପ୍ରକ୍ରିୟା। ପ୍ରତିକୂଳ ପରିସ୍ଥିତିରେ ସାଧକର ସାଧନା ଉଦାହରଣ ସୃଷ୍ଟି କରିଥାଏ। ମୁଖ୍ୟଅତିଥି ପଦ୍ମଶ୍ରୀ ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ କହିଲେ ଯେ, ଓଡ଼ିଆ ସାହିତ୍ୟର ଐତିହ୍ୟ ଓ ପରଂପରାର ଜଗୁଆଳିଭାବେ କାର୍ଯ୍ୟ କରୁଛି ଉତ୍କଳ ସାହିତ୍ୟ ସମାଜ। ଏହାର କାର୍ଯ୍ୟଧାରା ସର୍ବଦା ପ୍ରଶଂସନୀୟ।

ଏହି ଅବସରରେ 'ପ୍ରତିଭା ପ୍ରଣାମ-୨୦୨୪' ଓ ଅନୁଷ୍ଠାନର ବାର୍ତ୍ତାପତ୍ର 'ସାହିତ୍ୟ ସନ୍ଦେଶ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ।

# ଶେଷ ପୃଷ୍ଠା



# ପଶ୍ଚାଦ୍ଧ୍ୱଂଶ*

"ଅକାର ଉକାର ମକାରେ, ଶବଦ ଉଚାରି ହିଁ କରେ।"

ଭାଗବତରେ ଏଇ ଭାବେ ଲେଖା ଅଛି। ସାହିତ୍ୟ ହିଁ କରି ଆଗେଇ ନିଏ ପ୍ରାଣପିଣ୍ଡ ମୋର। ତୁଳସୀପତ୍ରିଆ କବି ହେବାରେ ମୋର କୌଣସି ଅଭିପ୍ରାୟ ନାହିଁ; ହେଲେ ମୋ ଭାଷା ଓ ସାହିତ୍ୟକୁ ଭଲପାଏ। ଏଣୁ ତ ଚେତାଏ ସମଧର୍ମାଙ୍କୁ ଆହୁରି କିଛି କରିଯିବାକୁ। ସାହିତ୍ୟ; ଶ୍ରୁତିରୁ ଚଲାପଥ ଆରମ୍ଭ କରି ଆଜି ଆଣ୍ଡ୍ରଏଡ ପରଦାରେ ନିଜକୁ ଜୀବନ୍ତ କରିପାରିଛି।

ଯୁଗସ୍ରଷ୍ଟାମାନଙ୍କର ରଚନାରେ ପରିପୂର୍ଣ୍ଣ ଆମ ସାହିତ୍ୟ ସଂସାର। ପଶ୍ଚାଦ୍ଧ୍ୱଂଶଙ୍କ ପାଇଁ ଏହା ହିଁ ମହାମନୀଷୀଙ୍କ ଦାନ, ଆମ ଭାଷା ଓ ସାହିତ୍ୟର ସମୃଦ୍ଧି ଓ ପ୍ରଶସ୍ତି ପାଇଁ। ଅନେକ ଜ୍ଞାନୀ ଓ ଗୁଣୀଙ୍କର ସଂଶୟ ହୁଏ ଯେ ଆମର ଏହି ଭାବୀ ବଂଶଧର ଆମ ସାହିତ୍ୟର ଜଗହୁଳାକୁ ମୁଠେଇ ଧରି ପାରିଛନ୍ତି ତ ! ଏହି ଜଗହୁଳାକୁ ଧରି ଦମ୍ଭର ସହ ଧାଇଁ ପାରୁଛନ୍ତି ତ !

ଆଧୁନିକ ବିଶ୍ୱସାହିତ୍ୟର ସାହିତ୍ୟ ସମ୍ଭାରକୁ ଏବେ ଇଲେକ୍ଟ୍ରୋନିକ୍ ଲିଟେରେଚର୍ ବା ଏଲିଟ୍ ବୋଲି କୁହାଯାଉଛି। ଏହି ଡିଜିଟାଲ୍ ଲିଟେରେଚର୍ ଏବେ ଆଣ୍ଡ୍ରଏଡ୍, ଇବୁକ୍ ପ୍ରଭୃତି ମାଧ୍ୟମରେ ହାତପାଆନ୍ତାରେ ଉପଲବ୍ଧ ହେଉ। ଏଲିଟ୍ ସାହିତ୍ୟ ଏବେ ଶବ୍ଦ, ଧ୍ୱନି, ଚିତ୍ର, ପ୍ରଭୃତିରେ ଜୀବନ୍ତ ଓ ମନଲୋଭା ହେବାରେ ଲାଗିଛି। ଏଲୋ (ଇଲୋକ୍ଟ୍ରୋନିକ୍ ଲିଟେରେଚର୍ ଅର୍ଗାନାଇଜେସନ୍) ସଂସ୍ଥା ଏହି ନୂଆଯୁଗର ସାହିତ୍ୟକୁ ଅତି ଗଭୀର ଭାବରେ ଅନୁଧ୍ୟାନ କରି ଚାଲିଛି।

୧୯୫୨ ମସିହାରେ କମ୍ପ୍ୟୁଟର୍ ବିଶେଷଜ୍ଞ ଆଲାନ୍ ଟ୍ୟୁରିଙ୍ଗଙ୍କ ଜଣେ ବନ୍ଧୁ ଖ୍ରୀଷ୍ଟୋଫର୍ ଷ୍ଟ୍ରାଚେରୀ ଲଭ୍ ଲେଟର୍ କବିତାକୁ ଡିଜିଟାଲ୍ ରୂପ ଦେଇ ଏହି ଆଧୁନିକ ଶୈଳୀର ପ୍ରାରମ୍ଭ କରିଥିଲେ। ଇଣ୍ଟରନେଟ୍, ସ୍ମାର୍ଟଫୋନ୍ ଓ କମ୍ପ୍ୟୁଟରରେ ସାହିତ୍ୟ ଶ୍ରବଣ, ସ୍ପର୍ଶ ଓ ଅବବୋଧର ଆଦାନପ୍ରଦାନରେ ମନୋରଞ୍ଜନର ମାଧ୍ୟମ ହେବାରେ ଲାଗିଛି। ୨୦୧୩ ମସିହାରେ ଆଲ୍କୋର୍ ଦୋ ସାନ୍ତୋସ୍ ଏବଂ ଚିକ୍ ମାରିନୋ ତଥା ସାଥୀଗଣଙ୍କ ଲିବେରୋଦାଜ୍ ଶୈଳୀ ମଧ୍ୟ ଏକ ଜନପ୍ରିୟ ମାଧ୍ୟମ। ସାହିତ୍ୟର ଏହି ସନ୍ଧିକ୍ଷଣରେ ଆଉ ଏକ ଅଧ୍ୟାୟ ଯୋଡ଼ି ହେବ ସାହିତ୍ୟ ସହ। ପଶ୍ଚିମ ଦେଶର ଉଦ୍ଭାବନ ସାମର୍ଥ୍ୟ ତଥା କମ୍ପ୍ୟୁଟର ଓ ଭିଡ଼ିଓ ଗେମ୍ ବିଶେଷଜ୍ଞଙ୍କ ପ୍ରୟାସର ଅଭିଯାନରେ ସାହିତ୍ୟର ଏକ ରୋମାଞ୍ଚକର ଏବଂ ଆଧୁନିକ ଶୈଳୀ ଦେଖିବାକୁ ଜାଗତିଆର ରୁହନ୍ତୁ।

ସାହିତ୍ୟର କଥା ଓ କାହାଣୀ, ଚିତ୍ରନାଟ୍ୟର ରୂପ ନେଇ ଆଧୁନିକତାର ବଡ଼ଦାଣ୍ଡରେ ଅତି ଉଦ୍ଦାମ ଚିତ୍ତରେ ଆଗେଇ ଚାଲିଛି। ଟର୍ମିନେଟର୍, ମାଟ୍ରିକ୍ସ, ଇନ୍‌ସେପ୍‌ସନ୍, ଡ୍ୟୁନ୍, ପ୍ରଭୃତି ଚଳଚ୍ଚିତ୍ର ଏହାର ଏକ ଜ୍ୱଳନ୍ତ ପ୍ରମାଣ। ପୂର୍ବଦେଶର ସାହିତ୍ୟ ଓ ଜନଜୀବନ ଏହାକୁ ତାଳ ଦେଇ ଚାଲିବାର ପ୍ରୟାସ ଜାରୀ ରଖିଛନ୍ତି।

ସୁଧୀବୃନ୍ଦ, ବିଜ୍ଞାନ ଭାଷା ଓ ସାହିତ୍ୟକୁ ସହଯୋଗର କାନ୍ଧ ଦେଇ ତାଳପତ୍ରରୁ; ଲେଖନୀ, କାଗଜ, ଟାଇପ୍ରାଇଟର୍, ଓ ଛାପାଖାନା ଦେଇ ସ୍ମାର୍ଟଫୋନ୍‌ର ପରଦା ପର୍ଯ୍ୟନ୍ତ ନେଇ ଆସିଛି। ହେଲେ ଏବେ ବିଜ୍ଞାନ ଏବେ ସାହିତ୍ୟକୁ ନିଜ ଅକ୍ତିଆରକୁ ଆଣିବାର ସାମର୍ଥ୍ୟ ରଖିଛି ଏବଂ କୃତ୍ରିମ ପ୍ରଜ୍ଞାବୋଧର ସହାୟତାରେ ସେହି ପ୍ରୟାସ ଜାରୀ ରଖିଛି। ସାହିତ୍ୟ ସଂସାରର ଅତୀତ ଘାଟପଥରରେ ବର୍ତ୍ତମାନର ସଂଶୟ ସହ ବିଶ୍ୱାସର ଭବିଷ୍ୟତକୁ ପ୍ରତୀକ୍ଷା କରିଛନ୍ତି ଏବେ ପାଠକକୁଳ; ସାହିତ୍ୟ ସହ ଓତଃପ୍ରୋତ ଭାବେ ଜଡ଼ିତ ସମସ୍ତଙ୍କ ସହ। ଆଜି ଏହି ପ୍ରସଙ୍ଗ ଲେଖିବାର ଉଦ୍ଦେଶ୍ୟ ହେଉଛି ଯେ ଆମର ପଶ୍ଚାଦ୍ଧ୍ୱଂଶ ପ୍ରାଜ୍ଞମାନୀଗଣ ଏଥିପାଇଁ ପ୍ରସ୍ତୁତ ଅଛନ୍ତି ତ !

- ପ୍ରଭୂ

* **ପଶ୍ଚାଦ୍ଧ୍ୱଂଶ**– ଭାବୀ ବଂଶଧରଗଣ

□□

ଲେଖକଙ୍କ ଇ-ମେଲ୍ ଠିକଣା:
prasantabhunya@gmail.com

# Growth, the way it is meant to be.

We have consciously extended our scale beyond our businesses, to help the country overcome economic challenges; to ensure people live a good quality of life, uninterrupted. We believe scale can lead to goodness, and this is what drives us to growth. Because, the more we grow, the more lives we can touch.



adani | Growth with Goodness

/AdaniOnline

RUCHI™ FOODLINE

Since 1976

# Ruchi
# Now at your Door Step

## We are now available online

Install **Ruchi Store Mobile App** from **Google Play Store**

**Scan to Install**




**Buy Now**

SAHITYA CHARCHA ● October 2024 ● Rs.40 RNI Regd. No. : ODIODI/2022/81590




Printed, Published and owned by Nihar Ranjan Satpathy, and Printed at Gayatri Industries, TS 3/193, Mancheswar Industrial Estate, Bhubaneswar - 751010 and published from SB-19, Arya Village, Dumuduma, Phase-4, Bhubaneswar - 751019.
Editor : Nihar Ranjan Satpathy